ପୃଷ୍ଠା-୮+୮

# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୨୩/୨୦୨୧ (୮+୮=୧୬ ପୃଷ୍ଠା) | Bhubaneswar, Thursday, December 23/2021 | ★★★★

୪୮ଶ ଭାଗ ୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଲାବୁସେନ ନମ୍ବର ୱାନ**

ଆଶେସ ସିରିଜରେ ପ୍ରଭାବୀ ପ୍ରଦର୍ଶନ ପାଇଁ ଅଷ୍ଟ୍ରେଲୀୟ ଯୁବ ବ୍ୟାଟର ମାର୍ନସ ଲାବୁସେନ ଆଇସିସି ଟେଷ୍ଟ ର‌୍ୟାଙ୍କିଙ୍ଗ୍‌ରେ ନମ୍ବର ୱାନ ସ୍ଥାନ ଅଧିକାର କରିଛନ୍ତି।

୦୮

୦୭

**ଆସୁଛି 'ରାଓ୍ୱଡି ରାଠୋର' ସିକ୍ୱେଲ**

ବଲିଉଡ୍ ସୁପରଷ୍ଟାର ଅକ୍ଷୟ କୁମାରଙ୍କୁ ନେଇ ସୁପରହିଟ ମୁଭି 'ରାଓ୍ୱଡି ରାଠୋର'ର ସିକ୍ୱେଲ ନିର୍ମାଣ କରାଯାଉଛି।



# ଭୁବନେଶ୍ୱରରେ ମିଶନ ଶକ୍ତି ବଜାର



ମିଶନ ଶକ୍ତିର ଇ-ମାର୍କେଟିଂ ପୋର୍ଟାଲ ଲୋକାର୍ପଣ କାର୍ଯ୍ୟକ୍ରମରେ ଭର୍ଚୁଆଲରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି.କେ. ପାଣ୍ଡିଆନ୍, ମିଶନ ଶକ୍ତି ବିଭାଗ ମନ୍ତ୍ରୀ ଟୁକୁନି ସାହୁ, ବିଭାଗୀୟ ଶାସନ ସଚିବ ସୁଜାତା କାର୍ତ୍ତିକେୟନ, ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର, ଓଏଲଏମ୍ ଏସ୍ଏମ୍‌ଡି ମାନସୀ ନିମ୍ବାଲ।

**ମିଶନ ଶକ୍ତି ଇ-ମାର୍କେଟିଂ ପୋର୍ଟାଲକୁ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ**

- ପ୍ରତି ଜିଲାରେ ନିର୍ମାଣ ହେବ ମିଶନ ଶକ୍ତି ଭବନ
- ମିଶନ ଶକ୍ତି ଫେଡେରେଶନ ସଦସ୍ୟମାନଙ୍କ ବୈଠକ, ଗସ୍ତ ଭତ୍ତା ପାଇଁ ୨୦୦ କୋଟି
- ମିଶନ ଶକ୍ତି ପାଇଁ ଋଣ ୬୦୦୦ କୋଟିରେ ପହଞ୍ଚିଲା
- ପଞ୍ଚାୟତ ସ୍ତରର କମ୍ୟୁନିଟି ଷ୍ଟାଫ୍‌ଙ୍କ ପୋଷାକ ପାଇଁ ଭତ୍ତା

**ଭୁବନେଶ୍ୱର,୨୨।୧୨(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ମିଶନ ଶକ୍ତିର ଇ-ମାର୍କେଟିଂ ପାଇଁ ଅନ୍‌ଲାଇନ ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ଏହାସହିତ ଭୁବନେଶ୍ୱର ଏସ୍‌ଆଇଆର୍‌ଡି କ୍ୟାମ୍ପସ୍‌ରେ ମିଶନ ଶକ୍ତି ବଜାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେହିପରି ସୁଧ ରିହାତି ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ପଞ୍ଚାୟତ ସ୍ତରର କମ୍ୟୁନିଟି ଷ୍ଟାଫ୍‌ମାନଙ୍କ ପୋଷାକ ପାଇଁ ଭତ୍ତା ଘୋଷଣା କରି ମୁଖ୍ୟମନ୍ତ୍ରୀ ରାଜ୍ୟରେ ମିଶନ ଶକ୍ତି ଆନ୍ଦୋଳନକୁ ଆହୁରି ଶକ୍ତିଶାଳୀ କରିଛନ୍ତି। ମହିଳାମାନଙ୍କ ସଶକ୍ତୀକରଣ ବିନା କୌଣସି ପରିବାର କିମ୍ବା ରାଜ୍ୟ ବା ଦେଶ ଆଗେଇ ପାରିବ ନାହିଁ। ମା'ମାନଙ୍କ ସଶକ୍ତୀକରଣ ଦିଗରେ ଓଡ଼ିଶା ମିଶନ ଶକ୍ତି ସବୁବେଳେ ବାଟ ଦେଖାଇ ଚାଲିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଦେଶର ଏକମାତ୍ର ରାଜ୍ୟ ଭାବେ ଓଡ଼ିଶାରେ ମିଶନ ଶକ୍ତି ଭାବେ ସ୍ୱତନ୍ତ୍ର ବିଭାଗ ରହିଛି।

୨୦ ବର୍ଷ ତଳେ ଆରମ୍ଭ ହୋଇଥିବା ମିଶନ ଶକ୍ତି କାର୍ଯ୍ୟକ୍ରମ ଏବେ ୭୦ ଲକ୍ଷ ମା'ମାନଙ୍କର ଏକ ବିରାଟ ଆନ୍ଦୋଳନ ହୋଇପାରିଛି। ମିଶନ ଶକ୍ତି ପାଇଁ ୫୦୦୦ କୋଟି ଟଙ୍କାର ☞ପୃଷ୍ଠା-୪

# ପଞ୍ଚାୟତ ସଂରକ୍ଷଣ ବିଜ୍ଞପ୍ତି ପ୍ରତ୍ୟାହାର ନିର୍ଦ୍ଦେଶ



- ୨୭ରେ ପ୍ରକାଶ ପାଇବ ସାନି ବିଜ୍ଞପ୍ତି
- ମାର୍ଚ୍ଚ ୮ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ କର: ହାଇକୋର୍ଟ

**କଟକ ଅଫିସ,୨୨।୧୨**

ପଞ୍ଚାୟତ ନିର୍ବାଚନ ପାଇଁ ଜାରି ହୋଇଥିବା ସଂରକ୍ଷଣ ସମ୍ପର୍କିତ ବିଜ୍ଞପ୍ତିକୁ ରାଜ୍ୟ ସରକାର ପ୍ରତ୍ୟାହାର କରିବେ। ଏଥିସହିତ ସଂରକ୍ଷଣ ସମ୍ପର୍କିତ ଏକ ସାନି ବିଜ୍ଞପ୍ତି ଡିସେମ୍ବର ୨୭ସୁଦ୍ଧା ଜାରି କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସାନି ବିଜ୍ଞପ୍ତି ଅନୁସାରେ ଆସନ୍ତା ଜାନୁୟାରୀ ୩ ତାରିଖ ସୁଦ୍ଧା ସଂରକ୍ଷଣ ନେଇ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ। ୫ତାରିଖ ସୁଦ୍ଧା ଅଭିଯୋଗର ସମାଧାନ କରାଯିବ। ୭ତାରିଖରେ ସଂରକ୍ଷଣ ନେଇ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ସରକାର ଚୂଡ଼ାନ୍ତ ତାଲିକା ଦେବେ। ମାର୍ଚ୍ଚ ୮ସୁଦ୍ଧା ନିର୍ବାଚନର ସମସ୍ତ ପ୍ରକ୍ରିୟା ସାରିବାକୁ ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ଏ.କେ. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ବୀରେନ୍ଦ୍ର ଦାସ ନାମକ ଜଣେ ସରପଞ୍ଚ ଆଶାୟୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଜାରି ସଂରକ୍ଷଣ ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରିଥିଲେ। ପଞ୍ଚାୟତରାଜ ନିର୍ବାଚନ ଆଇନ ଅନୁଯାୟୀ ସରପଞ୍ଚ ନିର୍ବାଚନ ସମୟରେ ରାଜ୍ୟ ଜନସଂଖ୍ୟାର ଅନୁପାତ ଅନୁସାରେ ବିଭିନ୍ନ ବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିବା କଥା। ହେଲେ ପଞ୍ଚାୟତିରାଜ ସଚିବଙ୍କ ☞ପୃଷ୍ଠା-୪

# ଆଜି ଢେଙ୍କାନାଳ, ଅନୁଗୋଳ, ତାଳଚେରକୁ ବସ୍ ବନ୍ଦ

**ଏନ୍‌ଏଚ୍-୫୫ ମରଣଯନ୍ତା**

**ଭୁବନେଶ୍ୱର,୨୨।୧୨(ବ୍ୟୁରୋ)**

ମଙ୍ଗୁଳିଠାରୁ ଅନୁଗୋଳକୁ ଯାଇଥିବା ୫୫ନଂ. ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ଦୋହରୀକରଣ କାର୍ଯ୍ୟ ମନ୍ଥର ଗତିରେ ଚାଲୁଛି। ଦୀର୍ଘ ୩ ବର୍ଷ ହେବ ରାସ୍ତା ନିର୍ମାଣ ଶେଷ ହେଉନାହିଁ। ଖାଲଖମାରେ ଭର୍ତ୍ତି ରାସ୍ତାରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ରାସ୍ତାରେ ଚଳାଚଳ କରୁଥିବା

ବସ୍‌ଗୁଡ଼ିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ଗୁରୁବାର ଏହି ରୁଟ୍‌ରେ ଢେଙ୍କାନାଳ, ଅନୁଗୋଳ ଏବଂ ତାଳଚେରକୁ ଚଳାଚଳ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଡିଜିଟାଲାଇଜିଂ ସହାୟତାର ବିପଦ**

# ଭ୍ରଷ୍ଟ ପ୍ରାର୍ଥୀ ଚୟନ ନେଇ ଭୋଟରଙ୍କୁ ଦଳ ଦେବ ସ୍ପଷ୍ଟୀକରଣ: ସିଇସି

**ପଣଜୀ, ୨୨।୧୨**

ଆସନ୍ତାବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନରେ ରାଜନୈତିକ ଦଳଗୁଡ଼ିକ ଯଦି ଅପରାଧ ପୃଷ୍ଠଭୂମି ଥିବା ବ୍ୟକ୍ତିଙ୍କୁ ପ୍ରାର୍ଥୀ କରନ୍ତି, ତେବେ ଏହାର କାରଣ ସମ୍ପର୍କରେ ଭୋଟରମାନଙ୍କୁ ଜଣାଇବାକୁ ପଡ଼ିବ। ମୁଖ୍ୟ ନିର୍ବାଚନ କମିଶନର (ସିଇସି) ସୁଶୀଲ ଚନ୍ଦ୍ରା ବୁଧବାର ଏହା କହିଛନ୍ତି। ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ଲାଗି ପୂର୍ବରୁ ଏଭଳି ନିୟମ ଥିଲେ ମଧ୍ୟ ତାହାକୁ କଡ଼ାକଡ଼ି ଲାଗୁ କରାଯାଉ ନ ଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏଣିକି ଉକ୍ତ ନିୟମ କଡ଼ାକଡ଼ି ଲାଗୁ କରିବାକୁ ନିଷ୍ପତ୍ତି ହୋଇଥିବା ସିଇସି କହିଛନ୍ତି। ଅପରାଧ ପୃଷ୍ଠଭୂମି ଥିବା ପ୍ରାର୍ଥୀଙ୍କୁ କ'ଣ ପାଇଁ ଚୟନ କରାଯାଇଛି, ସେ ସମ୍ପର୍କରେ ଦଳଗୁଡ଼ିକ ସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣା କରିବେ। ଏ ସମ୍ପର୍କରେ ଦଳୀୟ ୱେବ୍‌ସାଇଟ୍‌ରେ ପ୍ରକାଶ କରିବାକୁ ହେବ। ପ୍ରାର୍ଥୀଙ୍କ ନାମରେ କ'ଣ ସବୁ ଅପରାଧ ମାମଲା ରହିଛି, ତାଙ୍କୁ କାହିଁକି ପ୍ରାର୍ଥୀ କରାଗଲା, ଉକ୍ତ ଅଞ୍ଚଳରେ ତାଙ୍କଠାରୁ ଯୋଗ୍ୟ ପ୍ରାର୍ଥୀ ମିଳିଲେ ନାହିଁ ଇତ୍ୟାଦି ସ୍ପଷ୍ଟ ଉଲ୍ଲେଖ କରିବାକୁ ହେବ ବୋଲି ଚନ୍ଦ୍ରା ପଣଜୀଠାରେ ଏକ ଖବରଦାତା ସମ୍ମିଳନୀକୁ କହିଛନ୍ତି। ଆସନ୍ତାବର୍ଷ ପ୍ରଥମ ଭାଗରେ ଗୋଆ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ସେଠାରେ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା ପାଇଁ ଚନ୍ଦ୍ରାଙ୍କ ନେତୃତ୍ୱରେ ନିର୍ବାଚନ କମିଶନଙ୍କ ଟିମ୍ ପଣଜୀ ଯାଇଛନ୍ତି। ପୂର୍ବରୁ ଅପରାଧ ମାମଲା ଥିବା ବ୍ୟକ୍ତିଙ୍କୁ ପ୍ରାର୍ଥୀ କରାଯିବା ନେଇ ଦଳଗୁଡ଼ିକ କହୁଥିଲେ, ବ୍ୟକ୍ତି ଜଣକ ଉକ୍ତ ଅଞ୍ଚଳରେ ଅନେକ ସାମାଜିକ କାର୍ଯ୍ୟ କରିଛନ୍ତି। ସେଥିପାଇଁ ତାଙ୍କୁ ପ୍ରାର୍ଥୀ ଚୟନ କରାଗଲା। ତେବେ ଭୋଟରମାନଙ୍କୁ ସ୍ପଷ୍ଟୀକରଣ ଦିଆଯିବା ଆବଶ୍ୟକ ଓ ଦଳ କ'ଣ ପାଇଁ ଏଭଳି ପ୍ରାର୍ଥୀ ବାଛିଲା ତାହା ଜନସାଧାରଣ ଅବଗତ ହେବା ଉଚିତ ବୋଲି ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଦଳ ପ୍ରାର୍ଥୀ ଚୟନ କଲେ ମଧ୍ୟ ଚୂଡ଼ାନ୍ତ ଫଳ ଭୋଟରମାନଙ୍କ ହାତରେ। ନିର୍ବାଚନ କମିଶନ ଅଧିକ କଠୋର ହେବେ ଏବଂ ନିର୍ବାଚନ ଘୋଷଣା ହେବା ସମୟରେ ଏକ ଆପ୍ ଶୁଭାରମ୍ଭ କରାଯିବ ବୋଲି ଚନ୍ଦ୍ରା ସୂଚନା ଦେଇଛନ୍ତି।






# ଦିନକ ପୂର୍ବରୁ ଶୀତ ଅଧିବେଶନ ଶେଷ



- ୪୮ ଘଣ୍ଟା ଆଲୋଚନା, ୧୧ ବିଲ୍ ପାସ୍
- ଲୋକ ସଭା ୮୨%, ରାଜ୍ୟ ସଭା ୪୮% ସଫଳ

**ନୂଆଦିଲ୍ଲୀ, ୨୨।୧୨**

ପାର୍ଲାମେଣ୍ଟର ଶୀତ ଅଧିବେଶନ ଧାର୍ଯ୍ୟ ସମୟର ଦିନକ ପୂର୍ବରୁ ବୁଧବାର ଶେଷ ହୋଇଛି। ବିରୋଧୀ ଦଳଗୁଡ଼ିକର ହଟ୍ଟଗୋଳ ମଧ୍ୟରେ ଅଧିବେଶନ ସଫଳ ହୋଇଥିବା ସରକାର ଦାବି କରୁଥିବାବେଳେ ବିନା ନୋଟିସ ଓ ଆଲୋଚନାରେ ସରକାର ବିଲ୍ ଗୃହୀତ କରାଇ ନେଇଥିବା ବିରୋଧୀ ଅଭିଯୋଗ କରିଛନ୍ତି। ନଭେମ୍ବର ୨୯ରୁ ଶୀତ ଅଧିବେଶନ ଆରମ୍ଭ ହୋଇ ଡିସେମ୍ବର ୨୩ ପର୍ଯ୍ୟନ୍ତ ଚାଲିବାକୁ ସ୍ଥିର ହୋଇଥିଲା। ତେବେ ଗତ ମୌସୁମୀ ଅଧିବେଶନର ଶେଷ ଦିନରେ ବିଶୃଙ୍ଖଳିତ ଆଚରଣ ଲାଗି ରାଜ୍ୟ ସଭାର ୧୨ ଜଣ ସଦସ୍ୟଙ୍କୁ ନିଲମ୍ବନ କରାଯିବାରୁ ଏହାକୁ ନେଇ ଗୃହରେ ଅଚଳାବସ୍ଥା ଲାଗି ରହିଥିଲା।

ବିରୋଧୀଙ୍କ ହଟ୍ଟଗୋଳ ସତ୍ତ୍ୱେ ଲୋକ ସଭା ୮୨ ପ୍ରତିଶତ ସଫଳ ହୋଇଥିବାବେଳେ ରାଜ୍ୟ ସଭା ୪୮ ପ୍ରତିଶତ କାର୍ଯ୍ୟକ୍ଷମ ହୋଇଥିବା ସରକାରଙ୍କ ପକ୍ଷରୁ ଦାବି କରାଯାଇଛି। ବିନା ଆଲୋଚନାରେ ଏପରିକି ପୂର୍ବରୁ ନୋଟିସ ଦିଆ ନ ଯାଇ ବିଲ୍ ଗୃହୀତ କରାଇନିଆଯାଇଥିବା ବିରୋଧୀ ଅଭିଯୋଗ କରିଛନ୍ତି। ୨୪ ଦିନ ମଧ୍ୟରୁ ୧୮ ଦିନ ଗୃହକାର୍ଯ୍ୟ ଚାଲିଥିଲା ବୋଲି ଉଭୟ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରଖାଯିବା ପରେ ଗଣମାଧ୍ୟମକୁ ସୂଚନା ଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ କହିଛନ୍ତି। ଏହି ସମୟ ମଧ୍ୟରେ ଲୋକ ସଭାରେ ୧୨ଟି ଓ ରାଜ୍ୟ ସଭାରେ ଗୋଟିଏ ବିଲ୍ ଆଗତ କରାଯାଇଥିଲା। ସେଥିରୁ ୧୧ ବିଲ୍ ପାର୍ଲାମେଣ୍ଟର ଉଭୟ ଗୃହରେ ଗୃହୀତ ହୋଇଯାଇଛି। ଗୃହୀତ ହୋଇଥିବା ପ୍ରମୁଖ ବିଲ୍ ମଧ୍ୟରେ ରହିଛି ଅତିରିକ୍ତ ଖର୍ଚ୍ଚ ଦାବି ବିଲ୍, କୃଷି ଆଇନ ପ୍ରତ୍ୟାହାର ବିଲ୍, ନଦୀବନ୍ଧ ନିରାପତ୍ତା ବିଲ୍, ଆସିଷ୍ଟେଡ୍ ରିପ୍ରଡକ୍ଟିଭ୍ ଟେକ୍‌ନୋଲୋଜି (ରେଗୁଲେଶନ୍ସ) ବିଲ୍, ସରୋଗେସି (ରେଗୁଲେଶନ) ବିଲ୍, ହାଇକୋର୍ଟ ଓ ସୁପ୍ରିମକୋର୍ଟ ବିଚାରପତି (ବେତନ ଓ ସେବା ସର୍ତ୍ତାବଳୀ) ସଂଶୋଧନ ବିଲ୍, ଦିଲ୍ଲୀ ସ୍ୱତନ୍ତ୍ର ପୋଲିସ ପ୍ରତିଷ୍ଠାନ (ସଂଶୋଧନ) ବିଲ୍, କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସଂଶୋଧନ) ବିଲ୍ ଏବଂ ନିର୍ବାଚନ ଆଇନ (ସଂଶୋଧନ) ବିଲ୍। ଜୈବିକ ବିବିଧତା (ସଂଶୋଧନ) ବିଲ୍‌କୁ ଯାଞ୍ଚ ପାଇଁ ଉଭୟ ଗୃହର ମିଳିତ କମିଟିକୁ ପଠାଯାଇଥିବାବେଳେ ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ବିଲ୍, ବନ୍ୟପ୍ରାଣୀ (ସୁରକ୍ଷା) ସଂଶୋଧନ ବିଲ୍, ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍, କଷ୍ଟ ଆଣ୍ଡ ୱାର୍କ ଆକାଉଣ୍ଟାଣ୍ଟସ୍ ଏବଂ କମ୍ପାନୀ ସେକ୍ରେଟାରିଜ୍ (ସଂଶୋଧନ) ବିଲ୍, ବାଲ୍ୟ ବିବାହ(ସଂଶୋଧନ) ବିଲ୍ ଏବଂ ମଧ୍ୟସ୍ଥତା ବିଲ୍‌କୁ ସବିଶେଷ ଆଲୋଚନା ନିମନ୍ତେ ଷ୍ଟାଣ୍ଡିଂ କମିଟିକୁ ପଠାଯାଇଛି।

ଉପଯୁକ୍ତ ଆଲୋଚନା ବିନା ସରକାର ବିଭିନ୍ନ ବିଲ୍ ଗୃହୀତ କରାଇନେଲେ। ସରକାରଙ୍କ ଯୋଗୁ ପ୍ରତ୍ୟେକ ଦିନ ଗୃହକାର୍ଯ୍ୟ ବିଫଳ ହେଲା। ଗଣତନ୍ତ୍ରକୁ ସରକାର ସୁଚିନ୍ତିତ ଭାବେ ହତ୍ୟା କରୁଥିବାବେଳେ ଏହାକୁ ଯଥାର୍ଥ ଦର୍ଶାଇବାକୁ ବୁଧବାର ଅପରାହ୍ନରେ ଖବରଦାତା ସମ୍ମିଳନୀ କରାଯାଉଥିବା ଟିଏମ୍‌ସି ଏମ୍‌ପି ଡେରେକ୍ ଓ' ବ୍ରିଏନ୍ ଟୁଇଟ୍ ☞ପୃଷ୍ଠା-୪

**କରୋନା ଆତଙ୍କ ଭିତରେ ଚଳିତବର୍ଷ ଘଟିଥିଲା ଅନେକ ଘଟଣା, ଦୁର୍ଘଟଣା। କେନ୍ଦ୍ରାପଡ଼ା-ଭଦ୍ରକ ପାଣି ବିବାଦ ଉଗ୍ରରୂପ ନେଇଥିବା ବେଳେ ପାରାଦୀପ ଇଣ୍ଡିଆନ ଅଏଲ ଟର୍ମିନାଲରେ ଲାଗିଥିଲା ନିଆଁ। ଚହଳ ସୃଷ୍ଟି କରିଥିଲା ଝରାଫୁଲ ହତ୍ୟା ଘଟଣା। ପୋଲିସ ଏନ୍‌କାଉଣ୍ଟରରେ ହାଇଦରଙ୍କ ମୃତ୍ୟୁ ସହିତ ଟ୍ରେନ୍ ଚକାତଳେ ୩ ହରିଣଙ୍କ ଜୀବନ ଯାଇଥିଲା। ଏହାରି ଭିତରେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଚଣ୍ଡିପ୍ରସାଦ ମହାନ୍ତି ଭାରତୀୟ ସେନା ଉପମୁଖ୍ୟ ଦାୟିତ୍ୱ ଗ୍ରହଣ କରିବା ଖବର ଜଗତ୍‌ସିଂହପୁରବାସୀଙ୍କୁ ଗର୍ବିତ କରିଥିବା ବେଳେ ନନ୍ଦ ସାର୍‌ଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିବା ଚଳିତ ବର୍ଷର ଚର୍ଚ୍ଚିତ ଖବର ଥିଲା।**

# ପାଣି ପାଇଁ ଲଢ଼େଇ



ଖରସ୍ରୋତା ନଦୀରୁ ଭଦ୍ରକକୁ ପାଣି ଦେବା ବିବାଦ ଅଗଷ୍ଟ ୧୨ରେ ଉଗ୍ରରୂପ ନେଇଥିଲା। ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତି ନେତୃତ୍ୱରେ ସ୍ଥାନୀୟ ଲୋକମାନେ ୧୪୪ ଧାରା ସତ୍ତ୍ୱେ ବରୁଣାଡିହାରେ ନିର୍ମାଣାଧୀନ ପ୍ରକଳ୍ପର ବିଭିନ୍ନ ସାମଗ୍ରୀ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇ ଦେଇଥିଲେ। ରଣକ୍ଷେତ୍ର ପାଲଟି ଥିଲା ସେହି ସ୍ଥାନ। ପୋଲିସ ଓ ଆନ୍ଦୋଳନକାରୀ ମୁହାଁମୁହିଁ ହୋଇଥିଲେ। ଏହି ଘଟଣାରେ ୨୪ ଜଣଙ୍କୁ ପୋଲିସ ଗିରଫ ସହ ୮ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ନାମରେ ମାମଲା ରୁଜୁ କରିଥିଲା।



## ନନ୍ଦ ସାର୍‌ଙ୍କୁ ପଦ୍ମଶ୍ରୀ

ଯାଜପୁର ଜିଲା ସୁକିନ୍ଦା ବ୍ଲକ କନ୍ତିରା ଗ୍ରାମର ଚାଟଶାଳୀ ଗୁରୁ ନନ୍ଦ ପ୍ରୁଷ୍ଟିଙ୍କୁ ଗତ ନଭେମ୍ବର ୯ରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ନିଃସ୍ୱାର୍ଥପର ଭାବେ ଦୀର୍ଘ ୭୫ ବର୍ଷ ଧରି ଛାତ୍ରୀଛାତ୍ରଙ୍କୁ ମାଗଣାରେ ଶିକ୍ଷାଦାନ କରିଥିବାରୁ ତାଙ୍କୁ ଏହି ସର୍ବୋଚ୍ଚ ସମ୍ମାନ ମିଳିଥିଲା। ପଦ୍ମଶ୍ରୀ ଗ୍ରହଣ କରିବା ପରେ ଏହି ଶତାୟୁ ଗୁରୁ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଦୁଇହାତ ଟେକି ଆଶୀର୍ବାଦ ଦେଉଥିବା ଫଟୋ ବିଭିନ୍ନ ଗଣମାଧ୍ୟମରେ ସ୍ଥାନ ପାଇଥିଲା। ହେଲେ ଚଳିତ ମାସ ୭ ତାରିଖରେ କରୋନାରେ ଆକ୍ରାନ୍ତ ହୋଇ ୧୦୪ ବର୍ଷ ବୟସରେ ନନ୍ଦ ସାରଙ୍କ ପରଲୋକ ଘଟିଛି। ପଦ୍ମଶ୍ରୀ ପାଇବାର ୧ ମାସ ନ ପୂରୁଣୁ ଏହି ଦୁଃଖଦ ଖବର ରାଜ୍ୟବାସୀଙ୍କୁ ମର୍ମାହତ କରିଥିଲା।



## ମଉଳିଗଲା ଝରାଫୁଲ

ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଛାତ୍ରୀ ଝରାଫୁଲ ନାୟକ(୨୧)ଙ୍କୁ ହତ୍ୟା କରି ଯାଜପୁର ଜିଲା କୁଆଖିଆ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ମୂଳାପାଳ ଛକ ନିକଟସ୍ଥ ଦିଆଲଖଣ୍ଡି ଗ୍ରାମ ନିକଟ ଏକ ବାଦାମ କିଆରିରେ ଫୋପାଡି ଦିଆଯାଇଥିଲା। ଚଳିତ ବର୍ଷ ପ୍ରାରମ୍ଭ ଅର୍ଥାତ୍ ଜାନୁୟାରୀ ୨୭ରେ ଝରାଫୁଲଙ୍କ ମୃତଦେହକୁ କୁଆଖିଆ ଥାନା ପୋଲିସ ଜବତ କରିଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ରାକେଶ ସ୍ୱାଇଁଙ୍କ ସମେତ ୩ ଜଣଙ୍କୁ ପୋଲିସ ଗିରଫ କରିବା ପରେ ଝରାଫୁଲ ମୃତ୍ୟୁ ରହସ୍ୟ ସାମ୍‌ନାକୁ ଆସିଥିଲା।



## ଇଣ୍ଡିଆନ୍ ଅଏଲ ଟର୍ମିନାଲରେ ଅଗ୍ନିକାଣ୍ଡ

ସେପ୍ଟେମ୍ବର ୧୯ରେ ପାରାଦୀପସ୍ଥିତ ଇଣ୍ଡିଆନ୍ ଅଏଲ ଟର୍ମିନାଲରେ ଥିବା ତେଲ ଟାଙ୍କିର ପାଇପ୍‌ଲାଇନ ପାଖରେ ନିଆଁ ଲାଗିଯାଇଥିଲା। ତୈଳଭଣ୍ଡାରକୁ ସଂଯୋଗ କରୁଥିବା ପାଇପଲାଇନ୍‌ରେ କଣା ହୋଇଥିବା ଯୋଗୁ ତେଲ ନିର୍ଗତ ହୋଇଥିଲା। ସେହି ସମୟରେ ନିକଟରେ ଯାଇଥିବା ଟ୍ରେନ୍‌ଲାଇନରେ କୌଣସି କାରଣବଶତଃ ନିଆଁ ଲାଗି ତେଲରେ ପଡ଼ିଯିବାରୁ ଏହା ଅନ୍ୟ ଆଡ଼େ ବ୍ୟାପି ଯାଇଥିଲା।



## ଚଣ୍ଡିପ୍ରସାଦଙ୍କୁ ସ୍ଥଳସେନାର ଉପମୁଖ୍ୟ ଦାୟିତ୍ୱ

ଚଳିତବର୍ଷ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଚଣ୍ଡିପ୍ରସାଦ ମହାନ୍ତି ଭାରତୀୟ ସେନାର ଦ୍ୱିତୀୟ ସର୍ବୋଚ୍ଚ ପଦବୀ ଅର୍ଥାତ୍ ଭାଇସ୍ ଚିଫ୍ ବା ଉପମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜଗତ୍‌ସିଂହପୁର ସହର ଜୟବଡ଼ର ପୁଅ ଚଣ୍ଡିପ୍ରସାଦ ବାଗସାହି ୟୁପି ସ୍କୁଲରେ ୬ଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିଲେ। ପରେ ସେ ଡେରାଡୁନ୍‌ସ୍ଥିତ ରାଷ୍ଟ୍ରୀୟ ଇଣ୍ଡିଆନ ମିଲିଟାରୀ କଲେଜ, ପୁଣେର ନ୍ୟାଶନାଲ ଡିଫେନ୍ସ ଏକାଡେମୀ, ଡେରାଡୁନସ୍ଥିତ ଇଣ୍ଡିଆନ ମିଲିଟାରୀ ଏକାଡେମୀରେ ପ୍ରଶିକ୍ଷଣ ନେଇଥିଲେ।

## ଖେଳ ବେଳେ ଖେଳାଳି ମୃତ



ଡିସେମ୍ବର ୧୯ରେ ଘଟିଥିଲା ଏକ ଅଭାବନୀୟ ଘଟଣା। କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ତରଡ଼ିପାଳରେ କ୍ରିକେଟ୍ ମ୍ୟାଚ୍ ଚାଲିଥିଲା। ଏଥିରେ ଭାଗ ନେଇଥିଲେ ଯାଜପୁର ଜିଲା ବରୀ ବ୍ଲକ ଅଧୀନ ବାଲିବିଲି ପଞ୍ଚାୟତ ବାଲିବିଲି ଗ୍ରାମର କାହ୍ନୁ ଚରଣ ପରିଡ଼ା(୧୮)। ସେ ପ୍ରତିପକ୍ଷ ଖେଳାଳିଙ୍କୁ ବୋଲିଂ କରୁଥିବା ବେଳେ ହଠାତ୍ ପଡ଼ିଯାଇଥିଲେ। ସେଠାରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଏହା ଚଳିତ ବର୍ଷର ଦୁଃଖଦ ଘଟଣା ଥିଲା।

## ରେଳ ନେଲା ୩ ହରିଣଙ୍କ ଜୀବନ

ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଥିବା ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକସ୍ଥିତ ଧଳତଙ୍ଗଗଡ଼ ସଂରକ୍ଷିତ ଜଙ୍ଗଲ ହରିଣମାନଙ୍କ ପାଇଁ ପ୍ରସିଦ୍ଧ। ଗତ ଜାନୁୟାରୀରେ ଏହି ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ଶାଳିଜଙ୍ଗା ନିକଟରେ ରେଳ ଧାରଣାରେ ୩ ହରିଣଙ୍କ ଜୀବନ ଯାଇଥିଲା। ମୁଗ ଫସଲ ଖାଇବାକୁ ଆସିଥିବାବେଳେ ଘନ କୁହୁଡ଼ି ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ସେତେବେଳେ କୁହାଯାଇଥିଲା।

## ସାବାସ ସିଲୁ

ଫେବୃୟାରୀ ୨୮ ମନ୍ କି ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଅରଖକୁଦର ସିଲୁ ନାୟକଙ୍କୁ ସାବାସୀ ଦେଇଛନ୍ତି। ସିଲୁ ବେରୋଜଗାର ଯୁବକମାନଙ୍କୁ ମାଗଣାରେ ତାଲିମ ଦେଇ ସୈନ୍ୟ ବାହିନୀ, ପୋଲିସ ଓ ସିଆଇଏସ୍‌ଏଫ୍ (ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ) ଆଦିରେ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି କରୁଛନ୍ତି, ଯାହାକି ଅନ୍ୟମାନଙ୍କୁ ପ୍ରେରଣା ଦେଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।





## ପୋଲାମଲକ୍ଷ୍ମୀ ପାରାଦୀପ ବନ୍ଦର ଅଧ୍ୟକ୍ଷ

ପାରାଦୀପ ବନ୍ଦର ଅଧ୍ୟକ୍ଷଭାବେ ପୋଲାମଲକ୍ଷ୍ମୀ ରାଜୁ ହାରାନ୍ଧ ଅକ୍ଟୋବର ୧୨ରୁ ଯୋଗଦେଇଛନ୍ତି। ପୂର୍ବରୁ ସ୍ଥାୟୀ ଅଧ୍ୟକ୍ଷ ଥିବା ରିଙ୍କେଶ ରାୟଙ୍କ କାର୍ଯ୍ୟକାଳ ୨୦୨୦ ଡିସେମ୍ବର ୨୨ରେ ଶେଷ ହୋଇଥିଲା। ମଝିରେ କଲିକତା ବନ୍ଦର ଅଧ୍ୟକ୍ଷ ଭିନିତ୍ କୁମାରଙ୍କୁ ୯ ମାସକାଳ ଏହି ବନ୍ଦରର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା।

## ସ୍ୱାସ୍ଥ୍ୟକର୍ମୀଙ୍କୁ ରାଷ୍ଟ୍ରପତି ପୁରସ୍କାର

ସେବା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପାରାଦୀପର ସ୍ୱାସ୍ଥ୍ୟକର୍ମୀ ପ୍ରେମଲତା ବାରିକଙ୍କୁ ରାଷ୍ଟ୍ରପତି ପୁରସ୍କାର ପାଇଁ ୮ ମାର୍ଚ୍ଚରେ ଚୟନ କରାଯାଇଥିଲା। ରାଜ୍ୟର ଏକମାତ୍ର ମହିଳା ସେବିକା ଭାବେ ଅକ୍ଟୋବରରେ ଭିଡିଓ କନ୍‌ଫରେନ୍ସ ଜରିଆରେ ନ୍ୟାଶନାଲ ଫ୍ଲୋରେନ୍ସ ନାଇଟେଙ୍ଗଲ ସମ୍ମାନରେ ତାଙ୍କୁ ସମ୍ମାନିତ କରାଯାଇଥିଲା।





## ମାଖନା ହାତୀକୁ ଟ୍ରାଙ୍କୁଲାଇଜ୍

ଯାଜପୁରରୁ ଆସିଥିବା ମାଖନା ହାତୀର ଉତ୍ପାତ କେନ୍ଦ୍ରାପଡ଼ା, କଟକ ଓ ଜଗତ୍‌ସିଂହପୁର ଜିଲାବାସୀଙ୍କ ପାଇଁ ଆତଙ୍କ ସୃଷ୍ଟି କରିଥିଲା। ଏହି ହାତୀଯୋଗୁ ବହୁ ଏକର ଜମିର ଧାନ ଫସଲ ନଷ୍ଟ ହୋଇଥିଲା। ବହୁ ବ୍ୟକ୍ତି ଆହତ ହୋଇଥିଲେ। ଅକ୍ଟୋବର ୩୧ରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ଗଡ଼ରୋମିତ ପଞ୍ଚାୟତର ସୋବଲା ଗାଁ ଗହୀର ପାଟ ଚାଷ ଜମିରେ ହାତୀଟି ପହଞ୍ଚିଥିଲା। ଶେଷରେ ନନ୍ଦନକାନନର ଟ୍ରାଙ୍କୁଲାଇଜର ବିଶେଷଜ୍ଞ ଟିମ୍ ହାତୀକୁ ଟ୍ରାଙ୍କୁଲାଇଜ କରିଥିଲେ। ପରଦିନ ତାକୁ ଢେଙ୍କାନାଳକୁ ନିଆଯାଇଥିଲା।



## ହାଇଦରଙ୍କୁ ଏନ୍‌କାଉଣ୍ଟର

ରିକ୍ସା ଚାଳକରୁ ଗ୍ୟାଙ୍ଗଷ୍ଟର ସାଜିଥିବା ସେକ୍ ହାଇଦରଙ୍କ ପୋଲିସ ଏନ୍‌କାଉଣ୍ଟରରେ ମୃତ୍ୟୁ ଘଟିବା ଜୁଲାଇ ୨୪ର ପ୍ରମୁଖ ଖବର ଥିଲା। ଆଜୀବନ କାରାଦଣ୍ଡରେ ଦଣ୍ଡିତ ହାଇଦର ଜେଲରେ ରହୁଥିଲେ। ଅସୁସ୍ଥ ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଏପ୍ରିଲ ୧୦ରେ ସେ ମେଡ଼ିକାଲରୁ ଫେରାର ହୋଇ ଯାଇଥିଲେ। ପୋଲିସ ତାଙ୍କୁ ତେଲଙ୍ଗାନାରୁ ଗିରଫ କରିଥିଲା। ଜୁଲାଇ ମାସରେ ତାଙ୍କୁ ଚୌଦ୍ୱାର ଜେଲରୁ ବାରିପଦା ଜେଲକୁ ସ୍ଥାନାନ୍ତର କରାଯାଉଥିବା ବେଳେ ସିମୁଳିଆଠାରେ ସେ ଫେରାର ହେବାକୁ ଉଦ୍ୟମ କରିବାରୁ ପୋଲିସ ଏନକାଉଣ୍ଟର କରିଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୭,୬୯,୨୦,୫୫୩ | ୫୩,୮୯,୧୪୯ | ୨୪,୮୩,୫୮,୦୧୩ |
| ଭାରତ | ୩,୪୭,୫୮,୪୮୧ | ୪,୭୮,୩୨୫ | ୩,୪୨,୦୧,୯୬୬ |
| ଓଡ଼ିଶା | ୧୦,୫୩,୩୪୯ | ୮୪୪୭(+୫୩) | ୧୦,୪୩,୨୧୯ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର




## ସଂକ୍ଷେପରେ

### କଚାଡ଼ି ମାରିଲା ଝାଡ଼ଖଣ୍ଡୀ ହାତୀ

**ବାରିପଦା ଅଫିସ,୨୨।୧୨:** ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ଅଞ୍ଚଳରେ ବୁଧବାର ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଟିଆଁସୀ ଗ୍ରାମର ଶମ୍ଭୁଆ ଭୋକ୍ତା। ଚିତ୍ରଡ଼ା ହାଟରୁ ସେ ଜଙ୍ଗଲ ରାସ୍ତା ଦେଇ ଘରକୁ ଫେରୁଥିବା ବେଳେ ଝାଡ଼ଖଣ୍ଡୀ ହାତୀପଲଙ୍କ ହାବୁଡ଼ରେ ପଡ଼ିଯାଇଥିଲେ। ଏକ ହାତୀ ଶୁଣ୍ଢରେ କଚାଡ଼ି ଦେବାରୁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ହାତୀପଲରେ ୧୦ରୁ ଊର୍ଦ୍ଧ୍ୱ ହାତୀ ଥିବା ବେଳେ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନ ଥିବା ସୂଚନା ମିଳିଛି।

### ହତ୍ୟାକରି ଫିଙ୍ଗି ଦେଇଥିଲେ ହେଲ୍‌ପର

**ଟ୍ରକ୍ ଡ୍ରାଇଭରଙ୍କ ମୃତଦେହ ଜବତ ଘଟଣା**

**ବାଙ୍ଗିରିପୋଷି,୨୨।୧୨(ଡି.ଏନ.ଏ):** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ଭାଲୁପାହାଡ଼ି ଗ୍ରାମ ନିକଟସ୍ଥ ଜାତୀୟ ରାଜପଥ ନଂ.୪୯ କଡ଼ରୁ ଗତ ନଭେମ୍ବର ୨୧ରେ ବିହାରର ଟ୍ରକ୍ ଡ୍ରାଇଭର ସାରଣ ଅରୁଣ ରାୟଙ୍କ ମୃତଦେହ ଜବତ ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଟଙ୍କା ପଇସାକୁ ନେଇ ବଚସାରୁ ଟ୍ରକ୍ ହେଲପର ତଥା ଉତ୍ତରପ୍ରଦେଶର ବାଲିଆ ଜିଲା ଅଧୀନ ଇଫଁରାମପତି ଗ୍ରାମର ଅମର ବାହାଦୁର ଯାଦବ ତାଙ୍କୁ ହତ୍ୟାକରି ମୃତଦେହକୁ ରାସ୍ତା କଡ଼ରେ ଫିଙ୍ଗି ଦେଇଥିଲେ। ବୁଧବାର ବାଙ୍ଗିରିପୋଷି ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ କେ.କେ. ହରିପ୍ରସାଦ ଏହି ସୂଚନା ଦେଇଛନ୍ତି। ମୃତଦେହ ମିଳିବା ପରେ ପୋଲିସ ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜାଣିବାକୁ ପାଇଥିଲା। ଥାନା ଅଧିକାରୀ ସଞ୍ଜୟ ପରିଡ଼ା ଏବଂ ତଦନ୍ତକାରୀ ଟିମ୍ ଅନୁସନ୍ଧାନ ଚଳାଇ ହତ୍ୟା ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛନ୍ତି।

### ଚଳାଚଳ କରିବ ସ୍ୱତନ୍ତ୍ର ସାପ୍ତାହିକ ଟ୍ରେନ୍

**ଭୁବନେଶ୍ୱର,୨୨।୧୨(ବ୍ୟୁରୋ):** ପୂର୍ବତଟ ରେଳପଥ ମଧ୍ୟଦେଇ ଗୋଟିଏ ଯୋଡା ସ୍ୱତନ୍ତ୍ର ସୁପରଫାଷ୍ଟ ଟ୍ରେନ୍ ଚଳାଇବାକୁ ନିଷ୍ପତ୍ତି ନିଆଯାଇଛି। ଯାତ୍ରୀଙ୍କ ଦାବି ଅନୁଯାୟୀ, କାମାକ୍ଷା -କୋଚୁଭେଲି-କାମାକ୍ଷା ସୁପରଫାଷ୍ଟ ସ୍ୱତନ୍ତ୍ର ଟ୍ରେନ୍ (୦୫୬୬୯/୦୫୬୭୦) କାମାକ୍ଷାରୁ ଡିସେମ୍ବର ୨୩ ରୁ ୧୩ ଜାନୁୟାରୀ ମଧ୍ୟରେ ପ୍ରତି ଗୁରୁବାର ଅପରାହ୍ନ ୩ଟା ୧୦ରେ ଛାଡିବ। ଅନୁରୂପ ଭାବେ କୋଚୁଭେଲିଠାରୁ ୨୬ ଡିସେମ୍ବରରୁ ୧୬ ଜାନୁୟାରୀ ମଧ୍ୟରେ ପ୍ରତି ରବିବାର ରାତି ୮ଟାରେ ଛାଡିବ। ଏହି ଟ୍ରେନ୍ ଉଭୟ ଦିଗରୁ ପୂର୍ବତଟ ରେଳପଥ ଅଧୀନରେ ଥିବା ଭଦ୍ରକ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ବ୍ରହ୍ମପୁର, ପଲାସା, ଶ୍ରୀକାକୁଲମ୍ ରୋଡ୍, ବିଜୟନଗରମ୍, ବିଶାଖାପାଟଣା ଏବଂ ଦୁବାଡା ଷ୍ଟେଶନଠାରେ ରହଣି କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

### ବଳାତ୍କାରୀଙ୍କୁ ୧୦ବର୍ଷ କାରାଦଣ୍ଡ

**ବାରିପଦା ଅଫିସ,୨୨।୧୨:** ମୟୂରଭଞ୍ଜ ଜିଲା ବାରିପଦା ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ବୁଧବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁମିତା ଜେନା ଏହାର ବିଚାର କରି ଦୋଷୀ ଶିବାନୀ ସିଂ(୨୫)ଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ଘଟଣାରେ ସମ୍ପୃକ୍ତ ଥିବା ସହଯୋଗୀ ଶ୍ୟାମ ସୁନ୍ଦର ସିଂ(୩୧)ଙ୍କୁ ୬ବର୍ଷ କାରାଦଣ୍ଡ ସହ ୩ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୩ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ପ୍ରକାଶ କରିଛନ୍ତି। ୨୦୧୬ ମେ ୧୨ରେ ଏହି ଘଟଣା ଘଟିଥିଲା। ସରକାରୀ ଆଇନଜୀବୀ ଅଭିନ୍ନ କୁମାର ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# ଅଭିଯୁକ୍ତ ରାଜେଶ ର’ ଅଫିସର

**ଠିକା କାମ ଦେବା ଆଳରେ ୧.୧୭ କୋଟି ଠକେଇ ମାମଲା**

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

୮୦କୋଟିର ନକଲି କାର୍ଯ୍ୟାଦେଶ ଦେଇ ଜଣେ ବ୍ୟବସାୟୀଙ୍କଠାରୁ ୧କୋଟି ୧୭ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଦ୍ୱାରା ଗିରଫ ହୋଇଥିବା ରାଜେଶ କୁମାର ଓରଫ ରାଜେଶ ଗେହେଲଟ ରିଶର୍ଚ୍ଚ ଆଣ୍ଡ ଆନାଲିସିସ୍ ଉଇଙ୍ଗ(ର’)ର ଅଧିକାରୀ ବୋଲି ଜଣାପଡ଼ିଛି। ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପରିଚୟ ପତ୍ରରେ ରାଜେଶ କୁମାର ‘ରିଶର୍ଚ୍ଚ ଅଧିକାରୀ’ ବୋଲି ଲେଖାଥିବା ଏକ ଆଇଡେଣ୍ଟିଟି କାର୍ଡ କୋର୍ଟରେ ଦାଖଲ ହୋଇଛି ବୋଲି କ୍ରାଇମ୍‌ବ୍ରାଞ୍ଚ ଏଡିଜି ବୁଧବାର କହିଛନ୍ତି। ରାଜେଶଙ୍କୁ ଗତ ୧୮ ତାରିଖରେ ଭୁବନେଶ୍ୱର ଇଓଡବ୍ଲ୍ୟୁ ଦ୍ୱାରକା ଥାନା ଅନ୍ତର୍ଗତ ସେକ୍ଟର -୨୧ରୁ ଗିରଫ କରି ୧୯ତାରିଖରେ ଦ୍ୱାରକା ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ କୋର୍ଟଙ୍କ ନିକଟରେ ହାଜର କରିଥିଲା। କୋର୍ଟଙ୍କ ଅନୁମତି କ୍ରମେ ରାଜେଶ ଏବେ ୫ଦିନିଆ ଟ୍ରାନ୍‌ଜିଟ ବେଲ୍‌ରେ ଥିବାବେଳେ ଆସନ୍ତା ୨୪ରେ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ରହିଛି। ଗତ ଅକ୍ଟୋବର ୩୦ରେ ଏହି ମାମଲାରେ ଅନ୍ୟ ୨ ଅଭିଯୁକ୍ତ ନକଲି ଆଇଏଏସ୍ ଅଫିସର ସୂର୍ଯ୍ୟମଣି ତ୍ରିପାଠୀ ଓ ଓଡ଼ିଶା ପୂର୍ତ୍ତବିଭାଗ(ପିଡବ୍ଲ୍ୟୁଡି)ର ନକଲି ଇଞ୍ଜିନିୟର ଅମିତ କୁମାର ଗିରଫ ହୋଇଥିଲେ। ଉକ୍ତ ମାମଲାରେ ସମ୍ପୃକ୍ତ ଥିବା ଜଣେ ନକଲି ମହିଳା ଟ୍ରେଜେରି ଅଫିସର ଫେରାର ଅଛନ୍ତି। ର’ କେନ୍ଦ୍ର ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା। ଅଭିଯୁକ୍ତ ରାଜେଶ ଜଣେ ର’ ଅଫିସର ହୋଇ କିପରି ଏତେ ବଡ଼ ଠକାମି କରିବାକୁ ମନ ବଳାଇଥିଲେ ତାକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି। ପୂର୍ବରୁ ସେ ଏକାଧିକ ଠକେଇ କରିଥାଇ ପାରନ୍ତି ବୋଲି ଇଓଡବ୍ଲ୍ୟୁ ସନ୍ଦେହ କରୁଛି। ଏନେଇ ଇଓଡବ୍ଲ୍ୟୁ ଅଧିକ ତଦନ୍ତ ଜାରି ରଖିଛି।


No. D4970
GOVERNMENT OF INDIA
CABINET SECRETARIAT
RAJESH KUMAR
Research Officer
Valid Upto: 31/12/2023
Issuing Authority

ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ ଷ୍ଟେନ୍‌ଲେସ୍ ଷ୍ଟିଲ୍ କମ୍ପାନୀର ମାଲିକ ମୁକେଶ ଜୈନଙ୍କର ଭୁବନେଶ୍ୱର କଳିଙ୍ଗନଗରେ ଏକ ଶାଖା ରହିଥିବାବେଳେ ତାଙ୍କ ପୁଅ ଅକ୍ଷୟ ଜୈନ ଏହାକୁ ପରିଚାଳନା କରନ୍ତି। ବାପାପୁଅଙ୍କ ସହ ସମ୍ପର୍କ ହେବା ପରେ ରାଜେଶ ନିଜକୁ ର’ ଅଧିକାରୀ ବୋଲି କହିଥିଲେ। ପରେ ତାଙ୍କ ସହ ଥିବା ସୂର୍ଯ୍ୟମଣିଙ୍କୁ ପରିଚିତ କରାଇ ସେ ପୂର୍ତ୍ତ ବିଭାଗର ଜଣେ ଅତିରିକ୍ତ ସଚିବ ଥିବା ଜଣାଇଥିଲେ। ସେମାନେ ଓଡ଼ିଶା ସରକାରଙ୍କ ବିଭିନ୍ନ ପ୍ରୋଜେକ୍ଟର କଣ୍ଟ୍ରାକ୍ଟ ୱାର୍କ ଅର୍ଡର ଦେବାକୁ କହି ୨୦୧୮ରେ ନିର୍ମାଣ ସୌଧକୁ ଡାକିଥିଲେ। ସେଠାରେ ଅମିତଙ୍କୁ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ବୋଲି ପରିଚୟ କରାଇଥିଲେ। ପ୍ରଥମେ ଏକ ଫାର୍ମ ପଞ୍ଜୀକୃତ କରିବାକୁ ୨୫ ଲକ୍ଷ ଟଙ୍କା ଟ୍ରେଜେରିରେ ଜମା କରିବାକୁ କହିଥିଲେ। ଏଥିପାଇଁ ଜଣେ ମହିଳାଙ୍କୁ ଟ୍ରେଜେରି ଅଧିକାରୀ ବୋଲି ଦର୍ଶାଇଥିଲେ। ଟଙ୍କା ପାଇବାପରେ ଉଭୟ ବାପପୁଅଙ୍କୁ ଅଭିଯୁକ୍ତମାନେ ୮୦କୋଟି ଟଙ୍କାର ନକଲି ୱାର୍କଅର୍ଡର(କାର୍ଯ୍ୟାଦେଶ) ଧରାଇ ତାଙ୍କ ଠାରୁ ବାକି ଟଙ୍କା ନେଇଯାଇଥିଲେ। ହେଲେ କୌଣସି କାମ ନ ହେବାରୁ ମୁକେଶ ଓ ତାଙ୍କ ପୁଅ ଆରଟିଆଇର ସହାୟତା ନେବାରୁ ଟ୍ରେଜେରି ରସିଦ୍ ସହ ସମସ୍ତ ଦସ୍ତାବିଜ ଜାଲ୍ ବୋଲି ଜାଣିବାକୁ ପାଇଥିଲେ। ଏନେଇ ସେମାନେ ଇଓଡବ୍ଲ୍ୟୁରେ ଅଭିଯୋଗ କରିବା ପରେ ୨୮ ଅକ୍ଟୋବରରେ (ନଂ.୧୪/୨୧) ମାମଲା ରୁଜୁ ହୋଇଥିଲା।

# ‘ଚାଷୀ ଆନ୍ଦୋଳନ ଟ୍ରେନିଂ ଥିଲା’



ରାକେଶ ଟିକାୟତ

**ଏମ୍‌ଏସ୍‌ପିକୁ ନେଇ ଆଇନ ନ ଆଣିଲେ ଚାଷୀ ପୁଣି ରାସ୍ତାକୁ ଓହ୍ଲାଇବେ: ଟିକାୟତ**

ଭୁବନେଶ୍ୱର, ୨୨।୧୨(ବ୍ୟୁରୋ)

ଦିଲ୍ଲୀ ସୀମାରେ କୃଷକଙ୍କ ୧୩ ମାସର ଆନ୍ଦୋଳନ କେବଳ ଟ୍ରେନିଂ ଥିଲା। ଚାଷୀଙ୍କ ଚାପରେ କେନ୍ଦ୍ର ସରକାର ବିବାଦୀୟ କୃଷି ଆଇନ ପ୍ରତ୍ୟାହାର କରିନେବା ପରେ ଚାଷୀ ଆନ୍ଦୋଳନରୁ ଓହରି ଯାଇଛନ୍ତି। ହେଲେ ଏମ୍‌ଏସ୍‌ପିକୁ ନେଇ ଆଇନ ନ ଆଣିଲେ ଚାଷୀ ପୁଣି ରାସ୍ତାକୁ ଓହ୍ଲାଇବେ ବୋଲି କୃଷକ ନେତା ରାକେଶ ଟିକାୟତ ସ୍ପଷ୍ଟ ସଙ୍କେତ ଦେଇଛନ୍ତି।

କନକ ଟିଭି ପକ୍ଷରୁ ବୁଧବାର ଆୟୋଜିତ ‘ନ୍ୟୁଜ୍ ମେକର-୨୦୨୧’ କାର୍ଯ୍ୟକ୍ରମରେ ଯୋଗଦେଇ ଟିକାୟତ କହିଛନ୍ତି, ବିଦାୟୀ ବର୍ଷରେ ଦେଶର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା ୩ ବିବାଦୀୟ କୃଷି ଆଇନ ବିରୋଧରେ ଚାଷୀଙ୍କ ସଂଘର୍ଷ। ସାରା ଦେଶରେ ଚାଷୀଙ୍କୁ ଏକାଠି କରି ଆନ୍ଦୋଳନକୁ ଠିକ୍ ନେତୃତ୍ୱ ଦେବାରେ ଭାରତୀୟ କିଷାନ ୟୁନିୟନ(ବିକେୟୁ) ପ୍ରମୁଖ ଭୂମିକା ତୁଲାଇଥିଲା। ଚାଷୀଙ୍କ ସମସ୍ତ ଉତ୍ପାଦ ଉପରେ ସରକାର ଏମ୍‌ଏସ୍‌ପି ଦିଅନ୍ତୁ। ଅନ୍ୟପଟେ ଆଗକୁ ଥିବା ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ସେ ନିର୍ବାଚନୀ ରାଜନୀତି ଜରିଆରେ କୃଷକଙ୍କ ଲଢେଇକୁ ନିର୍ଣ୍ଣାୟକ ମୋଡ଼ ଦେଇପାରିନ୍ତି ବୋଲି ଚାଲିଥିବା ଚର୍ଚ୍ଚାକୁ ସେ ଖଣ୍ଡନ କରିଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦ୍ର ସରକାରଙ୍କ ୩ କୃଷି ଆଇନ ପ୍ରତ୍ୟାହାର ଦାବିରେ ଦୀର୍ଘଦିନ ପର୍ଯ୍ୟନ୍ତ ଚାଷୀ ଆନ୍ଦୋଳନ ଚାଲିଥିଲା। ଶେଷରେ କୃଷକମାନଙ୍କ ଦାବିକୁ ମାନିବାକୁ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ଏନ୍‌ଡିଏ ସରକାର ବାଧ ହୋଇ କୃଷି ଆଇନ ପ୍ରତ୍ୟାହର ନିଷ୍ପତ୍ତି ନେଲେ। ହେଲେ ଦେଶର ସର୍ବୋଚ୍ଚ ନେତାଙ୍କ ଉପରେ କୃଷକ ନେତା ରାକେଶ ଟିକାୟତ ଭରସା କରିପାରୁନାହାନ୍ତି। ଚାଷୀମାନେ ଦିଲ୍ଲୀ ସୀମାରୁ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ ମଧ୍ୟ ଆଗାମୀ ଦିନରେ କୃଷକଙ୍କ ହିତରେ ମୋଦି ସରକାରଙ୍କ ପରବର୍ତ୍ତୀ ପଦକ୍ଷେପ କ’ଣ ହେବ ତାହା ଉପରେ ବନ୍ଦ ରହିଥିବା ଆନ୍ଦୋଳନର ଭବିଷ୍ୟତ ନିର୍ଭର କରୁଛି।

## ଜେଏସ୍‌ଡବ୍ଲ୍ୟୁକୁ ସମର୍ଥନ: ଭାଙ୍ଗିଲେ ପାନବରଜ

କୁଜଙ୍ଗ,୨୨।୧୨ (ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଚାରିଦେଶରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପ୍ରତିଷ୍ଠା ହେବ। ପ୍ରକଳ୍ପକୁ ସମର୍ଥନ ଜଣାଇ ବୁଧବାର ଢିଙ୍କିଆ ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ୧୧ ଜଣ ପାନ ଚାଷୀ ସ୍ୱତଃପ୍ରବୃତ୍ତ ଭାବେ ନିଜ ପାନ ବରଜ ଭାଙ୍ଗି ଦେଇଛନ୍ତି। ଉକ୍ତ ପାନ ବରଜ ଭଙ୍ଗା ସ୍ଥଳରେ ଏରସମା ତହସିଲଦାର ପ୍ରଜ୍ଞାନନ୍ଦ ଦାସ, କୁଜଙ୍ଗ, ତିର୍ତ୍ତୋଲ ଓ ବାଲିକୁଦାର ତହସିଲଦାରଙ୍କ ସମେତ ପାରାଦୀପର ଅତିରିକ୍ତ ଏସ୍‌ପି ନିମାଇଁ ଚରଣ ସେଠୀ, ଡିଏସ୍‌ପି ହେଡ୍ କ୍ୱାର୍ଟର, ଡିଏସ୍‌ପି ଏଚ୍‌ଆରପିସି, ଅଭୟଚାନ୍ଦପୁର ଥାନା ଆଇଆଇସି ଜୀବନାନନ୍ଦ ଜେନାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ପାନବରଜ ଭାଙ୍ଗିଥିବା ବ୍ୟକ୍ତିମାନେ ହେଲେ ରଞ୍ଜନ ବେହେରା, ରମାକାନ୍ତ ବେହେରା, ଛବୀନ୍ଦ୍ର ଦଳାଇ, ପୁଷ୍ପଲତା ଦଳାଇ, ପିପିଲ ଦଳାଇ, ଅନିଲ ଦଳାଇ, ରବୀନ୍ଦ୍ର ଦଳାଇ, ଶରତ ଦଳାଇ, ସସ୍ମିତା ନାୟକ ଓ ଦମୟନ୍ତୀ ଜେନା।


ପ୍ରଶାସନିକ ଅଧିକାରୀମାନେ ପାନ ବରଜକୁ ଭାଙ୍ଗିଯିବା ପୂର୍ବରୁ ମାପୁଛନ୍ତି।

ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ଗତ ୧୩ ତାରିଖରେ ପୁନର୍ବାସ ଥଇଥାନ, ନିଯୁକ୍ତି ଓ କ୍ଷତିଗ୍ରସ୍ତ ହେବାକୁ ଯାଉଥିବା ଅଧିବାସୀଙ୍କ ନିମନ୍ତେ ପ୍ୟାକେଜ ଘୋଷଣା କରିଥିଲେ। ଏହି ଅନୁଯାୟୀ ଯେଉଁ ପାନଚାଷୀମାନେ ସ୍ୱତଃପ୍ରବୃତ୍ତ ଭାବେ ୧୫ ଦିନ ମଧ୍ୟରେ ନିଜର ପାନ ବରଜ ଭାଙ୍ଗିବେ ସେମାନଙ୍କୁ ଡିସିମିଲ ପ୍ରତି ୧୭,୫୦୦ ଟଙ୍କା ସହ ବୋନସ୍ ଆକାରରେ ଅତିରିକ୍ତ ୫୦ ହଜାର ଟଙ୍କା ପ୍ରଦାନ କରାଯିବ। ଜେଏସ୍‌ଡବ୍ଲ୍ୟୁର ଘୋଷଣାକୁ ଭିତ୍ତିକରି ପାନବରଜ ଭାଙ୍ଗିଥିବା ବ୍ୟକ୍ତିମାନେ ପ୍ରଶାସନକୁ ପୂର୍ବରୁ ଜଣାଇଥିଲେ। ସେହି କ୍ରମରେ ପ୍ରଶାସନିକ ଅଧିକାରୀ, ଜେଏସ୍‌ଡବ୍ଲ୍ୟୁ କର୍ତ୍ତୃପକ୍ଷ ଓ ଇଡ୍‌କୋ ଅଧିକାରୀଙ୍କ ଉପସ୍ଥିତିରେ ପ୍ରଥମ ଦିନରେ ୧୧ ପାନ ବରଜ ଭଙ୍ଗାଯାଇଛି। ଗୁରୁବାର ଆଉ ୧୨ ଜଣଙ୍କ ବରଜ ଭଙ୍ଗାଯିବା ପାଇଁ ମାପ ଚୁପ ଓ ଚିହ୍ନଟ ସରିଥିବା ଏରସମା ତହସିଲଦାର ଦାସ କହିଛନ୍ତି।

## ୧୦୮ ଆମ୍ବୁଲାନ୍ସ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

ରୋଗୀଙ୍କୁ ଧରି ଯାଉଥିବାବେଳେ ମୋବାଇଲ୍ ଫୋନ୍‌ରେ ଫିଲ୍ମ ଦେଖିବା ଜଣେ ୧୦୮ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ପାଇଁ ମହଙ୍ଗା ପଡିଛି। ତଦନ୍ତରୁ ଏହା ଜଣାପଡିବା ପରେ ଏହି ସେବା ପ୍ରଦାନ କରୁଥିବା ଜିକିତ୍ସା ସଂସ୍ଥା ପକ୍ଷରୁ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ସେ ହେଲେ ବାଲେଶ୍ୱର ଡିଏଚ୍‌ଏଚ୍‌ରେ ନିୟୋଜିତ ଥିବା ୧୦୮ ଆମ୍ବୁଲାନ୍ସର ଡ୍ରାଇଭର ଶୁଭ୍ରଜ୍ୟୋତି ବେହେରା। ତୁରନ୍ତ ତାଙ୍କୁ କାର୍ଯ୍ୟରୁ ଅବ୍ୟାହତି ଦିଆଯାଇଥିବାବେଳେ ତଦନ୍ତ ରିପୋର୍ଟ ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କର୍ତ୍ତୃପକ୍ଷ ଜଣାଇଛନ୍ତି। ନିକଟରେ ଶୁଭ୍ରଜ୍ୟୋତି ୧୦୮ ଆମ୍ବୁଲାନ୍ସରେ ଜଣେ ରୋଗୀଙ୍କୁ ଧରି ଡାକ୍ତରଖାନା ଅଭିମୁଖେ ଯାଉଥିବାବେଳେ ହଠାତ୍ ମଝି ରାସ୍ତାରେ ଧୀରେ ଧୀରେ ଗାଡ଼ି ଚଳାଇଥିଲେ। ଏହାକୁ ନେଇ ଅଭିଯୋଗ ଉଠିବା ସହ ଏହାର ଏକ ଭିଡିଓ ଭାଇରାଲ ହୋଇଥିଲା।

## ଅଖିଳ କୁମାର ମିଶ୍ର ଆର୍‌ଓବି ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ

ଭୁବନେଶ୍ୱର, ୨୨।୧୨(ବ୍ୟୁରୋ)

ଭାରତୀୟ ସୂଚନା ସେବାର ବରିଷ୍ଠ ଅଧିକାରୀ ଅଖିଳ କୁମାର ମିଶ୍ର କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟ(ଆରଓବି) ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଆକାଶବାଣୀ, ଦୂରଦର୍ଶନ, ଫିଲ୍ମ ସେନ୍ସର ବୋର୍ଡ ଓ ଆଞ୍ଚଳିକ ଜନ ସମ୍ପର୍କ କାର୍ଯ୍ୟାଳୟ ଆଦି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଦକ୍ଷତାର ସହ




କାର୍ଯ୍ୟ କରିଛନ୍ତି। ସେ ମଧ୍ୟ ଜଣେ ପ୍ରତିଷ୍ଠିତ କବି ଭାବେ ସୁପରିଚିତ। ତାଙ୍କର ଅନେକ କାବ୍ୟକୃତି ପାଠକୀୟ ଆଦୃତି ଲାଭ କରିଛି।

## ଆବାସିକ ବିଦ୍ୟାଳୟର ୯ଛାତ୍ର କରୋନା ଆକ୍ରାନ୍ତ

**ଦେବଗଡ଼,୨୨।୧୨(ଡି.ଏନ୍.ଏ.):** ଦେବଗଡ଼ସ୍ଥିତ ଏକ ଆବାସିକ ବିଦ୍ୟାଳୟର ୯ଛାତ୍ର ବୁଧବାର କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହି ବିଦ୍ୟାଳୟରେ ପୂର୍ବରୁ ୧୦ଜଣ କୋଭିଡ୍ ପଜିଟିଭ୍ ଚିହ୍ନଟ ହେବା ପରେ ବୁଧବାର ୨୨୧ଜଣ ଛାତ୍ରୀଛାତ୍ରଙ୍କ ଆଣ୍ଟିଜେନ୍ ପରୀକ୍ଷା କରାଯାଇଥିଲା। ସେଥିରେ ୯ଜଣ ଛାତ୍ର କୋଭିଡ୍ ଆକ୍ରାନ୍ତ ବୋଲି ଜଣାପଡ଼ିଥିଲା। ପ୍ରକାଶ ଯେ, ଗତ ୧୮ ତାରିଖରେ ଏହି ବିଦ୍ୟାଳୟର ୫୫ଜଣଙ୍କ ସ୍ୱାବ ନମୁନା ସଂଗ୍ରହ କରାଯାଇଥିଲା। ସେଥିମଧ୍ୟରୁ ୧୦ଜଣ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଆକ୍ରାନ୍ତଙ୍କ ମଧ୍ୟରେ ୬ ଛାତ୍ରୀ, ଜଣେ ସୁରକ୍ଷା କର୍ମୀ, ୨ ଶିକ୍ଷକ ଓ ଜଣେ ପିଅନ ରହିଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ସୂଚନା ଦିଆଯାଇଛି।

## ଏସ୍‌ଡିଜେଏମ୍‌ଙ୍କ ରାୟକୁ ଚାଲେଞ୍ଜ

**ସୁମିତ-ତପସ୍ୱିନୀ ବିବାଦ**

ବ୍ରହ୍ମପୁର ଅଫିସ,୨୨।୧୨

ବହୁଚର୍ଚ୍ଚିତ ଡା.ସୁମିତ ସାହୁ-ତପସ୍ୱିନୀ ଦାଶଙ୍କ ବିବାଦ ଏବେ ଦିନକୁ ଦିନ ଭିନ୍ନ ମୋଡ଼ ନେଉଛି। ନ୍ୟାୟ ଭିକ୍ଷା କରି ବୋହୂ ତପସ୍ୱିନୀ ବ୍ରହ୍ମନଗର ସ୍ଥିତ ଶାଶୁଘରେ ଧାରଣା ଜାରି ରଖିଛନ୍ତି। ତପସ୍ୱିନୀଙ୍କ ଓକିଲ ଏସ୍‌ଡିଜେଏମ୍‌ଙ୍କ ରାୟକୁ ଚାଲେଞ୍ଜ କରି ବୁଧବାର ଜିଲାଜଜ୍ କୋର୍ଟରେ ଏକ ପିଟିଶନ୍ ଦାଏର କରିଛନ୍ତି। ଆଇନ ଅନୁସାରେ ତପସ୍ୱିନୀଙ୍କୁ ତାଙ୍କ ଶାଶୁଘରେ ରହିବାକୁ ଅନୁମତି ଦେବା ପାଇଁ ଏଥିରେ ଅପିଲ୍ କରାଯାଇଛି। ଆସନ୍ତା ୨୭ତାରିଖରେ ଏହାର ଶୁଣାଣି ରହିଥିବା ତପସ୍ୱିନୀଙ୍କ ଓକିଲ ଦୀପକ ପଟ୍ଟନାୟକ ସୂଚନା ଦେଇଛନ୍ତି। ଶାଶୁଘରେ ରହିବାକୁ ଅନୁମତି ଦେବାପାଇଁ ତପସ୍ୱିନୀଙ୍କ ଓକିଲ କୋର୍ଟରେ ଆବେଦନ କରିଥିଲେ। କିନ୍ତୁ ଗତ ୨୦ ତାରିଖରେ ଏସ୍‌ଡିଜେଏମ୍ ତାହା ଖାରଜ କରି ପୂର୍ବ ନିର୍ଦ୍ଦେଶ ବଳବତ୍ତର ରଖିଥିଲେ। ଏହା ବିରୋଧରେ ତପସ୍ୱିନୀଙ୍କ ଓକିଲ ବୁଧବାର ଜିଲା ଜଜ୍ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ସେପଟେ ଲୋକଙ୍କ ଗହଳିକୁ ଦେଖି ଧାରଣାସ୍ଥଳରେ ୧୪୪ ଧାରା ବଳବତ୍ତର ରହିଛି। ସେପଟେ ତପସ୍ୱିନୀ ସାମାଜିକକର୍ମୀ ପ୍ରମିଳା ତ୍ରିପାଠୀଙ୍କ ସହିତ ଧାରଣାରେ ବସିଛନ୍ତି। ସେଠାରେ ଏକ ସିସି କ୍ୟାମେରା ଲାଗିଥିବା ବେଳେ ତାହା କପଡ଼ା ଦ୍ୱାରା ଘୋଡ଼ାଇ ଦିଆଯାଇଛି। ଏହାକୁ ନେଇ ତପସ୍ୱିନୀଙ୍କ ଶ୍ୱଶୁର ଏକ ଅଡିଓ ଟେପ୍ ଜାରି କରି ନିଜେ ଅସୁରକ୍ଷିତ ଥିବା ଏବଂ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ହେଉଥିବା ନେଇ ସେହି ଟେପ୍‌ରେ କହିଛନ୍ତି। ଅନ୍ୟପଟେ ତପସ୍ୱିନୀ ନିଜର ବ୍ୟକ୍ତିଗତ ସୁରକ୍ଷା ଦୃଷ୍ଟିରୁ ସିସି କ୍ୟାମେରାରେ କପଡ଼ା ଢାଙ୍କି ଥିବା ନେଇ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ବୁଧବାର ସୁମିତଙ୍କ ଦ୍ୱିତୀୟ ପର୍ଯ୍ୟାୟ ୮ଦିନ ଛୁଟି ଶେଷ ହେଉଛି।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରୂପ ବଦଳିବ

- ଯୋଜନା ପ୍ରସ୍ତୁତ କରିବାକୁ ସଚିବଙ୍କ ନିର୍ଦ୍ଦେଶ
- ଅଧକ୍ଷ, ଅଧ୍ୟାପକଙ୍କ ତାଲିମ, ଶିକ୍ଷଣ କାର୍ଯ୍ୟକ୍ରମକୁ ଗୁରୁତ୍ୱ
- ୨୦ ବିଦ୍ୟାଳୟରେ ଡିଜିଟାଲ ପାଠାଗାର ନିର୍ମାଣ ହେବ

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ପରେ ଏବେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରୂପ ବଦଳିବ। ଶିକ୍ଷା ଭିତ୍ତିଭୂମିଠାରୁ ଆରମ୍ଭ କରି ବିଭିନ୍ନ ଉନ୍ନୟନ କାମ କରାଯିବ। ଏହି ପରିପ୍ରେକ୍ଷୀରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଓ ଜିଲା ଶିକ୍ଷାଧିକାରୀଙ୍କ ସମଗ୍ର ଶିକ୍ଷା ଓ ଷ୍ଟାର୍ସ ଉପରେ ଏକ ତାଲିମ ଶିବିର ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମଗ୍ର ଶିକ୍ଷାର ଆଭିମୁଖ୍ୟ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ ଦିଗରେ ବିଭିନ୍ନ ଉପାଦାନ ଯଥା ଡିଜିଟାଲ ଶିକ୍ଷା, ଧନ୍ଦାମୂଳକ ଶିକ୍ଷା, ଶିକ୍ଷକ ତାଲିମ, ଗୋଷ୍ଠୀ ତାଲିମ, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, ବିଭିନ୍ନ ପ୍ରକାର ସିଭିଲ୍ କାମ


ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକ।

ତଥା ବାଳିକା ଆତ୍ମରକ୍ଷା କୌଶଳ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

ସମଗ୍ର ଶିକ୍ଷା ମାଧ୍ୟମରେ ମିଳୁଥିବା ବାର୍ଷିକ ଅନୁଦାନ ଯଥା କମ୍ପୋଜିଟ୍ ସ୍କୁଲ ଗ୍ରାଣ୍ଟ, ଲାଇବ୍ରେରୀ ଅନୁଦାନ, କ୍ରୀଡ଼ା ଅନୁଦାନ, ବିଦ୍ୟାଳୟ ନିରାପତ୍ତା ଅନୁଦାନ, ଭିତ୍ତିଭୂମି ବିକାଶ ଅନୁଦାନ ଆଦି ପାଣ୍ଠିର ସୁବିନିଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସମସ୍ତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷମାନେ ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ସହ ଆଲୋଚନା କରି ବିଦ୍ୟାଳୟ ଉନ୍ନୟନ ଯୋଜନା ପ୍ରସ୍ତୁତ କରିବା ସହ ସମଗ୍ର ଶିକ୍ଷା ତଥା ଷ୍ଟାର୍ସ ମାଧ୍ୟମରେ ଆବଶ୍ୟକ ଅର୍ଥ ମଞ୍ଜୁରୀ ପାଇଁ ପ୍ରସ୍ତାବ ଦେବାକୁ ସଚିବ ନିର୍ଦ୍ଦେଶ ଦେଇଥିଲେ। ଏହାଛଡ଼ା ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରଙ୍କ ସହ ସମ୍ପର୍କ ସ୍ଥାପନ କରି ‘ମୋ ସ୍କୁଲ ଯୋଜନା’ ମାଧ୍ୟମରେ ବିଦ୍ୟାଳୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ସେ କହିଥିଲେ। ସେହିଭଳି ବୈଠକରେ ଉପସ୍ଥିତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ)ର ଉପାଧକ୍ଷ ତୁଷାରକାନ୍ତ ତ୍ରିପାଠୀଙ୍କୁ ଅଧକ୍ଷ ଓ ଅଧ୍ୟାପକଙ୍କ ତାଲିମ ପାଇଁ ଖସଡ଼ା ପ୍ରସ୍ତୁତି, ପାଠାଗାର ପାଇଁ ପୁସ୍ତକ ଚୟନ ଓ ଏଲ୍‌ଇପିରେ (ଶିକ୍ଷଣ ଅଭିବୃଦ୍ଧି) ଗୁଣାତ୍ମକ ଶିକ୍ଷା ପାଇଁ ବିଭିନ୍ନ ଶିକ୍ଷଣ କାର୍ଯ୍ୟକ୍ରମ ଆଦି ପ୍ରସ୍ତୁତ କରିବା ନିମନ୍ତେ ପଦକ୍ଷେପ ନେବାକୁ ସଚିବ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ୨୦ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଖୁବ୍‌ଶୀଘ୍ର ୫୦ ଲକ୍ଷ ଟଙ୍କା ଲେଖାଏ ବ୍ୟୟରେ ଡିଜିଟାଲ୍ ପାଠାଗାର ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଓସେପାକୁ ସଚିବ ନିର୍ଦ୍ଦେଶ ଦେଇଥିଲେ। ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ମହାପାତ୍ର ଓ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଆରାଧ୍ୟା
ପରିବାରବର୍ଗ


ହିମାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଅଭିଯୁକ୍ତ ଟିଉଶନ ସାର୍ ଗିରଫ

**ଭୁବନେଶ୍ୱର/ ସମ୍ବଲପୁର, ୨୨।୧୨(ବ୍ୟୁରୋ)**

ଭୁବନେଶ୍ୱର ବଡ଼ଗଡ଼ ଥାନା ଅଞ୍ଚଳରୁ ଦୁଇ ଛାତ୍ରୀଙ୍କୁ ଅପହରଣ କରି ନେଇଥିବା ଟିଉଶନ୍ ସାର୍ ଗୋପାଳକୃଷ୍ଣ ବାଡ଼ତିଆଙ୍କୁ ପୋଲିସ ସମ୍ବଲପୁର ଅଇଁଠାପାଲି ଅଞ୍ଚଳରୁ ଗିରଫ କରିଛି। ଏଥିସହ ଛାତ୍ରୀଦ୍ୱୟଙ୍କୁ ଉଦ୍ଧାର କରିଛି। ଅଭିଯୁକ୍ତ ଟିଉଶନ ସାର୍ ଏବଂ ଛାତ୍ରୀଦ୍ୱୟଙ୍କୁ ବୁଧବାର ଭୁବନେଶ୍ୱର ଅଣାଯାଇଛି। ଗୁରୁବାର ଅଭିଯୁକ୍ତ ଗୋପାଳକୃଷ୍ଣଙ୍କୁ କୋର୍ଟଚାଲାଣ କରାଯିବ। ମାଜିଷ୍ଟ୍ରେଟଙ୍କ ସାମ୍ନାରେ ଛାତ୍ରୀଦ୍ୱୟଙ୍କ ସିଆର୍‌ପିସି ୧୬୪ରେ ବୟାନ ରେକର୍ଡ କରାଯିବା ସହ ଡାକ୍ତରୀ ପରୀକ୍ଷା କରାଯିବ ବୋଲି ଜୋନ୍-୪ ଏସିପି ରଜତ୍ ରାଏ କହିଛନ୍ତି। ଅନ୍ୟପକ୍ଷରେ ଟିଉଶନ୍ ସାର୍ କେଉଁ କାରଣ ପାଇଁ ଛାତ୍ରୀଦ୍ୱୟଙ୍କୁ ଅପହରଣ କରି ସେଠାରେ ଏକ ଭଡ଼ା ଘରେ ରହୁଥିଲେ, ସେଥିରେ ତାଙ୍କୁ ଆଉ କିଏ ସହଯୋଗ କରିଥିଲେ ସେ ସମ୍ପର୍କରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ମା'ବାପାଙ୍କ ବିନା ଅନୁମତିରେ ଦୁଇ ଭଉଣୀଙ୍କୁ ନେଇଯିବା ଘଟଣା ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି।


ଟିଉଶନ୍ ସାର୍
ଗୋପାଳକୃଷ୍ଣ ବାଡ଼ତିଆ

**୨ଛାତ୍ରୀଙ୍କୁ ଅପହରଣ ମାମଲା**

- **ସମ୍ବଲପୁର ଅଇଁଠାପାଲିରେ ଛାତ୍ରୀଦ୍ୱୟଙ୍କୁ ନେଇ ଭଡ଼ାଘରେ ରଖିଥିଲେ**
- **ଅଭିଯୁକ୍ତ, ଛାତ୍ରୀଦ୍ୱୟଙ୍କୁ ଭୁବନେଶ୍ୱର ଆଣିଲା ପୋଲିସ**

### କେମିତି ଧରାପଡ଼ିଲେ ଟିଉଶନ ସାର୍

ଛାତ୍ରୀଦ୍ୱୟଙ୍କୁ ଟିଉଶନ ସାର୍ ଅପହରଣ କରିଥିବା ସମ୍ପର୍କରେ ଥାନାରେ ଅଭିଯୋଗ ହେବାପରେ ପୋଲିସ ତାଙ୍କ ମୋବାଇଲକୁ ବାରମ୍ବାର କଲ୍ କରିବା ସହ ଲୋକେଶନ୍ ଟ୍ରାପ୍ କରିବାକୁ ଚେଷ୍ଟା କରିଥିଲା। ହେଲେ ସେତେବେଳେ ତାଙ୍କ ମୋବାଇଲ୍ ସୁଇଚ୍ ଅଫ୍ ଦେଖାଉଥିଲା। ମଙ୍ଗଳବାର ଅଭିଯୁକ୍ତ ମୋବାଇଲ୍‌ରେ ଆଉ ଏକ ସିମ୍ ପକାଇ ଅନ୍ କରିଥିଲେ। ପୋଲିସ ତାଙ୍କ ମୋବାଇଲ୍‌କୁ ଟ୍ରାପ୍ କରିବାରୁ ସେ ଅଇଁଠାପାଲି ଥାନା ଅଞ୍ଚଳର ଏକ ନିର୍ଦ୍ଦିଷ୍ଟ ସ୍ଥାନ ଥିବା ଜଣାପଡ଼ିଥିଲା। ତେଣୁ କମିଶନରେଟ ପୋଲିସ ଅଇଁଠାପାଲୀ ପୋଲିସକୁ ତୁରନ୍ତ ଉକ୍ତ ସ୍ଥାନରେ ଚଢ଼ାଉ କରିବାକୁ କହିଥିଲା। ବିଳମ୍ବିତ ରାତି ପ୍ରାୟ ୧ଟାରେ ଅଇଁଠାପାଲି ପୋଲିସର ଏକ ଟିମ୍ ଅନୁଗୁଲିଆପଡ଼ା ସୁବନ କଲୋନୀସ୍ଥିତ ଏକ ଭଡ଼ାଘରେ ଚଢ଼ଉ କରି ଟିଉଶନ ସାର୍ ଓ ଛାତ୍ରୀଦ୍ୱୟଙ୍କୁ ଠାବ କରିଥିଲା। ଅଭିଯୁକ୍ତ ସାର୍‌ଙ୍କୁ ଅଟକ ରଖିବା ସହ ଉଦ୍ଧାର ଛାତ୍ରୀ ଦ୍ୱୟଙ୍କୁ ସଖି ସେଣ୍ଟରରେ ରଖାଯାଇଥିଲା। ପରେ ବୁଧବାର ବଡ଼ଗଡ଼ ଥାନାର ଏକ ଟିମ୍ ପହଞ୍ଚି ସେମାନଙ୍କୁ ଭୁବନେଶ୍ୱର ଆଣିଥିଲା।

### ଛାତ୍ରୀଦ୍ୱୟଙ୍କୁ ଭାଣିଜୀ ବୋଲି ପରିଚୟ ଦେଇଥିଲେ

ଅଭିଯୁକ୍ତ ଟିଉଶନ ସାର୍ ଜଣେ ସମ୍ପର୍କୀୟଙ୍କ ସହଯୋଗରେ କିଛିଦିନ ପୂର୍ବରୁ ଅଇଁଠାପାଲି ଅନୁଗୁଲିଆପଡ଼ାରେ ଭଡ଼ା ଘର ନେଇଥିଲେ। ଗତ ୧୫ ତାରିଖରେ ସେ ସେଠାରେ ଯାଇ ରହିବା ପରେ ରବିବାରଠୁ ଛାତ୍ରୀଦ୍ୱୟଙ୍କୁ ନେଇ ରଖିଥିଲେ। ସେମାନେ ପଡ଼ୋଶୀଙ୍କ ସହ ମିଶୁ ନ ଥିଲେ କି କଥାବାର୍ତ୍ତା ମଧ୍ୟ ହେଉ ନ ଥିଲେ। ପଡ଼ୋଶୀମାନେ ପ୍ରଥମେ ଟିଉଶନ ସାର୍‌ଙ୍କୁ କ'ଣ କରନ୍ତି ଓ ଏମାନେ କିଏ ବୋଲି ପଚାରିଥିଲେ। ସେ ଟିଉଶନ କରୁଛନ୍ତି, ଭାଣିଜୀଦ୍ୱୟଙ୍କୁ ବୁଲେଇବାକୁ ଆଣିଛନ୍ତି ବୋଲି କହିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାପ ଭୋଳା ପୁଅ ହେଳା**
**ଶାଶୁ ବୋହୂ କରନ୍ତି ଜପାମାଳା।**

ଘରର ହାନିଲାଭ ବୁଝିବା ପୁରୁଷ ଉପରେ ନ୍ୟସ୍ତଥାଏ ।ପୁରୁଷାନୁକ୍ରମେ ବାପ ପରେ ପୁଅ ଘରର ଦାୟିତ୍ୱ ନିଜ ମୁଣ୍ଡ ଉପରକୁ ନେଇଥାଏ। ଘରର ମୁଖ୍ୟ ଯଦି ଭୋଳା ବା ହୁଣ୍ଡା ତଥା ପୁଅ ଅଳସୁଆ ବା ନିକମା ହୋଇଥାଏ ତା'ହେଲେ ସେ ଘର ଉଧେଇ ପାରି ନ ଥାଏ। ବାପ ପୁଅ ଯଦି କର୍ମମୁଖୀ ନୁହେଁ ତାହେଲେ ଶାଶୁ ବୋହୁ ନିଜ ଭାଗ୍ୟ କୁ ଆଦରି ପଡିରହିବା ଛଡା ଅନ୍ୟ ଚାରା ରହୁନଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବନବନା ଗଛ ମହକିଲା**
**ଯାଉ ଯାଉ ବାଟେ ତନୁ ପାତଳି**
**ଗଭା ମଲ୍ଲୀ ଫୁଲ ମହକିଲା।**

ମଲ୍ଲିଫୁଲର ବାସନା ଚଉଦିଗକୁ ମହକାଇ ଦେଇଥାଏ ।ତନୁପାତଳି ଯୁବତୀ କନ୍ୟାର ଗଭାରେ ଖୋସା ଯାଇଥିବା ମଲ୍ଲିଫୁଲର ବାସନା ମନକୁ ମୋହି ଦେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

**ଆଜିର ମନ୍ତବ୍ୟ**

"କେନ୍ଦ୍ର ସରକାର ଗଣତନ୍ତ୍ରର ଉପହାସ କରିବା ସହ ଏହାକୁ ଶେଷ କରିଦେବାକୁ ଚାହୁଁଛନ୍ତି। ପାର୍ଲାମେଣ୍ଟକୁ ମଧ୍ୟ ଧୀରେ ଧୀରେ ବିଷାକ୍ତ କରୁଛନ୍ତି।
-ଡେରେକ ଓ' ବ୍ରିଏନ୍, ଟିଏମ୍‌ସି ଏମ୍‌ପି


## classifieds Everyday
0674-2580101, 2549302




### SALE

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ 200 sqft. 3,00,000/-, ନଖରା ତ୍ରିନାଥବଜାର sqft.-200 (Outright). 9348232008. D-22629

ଘରବାଡ଼ି ପ୍ଲଟ୍ 30'road ସହିତ Sum Hospitalରୁ 4k.m. ଘଙ୍ଗାପାଟଣାରେ ମିଳୁଛି। Owner- 9090963952. D-71746

ଭୁବନେଶ୍ୱରର ସୁନ୍ଦରପଦା OEC ନିକଟରେ 10000 ବର୍ଗଫୁଟ ପ୍ଲଟ୍ 40,00,000/- ରେ ବିକ୍ରି ହେବ । 9439493164. D-71752

Gharabari developed plot internal 30' road, Derasdam 1K.M. side of Vikash Residential School, 800/-sqft. with registration, Mutation 5feet boundary. Contact: 7008105759. D-71758

Gharabari plots available with boundarywall, 30' road, Electricity at Gudiapokhari near Sai Mandir. 9438463129, 7205988009. D-71750




Construct your home which includes, Architecture, BDA plan approval, Structure quality designing materials, ABBICO Concept Engineering. 7609931239. D-71757




Monalisa massage Club: All types Body massage with hiprofile smart lady rooms service available. 9708545108. D-22601

Newly open spa New Year Dhamaka @699/-, Smart therapist. 7846814019. D-71456

Full body massage in homely atmosphere all therapy. Contact: 8114881641. D-60893

Newly Open Saikrupa Panchakarma Spa positively health benefits with Expert. 8984068077. D-22620

Refreshing your mind, body with tha best therapy at Lotus SPA. 8018891951. D-71832

Newly open full body massage ladies and gents. 8327740003, 8455985899. D-71831

Newly open Spa offer price @599/-, positively health benefits - 8455987557. D-71455

One hour any therapy by expert therapist @800 only. 9078484455. D-71458

@999 refreshing your mind, body with the best therapy - 7873794731. D-71921


### LEGAL NOTICE

ମୁଁ ଶ୍ରୀ ଚକ୍ରଧର ବଳ, ଗ୍ରାମ- ବମଡିଆ, ପୋ.ଅ.- ବାଳିଖଣ୍ଡ, ଥାନା- ସିମୁଳିଆ, ଜିଲ୍ଲା- ବାଲେଶ୍ୱର । ଏତଦ୍ୱାରା ଘୋଷଣା କରୁଅଛି କି ମୋର ପତ୍ନୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ବଳଙ୍କର ମସ୍ତିଷ୍କ ବିକୃତି ଥିବାରୁ ତାଙ୍କ ନାମରେ ଥିବା ୪୦ ଡି. ଘରବାଡି ଜମି ପ୍ଲଟ୍ ନଂ.-୧୩୫/ ୧୫୭୨, ଖତିୟାନ ନଂ. ୪୦୮/୭୯କୁ କେହି ଯଦି ଆମ୍ଭର ବିନା ପରାମର୍ଶରେ କିଣନ୍ତି ତେବେ ସେ ନିଜେ ଦାୟୀ ରହିବେ । ଧ-୨୨୬୨୮

## ପ୍ରଥମ ପୃଷ୍ଠାରୁ...

### ଭୁବନେଶ୍ୱରରେ ମିଶନ ଶକ୍ତି ...

କାମ ଦେବା ପାଇଁ କ୍ୟାବିନେଟ୍ ନିଷ୍ପତ୍ତି ହୋଇଥିବା ବେଳେ ଏବେ ରାଜ୍ୟ ସରକାରଙ୍କ ୨୧ଟି ବିଭାଗ ମିଶନ ଶକ୍ତିକୁ କାମ ଯୋଗାଇ ଦେଉଛନ୍ତି। ମିଶନ ଶକ୍ତିକୁ ଏପର୍ଯ୍ୟନ୍ତ ୬୦୦୦ କୋଟି ଟଙ୍କାର ଋଣ ଯୋଗାଇ ଦିଆଯାଇଛି। ଏହି ଋଣ ପାଇଁ ସୁଧ ରିହାତି ବାବଦରେ ୨୦୦ କୋଟି ଟଙ୍କା ଦିଆଯାଇଛି। ଏଥିପାଇଁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ବ୍ୟାଙ୍କମାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି।

ମିଶନ ଶକ୍ତିର ମା'ମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ମାର୍କେଟିଂକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଇ-ମାର୍କେଟିଂ ପୋର୍ଟାଲ ଏବଂ ଭୁବନେଶ୍ୱରରେ ମିଶନ ଶକ୍ତି ବଜାର ବ୍ୟବସ୍ଥା କରିଛନ୍ତି। ଇ-ମାର୍କେଟିଂ ପୋର୍ଟାଲ ଦ୍ୱାରା ସାରା ବିଶ୍ୱର ଲୋକେ ମୟୂରଭଞ୍ଜ, ମାଲକାନଗିରି ଭଳି ରାଜ୍ୟ ସମସ୍ତ ସ୍ଥାନର ମିଶନ ଶକ୍ତି ମା'ମାନଙ୍କର ଦ୍ରବ୍ୟ କିଣି ପାରିବେ। ଏହାଦ୍ୱାରା ସେମାନଙ୍କ ରୋଜଗାର ବୃଦ୍ଧି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆର୍ଥିକ ଦୃଷ୍ଟିରୁ ମା'ମାନଙ୍କୁ ସଶକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯେଉଁ ଗାଁରେ ବ୍ୟାଙ୍କ ନାହିଁ, ସେଠାରେ ସ୍ୱୟଂ ସହାୟକ ଗୋଷ୍ଠୀ ବ୍ୟାଙ୍କ ସଖୀମାନଙ୍କୁ ଦାୟିତ୍ୱ ଦିଆଯିବ। ଏବେ ସବୁ ପଞ୍ଚାୟତ ଓ ୱାର୍ଡରେ ମିଶନ ଶକ୍ତି ଘର ନିର୍ମାଣ କରାଯାଉଛି। ସବୁ ବ୍ଲକ୍ ଓ ରାଜ୍ୟ ସ୍ତରରେ ମଧ୍ୟ ମିଶନ ଶକ୍ତି ଭବନ କରାଯିବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ, ପ୍ରତି ଜିଲାରେ ମିଶନ ଶକ୍ତି ଭବନ ନିର୍ମାଣ କରାଯିବ। ଏଥିପାଇଁ ପ୍ରତ୍ୟେକ ଜିଲାକୁ ୧ କୋଟି ଟଙ୍କା ଲେଖାଏ ଯୋଗାଇ ଦିଆଯିବ। ମିଶନ ଶକ୍ତି ମା'ମାନଙ୍କ ଅନୁରୋଧ ଅନୁଯାୟୀ, ରାଜ୍ୟ ସରକାର ମିଶନ ଶକ୍ତି ଫେଡେରେଶନର ଇସି ସଦସ୍ୟମାନଙ୍କ ବୈଠକ ବାବଦ ଖର୍ଚ୍ଚ ଓ ଗସ୍ତ ପାଇଁ ଭତ୍ତା ପ୍ରଦାନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏଥିପାଇଁ ସେ ୨୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି ବୋଲି କହିଛନ୍ତି। ଭର୍ଚୁଆଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ କଥା ନୁହେଁ, କାମରେ ବିଶ୍ୱାସ କରନ୍ତି। ତାଙ୍କର ଦୃଢ଼ ନେତୃତ୍ୱ ଯୋଗୁ ମିଶନ ଶକ୍ତି କାର୍ଯ୍ୟକ୍ରମ ଆଜି ଶକ୍ତିଶାଳୀ ହୋଇପାରିଛି। ସ୍ୱାଗତ ଭାଷଣ ଦେଇ ମିଶନ ଶକ୍ତି ବିଭାଗ କମିଶନର ତଥା ଶାସନ ସଚିବ ସୁଜାତା କାର୍ତ୍ତିକେୟନ ଆଜି ଦିନଟିକୁ ମିଶନ ଶକ୍ତି ପାଇଁ ଏକ ଐତିହାସିକ ଦିନ ଭାବରେ ବର୍ଣ୍ଣନା କରଛନ୍ତି। ମା'ମାନେ ସରକାର ଓ ସମାଜ ମଧ୍ୟରେ ସେତୁବନ୍ଧ ଭାବରେ କାମ କରି ଆନ୍ଦୋଳନକୁ ମଜଭୁତ କରିଛନ୍ତି ବୋଲି ସେ କହିଛନ୍ତି। ବିଭାଗୀୟ ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର, ବରଗଡ, ନୂଆପଡା, ଗଞ୍ଜାମ ଓ ମୟୂରଭଞ୍ଜର ମିଶନ ଶକ୍ତି ବ୍ଲକ୍ ସଭାନେତ୍ରୀ ମତ ବିନିମୟ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ସମେତ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ୩୧୪ ବ୍ଲକ୍ ଫେଡେରେଶନର ସଭାନେତ୍ରୀ ଭର୍ଚୁଆଲରେ ଯୋଗଦେଇଥିଲେ।

### ପଞ୍ଚାୟତ ସଂରକ୍ଷଣ ...

ବିଜ୍ଞପ୍ତିରେ ଏହାକୁ ଅଣଦେଖା କରାଯାଇଥିବା ଆବେଦନକାରୀ ଦାସ ଅଭିଯୋଗ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜ୍ୟ ନିର୍ବାଚନ କମିଶନ ନଭେମ୍ବର ୧୬ତାରିଖରେ ବିଜ୍ଞପ୍ତି ଜାରି କରି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଆସନ ସଂରକ୍ଷଣ ତାଲିକା ଜାରି କରିଥିଲେ। ବିଜ୍ଞପ୍ତି ଅନୁସାରେ ଆଗାମୀ ପଞ୍ଚାୟତ ନିର୍ବାଚନରେ ମୋଟ ୮୫୩ ଜିଲା ପରିଷଦ ଆସନ ମଧ୍ୟରୁ ପଛୁଆବର୍ଗଙ୍କ ପାଇଁ ମାତ୍ର ୧୦୪ ଆସନ ସଂରକ୍ଷିତ ରହିଛି। ଏଥିରେ ୧୪ଟି ଜିଲା ପରିଷଦ ଆସନରେ ଗୋଟିଏ ବି ଆସନ ପଛୁଆବର୍ଗର ପ୍ରାର୍ଥୀଙ୍କ ନିମନ୍ତେ ସଂରକ୍ଷିତ ହୋଇନାହିଁ। ସେଗୁଡ଼ିକ ହେଲା ଦେବଗଡ଼, ଗଜପତି, ସୁନ୍ଦରଗଡ଼, ସମ୍ବଲପୁର, ରାୟଗଡ଼ା, ନୂଆପଡ଼ା, ନବରଙ୍ଗପୁର, ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ, କେନ୍ଦୁଝର, କନ୍ଧମାଳ, କଳାହାଣ୍ଡି ଓ ଝାରସୁଗୁଡ଼ା। ଏହି ସବୁକୁ ଦୃଷ୍ଟିରେ ରଖି ପଞ୍ଚାୟତିରାଜ ସଚିବ ଜାରି କରିଥିବା ସଂରକ୍ଷଣ ବିଜ୍ଞପ୍ତିକୁ ଖାରଜ କରିବା ସହ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଇବାପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ଉଚ୍ଚ ଅଦାଲତରେ ପ୍ରାର୍ଥନା କରିଥିଲେ। ଉକ୍ତ ଆବେଦନର ଶୁଣାଣି କରି ପଞ୍ଚାୟତ ନିର୍ବାଚନରେ ବିଭିନ୍ନ ବର୍ଗଙ୍କ ପାଇଁ ରହିଥିବା ସ୍ଥାନ ସଂରକ୍ଷଣ ପ୍ରସଙ୍ଗରେ ରାଜ୍ୟ ସରକାର ସତ୍ୟପାଠ ମାଧ୍ୟମରେ ଜଣାଇବାକୁ ପୂର୍ବରୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ଏକ ସତ୍ୟପାଠ ଦାଖଲ କରି ଆସନ ସଂରକ୍ଷଣ ପାଇଁ ଏକ ସାନି ବିଜ୍ଞପ୍ତି ଆସନ୍ତା ୨୭ତାରିଖରେ ପ୍ରକାଶ କରିବେ ବୋଲି କହିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୁକାନ୍ତ ଦଳେଇ ଓ ନିରଞ୍ଜନ ହୋତା ମାମଲା ପରିଚାଳନା କରୁଛନ୍ତି।

### ଆଜି ଢେଙ୍କାନାଳ, ଅନୁଗୋଳ, ...

କରୁଥିବା ସମସ୍ତ ବସ୍ ସକାଳ ୬ଟାରୁ ରାତି ୧୨ଟା ଯାଏ ବନ୍ଦ ରହିବ। ଡିସେମ୍ବର ୨୪ରୁ ପ୍ରତୀକାତ୍ମକ ଭାବେ ବସ୍‌ଗୁଡ଼ିକରେ କଳାପତାକା ଲଗାଯିବ। ତଥାପି ପଦକ୍ଷେପ ନିଆ ନ ଗଲେ ଜାନୁୟାରୀ ପହିଲାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବସ୍ ଚଳାଚଳ ବନ୍ଦ ରହିବ ବୋଲି ଓଡ଼ିଶା ରାଜ୍ୟ ବସ୍ ମାଲିକ ସଂଘର ସଭାପତି ଦେବାଶିଷ ନାୟକ, ଅନୁଗୋଳ ବସ୍ ମାଲିକ ସଂଘ ସମ୍ପାଦକ ସନ୍ତୋଷ ମିଶ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ସଂଘ ପକ୍ଷରୁ ୫୫. ନମ୍ବର ଜାତୀୟ ରାଜପଥ ଦୁରବସ୍ଥା ନେଇ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚଏଆଇ), ରାଜ୍ୟ ସରକାରଙ୍କୁ ବହୁବାର ଅଭିଯୋଗ କରାଯାଇଛି। ୨୦୨୧ ନଭେମ୍ବର ୧୧ରେ ଏନ୍‌ଏଚ୍‌ଏଆଇ, ରାଜ୍ୟ ସରକାର ଏବଂ ସଂଘ ମଧ୍ୟରେ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଶାସନ ସଚିବ ଏଥିରେ ହସ୍ତକ୍ଷେପ କରି ୨୦୨୨ ଜୁନ୍ ସୁଦ୍ଧା ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ୪୫ ଦିନ ବିତିଯାଇଥିଲେ ମଧ୍ୟ ରାଜପଥ ନିର୍ମାଣରେ ସାମାନ୍ୟ ଅଗ୍ରଗତି ହୋଇ ନାହିଁ। ଫଳରେ ଏହି ରୁଟ୍‌ରେ ବସ ଚଳାଇବା ସମ୍ଭବ ନୁହେଁ ବୋଲି ସଂଘ ପକ୍ଷରୁ କୁହାଯାଇଛି।

### ଦିନକ ପୂର୍ବରୁ ଶୀତ ...

କରିଛନ୍ତି। ଅନ୍ୟ ପକ୍ଷରେ ବିରୋଧୀ ଦଳ ସଦସ୍ୟମାନେ ଗୃହ ଚଳାଇ ଦେଲେନି ବୋଲି ସରକାର ଅଭିଯୋଗ କରିଛନ୍ତି। ଦରଦାମ୍ ବୃଦ୍ଧି ଉପରେ ଆଲୋଚନାକୁ ସରକାର ପ୍ରାଥମିକତା ଦେଇଥିଲେ। ସୁଯୋଗ ଦିଆଯିବା ସତ୍ତ୍ୱେ କୌଣସି ବିରୋଧୀ ସଦସ୍ୟ ଆଲୋଚନା ପାଇଁ ପ୍ରସ୍ତୁତ ନ ଥିବାରୁ ଅର୍ଥମନ୍ତ୍ରୀ ତାଙ୍କ ଉତ୍ତର ରଖିଥିଲେ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଛନ୍ତି। ସରକାର ସବୁ ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ ଥିଲେ। କିନ୍ତୁ ବିରୋଧୀ ସଦସ୍ୟମାନଙ୍କ ବିଶୃଙ୍ଖଳିତ ଆଚରଣ ଯୋଗୁ ତାହା ସମ୍ଭବ ହେଲାନାହିଁ ବୋଲି ଜୋଷୀ କହିଛନ୍ତି।

### LOST

ନୋଟାରି, ତାଳଚେରଙ୍କ ସମ୍ମୁଖରେ କରାଯାଇଥିବା ସତ୍ୟପାଠ ଅନୁଯାୟୀ ମୁଁ ଶ୍ରୀ ଦଶରଥ ପ୍ରଧାନ, ବୟସ ପ୍ରାୟ ୪୨ ବର୍ଷ, ପିତା- କରୁଣାକର ପ୍ରଧାନ, ଗ୍ରା-ଦେଉଳବେରା, ତାଳଚେର, ଜିଲ୍ଲା- ଅନୁଗୋଳର ବାସିନ୍ଦା ସୂଚିତ କରୁଅଛି କି, ସିତିକାନ୍ତ ବାରିକଙ୍କ ନାମରେ ଥିବା ମୌଜା ଆଚାର୍ଯ୍ୟନାଳୀ, ଜିଲ୍ଲା- ଅନୁଗୋଳର ପ୍ଲଟ୍ ନଂ.4/12ର ପୂର୍ବବର୍ତ୍ତୀ ପଞ୍ଜୀକୃତ ବିକ୍ରି କବଲା ସଂ.10051002705 ତାରିଖ: 29.09.2010 କୌଣସିମତେ ହଜିଯାଇଛି ଏବଂ ମୁଁ କିମ୍ବା ସିତିକାନ୍ତ ବାରିକ ସେହି ଉକ୍ତ କବଲାକୁ କୌଣସି ଆର୍ଥିକ ଅନୁଷ୍ଠାନ ଅଥବା ବ୍ୟକ୍ତିବିଶେଷଙ୍କ ନିକଟରେ ବନ୍ଧକ ରଖିନାହୁଁ । ଧ-୨୨୬୨୪

### AFFIDAVIT

ଭବାନୀପାଟଣା ନିର୍ବାହୀ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଏକ ଶପଥପତ୍ର ଦ୍ୱାରା ତା୨୧।୧୨।୨୦୨୧ରେ ମୁଁ ଶ୍ରୀମତୀ ଶକୁନ୍ତଳା ଦେଇ, ପିତା ୰ ରତ୍ନାକର ସାହୁ ଏବଂ ସ୍ୱାମୀ ଶ୍ରୀ ବାଇଧର ପ୍ରଧାନ, ମୋର ନାମକୁ ଶକୁନ୍ତଳା ଦେଇରୁ ଶକୁନ୍ତଳା ପ୍ରଧାନକୁ ପରିବର୍ତ୍ତନ କରିଛି । ଏବେ ସମସ୍ତ ପ୍ରସଙ୍ଗ ପାଇଁ ମୁଁ ଶକୁନ୍ତଳା ପ୍ରଧାନ ନାମରେ ପରିଚିତ ହେବି ।
ଶକୁନ୍ତଳା ପ୍ରଧାନ, ଘର ନଂ. G.A.-50, ନୀଳାଦ୍ରିବିହାର, ଥାନା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା
ଧ-୨୨୬୨୫

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### LEGAL NOTICE

**ଶ୍ରୀଯୁକ୍ତ ଅତିରିକ୍ତ ଜିଲ୍ଲା ଜଜ୍, ଖଲ୍ଲିକୋଟ, ଗଞ୍ଜାମ**
**କେସ୍ ନଂ. ଆର୍.ଏଫ୍.-ଏ-୨/୨୦**
**ଅଜୟ କୁମାର ପଣ୍ଡା .......... ବାଦୀ**
**ବନାମ**
**ଗଣେଶ ନାହାକ ଓଗେର ...... ପ୍ରତିବାଦୀ**

ପ୍ରାପ୍ତେଷୁ,
୧) ଗଣେଶ ନାହାକ ବୟସ ୪୭ ବର୍ଷ, ପିତା- ୰ ପାଣ୍ଡୁ ନାହାକ
୨) ପ୍ରଫୁଲ୍ଲ ନାହାକ, ବୟସ ୪ ୦ ବର୍ଷ, ପିତା ୰ ପାଣ୍ଡୁ ନାହାକ, ଉଭୟଙ୍କ ଗ୍ରାମ- ଗଙ୍ଗାଧରପୁର ସାହି, କୈରାସି, ପୋଷ୍ଟ- କୈରାସି, ଥାନା- ଖଲ୍ଲିକୋଟ, ଜିଲ୍ଲା- ଗଞ୍ଜାମ ।
୩) ପୂର୍ଣ୍ଣ ନାହାକ, ବୟସ- ୫୬ ବର୍ଷ, ପିତା- ୰ ଉଦୟ ନାହାକ, ଗ୍ରାମ- ପକ୍ଷୀରାଜ ସାହି କୈରାସି, ପୋଷ୍ଟ- କୈରାସି, ଥାନା- ଖଲ୍ଲିକୋଟ, ଜିଲ୍ଲା- ଗଞ୍ଜାମ

ଏତଦ୍ୱାରା ଜଣାଇଦିଆଯାଉଅଛି ଯେ, ଶ୍ରୀ ଅଜୟ କୁମାର ପଣ୍ଡା, ବୟସ-୫୧ ବର୍ଷ, ପିତା- ୰ ଅନନ୍ତ ନାରାୟଣ ପଣ୍ଡା, ଗ୍ରାମ/ ପୋଷ୍ଟ- କୈରାସି, ଥାନା- ଖଲ୍ଲିକୋଟ, ଜିଲ୍ଲା- ଗଞ୍ଜାମ, ବୃତ୍ତି - ହୋମିଓପାଥିକ ଡକ୍ଟର ଆପଣମାନଙ୍କ ବିରୁଦ୍ଧରେ ନିମ୍ନୋକ୍ତ ତଫସିଲ ଜାଗା ସମ୍ବନ୍ଧେ ଉପରୋକ୍ତ ଅଦାଲତରେ ଉକ୍ତ କେସ୍ ଦାଖଲ କରିଛନ୍ତି। ଆପଣ ବା ଆପଣମାନଙ୍କ କ୍ଷମତାପ୍ରାପ୍ତ ବ୍ୟକ୍ତି ବା କୌଣସି ଓକିଲଙ୍କ ମାର୍ଫତ୍‌ରେ ଯେ କି ତଫସିଲ ଜାଗା ସମ୍ବନ୍ଧରେ ଅବଗତି ଥିବେ । ଆସନ୍ତା ତା17.1.2022 ରିଖ ସମୟ ଘ.୧୦.୩୦ ମିନିଟ୍ ସମୟରେ ଅଦାଲତରେ ହାଜର ହୋଇ କୈଫିୟତ ଦାଖଲ କରିପାରିବେ ଅନ୍ୟଥା କେସ୍‌ର ଫୈସଲା ଆପଣମାନଙ୍କ ଅନୁପସ୍ଥିତିରେ କରାଯିବ ।
ତା8.12.2021ରିଖରେ ଅଦାଲତରେ ସହି ମୋହର ଓ ଦସ୍ତଖତ ଦିଆଗଲା ।

| ମୌଜା | ଖାତା ନଂ. | ପ୍ଲଟ୍ ନଂ. | ମାପ | ସମୁଦାୟ |
|---|---|---|---|---|
| କୈରାସି | ୩୦୪ | ୫୦୩୦ | ଏ ୦.୧୫୦ | ଏ୦.୪୮୯ |
| | | ୫୦୩୧ | ଏ୦.୦୫୯ | |
| | | ୫୦୩୨ | ଏ୦.୨୮୬ | |

ସାବିକ ପ୍ଲଟ୍ ନଂ. - ୯୯୧
ହଦ-
ପୂର୍ବ- ରୋଡ୍, ପଶ୍ଚିମ- ପଞ୍ଚୁ ପ୍ରଧାନ ଓ ଶଙ୍କର ସାମଲଙ୍କ ଜମି, ଦକ୍ଷିଣ- ଦିଗାମ୍ବର ପ୍ରଧାନଙ୍କ ଜମି, ଉତ୍ତର- ଚୌଧୁରୀ ନାହାକଙ୍କ ଜମି ।

**ସ୍ୱା./- ଅତିରିକ୍ତ ଜିଲ୍ଲା ଜଜ୍**
**ଖଲ୍ଲିକୋଟ, ଗଞ୍ଜାମ**
**(ଆଶୁତୋଷ ଦାଶ)**
**୮।୧୨।୨୧**

ଧ-୨୨୬୩୦

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ମାନସିକ ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତି ପ୍ରାୟତଃ ଭଲ ରହିବ। ଆଲୋଚନାରେ, ଜମିଜମା କାରବାରରେ, ହୋଟେଲଶିଳ୍ପ,ରେଷ୍ଟୁରାଣ୍ଟ ଆଦି ବ୍ୟବସାୟରେ ଶୁଭଫଳ ପାଇବେ। ଅଫିସରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ ଓ ସମ୍ମାନ ଅକ୍ଷୁଣ୍ଣ ରହିବ। ଆଇନ ଅଦାଲତ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**ବୃଷ**
ଅପ୍ରିୟ ସତ୍ୟ କହି ପ୍ରତ୍ୟେକ କ୍ଷେତ୍ରରେ ଭୁଲ ବୁଝାମଣାର ଶିକାର ହେବେ। କୌଣସି ଆତ୍ମୀୟଙ୍କ ସମ୍ପର୍କରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ଲେଖାପଢ଼ାରେ,ସନ୍ତାନ ସନ୍ତତିରେ,ସଭାସମିତିରେ ଧୀରମନ୍ଥର ଗତିରେ କାମ କରିବାକୁ ବାଧ ହେବେ। ବନ୍ଧୁଙ୍କ ସାହାଯ୍ୟରୁ ଅର୍ଥଲାଭରୁ ମନ ଖୁସି ହୋଇଯିବ।

**ମିଥୁନ**
ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟଧରି ରହିପାରିଲେ କାମ ଶୃଙ୍ଖଳିତ ସମ୍ପନ୍ନ ହୋଇପାରିବ। ବନ୍ଧୁଙ୍କ ପରାମର୍ଶରେ ନୂତନ ଭାବେ କୌଣସି କାମ ଆରମ୍ଭ କରି ଏକ ପ୍ରକାର ଆତ୍ମତୃପ୍ତି ଲାଭ କରିବେ। ସମସ୍ୟା ସମ୍ପର୍କରେ ସମାଧାନ ସକାଶେ ସମ୍ପର୍କୀୟ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। କ୍ରୀଡ଼ା,ଚଳଚ୍ଚିତ୍ର ଓ କଳା,ସାହିତ୍ୟରେ ଉନ୍ନତି କରିବେ।

**କର୍କଟ**
ନୂତନ ଭାବେ କୌଣସି ମୂଲ୍ୟବାନ ଜିନିଷ କିଣାବିକାକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ପରିବହନରେ ସମସ୍ୟା ରହିବ,କିନ୍ତୁ ବିଶେଷ କିଛି ଅସୁବିଧା ହେବନାହିଁ। ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି। ଶିଳ୍ପ,ବାଣିଜ୍ୟ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ସିଂହ**
ଆପଣ ଅନ୍ୟମାନଙ୍କ ଟେକାଟେକି କଥାରେ ଉତ୍‌ଫୁଲ୍ଲିତ ହୋଇ କାମକଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ। ପାରିବାରିକ କ୍ଷେତ୍ରରେ ସ୍ନେହ ଶ୍ରଦ୍ଧା ଆଶାନୁରୂପ ପାଇ ଖୁସୀ ହେବେ। ଆଜି ଦିନଟିରେ ବ୍ୟବସାୟ ଓ ପରିବହନ ବାଧାପ୍ରାପ୍ତ ହେବନାହିଁ। ଆର୍ଥିକ ସ୍ଥିତି ସୁଧୁରିଯିବାର ଆଶାକରି କେତେକାଂଶରେ ଆନନ୍ଦିତ ହୋଇପାରନ୍ତି।

**କନ୍ୟା**
ସବୁ ସୁବିଧା ଥିଲେ ମଧ୍ୟ ପାରିବାରିକ କ୍ଷେତ୍ରରେ ଭୁଲ୍ ନିଷ୍ପତ୍ତି ହିଁ ସମସ୍ୟାକୁ ବଢ଼ାଇ ଦେବ। ହିତୈଷୀ ତଥା ପ୍ରିୟ ବ୍ୟକ୍ତିଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ଆପଣ ପାଟି ଖୋଲିଲେ ସହାୟତା କରିବେ। ପାରିପାର୍ଶ୍ୱିକ ଓ ପାରିବାରିକ ପରିସ୍ଥିତି କେତେକାଂଶରେ ଭଲ ରହିବ।

**ତୁଳା**
ଅତୀତ ଘଟଣାକୁ ବାରମ୍ବାର ଚିନ୍ତାକରି ମନ ବିଭ୍ରାନ୍ତ ରହିବ। ଘରେ ବନ୍ଧୁ ମିଳନ ସହିତ ଖୁସିର ଆସର ଜମିପାରେ। ଗୃହ ସମସ୍ୟା ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ପାଖରେ ଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ।

**ବିଛା**
କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ ବଢ଼ିପାରେ। ଯାତ୍ରା ସମୟରେ ଅନ୍ୟମନସ୍କତାରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ସାମାଜିକ ସ୍ତରରେ ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ସାହିତ୍ୟ,ସାମ୍ବାଦିକତା, ପ୍ରଶାସନ, ରାଜନୀତି,କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ଧନୁ**
ବିଭିନ୍ନ ସମସ୍ୟା ହେତୁ କର୍ମକ୍ଷେତ୍ରରେ ପ୍ରତିବନ୍ଧକ ମଧ୍ୟରେ କାମ ହାସଲ କରବାକୁ ପଡିବ। ଅନ୍ୟମାନଙ୍କ କଥାକୁ ସତ ମନେକରି ପଦାଧିକାରୀ କ୍ରୋଧ ପ୍ରକାଶ କରିପାରନ୍ତି। ନୂତନ କାର୍ଯ୍ୟାରମ୍ଭରେ ପ୍ରତିବନ୍ଧକ ଯୋଗୁ ବିଶେଷ ଅଗ୍ରଗତି ହୋଇ ପାରିବ ନାହିଁ। ଆବଶ୍ୟକତା ପୂରଣ କରିବା ପାଇଁ ଧାର ଉଧାର କରିବାକୁ ପଡିପାରେ।

**ମକର**
ବନ୍ଧୁ ପରିଜନଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ସାଧାରଣ କଥାରେ ତର୍କବିତର୍କ ଜନିତ ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ । ଆକସ୍ମିକ ଭାବରେ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇ ପାରନ୍ତି। ଶୁଭେଚ୍ଛୁମାନଙ୍କ ସାନ୍ନିଧ ଲାଭକରି ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**କୁମ୍ଭ**
ବନ୍ଧୁଙ୍କ ସହଯୋଗରୁ ଦୀର୍ଘ ଦିନରୁ ଚିନ୍ତା କରିଥିବା ନୂତନ କର୍ମାରମ୍ଭ କରିପାରନ୍ତି। ସାମାଜିକ ସ୍ତରରେ ଅହେତୁକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଅନ୍ୟର ଖଳବୁଦ୍ଧିରେ ପ୍ରଭାବିତ ହୋଇ ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ। ବିଶେଷ ଭାବରେ ଆଜିଦିନଟିରେ ଆୟ ତୁଳନାରେ ବ୍ୟୟ ବୃଦ୍ଧି ଘଟିବ।

**ମୀନ**
ଆଜି ଆକସ୍ମିକ ଭାବରେ ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ। ପଡ଼ୋଶୀମାନେ ନିଆଁରେ ଘିଅ ଢାଳିଲା ଭଳି କଥା କହି ପରିସ୍ଥିତିକୁ ବଢାଇ ଦେଇପାରନ୍ତି। ସ୍ନାୟବିକ ଦୁର୍ବଳତା ଅନୁଭବ କରିବେ,ଫଳରେ କାମ ପ୍ରତି ସ୍ପୃହା ରହିବ ନାହିଁ। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ।

# କଂଗ୍ରେସ ଛାଡ଼ିପାରନ୍ତି ହରିଶ ରାୱତ୍

## ଦଳ ସହଯୋଗ କରୁ ନ ଥିବା ଅଭିଯୋଗ ଆଣିଲେ

ଡେରାଡୁନ୍, ୨୨।୧୨

ଆସନ୍ତା ବର୍ଷ ଆରମ୍ଭରେ ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ କଂଗ୍ରେସର ଟ୍ରବୁଲ୍ ଶୁଟର ଭାବେ ପରିଚିତ ବରିଷ୍ଠ ନେତା ହରିଶ ରାୱତ୍ ଦଳ ପାଇଁ ସମସ୍ୟା ସୃଷ୍ଟି କରିଛନ୍ତି। ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ୭୩ ବର୍ଷୀୟ ରାୱତ୍ ଦଳରେ ନିଜକୁ ଅସହାୟ ମନେ କରିବା ସହ ଭଗବାନଙ୍କ ମାର୍ଗଦର୍ଶନ ଚାହିଁଛନ୍ତି। ସେ ବହୁତ କିଛି କରିଛନ୍ତି, ହେଲେ ଦଳ ତାଙ୍କୁ ସହଯୋଗ କରୁ ନ ଥିବା ରାୱତ୍ ଟୁଇଟ୍ କରିଛନ୍ତି। ବିଧାନସଭା ନିର୍ବାଚନ ପୂର୍ବରୁ ତାଙ୍କର ଏଭଳି ଟୁଇଟ୍ ଦଳରେ ବିଦ୍ରୋହର ସୂଚନା ଦେଉଥିବା ଚର୍ଚ୍ଚା ହେଉଛି।


ହରିଶ ରାୱତ୍

ଗାନ୍ଧୀ ପରିବାରର ଘନିଷ୍ଠ ଭାବେ ଜଣାଶୁଣା ରାୱତ୍ କାହାର ନାଁ ନ ନେଇ ତାଙ୍କୁ ଦଳରେ ଅଣଦେଖା କରାଯାଉଥିବା ଅଭିଯୋଗ କରିଛନ୍ତି। ଆଗାମୀ ନିର୍ବାଚନରେ କ୍ଷମତାକୁ ଫେରିବା ଲାଗି କଂଗ୍ରେସ ଲକ୍ଷ୍ୟ ରଖିଥିବାବେଳେ ନିର୍ବାଚନ ସମୁଦ୍ର ପାର ହେବା ଲାଗି ସହାୟତା କରିବା ପରିବର୍ତ୍ତେ ସଂଗଠନ ତାଙ୍କଠାରୁ ମୁହଁ ଫେରାଇ ନେଉଛି କିମ୍ବା ନକାରାତ୍ମକ ଭୂମିକା ନିଭାଉଛି ବୋଲି ରାୱତ୍ ଲେଖିଛନ୍ତି। ଯେଉଁମାନେ ତାଙ୍କୁ ସହଯୋଗ କରିବେ ବୋଲି ସେ ଭାବୁଥିଲେ, ସେମାନେ ତାଙ୍କ ହାତଗୋଡ଼ ବାନ୍ଧି ଦେଇଛନ୍ତି। ମୁଁ ବହୁତ ବାଟ ଚାଲିଆସିଛି, ଏବେ ବିଶ୍ରାମ ନେବା ସମୟ ବୋଲି ସେମାନଙ୍କ କାର୍ଯ୍ୟରୁ ଅନୁଭୂତ ହେଉଥିବା ଉତ୍ତରାଖଣ୍ଡରେ କଂଗ୍ରେସ ନିର୍ବାଚନ ପ୍ରଚାରର ମୁଖ୍ୟ ହରିଶ ରାୱତ୍ କହିଛନ୍ତି।

# ସ୍ତ୍ରୀଙ୍କୁ କରୋନା, ରାଲିରେ ବ୍ୟସ୍ତ ଅଖିଳେଶ

ନୂଆଦିଲ୍ଲୀ, ୨୨।୧୨

ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ସ୍ତ୍ରୀ ତଥା ପୂର୍ବତନ ଏମ୍‌ପି ଡିମ୍ପଲ ଯାଦବ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେ ଏବେ ଆଇସୋଲେଶନରେ ଥିବା ଟୁଇଟ୍ କରି ଜଣାଇ ଏବଂ ନିକଟରେ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକେ ନିଜକୁ ପରୀକ୍ଷା କରାଇନେବାକୁ ପରାମର୍ଶ ଦେଇଛନ୍ତି। ସ୍ତ୍ରୀ କରୋନା ସଂକ୍ରମିତ ହୋଇଥିବା ସତ୍ତ୍ୱେ ଅଖିଳେଶ ନିର୍ବାଚନ ପ୍ରଚାରରେ ବ୍ୟସ୍ତ ରହିଛନ୍ତି। ଗୁରୁବାର ଆଲିଗଡ଼ଠାରେ ଅନୁଷ୍ଠିତ ହେବାକୁ ଥିବା ରାଲିରେ ତାଙ୍କ ସହ ରାଷ୍ଟ୍ରୀୟ ଲୋକ ଦଳ ନେତା ଜୟନ୍ତ ଚୌଧରୀ ଯୋଗଦେବେ। ଗତ ରବିବାର ଅଖିଳେଶ ଲକ୍ଷ୍ନୌରେ ଏକ ଜନସଭାରେ


ଉଦ୍‌ବୋଧନ ଦେଉଛନ୍ତି ଅଖିଳେଶ ଯାଦବ।

ଯୋଗଦେଇଥିଲେ। ସୋମବାରଠାରୁ ସେ ପଶ୍ଚିମ ଉତ୍ତରପ୍ରଦେଶରେ ନିର୍ବାଚନ ପ୍ରଚାରରେ ବ୍ୟସ୍ତ ରହିଛନ୍ତି। ଏପର୍ଯ୍ୟନ୍ତ ଅଖିଳେଶ କୋଭିଡ୍ ଟିକା ନେଇନାହାନ୍ତି। ଟିକା ସାର୍ଟିଫିକେଟରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋ ହଟିଲେ ସେ ଟିକା ନେବେ ବୋଲି ଗତ ମାସରେ ଏକ ସାକ୍ଷାତ୍‌କାରରେ କହିଥିଲେ।

# ‘ଧାନକିଣା ଅବ୍ୟବସ୍ଥା, ଦୁର୍ନୀତି ରୋକିବାକୁ ପଦକ୍ଷେପ ନିଅ’


ନୂଆଦିଲ୍ଲୀଠାରେ ରାଜ୍ୟ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ବୁଧବାର କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଭେଟୁଛନ୍ତି। ନିକଟରେ ଉପସ୍ଥିତ ଅଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅଶ୍ୱିନୀ ବୈଷ୍ଣବ।

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ରାଜ୍ୟ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ବୁଧବାର କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଭେଟିଛନ୍ତି। ଓଡ଼ିଶାରେ ଧାନ ସଂଗ୍ରହରେ ରାଜ୍ୟ ସରକାରଙ୍କ ଦ୍ୱାରା ଦୁର୍ନୀତି ଏବଂ ଚାଲିଥିବା ଅବ୍ୟବସ୍ଥାକୁ ରୋକିବା ଲାଗି ନିର୍ଦ୍ଦେଶ ଦେବାକୁ ସେମାନେ ଗୋୟଲଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି। ଏକ ସ୍ମାରକପତ୍ର ଜରିଆରେ ଭାଜପା ଏମ୍‌ପିମାନେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଚାଷୀଙ୍କ ଆୟକୁ ୨ ଗୁଣା କରିବା ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି। ଠିକ୍ ସମୟରେ ଚାଷୀଙ୍କ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ କିଣା ହେବା, ଠିକ୍ ସମୟରେ ଚାଷୀଙ୍କୁ ସେମାନଙ୍କ ବିକ୍ରି ଟଙ୍କା ମିଳିବା ନେଇ ସୁନିଶ୍ଚିତ କରାଯାଇଛି। କେନ୍ଦ୍ର ସରକାରଙ୍କ ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବିଭାଗ (ଡିଏଫ୍‌ପିଡି) ବିକେନ୍ଦ୍ରୀକରଣ ସଂଗ୍ରହ ପ୍ରକ୍ରିୟା ସ୍ଥାନୀୟ ଧାନକିଣାକୁ ପ୍ରୋତ୍ସାହିତ କରୁଛି । ଫଳରେ ସ୍ଥାନୀୟ ଚାଷୀମାନେ ଏମ୍‌ଏସ୍‌ପି ଦ୍ୱାରା ଲାଭବାନ୍ ହେଉଛନ୍ତି। ମାତ୍ର ଓଡ଼ିଶାରେ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ରାଜ୍ୟର ଚାଷୀଙ୍କ କଷ୍ଟକୁ ବଢ଼ାଇ ଦେଇଛି। ଏହି ସମସ୍ୟା ନେଇ ଭାଜପା ଏମ୍‌ପିମାନେ ଚଳିତବର୍ଷ ମାର୍ଚ୍ଚ ୧୬ରେ ରାଜ୍ୟରେ ଖାଉଟି ବ୍ୟାପାର ଏବଂ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କୁ ସାକ୍ଷାତ୍ କରିଥିଲେ । ଏହାପରେ ବିଭାଗୀୟ ମନ୍ତ୍ରଣାଳୟ ପକ୍ଷରୁ ଅତିରିକ୍ତ ସଚିବଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଧାନକିଣା ବ୍ୟବସ୍ଥା ନେଇ ତଦନ୍ତ କରାଯାଇଥିଲା। ଓଡ଼ିଶାରେ ଧାନ ସଂଗ୍ରହ ପ୍ରକ୍ରିୟା, ପ୍ରଚଳିତ ବ୍ୟବସ୍ଥା ଏବଂ ବିଭିନ୍ନ ସମସ୍ୟା ନେଇ ଗତ ମାର୍ଚ୍ଚ ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ତଦନ୍ତକାରୀ ଦଳ ପକ୍ଷରୁ ବିଭିନ୍ନ ଜିଲା ପ୍ରଦର୍ଶନ କରାଯିବା ସହ ରାଜ୍ୟ ସରକାରଙ୍କୁ କିଛି ସୁପାରିସ ସହ ପରାମର୍ଶ ଦିଆଯାଇଥିଲା। ମାତ୍ର ଏହି ପରାମର୍ଶକୁ ରାଜ୍ୟ ସରକାର ଅଣଦେଖା କରିଥିବା ବେଳେ ଏହାକୁ ପାଳନ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ପ୍ରତିନିଧି ଦଳ ଗୋୟଲଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଛନ୍ତି।

ରାଜ୍ୟ ସରକାର ସମ୍ପୂର୍ଣ୍ଣ ଡିଜିଟାଲାଇଜେଶନ କହୁଥିଲେ ମଧ୍ୟ ଧାନକିଣା ବ୍ୟବସ୍ଥାରେ ଆଂଶିକ ଡିଜିଟାଲାଇଜେଶନ ହୋଇଛି। ଗୁଣାତ୍ମକ ମାନ ଯାଞ୍ଚ କରିବା ପଦ୍ଧତିକୁ ମଧ୍ୟ ମାନୁଆଲି ତଥା ଜାଣିଶୁଣି କରାଯାଉଛି। ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ନ ଥିବା କାରଣରୁ ଚାଷୀ ମଣ୍ଡି ମାଫିଆଙ୍କ ଦ୍ୱାରା ଲୁଟ୍‌ର ଶିକାର ହେଉଛନ୍ତି। ଧାନର ଗୁଣବତ୍ତା ନିୟନ୍ତ୍ରଣ କରିବା ପାଇଁ ଚୁକ୍ତିଭିତ୍ତିକ ଭାବେ ଅଧିକାରୀ ବା କ୍ୱାଲିଟି କଣ୍ଟ୍ରୋଲ ଇନ୍‌ସ୍ପେକ୍ଟରଙ୍କୁ ନିୟୋଜିତ କରାଯାଇଛ, ଯେଉଁମାନେ ନିଜ ଇଚ୍ଛା ମୁତାବକ କ୍ୱାଲିଟି ପାରାମିଟରକୁ ପୂରଣ କରନ୍ତି। ସମଗ୍ର କ୍ରୟ ପ୍ରକ୍ରିୟା ମିଲରମାନଙ୍କ ଇଚ୍ଛା ଅନୁଯାୟୀ ପରିଚାଳିତ ହେଉଛି। ଆଶ୍ଚର୍ଯ୍ୟର ବିଷୟ ହେଉଛି, ବ୍ୟବହୃତ ବସ୍ତା, ଧାନର ପରିବହନ, ଲୋଡିଂ ଏବଂ ମଣ୍ଡି ପରିଚାଳନା ପାଇଁ ରାଜ୍ୟ ସରକାର ମିଲରମାନଙ୍କୁ ଦାୟିତ୍ୱ ଦେଇଛନ୍ତି। ଏହା ଭାରତ ସରକାରଙ୍କ ଦ୍ୱାରା ଇ-ଟେଣ୍ଡର ମାଧ୍ୟମରେ ଧାନର ପରିବହନ ମୂଲ୍ୟ ଏବଂ ପରିବହନ ଦର ନିର୍ଦ୍ଧାରଣ ପାଇଁ ଏସ୍‌ଓଆର୍ ନିୟମର ଉଲ୍ଲଂଘନ କରୁଛି। ରାଜ୍ୟ ସରକାରଙ୍କ ମଣ୍ଡିକୁ ସୁବ୍ୟବସ୍ଥିତ କରିବାରେ ଅପାରଗତା ତଥା ମିଲରମାନଙ୍କ ଉପରେ ଅଧିକ ନିର୍ଭରତା ଯୋଗୁ ଏମ୍‌ଏସ୍‌ପିକୁ ସୁନିଶ୍ଚିତ କରିବାରେ ବିଫଳ ହେଉଛନ୍ତି। ଟୋକନ ମଧ୍ୟ ନଷ୍ଟ ହେଉଛି। ଏହିସବୁ କାରଣରୁ ରାଜ୍ୟର ଚାଷୀମାନେ ବର୍ତ୍ତମାନ ହତାଶରେ ଅଛନ୍ତି ବୋଲି ଉଲ୍ଲେଖ କରିଛନ୍ତି ।

# ପକେଇଥିବା ଛେପ ଢୋକିଲେ ସରକାର: ଭାଜପା

ଭୁବନେଶ୍ୱର, ୨୨।୧୨(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଆଉ ଏକ ଯୋଜନାବଦ୍ଧ ଷଡଯନ୍ତ୍ର ଧରାପଡିଛି। ପଞ୍ଚାୟତ ନିର୍ବାଚନ ପାଇଁ ପ୍ରକାଶିତ ହୋଇଥିବା ତ୍ରୁଟିପୂର୍ଣ୍ଣ ସଂରକ୍ଷଣ ବିଜ୍ଞପ୍ତିକୁ ବୁଧବାର ପ୍ରତ୍ୟାହାର କରି ରାଜ୍ୟ ସରକାର ପକେଇଥିବା ଛେପକୁ ଢୋକିଛନ୍ତି ବୋଲି ରାଜ୍ୟ ଭାଜପା ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ ବୁଧବାର ଅଭିଯୋଗ କରିଛନ୍ତି।

ସୁରଥ କହିଛନ୍ତି ଯେ, ବିଚାର ବ୍ୟବସ୍ଥା ହେଉଛି ଗଣତନ୍ତ୍ରର ଜାଗ୍ରତ ପ୍ରହରୀ। ଯେଉଁ ଅଭିଯୋଗ ଅତୀତରେ ଭାଜପା ସହ ଅନ୍ୟ ଜାତିବର୍ଗ ସଙ୍ଗଠନଗୁଡିକ ବାରମ୍ବାର ଦାବୀ କରିଆସୁଥିଲେ ମଧ୍ୟ ରାଜ୍ୟ ସରକାର ତାକୁ ମାନୁ ନ ଥିଲେ ବର୍ତ୍ତମାନ କୋର୍ଟ ତାହା ସ୍ୱୀକାର କରିଛନ୍ତି। ପଛୁଆ ବର୍ଗଙ୍କୁ ୨୭ ପ୍ରତିଶତ ପର୍ଯ୍ୟନ୍ତ ସଂରକ୍ଷଣ ଦିଆଯିବ ବୋଲି କହୁଥିବା ରାଜ୍ୟ ସରକାର ମାତ୍ର ୧୨ ପ୍ରତିଶତରେ ସୀମିତ ରଖିଥିଲେ। କଳାହାଣ୍ଡି, ସମ୍ବଲପୁର, ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ଗଜପତି, ରାୟଗଡ଼ା, ଝାରସୁଗୁଡ଼ା ଭଳି ୮ ଜିଲାରେ ଓବିସି ବର୍ଗଙ୍କ ପାଇଁ ଆଦୌ ସଂରକ୍ଷଣ ବ୍ୟବସ୍ଥା ନ ଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-2431 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.5381/OSIC/MKT Dt.20.12.2021

The OSIC Ltd., Cuttack invites sealed bids from experienced Manufactures for supply of Furniture to the Hostels of the Govt. College, Sundargarh. The detail schedules, terms and conditions of the tender document along with the quantity of requirement can be downloaded from www.osicltd.in . Any corrigendum/changes/modifications will appear in OSIC Ltd. Website: www.osicltd.in only and all tenders are to refer to above website.

By order of MD
Sd/-Manager(Mktg)
OIPR-14073/11/0080/2122

“ଜାତୀୟ ତାଳଗୁଡ଼ ଦିବସ”
ଏବଂ
ନୂତନ “ତାଳଗୁଡ଼ ଭବନ”ର ଶୁଭ ଉଦ୍‌ଘାଟନ ଉପଲକ୍ଷେ
ଓଡ଼ିଶା ରାଜ୍ୟ ତାଳଗୁଡ଼ ସମବାୟ ସଂଘ ଲିଃ ପରିବାର ତରଫରୁ ସଂଘ ସହିତ ସଂପୃକ୍ତ ସମସ୍ତ କାରିଗର, କର୍ମଚାରୀ ଓ ଶୁଭେଚ୍ଛୁମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।
“ସହଯୋଗ ହିଁ ଯୁଗଧର୍ମ”
ଚିଦାନନ୍ଦ ମିଶ୍ର, ପରିଚାଳନା ନିର୍ଦ୍ଦେଶକ
ମହମ୍ମଦ ସାଦିକ୍ ଆଲାମ୍ (ଭା.ପ୍ର.ସେ.), ଶିଳ୍ପ ନିର୍ଦ୍ଦେଶକ, ଓଡ଼ିଶା-ତଥା-ପ୍ରଶାସକ

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-2433 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.5395/RE/OSIC Dt.21.12.2021

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for **Construction of Smart Park and Model Crematorium in Choudwar Municipality.** Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website www.osicltd.in only.

Sd/-
MANAGING DIRECTOR
OIPR-14073/11/0083/2122

**DISTRICT PROJECT OFFICE**
**SAMAGRA SIKHYA, NABARANGPUR**
No. 3479/Plg/21 Date: 21.12.2021

**QUOTATION CALL NOTICE FOR PRINTING & SUPPLY OF SSP & SDP FORMAT**

Sealed quotations are invited in prescribed format from the registered offset printers having valid GST Registration/PAN for printing and supply of SSP & SDP formats. The terms and conditions for printing of SSP & SDP formats can be downloaded from the official website http://www.OSEPA.odisha.gov.in and http://www.nabarangpur.nic.in.

By the Order of Collector-cum-Chairman
Sd./- DEO-cum-Dist. Project Coordinator
Samagra Sikhya, Nabarangpur

# ମହିଳା କଂଗ୍ରେସର ଜିଲା ଦାୟିତ୍ୱ ବଣ୍ଟନ

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

ତୃଣମୂଳ ସ୍ତରରେ ସଂଗଠନକୁ ସୁଦୃଢ଼ ଓ କ୍ରିୟାଶୀଳ କରିବା ପାଇଁ ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ କମିଟି ପକ୍ଷରୁ ସମସ୍ତ ଜିଲାପାଇଁ ଦାୟିତ୍ୱ ବଣ୍ଟନ କରାଯାଇଛି। କମିଟି ସଭାପତି ବନ୍ଦିତା ପରିଡ଼ା ଉପ-ସଭାପତି, ସାଧାରଣ ସମ୍ପାଦିକା ଓ ସମ୍ପାଦିକାଙ୍କୁ ବିଭିନ୍ନ ଜିଲା ଦାୟିତ୍ୱ ବଣ୍ଟନ କରିଛନ୍ତି। ନୂଆପଡ଼ା ଓ ରାୟଗଡ଼ା ଜିଲା ନିମନ୍ତେ ଉପସଭାପତି ମୋତି କୈବର୍ତ୍ତ ଓ ସାଧାରଣ ସମ୍ପାଦିକା ମାଣିକ ସୁନାଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ ମାଲକାନାଗିରି ଓ କୋରାପୁଟ ଜିଲା ପାଇଁ ଉପସଭାପତି ଆଇଶା ବାନୁ, ସମ୍ପାଦିକା ଗୀତାରାଣୀ ସାମନ୍ତ, ପୁରୀ ଓ ଖୋର୍ଦ୍ଧା ଜିଲା ପାଇଁ ଉପସଭାପତି କୁସୁମ ପ୍ରଧାନ ଓ ସମ୍ପାଦିକା ବୈଶାଳୀ ବେହେରା, ଗଜପତି ଓ ନୟାଗଡ଼ ପାଇଁ ଉପସଭାପତି ସ୍ୱରୂପା ତ୍ରିପାଠୀ ଓ ସମ୍ପାଦିକା ଅନିତା ମଲ୍ଲିକ, କେନ୍ଦ୍ରାପଡ଼ା ଓ ଭଦ୍ରକ ପାଇଁ ଉପସଭାପତି କନକଲତା ମଲ୍ଲିକ ଓ ସମ୍ପାଦିକା ଉର୍ବଶୀ ମିଶ୍ର, ଯାଜପୁର ଓ ଜଗତ୍‌ସିଂପୁର ଜିଲା ପାଇଁ ଉପସଭାପତି ଚୌଧୁରୀ ସ୍ନେହଲତା ରାୟ ଓ ସମ୍ପାଦିକା କିରଣବାଳା ମହାନ୍ତି, ଢେଙ୍କାନାଳ ଓ ବରଗଡ଼ ପାଇଁ ଉପସଭାପତି ଚାରୁଲତା ସାହୁ ଓ ସମ୍ପାଦିକା ଆଶା ମିନ୍‌ଜ, କେନ୍ଦୁଝର ଓ ବାଲେଶ୍ୱର ପାଇଁ ଉପସଭାପତି ନିରୁପମା ଦାସ ଓ ସମ୍ପାଦିକା ମୋନାଲିସା ଦାସ, ସମ୍ବଲପୁର ଓ ରାଉରକେଲା ପାଇଁ ଉପସଭାପତି ସବିତା ଧୀର ଓ ସମ୍ପାଦିକା ସ୍ୱର୍ଣ୍ଣଲତା ବାଆଁରା, ସୁନ୍ଦରଗଡ଼ ଓ ଦେବଗଡ଼ ପାଇଁ ଉପସଭାପତି ରୂପାଦୀପ୍ତା ମହାପାତ୍ର ଓ ସମ୍ପାଦିକା କଲ୍ୟାଣୀ ପୂର୍ତ୍ତି ଓ କଟକ ଜିଲା ପାଇଁ ସାଧାରଣ ସମ୍ପାଦିକା ଦିପ୍ତିରାଣୀ ପ୍ରଧାନ ଓ ସମ୍ପାଦିକା ଶ୍ରିୟାସ୍ମିତା ପଣ୍ଡାଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିଭଳି ଅନ୍ୟ ସମସ୍ତ ଜିଲା ପାଇଁ ଦାୟିତ୍ୱ ଦିଆଯାଇଥିବା ସଭାପତି ପରିଡ଼ା ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

**ଦ.ପୂ. ରେଳପଥ ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଲେକ୍ଟ୍ରିକାଲ), ଚକ୍ରଧରପୁର, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ‘‘ଦୁଇ ପ୍ୟାକେଟ୍ ପ୍ରଣାଳୀ’’ (ପ୍ୟାକେଟ୍-I: ଟେକ୍ନିକାଲ ବିଡ୍ ଏବଂ ପ୍ୟାକେଟ୍-II: ଫାଇନାନ୍ସିଆଲ ବିଡ୍)ରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ.; ଇ-ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ ନିମ୍ନ ଅନୁଯାୟୀ ହେବ:** (୧); ଆର୍‌ଏସ୍‌ଓ-ସିକେପି-ଆର୍‌ଆର୍-ବିଏନ୍‌ଡିଏମ୍-୧୪; ୧୦୯୬ ଦିନ ପାଇଁ ବିଏନ୍‌ଡିଏମ୍‌ଠାରେ ରନିଂ ରୁମ୍‌ର ଦେଖାରଖା; ୭୪,୯୯,୯୬୧.୫୦ । (୨); ଆର୍‌ଏସ୍‌ଓ-ଆର୍‌ଆର୍-ସରଡେଗା-୧୫; ୧୦୯୬ ଦିନ ପାଇଁ ସରଡେଗା/ଏମ୍‌ସିଏଲ୍ ସାଇଡିଂଠାରେ ଆର୍‌ଜି. ରୁମ୍‌ର ଦେଖାରଖା; ୭୭,୬୦,୪୩୪.୬୯ **ଇ.ଏମ୍.ଡି.:** ପ୍ରତ୍ୟେକ ପାଇଁ ଶୂନ୍ୟ । **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୫,୦୦୦/-। **ଇ-ଟେଣ୍ଡର ଖୋଲାଯିବା ସ୍ଥାନ:** ପ୍ରତ୍ୟେକ ପାଇଁ ସିନିୟର ଡିଇଇ (ଓପି)/ସିକେପି, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ । **ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** ପ୍ରତ୍ୟେକ ପାଇଁ ତା୧୦।୦୧।୨୦୨୨ରିଖ ୧୫.୦୦ ଘଣ୍ଟିକା । **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ପ୍ରତ୍ୟେକ ପାଇଁ ତା୧୦।୦୧।୨୦୨୨ରିଖ ୧୫.୩୦ ଘଣ୍ଟିକା । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡର୍‌ମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ତତ୍‌ସମ୍ପର୍କିତ ସମସ୍ତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ।

PR-506

**OFFICE OF THE DISTRICT PROJECT COORDINATOR**
**SAMAGRA SIKSHA, SUBARNAPUR**
E-mail- dpcsonepurssa.opepa@nic.in Phone-06654-220551/220514

**INVITATIONS FOR BIDS (I.F.B.) e-Procurement Notice**

IFB- SS/Civil/SNP/01 of 2021-22 Dated- 21.12.2021

The DISTRICT PROJECT COORDINATOR, SAMAGRA SIKSHA, SUBARNAPUR on behalf of Collector, Subarnapur invites percentage Rate bids in Double Cover System for the construction of Six Nos. KGBV hostel at existing hostel campus.

| | | |
|---|---|---|
| 1 | Type of Work: | 06- Nos. of KGBV Hostel Buildings |
| 2 | Estimated Cost | As per D.T.C.N. |
| 3 | Period of Completion | 09- Calendar Months |
| 4 | Date and Time of Bidding | 23.12.2021 after 11.00 AM |
| 5 | Last date & Time for receipt online | 06.01.2022 upto 5.00 PM |
| 6 | The Bid receipt shall be opened on | 10.01.2022 at 11.00 AM |
| 7 | Name & address of the O.I.T. | D.P.C., Samagra Shiksha, Subarnapur |

Further details can be seen in the website https://tendersodisha.gov.in only.

Sd./- District Project Coordinator,
Samagra Siksha, Subarnapur

GOVERNMENT OF ODISHA, “e”-PROCUREMENT NOTICE
**OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA**
**WORKS DEPARTMENT**
**Tender Call Notice**
E-mail: rbcirclekhurda@gmail.com

**Bid Identification No. CCE-Khordha (R&B) Circle-16/2021-22 Memo No - 1852 Dt.20.12.2021**

No. B-874:- The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Road work as detailed in the table below:

1. Nature of Work : Road Works
2. No. of Work : 5 Nos.
3. Tender Cost : Rs.10000.00 (On-Line)
4. Class of Contractor : A Class, B Class and Special Class
5. Available of Bid document in the Website : From 10.00 AM of Dt.31.12.2021 to 05.00 PM of Dt.15.01.2022
6. Last Date of receipt of tender : Dt. 15.01.2022 up to 5.00 PM
7. Date of opening of Bid : Dt. 17.01.2022 at 11.30 AM
8. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website.

Chief Construction Engineer,
Khordha (R&B) Circle, Khordha
OIPR-34127/11/0025/2122

**NOTICE INVITING TENDER**

No. 2551 Dated: 18.12.2021

The NAC Gopalpur invites sealed quotations from Intending Organizations for lease of the following Sairat of NAC Gopalpur for the period as mentioned against each Sairat listed below. Interested Organizations can apply on or before 12.30 P.M. of 27.12.2021, at the office of the undersigned on official working days and time. The details of the Sairat proposed to be leased are listed below.

| Sl. No. | Name of the Sairat | Place | Unit | Rate | Period of Lease | Remarks |
|---|---|---|---|---|---|---|
| 1 | Hoarding (20 × 10”) | 1. Near Sea Beach 2. Near Rohin Chaka 3. Near Sandha Chaka | 1 | 7260.00 | January 2022 to December 2022 | |
| 2 | Pole Kiosk (4 × 2) | 1. From Police Station to Gopalpur College 2. From Designation Center to Four-wheeler Parking | 1 | 1265.00 | January 2022 to December 2022 | |

**TERMS & CONDITIONS:**
1. Party should obey Hon’ble Supreme Court Guidelines and District Administration.
2. The hoarding should not croate vehicular traffic.
3. Size must be 4” × 2” and height 11 pits feet.
4. The hoarding could be demolished at any time without any notice.
5. Advertisement will be removed in case office desired.

Sd./- Executive Officer, NAC, Gopalpur

**GOVERNMENT OF ODISHA** No.B-857
**OFFICE OF THE CHIEF CONSTRUCTION ENGINEER, JEYPORE (R&B) CIRCLE, JEYPORE**
e-mail ID- supenger_rbjyp@yahoo.co.in; Phone No.- 06854-231528

**INVITATIONS FOR BIDS (IFB)**

**Bid Identification No. C.C.E.J.C. (R&B)- 19/2021-22**
No. 5616 Date: 20.12.2021

| | | |
|---|---|---|
| 1. | Nature of the work: | BUILDING WORKS |
| 2. | Total No. of Works: | 04 (Four) Nos. |
| 3. | Estimated Cost: | Rs.117.04 Lakhs to 192.18 Lakhs |
| 4. | Period of completion: | 07 (Seven) Months to 09 (Nine) Months. |
| 5. | Cost of Bid Document | Rs.10,000/- Each |
| 6. | Bid Security (EMD): | Bid Security declaration (Schedule-K) |
| 7. | Class of Contractor | “B” & “A” Class according to work |
| 8. | Date & time of availability of bid document in the portal: | From 11.00 hours of 30.12.2021 to 17.00 hours of 10.01.2022 |
| 9. | Last date / Time for receipt of bids in the Portal: | 17.00 hours of 10.01.2022 |
| 10. | Opening date of Bid: | 10.00 hours of 11.01.2022 |
| 11. | Name and address of the Officer Inviting Bid: | Chief Construction Engineer, Jeypore (R&B) Circle, Jeypore |

Further details can be seen from the e-procurement portal https://tendersodisha.gov.in. Any addendum/corrigendum/cancellaton of tender can also be seen in the said website only.

Sd./- Chief Construction Engineer,
Jeypore (R&B) Circle, Jeypore
OIPR-34108/11/0024/2122

**OFFICE OF THE CHIEF DISTRICT MEDICAL & PH OFFICER, NAYAGARH**
**TENDER CALL NOTICE**

Adv.No.01 Date: 23.12.2021

Sealed tenders are invited from the Registered Suppliers / Distributors / Firms for supply of **DRUGS & MEDICAL CONSUMABLES AND LABORATORY CHEMICALS & REAGENTS** for Nayagarh District for the year 2021-22 (the rate of tender will be valid for one year from the date of the finalisation of tender or till inviting of next tender whicherver is earlier).

The sealed tenders should reach at O/o CDM&PHO, Nayagarh in any working day by 24.01.2022 till 5.00 P.M. along with all required documents by Speed Post / Regd. Post/ Courier only by superscribing on the top of the envelope **“TENDER FOR SUPPLY OF DRUGS & MEDICAL CONSUMABLES AND LABORATORY CHEMICALS & REAGENTS”**. The tender will be opened on at 10.00 A.M. in the office of the undersigned in presence of the bidders/ authorised representative of the quotationers. Details regarding items and terms & conditions may be downloaded from www.nayagarh.nic.in. The undersigned reserves the right to accept or reject any or all the quotations without assigning any reason thereof.

Sd./- Chief District Medical & PH Officer
Nayagarh

See Career Appointment on every Wednesday & Saturday

> ଅତିମାନସ ସତ୍ୟ-ଚେତନାର ସମ୍ମୁଖରେ ପୃଥିବୀର ଅନ୍ଧକାର ତିଷ୍ଠି ରହିପାରିବ ନାହିଁ। କାରଣ, ଏହା ପରମ ପୁରୁଷଙ୍କର ପର୍ଯ୍ୟାପ୍ତ ସର୍ବଜ୍ଞାନମୟ ଜ୍ୟୋତି ଏବଂ ସର୍ବ ସାମର୍ଥ୍ୟପୂର୍ଣ୍ଣ ଶକ୍ତିକୁ ପୃଥିବୀ ମଧ୍ୟରେ ବିଜୟ ହାସଲ ନିମିତ୍ତ ଉତାରି ଆଣିପାରେ। -ଶ୍ରୀମା

# ଡିଜିଟାଲାଇଜିଂ ସହାୟତାର ବିପଦ



ବେକୀ ଫେଥ୍

ଡିଜିଟାଲ ସିଷ୍ଟମଗୁଡ଼ିକ ବିକାଶ ଏବଂ ମାନବୀୟ କାର୍ଯ୍ୟକଳାପ ଲାଗି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ସେଗୁଡ଼ିକ ବିଶ୍ୱର ସବୁଠୁ ବିପଜ୍ଜନକ ଅବସ୍ଥାରେ ରହୁଥିବା ଗୋଷ୍ଠୀସମୂହଙ୍କୁ ଆଗକୁ ବିପଦରେ ପକାଇପାରେ ବୋଲି ଅନୁମାନ କରାଯାଉଛି। ନିକଟରେ ଆଫଗାନିସ୍ତାନରେ ଏଭଳି ବିପଦଗୁଡ଼ିକର ଦୃଷ୍ଟାନ୍ତ ଦେଖିବାକୁ ମିଳିଛି। ଇଂଲଣ୍ଡର ପ୍ରତିରକ୍ଷା ବିଭାଗ ଦୁଇଟି ପୃଥକ ଡାଟା ସୁରକ୍ଷା ଉଲ୍ଲଂଘନରେ ସାମିଲ ଥିଲା ବୋଲି ସେପ୍ଟେମ୍ବରରେ ପ୍ରକାଶ ପାଇଥିଲା। ମୁଖ୍ୟତଃ ଆଫଗାନ୍ ପୁନର୍ଗଠନ ଏବଂ ସହାୟତା ନୀତି କାର୍ଯ୍ୟକ୍ରମରେ ଭାଗ ନେଇଥିବା ଇଂଲଣ୍ଡର ସୁରକ୍ଷା ବଳ ଓ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସମ୍ଭବତଃ ଏହା କରାଯାଇଥିଲା। ଏବେ ତାଲିବାନ୍‌ମାନେ ଡିଜିଟାଲ ପରିଚୟ ପତ୍ର ପାଇଁ ଅନ୍ତର୍ରାଷ୍ଟ୍ରୀୟ ସହାୟତାରେ ନିର୍ମାଣ କରାଯାଇଥିବା ଡିଜିଟାଲ ସିଷ୍ଟମଗୁଡ଼ିକୁ ନିୟନ୍ତ୍ରଣ କରୁଛନ୍ତି। ତାଲିବାନ୍‌ଙ୍କୁ ସର୍ଭର ରୁମ୍‌ର ଚାବି ଦିଆଯାଇଛି ବୋଲି ୟୁନାଇଟେଡ୍ ନେଶନ୍ସ ହାଇ କମିଶନର ଫର୍ ରିଫ୍ୟୁଜିସ (ୟୁଏନ୍‌ଏଚ୍‌ସିଆର)ର ଜଣେ ପୂର୍ବତନ ଅଧିକାରୀ କହିଥିଲେ। ଆଫ୍‌ଗାନିସ୍ତାନରେ ପ୍ରଚଳିତ ଡିଜିଟାଲ ପରିଚୟପତ୍ର 'ତାଜକିରା'ରେ ପ୍ରଦତ୍ତ ତଥ୍ୟକୁ ଭିତ୍ତି କରି ଏଥ୍‌ନିକ ଗ୍ରୁପଗୁଡ଼ିକୁ ଆକ୍ରମଣ କରିବା ଲାଗି ବ୍ୟବହାର କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି।

ମାନବୀୟ ସଙ୍କଟ ସମୟରେ ଆର୍ଥିକ ସହାୟତା ଯୋଗାଇଦେବା ଲାଗି ଦାୟିତ୍ୱ ନେଇଥିବା ବିଭିନ୍ନ ସଂଗଠନ ଓ ସରକାରଗୁଡ଼ିକ ଡାଟା ସୁରକ୍ଷା ପାଇଁ ଆଇନର ଆବଶ୍ୟକତାକୁ ସ୍ୱୀକାର କରନ୍ତି। କିନ୍ତୁ ଉଭୟ ଡାଟା ସୁରକ୍ଷା ସମ୍ପର୍କିତ ବିଶେଷ ଜ୍ଞାନ ଏବଂ ସାମାଜିକ ସୁରକ୍ଷା ସିଷ୍ଟମ୍ ଉପରେ ଜ୍ଞାନ ଥିବା କର୍ମଚାରୀ ପାଇବା କଷ୍ଟକର ଏବଂ ଏହା ବ୍ୟୟବହୁଳ। ସହାୟତା କାର୍ଯ୍ୟରେ ଡାଟା ପରିଚାଳିତ ସିଷ୍ଟମ୍ ଆରମ୍ଭ କରାଯାଇଥିବାରୁ ଟେକ୍‌ନୋଲୋଜି ଯୋଗାଣକାରୀ ସଂସ୍ଥା, ସରକାର ଏବଂ ସାମାଜିକ, ଅର୍ଥନୈତିକ, ରାଜନୈତିକ ବାଧା ଯୋଗୁ ବିପଦରେ ଥିବା ଲୋକମାନଙ୍କ ମଧ୍ୟରେ ଅତ୍ୟଧିକ ଅସନ୍ତୁଳନ ସୃଷ୍ଟି ହେବା ଯଥେଷ୍ଟ ସମ୍ଭାବନା ରହିଛି। ଏହି କ୍ଷେତ୍ରରେ ପ୍ରାଇଭେଟ୍ ସେକ୍ଟର କମ୍ପାନୀଗୁଡ଼ିକର ସମ୍ପୃକ୍ତିକୁ ଆଗକୁ ନେଉଥିବା ବ୍ୟାବସାୟିକ ପଦକ୍ଷେପଗୁଡ଼ିକ ବହୁ ସମୟରେ ପ୍ରତିକୂଳ ସ୍ଥିତିରେ ରହୁଛନ୍ତି। ଡାଟା ବା ତଥ୍ୟ ସଂଗ୍ରହ ଏବଂ ବ୍ୟକ୍ତିଗତ ତଥ୍ୟ ଶେୟାରିଂ ସିଷ୍ଟମ୍ ଲୋକମାନଙ୍କୁ ବିପଦରେ ପକାଇବା ଉଚିତ ନୁହେଁ। କିନ୍ତୁ ସମ୍ବେଦନଶୀଳ ଡାଟା ବାହାରକୁ ପ୍ରକାଶ କରିବାରେ ସହାୟତା ଯୋଗାଣକାରୀ ଗ୍ରୁପଗୁଡ଼ିକ ମଧ୍ୟ ଦାୟୀ। ୪ ବର୍ଷ ପୂର୍ବେ ୟୁଏନ୍‌ଏଚ୍‌ସିଆର୍ ବାଂଲାଦେଶରେ ରୋହିଙ୍ଗ୍ୟା ଶରଣାର୍ଥୀମାନଙ୍କ ବାୟୋମେଟ୍ରିକ ଡାଟା ସମେତ ବ୍ୟକ୍ତିଗତ ତଥ୍ୟ ସଂଗ୍ରହ କରିଥିଲା । ହେଲେ ତା' ନିଜ ନୀତି ଉଲ୍ଲଂଘନ କରି ଏହାକୁ ମ୍ୟାନ୍‌ମାର ସରକାରଙ୍କୁ ଶେୟାର କରିଥିଲା। ସମ୍ଭାବ୍ୟ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବାକୁ ଚାହୁଁଥିବା ଲୋକମାନଙ୍କ ଉପରେ ଯାଞ୍ଚ କରିବା ଲାଗି ୟୁଏନ୍‌ଏଚ୍‌ସିଆର୍ ଏହି ତଥ୍ୟ ଶେୟାର କରିଥିଲା। ସେହିଭଳି ନିକଟରେ ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ୍ (ଡବ୍ଲ୍ୟୁଏଫ୍‌ପି) ଇରାକ୍, ନାମ୍ବିଆ ଏବଂ ନାଇଜେରିଆରେ ଡିଜିଟାଲ ସହାୟତା ସେବା ବ୍ୟବସ୍ଥାର ଇଣ୍ଟରନାଲ ଅଡିଟ ରିପୋର୍ଟ ପ୍ରକାଶ ପାଇଛି। ଏଥିରୁ ଜଣାପଡ଼ିଛି ଯେ, ଡାଟା ପ୍ରିଭେସି ଓ ସୁରକ୍ଷା ନିଶ୍ଚିତ କରିବାକୁ କୌଣସି ପ୍ରୋଜେକ୍ଟ କାର୍ଯ୍ୟ କରି ନ ଥିଲା। ସେମାଲି ପବ୍ଲିକ୍ ଏଜେଣ୍ଡା ଦ୍ୱାରା କରାଯାଇଥିବା ଗବେଷଣାରୁ ଜଣାପଡ଼ିଛି, ଡାଟା ସିଷ୍ଟମକୁ ସହାୟତା ପ୍ରଦାନ କରୁଥିବା ଅନେକ ଗ୍ରୁପ୍ ଏବଂ ସରକାରଙ୍କ ଦ୍ୱାରା ସୋମାଲିଆରେ ବ୍ୟାପକ ଡାଟା ସଂଗ୍ରହ କରାଯାଇଥିବାବେଳେ ଏହି ତଥ୍ୟ କିଭଳି ଠିକ୍ ଭାବେ ନିୟନ୍ତ୍ରଣ କରାଯିବ ତାହା ନିଶ୍ଚିତ କରିବା ଲାଗି କୌଣସି ନୀତି ଗ୍ରହଣ କରାଯାଇନାହିଁ।

ଡିଜିଟାଲାଇଜେଶନର ସମର୍ଥକମାନେ ଯୁକ୍ତିବାଢନ୍ତି, ଏହା ବ୍ୟୟ କମ୍ କରିବ, ଏଥିରେ କମ୍ କ୍ଷତି ହେବ। ଏହା କିନ୍ତୁ ସତ ହୋଇ ନପାରେ। ଉଗାଣ୍ଡାର ସିଭିଲ୍ ସୋସାଇଟି ସଂଗଠନ 'ଅନ୍‌ୱାଣ୍ଟେଡ୍ ୱିଟ୍‌ନେସ୍' ପ୍ରକାଶ କରିଥିଲା ଯେ, ଉଗାଣ୍ଡାରେ ଡିଜିଟାଲ ଆଇଡି ସ୍କିମ୍ ପାଇଁ ତଥ୍ୟ ସଂଗ୍ରହ ପ୍ରକ୍ରିୟାରେ ଉଗାଣ୍ଡାର ପବ୍ଲିକ୍ ପ୍ରୋକ୍ୟୁରମେଣ୍ଟ ଆଣ୍ଡ ଡିସ୍‌ପୋଜାଲ ଅଫ୍ ପବ୍ଲିକ୍ ଆସେଟସ୍ ଆକ୍ଟ, ୨୦୦୩ ବଦଳରେ ଏକ ବର୍ଗୀକୃତ ତଥ୍ୟ ସଂଗ୍ରହ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ବର୍ଗୀକୃତ ତଥ୍ୟ ସଂଗ୍ରହ କାର୍ଯ୍ୟକ୍ରମ ପାଇଁ ତାକୁ ଢେର କ୍ଷତି ସହିବାକୁ ପଡ଼ିଥିଲା। ସେହିଭଳି ମେ'ରେ ପ୍ରକାଶିତ ଡବ୍ଲ୍ୟୁଏଫ୍‌ପିର ଏସ୍‌ସିଓପିଇ(ସ୍କୋପ୍) ପ୍ରୋଗ୍ରାମର ଆଭ୍ୟନ୍ତରୀଣ ଅଡିଟ୍‌ରୁ ଜଣାପଡ଼ିଥିଲା ଯେ, ନିକଟରେ ଆଇଟି ପ୍ରୋଜେକ୍ଟ ଏବଂ ନିବେଶର ଲାଭ ଓ କ୍ଷତିର ଆକଳନ ଠିକ୍ ଭାବେ କରିବା ଲାଗି ଏକ ସିଷ୍ଟମ୍ ଲାଗୁ କରାଯାଇଛି। ୨୦୧୦ ଦଶନ୍ଧି ପରଠାରୁ ବିଶ୍ୱରେ ହିତାଧିକାରୀ ଓ ଟ୍ରାନ୍ସଫର୍ ମ୍ୟାନେଜ୍‌ମେଣ୍ଟ ପାଇଁ ଏକ ସର୍ବବୃହତ୍ ସିଷ୍ଟମ୍ ଭାବେ ଡବ୍ଲ୍ୟୁଏଫ୍‌ପି ସ୍କୋପ୍‌କୁ ବ୍ୟବହାର କରିଆସୁଛି। ତେବେ ଏହା କେବଳ ଏକ ପୃଥକ୍ ଘଟଣା ନ ଥିଲା। ବରଂ ୨୦୧୯ରେ ସିଭିଲ୍ ସୋସାଇଟିଗୁଡ଼ିକର ଏକ ଗ୍ରୁପ୍ ଡାଟା ଆନାଲିଟିକ କମ୍ପାନୀ ପାଲାଣ୍ଟିର୍ ଏବଂ ଡବ୍ଲ୍ୟୁଏଫ୍‌ପି ମଧ୍ୟରେ ଥିବା ବିବାଦୀୟ ବୁଝାମଣାକୁ ନେଇ ଏକ ଖୋଲା ଚିଠିରେ ସେମାନଙ୍କ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ମାନବ ସେବାରେ ଜଡ଼ିତ ସଂଗଠନ ଓ ଟେକ୍‌ନୋଲୋଜି କମ୍ପାନୀଗୁଡ଼ିକ ମଧ୍ୟରେ ଡିଜିଟାଲ୍ ସିଷ୍ଟମ୍‌ରେ ତଥ୍ୟ ସଂଗ୍ରହ କରିବା ପ୍ରକ୍ରିୟାରେ ସ୍ୱଚ୍ଛତାର ଅଭାବ ରହିଛି ବୋଲି ଏଥିରେ ସତର୍କ କରିଦେଇଥିଲେ। ସାମ୍ପ୍ରତିକ ବ୍ୟବସ୍ଥାଗୁଡ଼ିକରେ ତୃତୀୟ ପକ୍ଷ ଅଡିଟ୍ ସମ୍ଭବ ନୁହେଁ ବୋଲି ଏହି ଚିଠିରେ ମଧ୍ୟ ଦର୍ଶାଯାଇଥିଲା। ଭବିଷ୍ୟତରେ ଏହି ପ୍ରକାର ସହଭାଗିତାରେ ଚାଲୁ ରହିଥିବା ତଥ୍ୟ ସଂଗ୍ରହ ପ୍ରକ୍ରିୟାର କ୍ଷତି ବିଶ୍ଳେଷଣ କରିବା ଅସମ୍ଭବ ହେବ।

ବିକାଶ ଓ ସହାୟତା କ୍ଷେତ୍ରରେ ଏବେ ସରକାରୀ ଓ ଘରୋଇ ସହଭାଗିତା ଲଗାତର ବଢୁଥିବାରୁ ଏମାନଙ୍କ ସମ୍ପର୍କ ଉପରେ ନିଶ୍ଚିତ ଭାବେ ଯାଞ୍ଚ କରିବାକୁ ପଡ଼ିବ। ଏଥିପାଇଁ କର୍ପୋରେଟ ସେକ୍ଟରଗୁଡ଼ିକର କାର୍ଯ୍ୟକଳାପ ସମ୍ପର୍କିତ ନକ୍ସା ପ୍ରସ୍ତୁତ କରିବା ପାଇଁ ଅଧିକ ଗବେଷଣା କରାଯିବା ଦରକାର। କାର୍ଯ୍ୟକଳାପରେ ସ୍ୱଚ୍ଛତା ବଢିଲେ, ସେହି ସବୁ ସହଭାଗିତା ଡିଜିଟାଲାଇଜେଶନର ଉତ୍ସାହ ବୃଦ୍ଧି କଲାଭଳି ଆର୍ଥିକ ଲାଭ ପହଞ୍ଚାଉଛନ୍ତି କି ନାହିଁ, ତାହା ଯାଞ୍ଚ କରିବାକୁ ନୀତି ନିର୍ଦ୍ଧାରକ ଏବଂ ପାଣ୍ଠି ଯୋଗାଣକାରୀମାନେ ସକ୍ଷମ ହୋଇପାରିବେ। ମାନବୀୟ ସହାୟତା ଯୋଗାଣ କ୍ଷେତ୍ର ଅଭିନବ ଡିଜିଟାଲ ଟେକ୍‌ନୋଲୋଜିଗୁଡ଼ିକ ଆବିଷ୍କାର ଓ ଉପଯୋଗ କରିବାରେ କ୍ଷମତାଶାଳୀ ଡୋନର୍ ଏବଂ ଅନ୍ୟମାନଙ୍କ ଚାପର ସମ୍ମୁଖୀନ ହେଉଛନ୍ତି। ଏଣୁ ଏଥିରୁ ବୁଝାପଡୁଛି ଯେ, ଏହି ସହାୟତାକୁ ଅଧିକ ପ୍ରଭାବୀ କରିବାର ଜରୁରୀ ଆବଶ୍ୟକତା ରହିଛି। ତାହା ଟ୍ରାଞ୍ଜାକଶନ କ୍ଷତି କମ୍ କରିବା ସହ ସହାୟତାର କାର୍ଯ୍ୟକ୍ଷମତା ବୃଦ୍ଧି କରିବ। ଦୁର୍ଗମ ଅଞ୍ଚଳରେ ରିମୋଟ୍ ଇଲେକ୍‌ଟ୍ରୋନିକ କ୍ୟାଶ୍ ଟ୍ରାନ୍ସଫର ମାଧ୍ୟମରେ ବିଭିନ୍ନ ସମୁଦାୟଗୁଡ଼ିକୁ ପାଣ୍ଠି ଯୋଗାଇବାର ଏହା ଏକ ପ୍ରକୃଷ୍ଟ ଦୃଷ୍ଟାନ୍ତ। କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ବିଶ୍ୱର ସବୁଠୁ ବିପଜ୍ଜନକ ଅବସ୍ଥାରେ ଥିବା ଜନଗୋଷ୍ଠୀଗୁଡ଼ିକର ଡିଜିଟାଲ ପରିଚୟରେ ବାସ୍ତବରେ ସେମାଙ୍କର ଲାଭ ହେବ ନାହିଁ। ଡିଜିଟାଲ ସିଷ୍ଟମରେ ସେମାନଙ୍କ ପରିଚୟ ସ୍ଥିର କରିବା ସେମାନଙ୍କ ଲାଗି ଜାତିଗତ କାରଣରୁ ବିପଦ ଆଣିବା ଆଶଙ୍କା ରହିଛି। ଏଥିପାଇଁ ସେମାନଙ୍କୁ ସରକାରଙ୍କ ନିକଟରେ ପ୍ରକଟ ହେବାକୁ ବାଧ୍ୟ କରାଯାଇପାରିବ ନାହିଁ ବୋଲି ଆମକୁ ଗ୍ୟାରେଣ୍ଟି ଦେବାକୁ ପଡ଼ିବ।

**ରିସର୍ଚ୍ଚ ଫେଲୋ ଆଣ୍ଡ ଡିଜିଟାଲ ଟେକ୍‌ନୋଲୋଜି କ୍ଲଷ୍ଟର, ଇନ୍‌ଷ୍ଟିଚ୍ୟୁଟ ଅଫ୍ ଡେଭଲପ୍‌ମେଣ୍ଟ ଷ୍ଟଡିଜ୍**

## ଏଇ ଭାରତରେ

ପରିବେଶ ସୁରକ୍ଷା ଲାଗି ଦେଶରେ ଯେଭଳି ତତ୍ପରତା ପ୍ରକାଶ ପାଉଛି ତାହା ଆଗାମୀ ଦିନ ପାଇଁ ଏକ ଶୁଭ ସଙ୍କେତ। ବିଶେଷ କରି ଟେକ୍ନୋଲୋଜି କ୍ଷେତ୍ରରେ ଏହା ପାଇଁ କରାଯାଉଥିବା ଅନେକ ପ୍ରୟାସ ମଧ୍ୟରେ ଆଇଆଇଟି ଖଡ଼ଗପୁରର ଯୋଗଦାନ ସ୍ୱୀକାର୍ଯ୍ୟ। ଏହି ଆଇଆଇଟି ଦ୍ୱାରା ନିର୍ମାଣ କରାଯାଇଛି ତିନିଚକିଆ ଅଟୋ । ଏହି ଇ-ରିକ୍ସାର ନାମ ରଖାଯାଇଛି 'ଦେଶ୍‌ଲା'। ଏହା ସମ୍ପୂର୍ଣ୍ଣ ପରିବେଶ ଅନୁକୂଳ। ଖଡ଼ଗପୁର ଆଇଆଇଟିର ମେକାନିକାଲ ଇଞ୍ଜିନିୟରିଂ ବିଭାଗ ଆସୋସିଏଟ ପ୍ରଫେସର ବିକ୍ରାନ୍ତ ରଶେର୍ଲାଙ୍କ ନେତୃତ୍ୱରେ ଏହା ନିର୍ମାଣ କରାଯାଇଛି। ୨୦ ଜଣ ଛାତ୍ରଙ୍କ ଟିମ୍ ଏହି କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ ରୂପ ଦେଇଛନ୍ତି। ତିନିବର୍ଷ ଗବେଷଣା କରାଯିବା ପରେ ଏହି ଅଟୋରିକ୍ସା ନିର୍ମାଣ କରାଯାଇପାରିଛି। ଆଇଆଇଟିର ଜଣେ ପୂର୍ବତନ ଛାତ୍ର ଡ.ପୂର୍ଣ୍ଣେନ୍ଦୁ ଚାଟାର୍ଜୀ ଉକ୍ତ ପ୍ରୋଜେକ୍ଟ ଲାଗି ୫ ହଜାର ଆମେରିକୀୟ ଡଲାର ଦାନ କରିଥିଲେ। ଏହି ଅଟୋ ପ୍ରତି ଘଣ୍ଟାରେ ୫୫ କି.ମି. ବେଗରେ ଯାଇପାରୁଛି। ଏହାର ପ୍ରୋଟୋଟାଇପ୍ ପ୍ରସ୍ତୁତ ସରିଛି। ଏଥିରେ ଖଞ୍ଜା ଯାଇଥିବା ବ୍ୟାଟେରିରେ ୧୫୦ କି.ମି. ଯିବାଭଳି କ୍ଷମତା ରହିଛି। ଏଥିରେ ୮.୮ କିଲୋୱାଟ୍ ପାୱାର ବ୍ୟାଟେରି ପ୍ୟାକ ବ୍ୟବହାର କରାଯାଇଛି। ଏହା ଘରେ ମାତ୍ର ୪ ଘଣ୍ଟାରେ ଚାର୍ଜ ହୋଇପାରିବ।

## ୨୫ ବର୍ଷ ତଳର ଧରିତ୍ରୀ

**୨୩ ଡିସେମ୍ବର ୧୯୯୬**

- ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ସାଂସଦମାନଙ୍କୁ ଲାଞ୍ଚ ପ୍ରଦାନ ମାମଲାରେ ହାତଥିବାର ଅଭିଯୋଗ କ୍ରମେ ହରିଆଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭଜନଲାଲଙ୍କ ବାସଭବନ ଉପରେ ସିବିଆଇ ଚଢ଼ାଉ।
- ବରିଷ୍ଠ ସାମ୍ବାଦିକ ମୁସାଦି ଲାଲ ରାସ୍ତୋଗୀଙ୍କର ୬୯ ବର୍ଷ ବୟସରେ ପରଲୋକ।
- ଭାରତୀୟ ଗ୍ରାଣ୍ଡ୍‌ମାଷ୍ଟର ବିଶ୍ୱନାଥନ୍ ଆନନ୍ଦଙ୍କୁ ପଛରେ ପକାଇ ରୁଷୀୟ ଗ୍ରାଣ୍ଡ୍‌ମାଷ୍ଟର ଗ୍ୟାରୀ କାସ୍ପାରୋଭ ସୁପର ଗ୍ରାଣ୍ଡ୍‌ମାଷ୍ଟର୍ସ ଚେସ୍ ଟୁର୍ନାମେଣ୍ଟରେ ଟାଇଟଲ ବିଜୟୀ ହୋଇଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | 8 | | | | 1 | | |
| | | 3 | | | 7 | 4 | | |
| | | 9 | | 5 | | | | 3 |
| | 8 | | | | | | | |
| 5 | | 7 | 8 | | | 9 | | |
| | | 2 | | 3 | | | | |
| | 1 | | | 4 | 6 | | 8 | |
| | | | | 8 | | | 2 | |
| | | | 5 | | | | | 6 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 8 | 2 | 3 | 1 | 7 | 5 | 6 |
| 7 | 1 | 3 | 4 | 5 | 6 | 8 | 9 | 2 |
| 2 | 5 | 6 | 9 | 7 | 8 | 3 | 1 | 4 |
| 9 | 2 | 4 | 3 | 1 | 7 | 6 | 8 | 5 |
| 8 | 3 | 7 | 5 | 6 | 9 | 4 | 2 | 1 |
| 1 | 6 | 5 | 8 | 4 | 2 | 9 | 3 | 7 |
| 6 | 8 | 2 | 1 | 9 | 4 | 5 | 7 | 3 |
| 5 | 4 | 1 | 7 | 8 | 3 | 2 | 6 | 9 |
| 3 | 7 | 9 | 6 | 2 | 5 | 1 | 4 | 8 |

ଗତକାଲିର ଉତ୍ତର

# 'ମୁଁ'ର ଅନୁଭବ



ଡ. ନରେନ୍ଦ୍ର କୁମାର ସେଠୀ

ଜଣେ ସଫଳ ମଣିଷ ପାଖରେ ସବୁକିଛି ଥାଏ। ଭଲ ଘର, ପରିବାର, ଧନ, ସମ୍ପତ୍ତି ସବୁକିଛି ଯାହା ସେ ଚାହୁଁଥିଲା ଜୀବନରେ। ତଥାପି ତା' ମନ ମସ୍ତିଷ୍କ ଭିତର କୋଣରେ ଆହୁରି ଖୁସି ହେବା ପାଇଁ, ଆହୁରି ସୁଖ ସମ୍ପଦ ହାସଲ କରିବା ପାଇଁ ଅହରହ ଚେଷ୍ଟା ଥାଏ। ମଣିଷ ନିଜ ଭିତରେ ଯେତେ ଦୁଃଖ ଦେଖିଥାଏ ଅନ୍ୟମାନଙ୍କ ଭିତରେ ସେଇ ସବୁ ଦୁଃଖ ଯନ୍ତ୍ରଣା ଦେଖିବାକୁ ଲାଗେ। ବିଶ୍ୱରେ ମଣିଷ ଜୀବନରେ କ'ଣ ପାଇଁ ଏତେ ଦୁଃଖ ଯନ୍ତ୍ରଣା ଅଛି ତା'ର ଏକ ବୈଜ୍ଞାନିକ ଅନୁଶୀଳନ କରାଯାଉ। ବର୍ତ୍ତମାନର ବୈଜ୍ଞାନିକ ତଥ୍ୟ ଅନୁସାରେ ଯଦି ଜଣେ ମଣିଷ ଶରୀରକୁ ଦେଖିବା ଏହା ରକ୍ତ ମାଂସର ମଣିଷ ଦେହ ନୁହେ ବରଂ ଏହା କୋଡ଼ିଏ ଲକ୍ଷ କୋଟି କୋଷିକାଗୁଡ଼ିକର ସମନ୍ୱୟ ଓ ମିଳିତ ନୃତ୍ୟ କହିଲେ ଭୁଲ ହେବନି। ସେହି କୋଷିକାଗୁଡ଼ିକୁ ଆହୁରି ନିକଟରୁ ଦେଖିଲେ ଏହା ପୁନଃ ହଜାରେ ଲକ୍ଷ କୋଟି ପରମାଣୁକୁ ନେଇ ଗଠିତ। ଏହିସବୁ ଜିନିଷକୁ ବିଜ୍ଞାନର ଜବ କାଚରେ ଦେଖିଲେ ଏହା ଅଦୃଶ୍ୟ ଶକ୍ତିର ସମାହାର ଛଡ଼ା ଆଉ କିଛି ନୁହେଁ, ଯାହା ତେର ଶହ କୋଟି ବର୍ଷ ପୂର୍ବେ ବିଗ୍ ବ୍ୟାଙ୍ଗ ନାମକ ବିସ୍ଫୋରଣ ପରେ ସୃଷ୍ଟି ହୋଇଥିଲା। ଅର୍ଥାତ ଏ ବିଶ୍ୱରେ ଯାହା ବିଦ୍ୟମାନ ସବୁ କେବଳ ଶକ୍ତି ଓ ଅସୀମ ଶକ୍ତିର ରୂପ ମାତ୍ର। ଅନ୍ୟ ଅର୍ଥରେ ମଣିଷ ଏହି ଜଟିଳ ଶକ୍ତିର ଏକ ନମୁନା ମାତ୍ର। ତେଣୁ ସ୍ଥିର ହୋଇ ଛିଡା ହୋଇଥିବା ଜଣେ ପଚାଶ ବର୍ଷର ମଣିଷ ପ୍ରକୃତରେ ସ୍ଥିର ନୁହେଁ ବରଂ ତା'ର ଶରୀର ହେଉଛି ଆଲୋକର ବେଗରେ ଗତି କରୁଥିବା ଏକ ଶକ୍ତି, ଯାହାର ପ୍ରକୃତ ବୟସ ହେଉଛି ଏ ବିଶ୍ୱର ବୟସ ବା ତେର ସହ କୋଟି ବର୍ଷ।

ସବୁଠୁ ଆଶ୍ଚର୍ଯ୍ୟ କଥା , ମଣିଷ ଏହା ଅନୁଭବ କରିପାରୁନି କାହିଁକି ? ଏହାର କାରଣ ହେଲା ଆମେ ନିଜକୁ ଜଣେ ମଣିଷ ଭାବେ ଅହରହ ଭାବୁଛେ ଓ ନିଜକୁ ସେ ମହାନ ସୃଷ୍ଟିର ରୂପ ବୋଲି କେବେ କଳ୍ପନା କରିନେ। ଏହା ରୋଚକ ଓ ମସ୍ତିଷ୍କ ଭ୍ରମିତ କଲା ପରି ତଥ୍ୟ ହେଲେ ମଧ୍ୟ ସତ୍ୟ। ଆମେ ଆମ ମାନବୀୟ ପରିବେଶ, ଜୀବନ ଜଞ୍ଜାଳ ଭିତରେ ଏତେ ଓତପ୍ରୋତ ଭାବରେ ଜଡ଼ିତ ଯେ ଆମେ ନିଜକୁ ସେହି ଅଜର ଅମର ଶକ୍ତିର ଏକ ଅଂଶ ବୋଲି କେବେ ଗ୍ରହଣ କରିପାରି ନାହୁଁ। ଆସନ୍ତାକାଲି ଆମେ କୋଉ କାମ କରିବା ତାହା ଆଜି କଳ୍ପନା କରିପାରୁ ଓ ମଣିଷ ଏକମାତ୍ର ପ୍ରାଣୀ ଭାବରେ ଏହା କରିବାକୁ ସକ୍ଷମ। ଅନ୍ୟ ଅର୍ଥରେ ମଣିଷ ନିଜ ମସ୍ତିଷ୍କ ଭିତରେ ଏକ ବିକଳ୍ପ ବାସ୍ତବିକତା ନିର୍ମାଣ କରିବାରେ ସକ୍ଷମ ବା ଯାହା ଘଟିତ ହୋଇନାହିଁ ତା'ର ଆକଳନ କରିବାରେ ଏକମାତ୍ର ପ୍ରାଣୀ। ଫଳସ୍ୱରୂପ କାଳାନୁକ୍ରମେ ମଣିଷ ବିଶ୍ୱର ସ୍ୱରୂପ ବଦଳେଇ ପାରିଛି। ଚିନ୍ତା କରିପାରିବା ଓ ଭବିଷ୍ୟତର ଆକଳନ କରିବା ହୁଏତ ମାନବ ବିବର୍ତ୍ତନ ଇତିହାସର ସବୁଠୁ ବଡ଼ ଘଟଣା କ୍ରମ କହିଲେ ଅତ୍ୟୁକ୍ତି ହେବନାହିଁ। ଅନ୍ୟ ଅର୍ଥରେ ଚିନ୍ତନ କରିପାରିବା ହେଉଛି ମଣିଷର ଏକ ବଡ଼ ଅସ୍ତ୍ର, ଯାହା ଅନ୍ୟ ପ୍ରାଣୀମାନଙ୍କ ପାଖରେ ନାହିଁ। ଯାହାର ଫଳ ସ୍ୱରୂପ ମଣିଷ ମନ ଭିତରେ ସମଗ୍ର ଦୁନିଆ ଆସି ଘର କରିଯାଏ ଓ ତାହା ଉପରେ ମଣିଷର କର୍ତ୍ତୃତ୍ୱ ନ ଥାଏ। ତେଣୁ ମଣିଷ ମସ୍ତିଷ୍କ ଏକ ଅବିରତ ଚିନ୍ତନ ତିଆରି କରୁଥିବା ମେଶିନ ଭଳି କାମ କରେ। ସବୁବେଳେ ଏକ ନିରର୍ଥକ ଲକ୍ଷ୍ୟକୁ ଆଖି ଆଗରେ କାମ କରେ। ଏହାହିଁ ଦୁଃଖ ଓ ଯନ୍ତ୍ରଣାର କାରଣ।

ହିଂସା, ଦ୍ୱେଷ ପରଶ୍ରୀକାତରତା ଓ ପୂର୍ବ ଘଟିତ ଘଟଣାକ୍ରମ ମଣିଷକୁ ବାରମ୍ବାର ଆନ୍ଦୋଳିତ କରେ, ଯାହା ଅନ୍ୟ ପ୍ରାଣୀମାନେ ଅନୁଭବ କରିପାରନ୍ତି ନାହିଁ। ତା'ହେଲେ ମଣିଷ କ'ଣ ଏହି ଦୁଃଖ ଯନ୍ତ୍ରଣା ଭିତରୁ ସ୍ୱୟଂକୁ ଦୂର କରିବା ସମ୍ଭବ ? ଏଥିପାଇଁ ଆମକୁ ଏକ ବୈଜ୍ଞାନିକ ଓ ପରୀକ୍ଷାମୂଳକ ଲକ୍ଷ୍ୟ ଭାବରେ ମନେକରି ନିଜ ମନ ଭିତରେ ଥିବା ପରସ୍ତ ପରସ୍ତ ଅଭିଜ୍ଞତା ଆଧାରରେ ସବୁ ଦୁଃଖ ଜଞ୍ଜାଳର କାରକଗୁଡିକୁ ଚିହ୍ନିତ କରିବାକୁ ପଡ଼ିବ। ଏହା ଖୁବ୍ କଷ୍ଟକର ବ୍ୟାପାର କାରଣ ଆମେ ସମସ୍ତେ ଆମ ଜୀବନର ମୋହ ସହିତ ନିବିଡ଼ ଓ ଘନିଷ୍ଠ ଭାବରେ ଜଡିତ। ଏହାର ଏକ ସହଜ ଉଦାହରଣ ହେଲା ଆମେ ଚଳଚିତ୍ରର ଏକ କରୁଣ ଦୃଶ୍ୟ ଦେଖିଲାବେଳେ ଏହା ଅଭିନୟ ଜାଣି ମଧ୍ୟ କାନ୍ଦି ପକାଉ। ତେଣୁ ଜୀବନ ଏକ ଚଳଚ୍ଚିତ୍ର ସଦୃଶ ଓ ସବୁ ମିଛ ଜାଣି ମଧ୍ୟ ଆମେ ଏହାର ମୋହରେ ବୁଡ଼ି ରହିଛେ। ପଦାର୍ଥ ବିଜ୍ଞାନର ମୂଳ ତତ୍ତ୍ୱ ଅନୁଯାୟୀ ଆଲୋକ ବିଦ୍ୟୁତ ଚୁମ୍ବକୀୟ ତରଙ୍ଗର କମ୍ପନ ଓ ଏହାର ମୂଳ ରଙ୍ଗ କିଛି ନ ଥାଏ। ମାତ୍ର ଏହି ଆଲୋକ ଆମ ଆଖିରେ ପଡ଼ିବା ମାତ୍ରେ ଆମେ ଭିନ୍ନ ଭିନ୍ନ ରଙ୍ଗ ଦେଖି ଥାଉ। ଯୋଉ ଗୋଲାପ ରଙ୍ଗର ଫୁଲ ଆମେ ଦେଖୁ ତାହା ପ୍ରକୃତରେ ରଙ୍ଗହୀନ ଓ ଏହାର ରଙ୍ଗ ଆମ ମସ୍ତିଷ୍କ ଭିତରେ ହିଁ ସୃଷ୍ଟି ହୋଇ ଆମକୁ ଦୃଶ୍ୟମାନ ହେଇଥାଏ। ଅର୍ଥାତ ସଂସାରରେ ଯାହା ଆମେ ଦେଖୁଛେ ଓ ଅନୁଭବ କରୁଛେ ସବୁ ମିଛ। କେବଳ ଗୋଟିଏ ସତ୍ୟ ହେଲା ସେହି ଅଦୃଶ୍ୟ ଶକ୍ତି ଯାହାର ଆମେ ଅଂଶବିଶେଷ। ବୋଧହୁଏ ଅଧ୍ୟାତ୍ମ ଏହାକୁ ଈଶ୍ୱର ବୋଲି ସମ୍ବୋଧନ କରିଥାଏ। ଆମେ ଏହାକୁ ରାମ, ଯିଶୁ ଓ ଆଲ୍ଲା ନାମରେ ନାମିତ କରିଥାଉ।

ମଣିଷର ସବୁଠୁ ବଡ଼ ସଫଳତା ହେଲା ଅସ୍ତିତ୍ୱର ଅନୁଭବ। 'ମୁଁ' ର ଏହି ଅନୁଭବ। ଏହି 'ମୁଁ' ହେଉଛି ଆମର ସମଗ୍ର ଅସ୍ତିତ୍ୱର ମୂଳ। ଯେମିତି ମାଛ ପହଁରିବା ବେଳେ କେବେ ବି ପାଣିର ଅନୁଭବ କରି ନ ଥାଏ ସେମିତି ଆମେ ଆମ ପରିଚୟ ନିଜେ ଜାଣି ପାରୁନା, କାରଣ ମୁଁ ଆମ ଶରୀର ଭିତରେ ଲୁକ୍କାୟିତ ଚେତନା ଭିତରେ ଥାଏ। ତେଣୁ 'ମୁଁ'ର ପରିଚୟ ଖୋଜିବାକୁ ହେବ ଓ ତାହା ପାଇଗଲେ ଜୀବନର ମୂଳ ଲକ୍ଷ୍ୟ ମିଳିଯିବ ଓ ଜୀବନ ଯନ୍ତ୍ରଣାରୁ ମୁକ୍ତି ନିଶ୍ଚିତ।

ତେର ଶହ କୋଟି ବର୍ଷ ପୂର୍ବେ ବିଗ୍ ବ୍ୟାଙ୍ଗ ବିସ୍ଫୋରଣ ପରେ ଯେତେବେଳେ ସମଗ୍ର ବିଶ୍ୱ ଏହି ଶକ୍ତିର ଅଂଶ ଥିଲା ଆମେ ସମସ୍ତେ ସେହି ଶକ୍ତିର ଅଂଶ ଥିଲୁ ଓ ରହିଥିବୁ। ବୈଜ୍ଞାନିକ ଆଇନଷ୍ଟାଇନ କହିଥିଲେ,ମଣିଷର ବୁଦ୍ଧି ଓ ଚିନ୍ତନ ଶକ୍ତି ଏକ ଭ୍ରମିତ ଚେତନାରେ ଗ୍ରସ୍ତ, ଯାହା ଫଳରେ ସେ ନିଜକୁ ସେହି ଚିରନ୍ତନ ଶକ୍ତିର ଏକ ଅଂଶଠାରୁ ପୃଥକ୍ ବୋଲି ଧରି ବସେ। ଆମେ ସମସ୍ତେ ଏକ ଜଳବିନ୍ଦୁ ସଦୃଶ, ଯାହା ଅସୀମ ସାଗରରେ ପହଁରିବା ବେଳେ ନିଜକୁ ସମୁଦ୍ରଠାରୁ ପୃଥକ୍ ମନେ କରେ। ହଜାର ହଜାର ବର୍ଷ ତଳେ ଭାରତୀୟ ମୁନି ଋଷିମାନେ ଏହି ଅଭେଦ ତଥ୍ୟକୁ ଜାଣି ପାରିଥିଲେ। ପ୍ରଥମକରି ଅଣୁ ଓ ପରମାଣୁର ବର୍ଣ୍ଣନା କରି ମହର୍ଷି କଣାଦ ଆମେ ସମସ୍ତେ ସେହି ଶକ୍ତିର ଅଂଶ ବୋଲି ବୈଶ୍ୱିକା ସୂତ୍ରରେ ଲେଖିଛନ୍ତି। ଆମ ଶରୀର ସେହି ଅସଂଖ୍ୟ ଅଣୁ ଓ ପରମାଣୁକୁ ନେଇ ଗଠିତ ଓ ଜୀବନଧାରଣ କରିବାକୁ ହେଲେ ଏହି ଅଣୁଗୁଡ଼ିକ ଏକତ୍ରିତ ସମନ୍ୱୟ ରକ୍ଷା କରିଥାଏ। ଶରୀର କେବେ ମରି ନ ଥାଏ, କାରଣ ଏହି ଅଣୁଗୁଡ଼ିକର ଅସ୍ତିତ୍ୱ କେବେ ଲୋପ ପାଇ ନ ଥାଏ ଓ ତାହା ବ୍ୟକ୍ତିର ଶରୀର ଅବସାନ ପରେ ସେହି ଶକ୍ତିରେ ମିଶି ଯାଇଥାଏ। ଅର୍ଥାତ ବିଜ୍ଞାନ ଓ ଅଧ୍ୟାତ୍ମ ଦୁନିଆ ଏକମତ ଯେ, ଉଭୟ ମନ ଓ ଶରୀର ସେହି ଅଦୃଶ୍ୟ ଶକ୍ତିର ଏକ ଅସ୍ଥାୟୀ ଅବସ୍ଥା ମାତ୍ର। ତେଣୁ ମଣିଷ ଆନନ୍ଦରେ ମୃତ୍ୟୁ ପାଇଁ ପ୍ରସ୍ତୁତ ହେବା ଦରକାର, କାରଣ ଏହା ଏକ ଅସ୍ଥାୟୀ ବ୍ୟବସ୍ଥା।

**ପୂର୍ବ ସିଂଭୂମି, ଯାଦୁଗୁଡ଼ା, ଝାଡ଼ଖଣ୍ଡ**
**ମୋ:୭୦୦୪୦୬୮୧୧୦**

# ଘରଢିଙ୍କି କୁମ୍ଭୀର



ଅଭିମନ୍ୟୁ ଧଳ

ଢିଙ୍କିର ପ୍ରଚଳନ ଯଦିଓ ହ୍ରାସ ପାଇଛି ପରନ୍ତୁ ଏହା ଆମ ସଂସ୍କୃତି, ପରମ୍ପରା ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ପରିବାର ସଦସ୍ୟଙ୍କ ଭଳି ଏହା ପାଇଁ ସ୍ୱତନ୍ତ୍ର ଘର ଯାହାକୁ ଆମେ ଢିଙ୍କିଶାଳ ବୋଲି କହିଥାଉ। ଏଥିରେ ବିଭିନ୍ନ ଶସ୍ୟ ଗୁଣ୍ଡ କରିବା, ଧାନରୁ ଚାଉଳ ବାହାର କରିବା, ଯାହାକୁ ଆମେ ଢିଙ୍କିକୁଟା ଚାଉଳ ବୋଲି କହିଥାଉ ତାହା ଆଜି ଦୁର୍ଲଭ। ବିବାହ ବ୍ରତ ଓ ବିଭିନ୍ନ ପୂଜା ପାର୍ବଣରେ ଏହାକୁ ପୂଜା କରାଯାଏ। ଝିଅ ମାନଙ୍କର କାନ୍ଦଣା ଶିଖିବା ଏହାଥିଲା ଏକମାତ୍ର ନିରୋଳା ସ୍ଥାନ। ଖରାବେଳେ ମା' ମାନେ ଏହି ଢିଙ୍କିଶାଳରେ ବସି ତାସ୍ ଓ ଲୁଡୁ ଖେଳିଥାନ୍ତି। ଧାନକୁଟିବା ବେଳେ ଶାଶୁ, ବୋହୂ, ନଣନ୍ଦଙ୍କ ମନରେ ଯାହା ଅଶାନ୍ତି ଥାଏ ସେହିଠାରେ ହିଁ ଆଲୋଚନା କରାଯାଇ ସମାଧାନର ବାଟ ବାହାରେ ଓ ଫାଟିଯାଇଥିବା ମନ ପୁଣି ଯୋଡ଼ି ହୋଇଯାଏ। ଏହି ଚାରିଫୁଟିଆ କାଠ ଯିଏକି ଏକ କୁମ୍ଭୀର ପରି ଦେଖାଯାଇଥାଏ ନିର୍ଜୀବ କାଠଗଡ଼ଟିଏ ହେଲେ ମଧ୍ୟ ସେ ଘରର ଭଲ ମନ୍ଦ ସବୁ ଜାଣିଥାଏ। ଏହି କୁମ୍ଭୀର ଆକୃତି ଢିଙ୍କି ଯଦି କୁମ୍ଭୀର ହୋଇଗଲା ତାହା ପରିବାର ପାଇଁ ମହା ବିପଦ ସୃଷ୍ଟି କରେ। ଅର୍ଥାତ୍ ଘରର କୌଣସି ସଦସ୍ୟ ଯଦି ଘରର ଗୁମର ପଦାରେ ପ୍ରକାଶ କରନ୍ତି, ତେବେ କେତେକ ଖଳ ପ୍ରକୃତିର ଲୋକ ଏହାର ଫାଇଦା ନେଇ ଘର ଭାଙ୍ଗିବା ନାମରେ ଲାଗିପଡ଼ନ୍ତି। ସେହିଭଳି ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ର ଭାରତରେ ଘରଢିଙ୍କି କୁମ୍ଭୀର ସାଜିବା ଅନ୍ତର୍ଘାତୀ ତଥା ଦେଶଦ୍ରୋହ। ଏହିଭଳି କୁମ୍ଭୀରମାନଙ୍କ ଚକ୍ରାନ୍ତରେ ଆମ ଦେଶ ଶହଶହ ବର୍ଷ ବିଦେଶୀ ଶାସକମାନଙ୍କ ଦ୍ୱାରା ଶାସିତ ହେଲା। ସ୍ୱର୍ଣ୍ଣପ୍ରସୂ ଭାରତରୁ ଧନରତ୍ନ ଲୁଟ୍ କରିବା ସହିତ କେତେ ଯେ ଜୀବନ ନେଇଛନ୍ତି ଇତିହାସ ତା'ର ମୂକସାକ୍ଷୀ।

ଦେଶ ସ୍ୱାଧୀନ ହେବାର ଦୀର୍ଘବର୍ଷ ପରେ ମଧ୍ୟ ଏଇ ବେଇମାନମାନେ ଅର୍ଥ ସୁନ୍ଦରୀ ଲଳନାଙ୍କ ଆକର୍ଷଣୀୟ କଣ୍ଠସ୍ୱର, ପ୍ରେମରେ ବାଉଳା ହୋଇ ଭାରତର ଆଣବିକ ଗୁପ୍ତତଥ୍ୟ ପାକିସ୍ତାନକୁ ବିକି ଦେଉଛନ୍ତି। ଆମ ଓଡ଼ିଶାର ଏହି ପାଷାଣ୍ଡମାନେ ଏଭଳି ଅବିଶ୍ୱାସ ତଥା ଦେଶଦ୍ରୋହ ମାମଲାରେ ଧରାପଡ଼ିବା ସଂସ୍କୃତି ସମ୍ପନ୍ନ ରାଜ୍ୟ ଉତ୍କଳର ଗୋଟିଏ ଲେଖାଏଁ କଳଙ୍କିତ ଇତିହାସ। ଦେଶର ୧୩୫ କୋଟିରୁ ଊର୍ଦ୍ଧ୍ୱ ନାଗରିକ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ତ୍ରିରଙ୍ଗା ପତାକା ତଳେ ବିଶ୍ୱାସକୁ ଆଧାର କରି ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଜୀବନ ଯାପନ ପାଇଁ ବଦ୍ଧପରିକର ଥିଲା ବେଳେ ଓ ଆମକୁ ସୁରକ୍ଷା ଦେବା ପାଇଁ ଲକ୍ଷ ଲକ୍ଷ ବୀର ସୈନିକ ଜୀବନକୁ ଉତ୍ସର୍ଗକରି ଶୀତ, କାକର, ବରଫ, ଗ୍ରୀଷ୍ମ, ବର୍ଷାକୁ ଖାତିର ନ କରି ଶତ୍ରୁର ଉଚିତ୍ ମୁକାବିଲା ପାଇଁ ଦିବସ ରଜନୀ ଜାଗ୍ରତ ଥିବା ବେଳେ ଆମ ଭିତରୁ କେତେକ ବିଶ୍ୱାସଘାତକ ମିର୍ଜାଫର୍ ଦେଶର ଗୁପ୍ତତଥ୍ୟ ଶତ୍ରୁ ରାଷ୍ଟ୍ରକୁ ବିକ୍ରି କରୁଛନ୍ତି।

ଛଅବର୍ଷ ତଳେ ଈଶ୍ୱର ବେହେରା ନାମକ ଜଣେ ଫଟୋଗ୍ରାଫର ଯିଏ କି ଚାନ୍ଦିପୁର କ୍ଷେପଣାସ୍ତ୍ରରେ କାର୍ଯ୍ୟରତ ଥିଲେ, ମୋଟା ଟଙ୍କା ଲୋଭରେ ଆବୁଧାବି, ମୁମ୍ବାଇ, ଆନ୍ଧ୍ରପ୍ରଦେଶ, ବିହାର, ମିରଟରୁ ତାଙ୍କ ନିକଟକୁ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ଯୋଗେ ଟଙ୍କା ଆସିଥିବା ପ୍ରମାଣ ଲାଗିଥିଲା। ଆଇ.ଟି.ଆର. କ୍ଷେପଣାସ୍ତ୍ର ସହିତ ଘାଟିର ଫଟୋ ଓ ଭିଡିଓ କଲିକତାରେ ଥିବା ହ୍ୟାଣ୍ଡଲର୍‌କୁ ଦେଇଥିବା ପୋଲିସ୍ ନିକଟରେ ପ୍ରମାଣ ଥିଲା। ଏତେ ସବୁ ପ୍ରମାଣ ପରେ କେବଳ ଦେଶ ଓ ବିଶ୍ୱରେ ସୃଷ୍ଟି କରିଥିବା ପାଞ୍ଚଜଣ ଅଭିଯୁକ୍ତ ଆଇଟିଆର୍ ତଥ୍ୟ ଲିକ୍ ମାମଲାରେ ସଂପୃକ୍ତ ଜଣାପଡ଼ିବା ପରେ ଗିରଫ ହୋଇଛନ୍ତି। ତଳସ୍ତରର କର୍ମଚାରୀ ସେମାନେ ପୁଣି ଅସ୍ଥାୟୀ,ସେମାନଙ୍କ ହାତରେ ପୁଣି କ୍ଷେପଣାସ୍ତ୍ର ବ୍ରହ୍ମାସ୍ତ୍ରର ତଥ୍ୟ ପଡିଲା କେମିତି? ଆମ କ୍ଷେପଣାସ୍ତ୍ର ଘାଟିର ନିରାପତ୍ତା ଏହିଭଳି ଗୁପ୍ତତଥ୍ୟ ଏମାନେ ପାଇଲେ କେମିତି? ଏଠାରେ ପ୍ରଶ୍ନ ଉଠେ ଆମ ଦେଶରେ କେବଳ ଛୋଟ ମାଛକୁ ଧରି କାହା ଦ୍ୱାରା ନିଆଯାଏ। ଯେଉଁମାନେ ବଡମାଛ ବା ମୁଖ୍ୟ କାର୍ପଟଦାର ସେମାନେ ଅନାୟସରେ ଖସିଯାଆନ୍ତି। ବିଗତଦିନରେ ଜଣେ ଆର୍ମି ଅଫିସର ଜଣେ ସୁନ୍ଦରୀ ତରୁଣୀ ପ୍ରେମରେ ପାଗଳ ହୋଇ ଦେଶର ସାମରିକ ତଥ୍ୟ ଯୋଗାଉଥିଲେ। ଭାରତର ଦୁର୍ବଳ ଗୋଇନ୍ଦା ସଂସ୍ଥାର ନିଷ୍କ୍ରିୟତା ଯୋଗୁ ଏହା ବିଶ୍ୱାସଘାତକମାନଙ୍କୁ ସୁହାଉଛି।

ଆମର ଦୁଇ ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନ ଓ ଚାଇନା ଏକାଧିକବାର ବନ୍ଧୁତ୍ୱର ହାତ ବଢ଼ାଇ ଆମ ସହିତ ଅବିଶ୍ୱାସ କରିଛନ୍ତି। ଏମାନେ ଦୁଇଟି ବିଷଧର ସର୍ପ। ଚାଇନା ନାଗସାପ ହେଲେ ପାକିସ୍ତାନ ତମ୍ପସାପ। 'ସର୍ପରେ ଜନ୍ମଦେଲୁ ମୋତେ, ସ୍ୱାଭାବ ଛାଡ଼ିବି କେମନ୍ତେ' ଭାଗବତର ଏହି ବାଣୀ ସେହି ଦୁଇ ଦେଶ ପାଇଁ ପ୍ରଯୁଜ୍ୟ। ଆମ ଦେଶ ଭିତରେ ଘରଢିଙ୍କି କୁମ୍ଭୀରଙ୍କ ଦ୍ୱାରା ଅନେକ ଧନଜୀବନ ଯାଉଛି। ଛତିଶଗଡ଼ର ଦାନ୍ତେୱାଡ଼ାଠାରେ ମାଓବାଦୀଙ୍କ ଆକ୍ରମଣରେ ଯବାନ ଓ ପୋଲିସ୍ ନିହତ ହେବା ଏହାଙ୍କ କୁକାର୍ଯ୍ୟ। ଯେତେଥର ଆମ ଯବାନ ଓ ପୋଲିସ ଶହୀଦ୍ ହୁଅନ୍ତି ଏମାନଙ୍କ ଭିତରୁ ଗୁପ୍ତ ତଥ୍ୟ ସେମାନଙ୍କୁ ଯୋଗାଇ ଦିଆଯାଏ । ଏହା ନିଶ୍ଚୟ ଆମର ଦୁର୍ବଳତା, ସେମାନଙ୍କ ଗୁପ୍ତ ଖବର ଥାନାରେ ପହଞ୍ଚିଲେ ଏହି ଖବରଦାତାମାନେ ପ୍ରଜାକୋର୍ଟରେ ମୃତ୍ୟୁଦଣ୍ଡ ପାଆନ୍ତି। ଏହାତ ଘରଢିଙ୍କି କୁମ୍ଭୀରଙ୍କ କାର୍‌ସାଦି ଦେଶଦ୍ରୋହ କାର୍ଯ୍ୟ।

ହଜାର ହଜାର ବର୍ଷ ହେବ ଆମ ଇତିହାସରୁ ଜଣାପଡ଼େ ଭାରତରେ ସ୍ୱାଧୀନ ରାଜ୍ୟର ରାଜା ବା ଶାସକଙ୍କ ମଧ୍ୟରେ ଏକତାର ଅଭାବ ଯୋଗୁ ପରସ୍ପର ପ୍ରତି ପ୍ରତିଶୋଧ ପରାୟଣ ହୋଇ ଘରଢିଙ୍କି କୁମ୍ଭୀର ସାଜି ବହିଃଶତ୍ରୁକୁ ଆମନ୍ତ୍ରଣ କରିଥିଲେ। ସ୍ୱାଧୀନତା ପରେ ଏହି ଜଘନ୍ୟ କାମ ଜାରି ରହିଛି। ଯେଉଁ ଜନ୍ମଭୂମିର ପାଣି, ପବନ, ଆଲୋକ ସର୍ବୋପରି ବଞ୍ଚିବାର ସମସ୍ତ ସ୍ୱାଧୀନ ଲାଭ କରି ବଞ୍ଚିରହିଛନ୍ତି। ନାରୀ ଓ ଅର୍ଥ ମୋହରେ ଦେଶ ବିରୋଧୀ କାମ କରିବା ଅକ୍ଷମଣୀୟ ଅପରାଧ। ଆମର ଗୋଇନ୍ଦା ସଂସ୍ଥା ସକ୍ରିୟ ହେବା ଉଚିତ୍। ଭାରତୀୟ ମହାନ୍ ସଂସ୍କୃତି 'ଭାରତବାସୀ ଭାରି ସାହସୀ' 'ଆମେ ସରବେ ଭାଇ ଭାଇ' ମନ୍ତ୍ରରେ ଉଦ୍‌ବୁଦ୍ଧ ହେଲେ'ଘରଢିଙ୍କି କୁମ୍ଭୀର' ପରି ଶବ୍ଦର ବିଲୋପ ଘଟିବ।

ମୋ:୯୮୬୧୦୪୮୦୫୨

## ଚିରନ୍ତନୀ

ନୟନ ଜଳେ ତମସା କୋଳେ
ପାହିଛି କେତେ ଶ୍ରାବଣ ରାତି
କେତେ ଫଗୁଣ ମଧୁର ଗନ୍ଧେ
ଉଲୁସି ମୋର ଉଠିଲା ଛାତି।

-(ନିଜ ଭୁଲା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଏହା କ'ଣ ଜୀବେଦୟା

ମହାଶୟ,

ଆମ ଭାରତୀୟ ସଂସ୍କୃତି ଓ ଧର୍ମ-ପରମ୍ପରାରେ ଗୋରୁଙ୍କୁ ପୂଜାର୍ଚ୍ଚନା କରିବାର ବିଧି ରହିଛି। ମାନବସମାଜରେ ଗୋରୁ ଅଶେଷ କଲ୍ୟାଣ ସାଧନ କରୁଥିବାବେଳେ ଏମାନଙ୍କ ବିରୋଧରେ କ୍ରୁରତା ବାସ୍ତବରେ ନିନ୍ଦନୀୟ। ଆତ୍ମମାନଙ୍କର ଅନ୍ତର୍ନିହିତ ଚିନ୍ତା ଚେତନା ବିବେକ ଅନୁଭୂତି ଏବଂ ଅଭିଜ୍ଞତା ପରିପ୍ରକାଶରେ ଅତ୍ୟନ୍ତ ହ୍ରାସ ପାଇଥିବାରୁ ଗୋରୁ ସମେତ ପାଳିତ ପଶୁପକ୍ଷୀଙ୍କୁ ଅଣଦେଖା କରିବା ନିର୍ମମତାର ପରିଚୟ ପ୍ରଦାନ କରେ । ଏହା ଅତ୍ୟନ୍ତ ଦୁଃଖ ଦାୟକ। ପଶୁପକ୍ଷୀମାନଙ୍କର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପ୍ରତ୍ୟେକଙ୍କର କର୍ତ୍ତବ୍ୟ। ସରକାରୀ ଓ ବେସରକାରୀ ସ୍ତରରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଧରପଗଡ଼ କରି ପଶୁ ଚୋରା ଚାଲାଣକାରୀ ତସ୍କରୀମାନଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଗୃହପାଳିତ ପଶୁ ବିଶେଷତଃ ଗୋରୁଙ୍କୁ ସ୍ନେହଶ୍ରଦ୍ଧାପୂର୍ଣ୍ଣ ଭାବରେ ଲାଳନପାଳନ କରିବା ଦରକାର। ସେମାନଙ୍କଠାରୁ ବହୁ ଉପକାର ପାଇ, ପରିଶେଷ ବୟସର ଭରାକ୍ରାନ୍ତ ସମୟରେ ସେମାନଙ୍କୁ ଅଣଦେଖା କରିବା ଆମମାନଙ୍କ ପାଇଁ ଲଜ୍ଜାଜନକ । ଯେଉଁମାନେ ପଶୁପକ୍ଷୀଙ୍କୁ ନିର୍ଯାତନ ଦେଉଛନ୍ତି ସେମାନଙ୍କ ଉଚିତ ଦଣ୍ଡବିଧାନ କରାଯିବା ଦରକାର। କିନ୍ତୁ ଉତ୍ତରଦାୟୀ ସ୍ଥାନୀୟ ପ୍ରଶାସନ ସବୁ ଦେଖି ନ ଦେଖିଲା ପରି ନୀରବ ରହିବା ଦୁର୍ଭାଗ୍ୟଜନକ।

**- ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଓଟିଟି ପ୍ଲାଟଫର୍ମରେ କ୍ରାଇମ ସିରିଜ ଜୌନପୁର**

ଡିସ୍ ଟିଭି ଇଣ୍ଡିଆ ଲିମିଟେଡ୍‌ର ଏବଂ ଦ୍ରୁତ ଅଭିବୃଦ୍ଧିଶୀଳ ଓଟିଟି ପ୍ଲାଟ୍‌ଫର୍ମରେ ଏକ ନୂତନ କ୍ରାଇମ୍ ସିରିଜ୍ 'ଜୌନପୁର'ର ପ୍ରିମିୟର ଶୁଭାରମ୍ଭ ହୋଇଛି। ଏହି ସିରିଜ୍‌ରେ ୟୁପିର ଅନ୍ୟତମ ମୋଷ୍ଟ ୱାଣ୍ଟେଡ୍ ଗ୍ୟାଙ୍ଗଷ୍ଟରର ଜୀବନ କାହାଣୀ ଉପରେ ଆଧାରିତ। ଜୌନପୁରରେ ସୁଟିଂ ହୋଇଥିବା ଏହି ସିରିଜ୍ ବର୍ତ୍ତମାନ ହିନ୍ଦୀରେ ଉପଲବ୍ଧ ହେବ। ଏହା ବର୍ତ୍ତମାନ ୱାଚ୍-ଓ-ଆପ ଏବଂ ୱେବସାଇଟରେ ମଧ ଉପଲବ୍ଧ। ଏ ସମ୍ପର୍କରେ, ଡିସ୍ ଟିଭି ଇଣ୍ଡିଆ ଲିମିଟେଡ୍‌ର ମାର୍କେଟିଂ କର୍ପୋରେଟ୍ ହେଡ୍ ସୁଖପ୍ରୀତ ସିଂ କହିଛନ୍ତି, ଜୌନପୁର ସିରିଜ୍ ହେଉଛି ଅପରାଧ, କାର୍ଯ୍ୟ, ପରିବାର, ଏବଂ ବଳିଦାନର ଏକ ନିଛକ କାହାଣୀ ଯାହା ବାସ୍ତବ ଘଟଣା ଉପରେ ଆଧାରିତ।

## ଅଂଶଧନ ଗ୍ରହଣ କରିବ ଆମାଜନ

**ନୂଆଦିଲ୍ଲୀ,୨୨।୧୨:** କାଟାମାରାନ୍ ଓ ଆମାଜନର ଯୌଥ ଉଦ୍ୟୋଗ 'ପ୍ରିଓନି ବିଜନେସ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍'ର ସମସ୍ତ ଆବଶ୍ୟକୀୟ ନିୟାମକ ମଂଜୁରି ହାସଲ ସହ ଆମାଜନ୍ ଏହାକୁ ଅଧିଗ୍ରହଣ କରିବ। ୨୦୨୧ ଅଗଷ୍ଟ ୯ରେ ଦୁଇ ସହଯୋଗୀ ନେଇଥିବା ନିଷ୍ପତି ବିଷୟରେ ଘୋଷଣା କରିଥିଲେ ଯେ ବର୍ତ୍ତମାନ ଅବଧି ୨୦୨୨ ମେ' ଶେଷ ହୋଇଯିବା ପରେ ଏହି ଯୌଥ ଉଦ୍ୟୋଗକୁ ସେମାନେ ଆଉ ଜାରି ରଖିବେ ନାହିଁ। ପ୍ରଯୁର୍ଯ୍ୟ ନିୟମ ଅନୁସାରେ ପ୍ରିଓନିରେ ଥିବା କାଟାମାରାନ୍‌ର ଅଂଶଧନ ସମେତ ସମସ୍ତ ସଂପତି ଓ ଦେୟ (ଲାଇବିଲିଟି) କୁ ଆମାଜନ୍ ଅଧିଗ୍ରହଣ କରିବ। ଯୌଥ ଉଦ୍ୟୋଗର ବ୍ୟବସାୟ ଏହାର ବର୍ତମାନର ପରିଚାଳନା କର୍ତୃପକ୍ଷଙ୍କ ଜରିଆରେ ପରିଚାଳିତ ହେବ ଏବଂ ନିୟାମକ ମଂଜୁରି ମିଳିଲେ ପ୍ରିଓନି ଓ କ୍ଲାଉଡ୍‌ଟେଲ୍‌ର ବୋର୍ଡ ପ୍ରଯୁର୍ଯ୍ୟ ଆଇନକୁ ପାଳନ କରି କାରବାରକୁ ସମ୍ପୂର୍ଣ୍ଣ କରିବେ।

# ସେନ୍‌ସେକ୍ସ ୬୧୨ ପଏଣ୍ଟ ବୃଦ୍ଧି

**ମୁମ୍ବାଇ,୨୨।୧୨**

କୋଭିଡ୍ ସଂକ୍ରମଣର ନୂଆ ଭାରିଆଣ୍ଟ ଓମିକ୍ରନ୍‌ର ଭୟର ବାତାବରଣ ମଧ୍ୟରେ କ୍ରମାଗତ ୨ୟ ଦିନ ପାଇଁ ଶେୟାର ବଜାରରେ ଉତ୍ସାହ ଦେଖାଦେଇଛି। ବିଗତ ଦିନର ବିଭିନ୍ନ କାରଣ ଯୋଗୁ ବର୍ତ୍ତମାନ ସାରା ବିଶ୍ୱ ଏପରିକି ଭାରତ ମଧ ବହୁ ଆଶଙ୍କା ମଧ୍ୟରେ ରହିଛି। ଏଭଳି ସ୍ଥିତିରେ ଗତ ୨ଦିନ ହେବ ଦଲାଲ ଷ୍ଟ୍ରିଟ୍‌ରେ ଖୁସିର ମାହୋଲ ଦେଖିବାକୁ ମିଳିଥିଲା। ବୈଦେଶିକ ସମସ୍ୟା ସତ୍ତ୍ୱେ ମଧ ୨୨ ଡିସେମ୍ବର ଶେୟାର ବଜାରର କାରବାର ଆରମ୍ଭରୁ ମାନ୍ଦା ରହିଥିଲେ ମଧ ବନ୍ଦ ପ୍ରାୟ ନୀଳରଙ୍ଗରେ ଶେଷ ହୋଇଥିଲା। ଶେୟାର ବଜାରର ସୂଚନା ଅନୁସାରେ ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ବେଞ୍ଚମାର୍କ ଇଣ୍ଡେକ୍ସ ମୂଲ୍ୟ ୬୧୨ ପଏଣ୍ଟ ବଢି ୫୬,୯୩୧ ଅଙ୍କରେ ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ନିଫ୍ଟିରେ ମଧ ୧୮୫ ଅଙ୍କ ବଢି ୧୬,୯୫୬ ପଏଣ୍ଟରେ କାରବାର ରହିଛି। ମଙ୍ଗଳବାର ଷ୍ଟକ ବଜାର ବନ୍ଦ ହେବା ବେଳକୁ ସେନ୍‌ସେକ୍ସ ୬୧୧.୫୫ ଅଙ୍କ ଅର୍ଥାତ୍ ୧.୦୯ % ବୃଦ୍ଧି ପାଇ ୫୬୯୩୦.୫୬ ପଏଣ୍ଟରେ ପହଞ୍ଚିଛି। ସେହିପରି ନିଫ୍ଟିରେ ୧୮୪.୬୦ ଅଙ୍କ ବୃଦ୍ଧି ଘଟିଛି, ଅର୍ଥାତ ୧.୧୦% ବଢି ୧୬,୯୫୫.୪୫ ପଏଣ୍ଟରେ ବନ୍ଦ ହୋଇଛି।

ଦଲାଲ ଷ୍ଟ୍ରିଟ୍‌ର ବିଏସ୍‌ଇ ସେନ୍‌ସେକ୍ସ ସୂଚୀର ଶ୍ରେଷ୍ଠ ୩୦ଟି ଶେୟାର ବଜାର ଷ୍ଟକ୍ ପ୍ରାୟତଃ ଅଭିବୃଦ୍ଧି କରିଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସୂଚନା ଅନୁସାରେ ବଜାଜ ଫାଇନାନ୍ସ ସର୍ବାଧିକ ଲାଭ କରିଥିବା ବେଳେ ଅନ୍ୟ ନିବେଶକମାନେ ମଧ ୨ରୁ୨.୭% ଅଭିବୃଦ୍ଧି କରିଛନ୍ତି। ବିଶେଷକରି ବୁଧବାର ରିଲାଏନ୍ସ, ଭାରତୀ ଏୟାରଟେଲ, ଆଇସିଆଇସିଆଇ ବ୍ୟାଙ୍କ, ଟାଇଟନ୍, ଏଲଆଣ୍ଡଟି, ଆକ୍ସିସ୍ ବ୍ୟାଙ୍କ ଏବଂ ବଜାଜ ଗ୍ରୁପ , ଟିସିଏସ, ଟାଟା ଷ୍ଟିଲ ଭଳି ପ୍ରମୁଖ ନିବେଶକ କମ୍ପାନୀଙ୍କ ଶେୟାର ମୂଲ୍ୟ ବୃଦ୍ଧି ପାଇଥିବା ବେଳେ ନେସ୍‌ଲେ ଇଣ୍ଡିଆ ଓ ଆଇଟିସି ଭଳି କମ୍ପାନୀର ଶେୟାର ଅଳ୍ପ ପରିମାଣରେ ହ୍ରାସ ପାଇଛି। ସେହିଭଳି ସେକ୍ଟୋରିଆଲ ଇଣ୍ଡେକ୍ସ କଥା କହିବାକୁ ଗଲେ ୨୨ ଡିସେମ୍ବରର ବଜାର କାରବାର ପ୍ରାୟ ସମସ୍ତ ସେକ୍ଟର ମୂଲ୍ୟ ବୃଦ୍ଧି ପାଇଛି। ବିଶେଷକରି ବ୍ୟାଙ୍କ, ଅଟୋ, ଏଫ୍‌ଏମ୍‌ସିଜି, ଆଇଟି,ମେଟାଲ, ଫାର୍ମା, ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ଘରୋଇ ବ୍ୟାଙ୍କ, ହେଲ୍‌ଥ କେୟାର ୟୁନିଟ ଏବଂ ଅଏଲ ଓ ଗ୍ୟାସ୍ ଭଳି ନିବେଶକ କମ୍ପାନୀଗୁଡିକର କାରବାର ଭଲ ହୋଇଥିବା ଜଣାପଡିଛି।




## ପିପିଏଲ୍‌କୁ କଳିଙ୍ଗ ବିଜ୍‌ନେସ ପ୍ଲାଟିନମ୍ ଆୱାର୍ଡ




**ପାରାଦୀପ,୨୨।୧୨(ସ୍ୱ.ପ୍ର.)**

ପାରାଦୀପ ଫସ୍‌ଫେଟସ୍ ଲିମିଟେଡ୍ (ପିପିଏଲ)କୁ ବୁଧବାର ସନ୍ଧ୍ୟାରେ ସୁରକ୍ଷା ନିରାପତ୍ତା କ୍ଷେତ୍ରରେ ଉଲ୍ଲେଖନୀୟ କାମ ପାଇଁ କଳିଙ୍ଗ ବିଜନେସ ପ୍ଲାଟିନମ୍ ଆୱାର୍ଡ ୨୦୨୧ ମିଳିଛି। ଭୁବନେଶ୍ୱରଠାରେ ଆୟୋଜିତ ଓଡ଼ିଶା ସେଫ୍ଟି କନକ୍ଲେଭ କାର୍ଯ୍ୟକ୍ରମରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କଠାରୁ କମ୍ପାନୀ ମୁଖ୍ୟ ରଣଜିତ ସିଂ ତୁଗ୍ ଏହି ଆୱାର୍ଡ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ସେଫ୍ଟି ଅଫିସର ନିହାରକାନ୍ତି ରାଉତ ଉପସ୍ଥିତ ଥିଲେ।

## ଆଇସିସି ଓଡ଼ିଶା ପକ୍ଷରୁ ଶିଳ୍ପ ଓ ପରିବେଶ କର୍ମଶାଳା

**ଭୁବନେଶ୍ୱର,୨୨।୧୨**

ଓଡ଼ିଶାର ପରିବେଶ ଓ ଶିଳ୍ପ କ୍ଷେତ୍ରର ବିକାଶ କିଭଳି କରାଯାଇପାରିବ, ସେ ନେଇ ଏକ କର୍ମଶାଳା ଆଇସିସି ଓଡ଼ିଶା ଚାପ୍ଟର ପକ୍ଷରୁ ଭର୍ଚୁଆଲ ମାଧମରେ ଆୟୋଜନ କରାଯାଇଥିଲା। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଥିଲେ, ପରିବେଶ ସମସ୍ୟା ପ୍ରତି ମାନବ ସମାଜର ଦାୟିତ୍ୱ ଅନେକ ରହିଛ ବୋଲି ସେ ଆହ୍ୱାନ ଦେଇଛନ୍ତି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଡ. ପ୍ରଶାନ୍ତ ଗର୍ଗଭା କହିଛନ୍ତି , ପ୍ରଯୁକ୍ତିର ବ୍ୟବହାର ଜରିଆରେ ବାୟୁ ପ୍ରଦୂଷଣରେ ଉନ୍ନତି ଅଣାଯାଇପାରିବ। ବିଏସ୍-୬ ନିୟମ ଲାଗୁ କରାଯିବା ଗାଡ଼ିମଟର ଜନିତ ପ୍ରଦୂଷଣକୁ ହ୍ରାସ କରିବା ଦିଗରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସେ କହିଛନ୍ତି। ସେହିପରି ପରିବେଶ ଅବକ୍ଷୟକୁ ରୋକିବା ଲାଗି ପ୍ରତ୍ୟେକଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଏହି ଅବସରରେ ଆଇସିସି ଓଡ଼ିଶାର ଅଧ୍ୟକ୍ଷ ଜେ.ବି. ପାଣି ସ୍ୱାଗତ ଅଭିଭାଷଣ ଦେଇ କହିଛନ୍ତି, ଲକ୍‌ଡାଉନ ସମୟରେ ଦିଲ୍ଲୀ ଏନ୍‌ସିଆର୍‌ରେ ବାୟୁର ମାନ ଅତ୍ୟନ୍ତ ଖରାପରୁ ମଧ୍ୟମ ବର୍ଗକୁ ଉନ୍ନୀତ ହୋଇଥିଲା। ଦେଶର ଅନ୍ୟ ସ୍ଥାନରେ ମଧ ସମାନ ଧରଣର ସଫଳତା ଦେଖିବାକୁ ମିଳିଥିଲା ବୋଲି ସେ କହିଛନ୍ତି। ଆଲ୍‌ଫ୍ରେଡ୍ ଲୋପେଜ୍ କାରେଟେରୋ,ଆସୋସିଏଟ ଡାଇରେକ୍ଟର ଏନ୍‌ଭାଇରନ୍‌ମେଣ୍ଟାଲ୍ ପଲିସି, ରିକାର୍‌ଡୋ ଏନର୍ଜି ଆଣ୍ଡ ଏନ୍‌ଭାଇରନମେଣ୍ଟ ୟୁକେ ୟୁରୋପର ଶିଳ୍ପ ନିର୍ମଗନ ନୀତି ଉପରେ ବିଶେଷ ଆଲୋଚନା କରିଥିଲେ। ଆଇସିସି ଓଡ଼ିଶାର ଇଏସ୍‌ଏଚ୍ କମିଟିର ସଂଯୋଜକ ଡ. ଏନ୍.ଆର୍. ସାହୁ, ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ସହ ଅଧ୍ୟକ୍ଷ ଏମ୍.କେ. ଗୁପ୍ତା, ଉପଦେଷ୍ଟା କମିଟିର ସଦସ୍ୟ ମନୀଷ ଖାରବନ୍ଦା, ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍‌ର ଏମ୍‌ଡି ପଙ୍କଜ କୁମାର ସତିଜା, ସେଣ୍ଟର ଫର୍ ସାଇନ୍ସ ଅଣ୍ଡ ଏନ୍‌ଭାଇରନମେଣ୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁମିତା ରାୟ ଚୌଧୁରୀ, ଦି କ୍ଲାଇମେଟ୍ ରିଅଲିଟି ପ୍ରୋଜେକ୍ଟର କଣ୍ଟ୍ରି ଡାଇରେକ୍ଟର ଆଦିତ୍ୟ ପୁନ୍ଦିର, ଆଇଆଇଟି- ଖଡ଼ଗପୁରର ଡିନ୍ (ଭିତ୍ତିଭୂମି) ଡ. ଖନୀନ୍ଦ୍ର ପାଠକ ଓ ଆଇସିସିର ଆଞ୍ଚଳିକ ମୁଖ୍ୟ ଜେ. ପି .ପାଲ୍ ପ୍ରମୁଖ ଉପସ୍ଥିତ ଥିଲେ।

## ବିକାଶ କାର୍ଯ୍ୟରେ ପିଏନ୍‌ବିର ସହଯୋଗ ଜାରି ରହିବ

**ନୂଆଦିଲ୍ଲୀ,୨୨।୧୨**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ସ୍ୱରୂପ କୁମାର ସାହା ନିକଟରେ ୨ଦିନିଆ ତ୍ରିପୁରା ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଏହି ଅବସରରେ ସାହା ତ୍ରିପୁରା ମୁଖ୍ୟମନ୍ତ୍ରୀ ବିପ୍ଳବ କୁମାର ଦେବଙ୍କୁ ସାକ୍ଷାତ କରି ରାଜ୍ୟର ବିକାଶରେ ବ୍ୟାଙ୍କର ସହଯୋଗ ଓ ସେବା ପୂର୍ବପରି ଜାରି ରହିବ। ଏପରିକି ରାଜ୍ୟରେ ପିଏନ୍‌ବିର ସେବା ଓ ଶାଖା ସମ୍ପ୍ରସାରଣ ସମ୍ପର୍କରେ ବିସ୍ତୃତ ଆଲୋଚନ ଦେବଙ୍କ ସହ ସ୍ୱରୂପ କରିଛନ୍ତି। ସେହିଭଳି ବ୍ୟାଙ୍କ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଜରିଆରେ ସ୍ଥାନୀୟ ଆଦିବାସୀ (ଛାତ୍ରୀ) ବାଳିକାଙ୍କ ହଷ୍ଟେଲ ନିର୍ମାଣ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କୁ ୧୦ ଲକ୍ଷ ଟଙ୍କାର ଏକ ଚେକ୍ ଉଭୟ ପକ୍ଷର ବହୁ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସାହା ପ୍ରଦାନ କରିଥିଲେ। ଅପରପକ୍ଷରେ ତ୍ରିପୁରାର ମୁଖ୍ୟ ଶାସନ ସଚିବ କୁମାର ଆଲୋକଙ୍କୁ ଭେଟି ରାଜ୍ୟର ବ୍ୟାଙ୍କିଙ୍ଗ୍ ସେବା ଓ ସରକାରଙ୍କ ବିଭିନ୍ନ ଯୋଜନା କିପରି ରାଜ୍ୟର ହିତାଧିକରୀ ପାଇପାରିବେ ସେ ନେଇ ମଧ ସାହା ଓ ଆଲୋକଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ସେହିପରି କୃଷି ଓ କୃଷକଙ୍କ ବିକାଶ ପାଇଁ ବ୍ୟାଙ୍କ ଆବଶ୍ୟକ ସେବା ଓ ସୁବିଧା ଯୋଗାଇଦେବ ବୋଲି ସାହା କହିଛନ୍ତି। ସେହିଭଳି ସାହା ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ଏସ୍‌ଏଲ୍‌ବିସି କାର୍ଯ୍ୟକ୍ରମରେ ମଧ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତ୍ରିପୁରାର ପ୍ରମୁଖ ଶାସନ ସଚିବ, ବିଭାଗୀୟ ସଚିବଙ୍କ ସମେତ ସାକ୍ଷୀଗୋପାଳ ସାହା (ଆର୍‌ବିଆଇ ଅଧିକାରୀ) ଏବଂ ଏସ୍.ଏସ୍. ସିଂହ (ପିଏନ୍‌ବି), ଆନନ୍ଦ କୁମାର (ପିଏନ୍‌ବି) ପ୍ରମୁଖ ଉପସ୍ଥିତ ଥିଲେ।



## କିଆର ପ୍ରିମିୟମ ଗାଡ଼ି କ୍ୟାରେନ୍ସର ଉନ୍ମୋଚନ

**ଭୁବନେଶ୍ୱର,୨୨।୧୨**

ଅନ୍ତଃରାଷ୍ଟ୍ରୀୟ ଅଟୋମୋବାଇଲ କମ୍ପାନୀ 'କିଆ' ଭାରତରେ ଏହାର ଚତୁର୍ଥ ଉତ୍ପାଦ ଓ ନୂତନ ମଡେଲ କ୍ୟାରେନ୍ସର ଶୁଭାରମ୍ଭ କରିବାକୁ ଯାଉଛି। କିଆ ଇଣ୍ଡିଆ ନୂତନ ଡିଜାଇନ ଓ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ କ୍ୟାରେନ୍ସର ସ୍କେଚ୍‌କୁ ସର୍ବସାଧାରଣରେ ଜାରି କରିଛି। ଏହି ମଡେଲ କମ୍ପାନୀର ବହୁ ପ୍ରତୀକ୍ଷିତ ଯାନ ଭାବେ ୱାର୍ଲଡ ପ୍ରିମିୟର ହେବାକୁ ଯାଉଛି। ଏଥିରେ ଅନେକ ପ୍ରକାର ସୁବିଧା ରହିଛି। ବିଶେଷକରି ସମସ୍ତ ଯାତ୍ରୀଙ୍କ ପାଇଁ ଲକ୍‌ଜୁରିୟସ ଇଣ୍ଟେରିୟର, ସ୍ମାର୍ଟ କନେକ୍ଟିଭିଟି ବୈଶିଷ୍ଟ୍ୟ, ବୋଲ୍‌ଡ ଏକ୍ସଟେରିୟର ଓ ଜେନେରସ ସ୍ପେସ୍ ଏପରିକି ତୃତୀୟ ଧାଡ଼ିରେ ଥିବା ଯାତ୍ରୀମାନଙ୍କ ପାଇଁ ମଧ କିଆ କ୍ୟାରେନ୍ସ ଭାରତରେ ଏକ ନୂତନ ଶ୍ରେଣୀର ଆରାମଦାୟକ ଗାଡ଼ିର ଅଧ୍ୟାୟ ସୃଷ୍ଟି କରିବ। କିଆ କ୍ୟାରେନ୍ସକୁ ଆଧୁନିକ ଭାରତୀୟ ପରିବାରର ଆବଶ୍ୟକତାକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। କିଆ କ୍ୟାରେନ୍ସ କମ୍ପାନୀର ନୂତନ ଡିଜାଇନ ଦର୍ଶନ 'ଆପୋଜିଟ୍ସ ୟୁନାଇଟେଡ୍' କୁ ଭାରତରେ ଶୁଭାରମ୍ଭ କରିଛି। ବୋଲ୍‌ଡ ଡିଜାଇନ ଭାଷାକୁ ପ୍ରକୃତି ଓ ମାନବିକତାର ଅନୁପ୍ରେରଣାରେ ପ୍ରସ୍ତୁତ କରାଯାଇଛି। ମୋବିଲିଟି ଲାଇଫଷ୍ଟାଇଲ୍ ଆବଶ୍ୟକତାକୁ ପୂରଣ କରିବା ପାଇଁ ତଥା ଭାରତର ଦୈନିକ ବ୍ୟବହାର ଆବଶ୍ୟକତା ଅନୁଯାୟୀ ଇଣ୍ଟେରିୟରକୁ ସେହି ଅନୁସାରେ ଡିଜାଇନ୍ କରାଯାଇଛି। ହାଇ-ଟେକ୍ ରାପ୍ ଆରାଉଣ୍ଡ ଡାସ୍ ଡିଜାଇନ ସହ ୧୦.୨୫ ଇଞ୍ଚ ଅଡିଓ ଭିଡିଓ ନାଭିଗେସନ ଟେଲିମାଟିକ୍ସ (ଏଭିଏନ୍‌ଟି) ଡାସ୍‌ର କେନ୍ଦ୍ର ଭାଗରେ ରହିଛି ଯାହା ଏକ ଆଧୁନିକ ଅନୁଭୂତି ପ୍ରଦାନ କରିବ ବୋଲି ଜଣାପଡିଛି।



## ଇଫ୍‌କୋକୁ କଳିଙ୍ଗ ବିଜ୍‌ନେସ ଏକ୍ସଲେନ୍ସି ଆୱାର୍ଡ

**ପାରାଦୀପ,୨୨।୧୨(ସ୍ୱ.ପ୍ର.)**

ପାରାଦୀପ ଇଫ୍‌କୋ ସାର କାରଖାନାକୁ ବୁଧବାର ସନ୍ଧ୍ୟାରେ କଳିଙ୍ଗ ବିଜନେସ ଏକ୍ସେଲେନ୍ସି ଆୱାର୍ଡ ୨୦୨୧ ମିଳିଛି। ଭୁବନେଶ୍ୱରଠାରେ ଆୟୋଜିତ କ୍ୱାଲିଟି ଆଣ୍ଡ ପଲ୍ୟୁସନ କନକ୍ଲେଭ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଏହି ପୁରସ୍କାର ମିଳିଛି। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କଠାରୁ ଇଫ୍‌କୋ ପାରାଦୀପ ୟୁନିଟ୍ ମୁଖ୍ୟ କେ. ଜେ. ପଟେଲ ଆୱାର୍ଡ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଂଲାଦେଶର ଡେପୁଟି ହାଇ କମିଶନର ତଫିକ୍ ହାସନ ଉପସ୍ଥିତ ଥିଲେ।

**ଫୁରସତ୍**

## ଜୀବନସାଥୀ ପାଇଁ ରାସ୍ତାକଡ଼ରେ ବିଜ୍ଞାପନ

**ୱାଶିଂଟନ:** ଆମେରିକା ଟେକ୍ସାସର ଜଣେ ବ୍ୟକ୍ତି ଝିଅ ଖୋଜିବା ପାଇଁ ଏକ ରାସ୍ତାକଡ଼ରେ ବିଜ୍ଞାପନ ମାରିଛନ୍ତି। ୬୬ ବର୍ଷୀୟ ଜିମ ବେଜ ଏକ ବୋର୍ଡରେ ନିଜର ଫଟୋ ରଖି ତାହାକୁ ରାଜପଥ ପାର୍ଶ୍ୱରେ ଲଗାଇଛନ୍ତି। ବୋର୍ଡରେ ଲେଖାଯାଇଛି, ମୁଁ ଜଣେ ଭଲ ମହିଳା ଖୋଜୁଛି। ଯାହାଙ୍କ ବୟସ ୫୦ରୁ ୫୫ ହୋଇଥିବ। ଯିଏ ଦୟାଳୁ ହୋଇଥିବେ ଏବଂ ଭଲ କଥା କହୁଥିବେ। ସେମାନେ ବୋର୍ଡ ତଳେ ଦିଆଯାଇଥିବା ଫୋନ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ଜିମ୍‌ଙ୍କ ପୂର୍ବରୁ ଦୁଇଥର ବିବାହ ହୋଇ ଛାଡ଼ପତ୍ର ହୋଇସାରିଛି। ପୂର୍ବ ସ୍ତ୍ରୀଙ୍କର ତାଙ୍କର ୫ଟି ସନ୍ତାନ ମଧ ଅଛନ୍ତି। ଜିମ କୁହନ୍ତି, ଡେଟିଂ ଆପ୍‌ରେ ଜଣଙ୍କ ବିଷୟରେ ସବୁ ଜାଣିବା କଷ୍ଟକର। ତାଙ୍କ ଜୀବନ ବେଶ୍ ବ୍ୟସ୍ତବହୁଳ। ସେ ଏକୁଟିଆ ବଞ୍ଚିବାକୁ ଚାହାଁନ୍ତିନାହିଁ। ଜିମ୍‌ଙ୍କର ଏହି ବୋର୍ଡ ଦେଖିବା ପରେ ତାଙ୍କ ସହ ୫ ଜଣ ମହିଳା ଡେଟ୍‌ରେ ଯାଇ ସାରିଲେଣି। ୨୪ ଜଣରୁ ଅଧିକ ଭଏସ୍ ମେଲ ବି ପଠାଇଛନ୍ତି। ମାତ୍ର କେହି ତାଙ୍କର ପସନ୍ଦ ହୋଇନାହାନ୍ତି। ଏବେ ବି ସେ ଜଣେ ଭଲ ଜୀବନସାଥୀ ଖୋଜି ଚାଲିଛନ୍ତି।




## ଅନ୍ନଦାତାଙ୍କ ବିକାଶରେ ଦେଶର ବିକାଶ

### କୃଷକ ଦିବସ

**ଭା**ରତ ଭଳି କୃଷିପ୍ରଧାନ ଦେଶରେ ଅନ୍ନଦାତା ହେଉଛନ୍ତି ଦେଶର ଆର୍ଥିକ ମେରୁଦଣ୍ଡ । ସେମାନଙ୍କ ବିକାଶରେ ଦେଶର ବିକାଶ ସମ୍ଭବ ହୋଇପାରିଥାଏ । ତେଣୁ କୃଷକ ଏବଂ କୃଷକମାନଙ୍କର ଜାତୀୟ ଅବଦାନ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଦେଶରେ ଡିସେମ୍ବର ୨୩ରେ କୃଷକ ଦିବସ ପାଳନ କରାଯାଇଥାଏ । ଭାରତର ପଞ୍ଚମ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂଙ୍କ ଜନ୍ମବାର୍ଷିକୀ ଡିସେମ୍ବର ୨୩କୁ କୃଷକ ଦିବସ ଭାବେ ପାଳନ କରାଯାଇଥାଏ। ସେ ଜୁଲାଇ ୧୯୭୯ରୁ ଜାନୁୟାରୀ ୧୯୮୦ ମଧ୍ୟରେ ପ୍ରଧାନମନ୍ତ୍ରୀ ଭାବେ ଅବସ୍ଥାପିତ ଥିଲେ। ପ୍ରଧାନମନ୍ତ୍ରୀ ଭାବରେ ତାଙ୍କର ଅଳ୍ପ ସମୟ କାର୍ଯ୍ୟକାଳ ମଧ୍ୟରେ ଭାରତୀୟ କୃଷକଙ୍କ କଲ୍ୟାଣ ପାଇଁ କଠିନ ପରିଶ୍ରମ କରିଥିଲେ। ଚାଷୀଙ୍କ ପାଇଁ ବହୁ କଲ୍ୟାଣମୂଳକ ଯୋଜନାର ପ୍ରଣୟନ ତାଙ୍କ କାର୍ଯ୍ୟକାଳରେ ହୋଇଥିଲା । ୨୦୦୧ରେ ଭାରତ ସରକାର ଚରଣ ସିଂଙ୍କ ଜନ୍ମ ବାର୍ଷିକୀକୁ କୃଷକ ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ। ଅର୍ଥନୀତିରେ ଭାରତୀୟ କୃଷକଙ୍କ ଭୂମିକାକୁ ମନେରଖିବା ପାଇଁ କୃଷକ ଦିବସ ଏକ ପ୍ରୟାସ ମାତ୍ର। ଦେଶରେ କୃଷକଙ୍କ ସମସ୍ୟା ବିଷୟରେ ସଚେତନତା ଲାଗି ୧୯୭୮ ଡିସେମ୍ବର ୨୩ରେ ସେ କିଷାନ ଟ୍ରଷ୍ଟ ପ୍ରତିଷ୍ଠା କରିଥିଲେ। ଚାଷୀଙ୍କୁ ଶୋଷଣରୁ ମୁକ୍ତ କରିବା ପାଇଁ ଚରଣ ସିଂ ମଧ ସର୍ବଦା ଉଦ୍ୟମ ଜାରି ରଖିଥିଲେ।





ଧ-୨୨୬୦୭



ଧ-୨୨୬୬୬


**CLASSIFIED DISPLAY**

MORE SPACE • SAME PRICE — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**FINANCE**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ପର୍ସନାଲ, ବିଜ୍‌ନେସ, ପ୍ରପୋଟି, ମଡ଼ଗେଜ ଲୋନ୍ ମାତ୍ର ୮.୫% ସୁଧରେ ୭ ରୁ ୧୦ ଦିନ ମଧ୍ୟରେ ଯୋଗାଇ ଦିଆ ଯାଉଛି ।
DK Small Finance Ltd
Navi Mumbai
www.dksfl.in
7684939383

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

**କେମିତି ମଦ ଛାଡିବେ**
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ଣ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ. ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୂଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**FINANCE**
ପର୍ସନାଲ, ବିଜ୍‌ନେସ୍, ପ୍ରପର୍ଟି, ଗୃହ, ଶିକ୍ଷା, କୃଷି, ଗାଈ, କୁକୁଡ଼ା ଓ ଛେଳି ପାଳନ ପାଇଁ ସମସ୍ତ ପ୍ରକାର LOAN 7 ଦିନ ମଧ୍ୟରେ ଯୋଗାଇ ଦିଆଯାଉଛି । ଘରେ ବସି ONLINE ମାଧ୍ୟମରେ, ସୁଧ ୨% ।
Mob.- 7656825030
W.- 8280679121
B.D.F.C. FINANCE
BIJAPADA, BILASPUR, BARAGARH

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





## 'ରାଓ୍ୱଡି ରାଠୋର' ସିକ୍ୱେଲରେ ଫେରୁଛନ୍ତି ଅକ୍ଷୟ



**ମୁମ୍ବାଇ:** ବଲିଉଡର ସୁପରହିଟ ମୁଭି ମଧ୍ୟରେ ଅନ୍ୟତମ ହେଉଛି 'ରାଓ୍ୱଡି ରାଠୋର' । ୨୦୧୨ରେ ନିର୍ମାଣ ହୋଇଥିବା ଏହି ଫିଲ୍ମ ବକ୍ସ ଅଫିସରେ ଭଲ ବ୍ୟବସାୟ କରିଥିଲା । ପ୍ରଭୁଦେବା ଏହାର ନିର୍ଦ୍ଦେଶକ ଥିବା ବେଳେ ସଞ୍ଜୟ ଲିଲା ଭଂସାଲୀ ଏହାର ପ୍ରଯୋଜନା ଭାର ସମ୍ଭାଳିଥିଲେ ଏଥର ନିର୍ଦ୍ଦେଶକ ଏସ୍ ଏସ୍ ରାଜାମୌଳିଙ୍କ ପିତା କେ ଭି ବିଜେନ୍ଦ୍ର ପ୍ରସାଦ 'ରାଓ୍ୱଡି ରାଠୋର ୨'ର ସ୍କ୍ରିପ୍ଟ କାମ ଆରମ୍ଭ କଲେଣି। ୨୦୨୦ରୁ ଏହି ଫିଲ୍ମ ନିର୍ମାଣ ଯୋଜନା ଥିବା ସହ-ପ୍ରଯୋଜକ ରବିନା ଖାନ୍ ଘୋଷଣା କରିଥିଲେ। ହେଲେ କରୋନା ଯୋଗୁ ଏହାକୁ ସମ୍ପୂର୍ଣ୍ଣ କରାଯାଇ ପାରି ନ ଥିଲା। ଏଥିରେ ସୁପରଷ୍ଟାର ଅକ୍ଷୟ କୁମାର ଅଭିନୟ କରିବେ ବୋଲି ଜଣାପଡିଛି।

## ଘୋଡ଼ାକୁ ଲାତ ମାରିବାରୁ ଶିକ୍ଷୟିତ୍ରୀଙ୍କ ଚାକିରି ଗଲା

**ଲଣ୍ଡନ:** ବ୍ରିଟେନରେ ଜଣେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଏମିତି କିଛି କାର୍ଯ୍ୟ କରିଛନ୍ତି, ଯାହା ଫଳରେ ତାଙ୍କ ଚାକିରି ଚାଲିଯାଇଛି। ସୋସିଆଲ ମିଡିଆରେ ତାଙ୍କ କାର୍ଯ୍ୟକଳାପ ଭାଇରାଲ ହେବା ପରେ ତାଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ଭାଇରାଲ ଭିଡିଓରେ ଶିକ୍ଷୟିତ୍ରୀ ସାରା ଗୋଲ୍ଡସ ଘୋଡ଼ାକୁ ଲାତ ମାରୁଥିବା ଦେଖିବାକୁ ମିଳିଛି। ପଶୁ ପ୍ରତି ତାଙ୍କର ନିଷ୍ଠୁରତା ଏବେ ଆଲୋଚନାର ବିଷୟ ହୋଇଛି। ଏକ ରିପୋର୍ଟ ଅନୁଯାୟୀ, ଦୁଇଟି ସନ୍ତାନର ଜନନୀ ସାରା ଲିସେଷ୍ଟରଶାୟାରର ମେଲ୍ଟନ ମୋବ୍ରେରେ ରୁହନ୍ତି। ଭିଡିଓରେ ସେ ଘୋଡ଼ାକୁ ଲାତ ମାରୁଥିବା ଜଣାପଡ଼ିବା ପରେ ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ବାହାର କରି ଦେଇଛନ୍ତି। ସ୍କୁଲର ମୁଖ୍ୟ ପଲ ମ୍ୟାଡାକ୍ସ କୁହନ୍ତି, ସାରାଙ୍କ ଏପରି କାର୍ଯ୍ୟ ମୁଁ ସୋସିଆଲ ମିଡିଆରେ ଦେଖି ତାଙ୍କୁ ଚାକିରିରୁ ବାହାର କରିଦେଇଛି। ୩୭ ବର୍ଷୀୟା ସାରା ସିନିୟର ଥିଲେ। ସ୍କୁଲ ଇଭେଣ୍ଟରେ ସେ ଏକ ଘୋଡ଼ାକୁ ଲାତ ମାରିଥିବା ଜଣାପଡ଼ିଥିଲା। ଏହାର ଭିଡିଓ ସୋସିଆଲ ମିଡିଆ ଭାଇରାଲ ହେବା ପରେ ସାରାଙ୍କୁ ଚାକିରିରୁ ବାହାର କରିଦିଆଯାଇଛି।

# ଜାତୀୟ ଗ୍ରାପ୍‌ଲିଂରେ ଓଡ଼ିଶାର ୬ ଭାଗନେବେ

**ଭୁବନେଶ୍ୱର, ୨୨।୧୨ (କ୍ରୀଡ଼ା ପ୍ରତିନିଧି)** ଗ୍ରାପ୍‌ଲିଂ ଆସୋସିଏଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ୧୪ତମ ଜାତୀୟ ଗ୍ରାପ୍‌ଲିଂ ପ୍ରତିଯୋଗିତା ଚଳିତ ମାସ ୨୪ରୁ ୨୬ ପର୍ଯ୍ୟନ୍ତ ମହାରାଷ୍ଟ୍ରର ଅହମଦନଗର ଜିଲା ଆମ୍ବା ମଲିକ ସ୍ପୋର୍ଟ୍ସ ଆଣ୍ଡ ଏଜୁକେଶନ କମ୍ପ୍ଲେକ୍ସରେ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ଓଡ଼ିଶାର ୬ ପ୍ରତିଯୋଗୀ ବୁଧବାର ମହାରାଷ୍ଟ୍ର ଯାତ୍ରା କରିଛନ୍ତି। ଓଡ଼ିଶା ପକ୍ଷରୁ ସିନିୟର ବର୍ଗରେ ସନ୍ତୋଷ ସିଂ, କ୍ରୀଷ୍ଟାଶିଷ ମହାନ୍ତି, ଜୁନିୟରରେ ପ୍ରଶାନ୍ତ କୁମାର ବେହେରା, ରାକି କୁମାର, ସିଦ୍ଧାର୍ଥ ଶଙ୍କର ମହାନ୍ତି ଏବଂ ଯୁବ ବର୍ଗରେ ନତେଶ ପୁନୀଲ ଲେଙ୍କା ଅଂଶଗ୍ରହଣ କରିବେ। ମନୋନୀତ ପ୍ରତିଯୋଗୀଙ୍କୁ ଓଡ଼ିଶା ଗ୍ରାପ୍‌ଲିଂ ଆସୋସିଏଶନ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ସଭାପତି ଗୌରୀ ମହାନ୍ତି, ଉପସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସନ୍ଦିପ ମହାନ୍ତି, ଯୁଗ୍ମ ସମ୍ପାଦକ ମୀର ଅଜମତ ଅଲୀ, ହିମାଂଶୁ ଶେଖର ଦାସ ଓ ଅନ୍ୟ କର୍ମକର୍ତ୍ତାମାନେ ଶୁଭେଚ୍ଛା ଜଣାଇଛନ୍ତି।



ଜାତୀୟ ଗ୍ରାପ୍‌ଲିଂ ପାଇଁ ମନୋନୀତ ଓଡ଼ିଶା ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ସହ।

# ଓଡ଼ିଶାର ସଂଘର୍ଷ

**ଭୁବନେଶ୍ୱର, ୨୨।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ପୁଣେରେ ଚାଲିଥିବା ଉତ୍ତରପ୍ରଦେଶ ବିପକ୍ଷ ୧୯ ବର୍ଷରୁ କମ୍ କୁଚ ବିହାର ଟ୍ରଫି ମ୍ୟାଚ୍‌ରେ ଓଡ଼ିଶା ଇନିଂସ ପରାଜୟ ଏଡାଇବାକୁ ସଂଘର୍ଷ କରୁଛି। ଉତ୍ତର ପ୍ରଦେଶ ପ୍ରଥମ ଇନିଂସରେ ୪୮୫ ରନ କରିଥିଲା। ଓଡ଼ିଶା ପ୍ରଥମ ଇନିଂସରେ ୧୬୨ ରନକରି ଅଲଆଉଟ ହେବାରୁ ଫଲୋଅନ ଡାକରା ପାଇଥିଲା। ଦ୍ୱିତୀୟ ଇନିଂସ ଆରମ୍ଭ କରି ଓଡ଼ିଶା ବୁଧବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୬ ଉଇକେଟ ହରାଇ ୨୯୫ ରନ କରିଛି। ୪ ଉଇକେଟ ହାତରେ ଥିବାବେଳେ ଓଡ଼ିଶା ଇନିଂସ ପରାଜୟ ଏଡାଇବାକୁ ଆହୁରି ୨୮ ରନ ଆବଶ୍ୟକ କରୁଛି। ଅଂଶୁମାନ ସାହୁ ୧୦୨ ରନର ଶତକୀୟ ଇନିଂସ ଖେଳି ଅପରାଜିତ ରହିଛନ୍ତି।

# ଇଲେଭେନ୍ ଷ୍ଟାର ଯାଜପୁର ବିଜୟୀ

**ଯାଜପୁର ଟାଉନ, ୨୨।୧୨ (ଡି.ଏନ.ଏ.)**

ଯାଜପୁର ଜିଲା କ୍ରିକେଟ୍ ଆସୋସିଏଶନ ଆନୁକୂଲ୍ୟରେ ଯାଜପୁରସ୍ଥିତ ବାଳାଶ୍ରମ ପଡ଼ିଆରେ ଚାଲିଥିବା ଆନ୍ତଃ ଜିଲା ସିନିୟର୍ କ୍ରିକେଟ୍ ପ୍ରତିଯୋଗିତାର ବୁଧବାର ୭ମ ଦିବସ ମ୍ୟାଚ୍ ଇଲେଭେନ୍‌ଷ୍ଟାର ଯାଜପୁର ଓ କେଏନ୍‌ଏସ୍‌ଏ ଯାଜପୁର ରୋଡ୍ ମଧ୍ୟରେ ଅନୁଷ୍ଠିତ ହୋଇଛି। ଏଥିରେ ଇଲେଭେନ୍ ଷ୍ଟାର ଯାଜପୁର ବିଜୟୀ ହୋଇଛି। ପ୍ରଥମେ କେଏନ୍‌ଏସ୍‌ଏ ଯାଜପୁର ଟସ୍ ଜିତି ବ୍ୟାଟିଂ କରି ୪୨.୪ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ୧୫୫ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସତ୍ୟଜିତ୍ ଗିରି ୬୯ରନ୍ ସଂଗ୍ରହ କରିଥିଲେ। ଇଲେଭେନ୍ ଷ୍ଟାର ଯାଜପୁରର ବୋଲର ଓମ୍‌ଏସ୍ ମହାନ୍ତି ୬ ଓଭର ବୋଲିଂ କରି ୨୫ରନ୍ ଦେଇ ୨ ଉଇକେଟ୍ ଅକ୍ତିୟର କରିଥିବା ବେଳେ ଅଭିଲାଷ ବିଶ୍ୱାଳ ୧୦ ଓଭର ବୋଲିଂ କରି ୩୬ରନ୍ ଦେଇ ୨ ଉଇକେଟ ହାସଲ କରିଥିଲେ। ଜବାବରେ ଇଲେଭେନ୍ ଷ୍ଟାର ଯାଜପୁର ୨୫.୨ଓଭର ଖେଳି ୪ ଉଇକେଟ୍ ହରାଇ ୧୫୭ ରନ୍ ସଂଗ୍ରହ କରି ବିଜୟ ହାସଲ କରିଥିଲା। ଦଳପକ୍ଷରୁ ଅଭିଲାଷ ରାଉତରାୟ ୫୩ ରନ୍ ଓ ଆୟୁଷ୍ମାନ୍ ବୋଇତେଇ ୩୭ରନ୍ ସଂଗ୍ରହ କରିଥିଲେ। ଅଭିଲାଷ ରାଉତରାୟ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ମ୍ୟାଚ୍‌କୁ ଅମ୍ପାୟର ଭାବେ ଦୀପ୍ତିରଞ୍ଜନ ମହାନ୍ତି ଓ ଜ୍ଞାନ ରଞ୍ଜନ ସ୍ୱାଇଁ ପରିଚାଳନା କରିଥିଲେ।

# ଟପ୍-୧୦କୁ ଫେରିଲେ ଶ୍ରୀକାନ୍ତ

**ନୂଆଦିଲ୍ଲୀ, ୨୨।୧୨:** ବ୍ୟାଡମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ପୁରୁଷ ତାରକା କିଡାମ୍ବି ଶ୍ରୀକାନ୍ତ ଟପ୍-୧୦କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍‌ରେ ଐତିହାସିକ ରୌପ୍ୟ ପଦକ ହାସଲ କରିବା ପରେ ସେ ୪ଟି ସ୍ଥାନ ଉପରକୁ ଉଠିଛନ୍ତି। ଆନ୍ଧ୍ର ପ୍ରଦେଶ ଗୁଣ୍ଟୁରର ଏହି ୨୮ ବର୍ଷୀୟ ଖେଳାଳି ସ୍ପେନର ହୁଏଲଭାଠାରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହେବା ସହ ରୌପ୍ୟ ପଦକ ଜିତିଥିଲେ। ସେ ଏବେ ତାଲିକାର ୧୦ମ ସ୍ଥାନରେ ରହିଛନ୍ତି। ସେହିପରି ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଥିବା ଯୁବ ବ୍ୟାଡମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ ଦୁଇଟି ସ୍ଥାନ ଉଠି ୧୭ତମ ସ୍ଥାନରେ ରହିଛନ୍ତି। ତେବେ ବି. ସାଇ ପ୍ରଣୀଥ ଦୁଇଟି ସ୍ଥାନ ତଳକୁ ଖସି ୧୮ତମ ସ୍ଥାନରେ ରହିଛନ୍ତି। କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଏଚ୍.ଏସ୍. ପ୍ରଣୟ ୬ଟି ସ୍ଥାନ ଉପରକୁ ଉଠି ୨୬ତମ ସ୍ଥାନ ଅଧିକାର କରିଛନ୍ତି। ଅପରପକ୍ଷରେ ମହିଳା ସିଙ୍ଗଲ୍ସରେ ଦୁଇଥର ଅଲିମ୍ପିକ୍ସ ପଦକ ହାସଲ କରିଥିବା ପି.ଭି. ସିନ୍ଧୁ ପୂର୍ବପରି ସପ୍ତମ ସ୍ଥାନରେ ସ୍ଥିର ରହିଛନ୍ତି। ଅନ୍ୟପଟେ ଏକାଧିକ ଇଞ୍ଜୁରି ସମସ୍ୟାରୁ ମୁକୁଳିଥିବା ସାଇନା ନେହ୍ୱାଲ ୨୫ତମ ସ୍ଥାନରେ ରହିଛନ୍ତି। ସେହିପରି ପୁରୁଷ ଭାରତୀୟ ଡବଲ୍ସ ଯୋଡି ଚିରାଗ ସେଟ୍ଟୀ ଓ ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଗୋଟିଏ ସ୍ଥାନ ତଳକୁ ଖସି ଡବଲ୍ସ ର୍‍ୟାଙ୍କିଙ୍ଗର ୧୦ମ ସ୍ଥାନରେ ରହିଛନ୍ତି। ସେହିପରି ମହିଳା ଡବଲ୍ସ ର୍‍ୟାଙ୍କିଙ୍ଗ୍‌ରେ ଭାରତର ଅଶ୍ୱିନୀ ପୋନାପ୍ପା ଓ ଏନ. ସିକ୍କି ରେଡ୍ଡୀ ପୂର୍ବସ୍ଥାନକୁ ଫେରି ଟପ୍ ୨୦ରେ ସ୍ଥାନ ପାଇଛନ୍ତି।

# କୋଭିଡ୍ ସଂକ୍ରମଣ ସତ୍ତ୍ୱେ ମ୍ୟାଚ୍ ଚାଲୁରହିବ

## ଭାରତ-ଦକ୍ଷିଣ ଆଫ୍ରିକା ସିରିଜ

■ ସଂକ୍ରମିତଙ୍କୁ ଆଇସୋଲେଶନରେ ରଖାଯିବ

**ନୂଆଦିଲ୍ଲୀ, ୨୨।୧୨**

ଭାରତ ଓ ଘରୋଇ ଦକ୍ଷିଣ ଆଫ୍ରିକା ମଧ୍ୟରେ ଆଗକୁ ଟେଷ୍ଟ ଓ ଦିନିକିଆ ସିରିଜ ଆୟୋଜନ ହେବାକୁ ଯାଉଛି। ଏଥିପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ କ୍ରିକେଟ ସାଉଥ ଆଫ୍ରିକା (ସିଏସ୍ଏ) ମିଳିତ ଭାବେ କେତୋଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। କୌଣସି ଖେଳାଳି କିମ୍ବା ସପୋର୍ଟ ଷ୍ଟାଫ୍ କୋଭିଡ୍ ସଂକ୍ରମିତ ହେଲେ ମଧ୍ୟ ମ୍ୟାଚ୍ ଚାଲୁ ରଖିବାକୁ ଦୁଇ ଦେଶର ବୋର୍ଡ ନିଷ୍ପତ୍ତି ନେଇଛନ୍ତି। କୋଭିଡ ସଂକ୍ରମିତ ବ୍ୟକ୍ତିଙ୍କୁ ଆଇସୋଲେଶନରେ ରଖାଯିବ। ଏହାର ପ୍ରଭାବ ସିରିଜ କିମ୍ବା ମ୍ୟାଚ୍ ଉପରେ ପଡିବାକୁ ଦିଆଯିବ ନାହିଁ। ତେବେ କୋଭିଡ୍ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ଆଇସୋଲେଶନରେ ରଖିବାକୁ ବାଧ କରାଯିବ ନାହିଁ ବୋଲି ସିଏସ୍ଏ ମେଡିକାଲ ଅଫିସର ଶୁଆବ ମଞ୍ଜ୍ରା କହିଛନ୍ତି।

ଟେଷ୍ଟ ସିରିଜ ପ୍ରଥମ ମ୍ୟାଚ୍ ଡିସେମ୍ବର ୨୬ରୁ ସେଞ୍ଚୁରିଅନରେ ଆରମ୍ଭ ହେବ। ସେହିପରି ଜୋହାନ୍ସବର୍ଗରେ ଜାନୁୟାରୀ ୩ରୁ ୭ ତାରିଖ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ଓ ଜାନୁୟାରୀ ୧୧ରୁ ୧୫ ମଧ୍ୟରେ କେପ୍‌ଟାଉନ୍‌ରେ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଖେଳାଯିବ। ଟେଷ୍ଟ ସିରିଜ ପରେ ଜାନୁୟାରୀ ୧୯, ୨୧ ଓ ୨୩ ତାରିଖରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଦିନିକିଆ ମ୍ୟାଚ ଆୟୋଜନ ହେବ। ମେଡିକାଲ ପ୍ରୋଟୋକଲ ନେଇ ସିଏସ୍ଏ ଓ ବିସିସିଆଇ ମଧ୍ୟରେ ସହମତି ପ୍ରକାଶ ପାଇଛି ବୋଲି ମଞ୍ଜ୍ରା କହିଛନ୍ତି। ଖେଳାଳି, ସପୋର୍ଟ ଷ୍ଟାଫ୍‌ଙ୍କ ସମେତ ବାୟୋ ବବଲର ଅଂଶବିଶେଷ ଥିବା ସବୁ ବ୍ୟକ୍ତିଙ୍କ ଟିକାକରଣ ହେବ। ଯଦି କୌଣସି ଖେଳାଳି ସଂକ୍ରମିତ ହୁଅନ୍ତି ତେବେ ସେମାନଙ୍କ ଟିମ୍ ଡାକ୍ତର ତାଙ୍କର ଚିକିତ୍ସା କରିବେ। ପ୍ରତ୍ୟେକ ଖେଳାଳିଙ୍କ ପ୍ରତିଦିନ କୋଭିଡ ଟେଷ୍ଟ ହେବ ଓ ସେମାନେ ସିମ୍ପଟମ ସ୍କ୍ରିନିଂର ସମ୍ମୁଖୀନ ହେବେ। ପ୍ରତିଦିନ ରାପିଡ୍ ଆଣ୍ଟିଜେନ ଟେଷ୍ଟ କରାଯିବ। ଏପରିକି ହୋଟେଲ ଷ୍ଟାଫ୍‌ମାନେ ମଧ୍ୟ ଗୋଟିଏ ସପ୍ତାହ ପୂର୍ବରୁ ବାୟୋ ବବଲରେ ରହିବେ। ମ୍ୟାଚ୍ ଖେଳାଯିବାକୁ ଥିବା ସବୁ ଭେନ୍ୟୁରେ ଭାରତୀୟ ଦଳକୁ ବିଳାସପୂର୍ଣ୍ଣ ରିସୋର୍ଟରେ ରଖାଯିବ। ଫଳରେ ଭାରତୀୟ ଖେଳାଳିମାନେ ଖୋଲା ପରିବେଶରେ ମୁକ୍ତ ଭାବେ ବୁଲାବୁଲି କରିପାରିବେ ଓ ବାୟୋବବଲ ଜନିତ ଚାପର ସମ୍ମୁଖୀନ ହେବେ ନାହିଁ। ଖେଳାଳିମାନଙ୍କ ପାଇଁ ପର୍ଯ୍ୟାପ୍ତ ଆଉଟ ଡୋର ସ୍ପେସ ରହିବ। ଖେଳାଳିମାନେ ନିଜର ପରିବାର ସହିତ ଭ୍ରମଣ ମଧ୍ୟ କରିପାରିବେ ବୋଲି ମଞ୍ଜ୍ରା କହିଛନ୍ତି। ବର୍ତ୍ତମାନ ପାଇଁ ଗସ୍ତ ବାତିଲକୁ ବିକଳ୍ପ ଭାବେ ବିବେଚନା କରାଯାଉ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ବାୟୋବବଲ ଓ ଖେଳାଳିମାନଙ୍କ ସୁରକ୍ଷା ପାଇଁ ସିଏସ୍ଏ ଗ୍ରହଣ କରିଥିବା ସବୁ ବ୍ୟବସ୍ଥା ନେଇ ବିସିସିଆଇ ସନ୍ତୋଷ ପ୍ରକଟ କରିଛି। ରୁଦ୍ଧ ଦ୍ୱାରରେ ଅର୍ଥାତ ଦର୍ଶକଙ୍କ ଅନୁପସ୍ଥିତିରେ ମ୍ୟାଚ୍‌ଗୁଡିକ ଆୟୋଜନ ହେବ।

# କୋହଲି ଖସିଲେ, ଲାବୁସେନ ନଂ. ୧

**ଦୁବାଇ, ୨୨।୧୨**

ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲି ସପ୍ତମ ସ୍ଥାନକୁ ଖସିଥିବା ବେଳେ ଅଷ୍ଟ୍ରେଲୀୟ ଯୁବ ବ୍ୟାଟର ମାର୍ନସ ଲାବୁସେନ ବ୍ୟାଟିଂ ତାଲିକାର ୧ ନମ୍ବର ସ୍ଥାନ ଅଧିକାର କରିଛନ୍ତି। ଲାବୁସେନ ଇଂଲଣ୍ଡ ଅଧିନାୟକ ଜୋ ରୁଟ୍‌ଙ୍କୁ ହଟାଇ ନୂଆ ଏକ ନମ୍ବର ବ୍ୟାଟରର ମାନ୍ୟତା ପାଇଛନ୍ତି। ଅନ୍ୟତମ ଭାରତୀୟ ବ୍ୟାଟର ରୋହିତ ଶର୍ମା ପୂର୍ବପରି ପଞ୍ଚମ ସ୍ଥାନରେ ରହିଛନ୍ତି। ବୋଲରଙ୍କ ମଧ୍ୟରେ ରବିଚନ୍ଦ୍ରନ ଅଶ୍ୱିନ ଅଷ୍ଟ୍ରେଲିଆ ଅଧିନାୟକ ତଥା ଦ୍ରୁତ ବୋଲର ପ୍ୟାଟ କମିନ୍ସଙ୍କ ପଛକୁ ରହି ଦ୍ୱିତୀୟ ସ୍ଥାନ ବଜାୟ ରଖିଛନ୍ତି।

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ଖେଳିଥିବା କୋହଲି ପୂର୍ବରୁ ଷଷ୍ଠ ସ୍ଥାନରେ ରହିଥିଲେ। ଏବେ ସେ ୭୫୬ ପଏଣ୍ଟ ପାଇ ସପ୍ତମ ସ୍ଥାନକୁ ଖସିଛନ୍ତି। ଆଶେସର ପ୍ରଥମ ଦୁଇଟି ଟେଷ୍ଟରେ ଲାବୁସେନ ଉଚ୍ଚକୋଟୀର ପ୍ରଦର୍ଶନ କରି ୯୧୨ ପଏଣ୍ଟ ପାଇ ରୁଟ୍ (୮୯୭)ଙ୍କୁ ପଛରେ ପକାଇଛନ୍ତି। ପୂର୍ବରୁ ଲାବୁସେନ୍ ଦ୍ୱିତୀୟ ସ୍ଥାନରେ ଥିଲେ। ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ସେ ୭୪ ରନ କରିଥିଲେ ଓ ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଜିତିଥିଲା। ସେହିପରି ଦ୍ୱିତୀୟ ଟେଷ୍ଟରେ ସେ ୧୦୩ ଓ ୫୧ ରନ ସଂଗ୍ରହ କରିଥିଲେ। ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ବିଜୟୀ ହୋଇ ୫ ମ୍ୟାଚ୍ ବିଶିଷ୍ଟ ଆଶେସ୍‌ରେ ୨-୦ରେ ଅଗ୍ରଣୀ ହୋଇଥିଲା।

# ଦାହିୟା ସହକାରୀ କୋଚ୍

**ନୂଆଦିଲ୍ଲୀ, ୨୨।୧୨:** ୨୦୨୨ ଆଇପିଏଲ୍ ପାଇଁ ଲକ୍ଷ୍ନୌ ଫ୍ରାଞ୍ଚାଇଜ୍ ପୂର୍ବତନ ଉଇକେଟକିପର ବ୍ୟାଟର ବିଜୟ ଦାହିୟାଙ୍କୁ ସହକାରୀ କୋଚ୍ ଭାବେ ନିଯୁକ୍ତ କରିଛି। ହରିୟାଣାର ୪୮ ବର୍ଷୀୟ ଦାହିୟା ଏବେ ଉତ୍ତରପ୍ରଦେଶ ଦଳର କୋଚ୍ ଭାବେ କାର୍ଯ୍ୟକରୁଛନ୍ତି। ପୂର୍ବରୁ ସେ ଦୁଇଥର ଆଇପିଏଲ୍ ଟାଇଟଲ ହାସଲ କରିଥିବା କୋଲକାତା ନାଇଟ ରାଇଡର୍ସ ପାଇଁ ଦୁଇଥର ସହକାରୀ କୋଚ୍ ଭାବେ ଦାୟିତ୍ୱ ତୁଲାଇଥିଲେ।




BIG SAVINGS
VITARA BREZZA ₹31 000* DZIRE ₹22 500* SWIFT ₹34 000*
5 ଟି ଆକର୍ଷକ ଫାଇନାନ୍ସ-ଅଫର୍ସ
• ଏବେ କିଣନ୍ତୁ, ପରେ ଟଙ୍କା ଦେବେ^ • 100% ଅନ-ରୋଡ଼ ଲୋନ ଉପଲବ୍ଧ^
• 7% କମ୍ ସୁଧର ହାର^ • ଅତିକମର ଡାଉନପେମେଣ୍ଟ^ • ₹799 ର କମ ମାସିକ କିସ୍ତି^
GOLD VOUCHER ₹2 000 ପର୍ଯ୍ୟନ୍ତ ଗୋଲ୍ଡ ଭାଉଚର#
LIMITED STOCK ONLY
ERTIGA VITARA BREZZA DZIRE SWIFT
E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in

**SKY AUTOMOBILES**
BHUBANESWAR: 9776645711. CUTTACK: 9776677771, 7381873818. DHENKANAL: 9776900005. NARSHINGPUR: 9776900005. KAMAKHYANAGAR: 9776900005. JAJPUR: 9776900777. SALEPUR: 9583544555. CHANDIKHOL: 9583544555.

**ODYSSEY MOTORS**
ANGUL: 7752076136. 9776901481. PALLAHARA: 7873565435. 9437831123.

**TUSHI MOTORS**
CUTTACK: 9078076450.

**JYOTE MOTORS**
BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950.

**NARAYANI MOTORS**
BHUBANESHWAR: 9583022019,9583022012, 9583022013. JAGATSINGHPUR: 9583022090. PURI: 9583022035. NIMAPARA: 7381093626. PARADEEP: 9583022034/48.

*Offer includes consumer offer, exchange bonus and institutional offer (wherever applicable) on selected models/ variants. Above mentioned savings amount is the value of maximum savings on selected models. *^Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. Up To 100% on-road funding is provided by select financiers only. #Gold Voucher is applicable on select models/variants. The terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st December, 2021.

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୨୩/୨୦୨୧ (୮+୮=୧୬ ପୃଷ୍ଠା)
Bhubaneswar, Thursday, December 23/2021



## ଆର୍ଯ୍ୟନଙ୍କୁ ମୁକୁଳାଇବାକୁ ଲାଞ୍ଚ ଅଭିଯୋଗର ପ୍ରମାଣ ନାହିଁ

ଅଭିନେତା ଶାହାରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନଙ୍କୁ ଡ୍ରଗ୍ସ ମାମଲାରୁ ମୁକୁଳାଇବା ପାଇଁ ଏନ୍‌ସିବି ୨୫ କୋଟି ଟଙ୍କାର ଲାଞ୍ଚ ମାଗିଥିବାର ପ୍ରମାଣ ମିଳି ନ ଥିବା ମୁମ୍ବାଇ ପୋଲିସ କହିଛି।

୦୨

୦୮

## ଭାରତକୁ ବ୍ରୋଞ୍ଜ ପଦକ

ମ୍ୟାନ୍ ଅଫ୍ ଦି ମ୍ୟାଚ ଅଧିନାୟକ ମନପ୍ରୀତ ସିଂଙ୍କ ଆକର୍ଷଣୀୟ ପ୍ରଦର୍ଶନ ବଳରେ ଭାରତ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକିରେ ବ୍ରୋଞ୍ଜ ପଦକ ହାସଲ କରିଛି।



# ୪ ଡିଗ୍ରୀ ତଳକୁ ଖସିଲା ପାରଦ



କେନ୍ଦୁଝର ଜିଲା ବାଂଶପାଳ ବ୍ଲକ କାଞ୍ଜିପାଣି ଅଞ୍ଚଳରେ ଅସହ୍ୟ ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ନିଆଁ ଜାଳି ସେକି ହେଉଛନ୍ତି।

**ଭୁବନେଶ୍ୱର,୨୨।୧୨(ବ୍ୟୁରୋ)**

ଶୀତରୁ ନିସ୍ତାର ନାହିଁ। ଗତ କିଛି ଦିନ ହେବ ସମଗ୍ର ରାଜ୍ୟ ପ୍ରବଳ ଜାଡରେ ଥରୁଛି। ଗାଁରୁ ସହର ସବୁଠି ଶୀତର ପ୍ରକୋପ ଏତେ ବଢ଼ି ଯାଇଛି ଯେ ସକାଳୁ ଘରୁ ବାହାରିବା ମୁସ୍କିଲ ହୋଇ ପଡୁଛି। ଥଣ୍ଡାରେ ଦେହ ହାତ କୋଲ ମାରି ନେଇ ଯାଉଛି। ଦିନରେ ମଧ୍ୟ ଶୀତର ପ୍ରକୋପ ଜାରି ରହୁଛି। ସକାଳ ୧୦ଟା ଯାଏ ପଦାକୁ ବାହାରିବା ସମ୍ଭବ ହେଉ ନାହିଁ। ବଣପାହାଡ ଘେରା ଜିଲାଗୁଡିକରେ ଶୀତର ପ୍ରକୋପ ଆହୁରି ବଢ଼ି ଯାଇଛି। ହାଡ଼ଭଙ୍ଗା ଶୀତ ଯୋଗୁ ସନ୍ଧ୍ୟା ହେଲେ ଲୋକମାନେ ନିଆଁ ଜାଳି ବସୁଥିବା ଦେଖିବାକୁ ମିଳୁଛି। ରାଜ୍ୟରେ ସର୍ବନିମ୍ନ ପାରଦ ୪ଡିଗ୍ରୀ ସେଲସିୟସକୁ ତଳକୁ ଖସି ଯାଇଛି। ରାଜ୍ୟର ୧୭ଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ ତଳକୁ ଖସି ଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବୁଧବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୩.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡି ୪.୫, ସୋନପୁର ୬.୪, ଝାରସୁଗୁଡା ୬, କେନ୍ଦୁଝର ୬.୪, ସମ୍ବଲପୁର ୮.୬, ସୁନ୍ଦରଗଡ ୬, ହୀରାକୁଦ ୮.୪, ତାଳଚେର ୯, ଭବାନୀପାଟଣା ୬.୮, ବଲାଙ୍ଗୀର ୮.୫, କୋରାପୁଟ ୭, ନୟାଗଡ ୯, ବୌଦ୍ଧ ୮, ଚାନ୍ଦବାଲି ୯.୭ ଏବଂ ଅନୁଗୋଳ ଜିଲାରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

### ଆହୁରି ୨ ଦିନ ପ୍ରବଳ ଥଣ୍ଡା

ଆସନ୍ତା ୨ ଦିନ ଯାଏ ଶୀତ ଆହୁରି ଥରେଇବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ, ☞ପୃଷ୍ଠା-୬

# ଓମିକ୍ରନ୍ ମୁକାବିଲା ପାଇଁ ରଣନୀତି

**୫ ପ୍ରସଙ୍ଗ ଉପରେ ଗୁରୁତ୍ୱ**

- ସ୍ଥିତି ଦେଖି ନୂଆବର୍ଷ କଟକଣା ଲାଗୁ ହେବ
- ଜାନୁୟାରୀ ୧୫ ସୁଦ୍ଧା ଶତ ପ୍ରତିଶତ ଟିକାକରଣ ନିର୍ଦ୍ଦେଶ
- ଦୈନିକ ୭୦ହଜାର ନମୁନା ପରୀକ୍ଷା ଲକ୍ଷ୍ୟ ଧାର୍ଯ୍ୟ



ଓମିକ୍ରନ୍ ମୁକାବିଲା ପାଇଁ ବୁଧବାର ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ଅନ୍ୟ ଅଧିକାରୀମାନେ।

**ଭୁବନେଶ୍ୱର, ୨୨।୧୨(ବ୍ୟୁରୋ)**

ଓଡ଼ିଶାରେ 'ଓମିକ୍ରନ' ଆକ୍ରାନ୍ତ ଚିହ୍ନଟ ହେବା ପରେ ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ିଛି। ଏହି ନୂଆ କରୋନା ଭାରିଆଣ୍ଟର ମୁକାବିଲା କରିବା ପାଇଁ ଏକ ଉଚ୍ଚସ୍ତରୀୟ ବୈଠକ ବସି ସ୍ୱତନ୍ତ୍ର ରଣନୀତି ଆରମ୍ଭ ହୋଇଛି। ବୁଧବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟତଃ ୫ଟି ପ୍ରସଙ୍ଗକୁ ଗୁରୁତ୍ୱ ଦିଆଯାଇଛି। ଜୋର୍‌ଦାର ସର୍ଭେଲାନ୍ସ, ବ୍ୟାପକ ଟିକାକରଣ, ଜିନୋମ ସିକ୍ୱେନ୍ସିଂ ବୃଦ୍ଧି, ଟେଷ୍ଟିଂ ଓ ଟ୍ରାକିଂକୁ ଗୁରୁତ୍ୱ ଦିଆଯାଇଛି। ଏହାଛଡ଼ା ନୂଆବର୍ଷରେ ଭିଡ଼ ହେବାର ସମ୍ଭାବନା ଥିବାରୁ ଜିଲାପାଳ ଓ ମହାନଗର ନିଗମ କମିଶନରଙ୍କୁ କଟକଣା ବଢ଼ାଇବାକୁ ଦାୟିତ୍ୱ ଦିଆଯାଇଛି। ସ୍ଥିତି ଦେଖି ଜିଲାପାଳମାନେ କଟକଣା ଲାଗୁ କରିପାରିବେ ବୋଲି ବୈଠକ ପରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ସୂଚନା ଦେଇଥିଲେ।

ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଶାସନ ସଚିବ କହିଲେ, ନିଜ ନିଜର ସୁରକ୍ଷା ପାଇଁ ସମସ୍ତ ଯୋଗ୍ୟ ହିତାଧିକାରୀ ଶୀଘ୍ର କୋଭିଡ୍ ଟିକା ନେଇଯିବା ଜରୁରୀ। ଜାନୁୟାରୀ ୧୫ ସୁଦ୍ଧା ଶତ ପ୍ରତିଶତ ଟିକାକରଣ ନିମନ୍ତେ ଲକ୍ଷଭେଦୀ ଗ୍ରାମୱାରୀ କାର୍ଯ୍ୟକ୍ରମ କରିବାକୁ ସେ ସମସ୍ତ ଜିଲାପାଳ, ସ୍ୱାସ୍ଥ୍ୟ ଅଧିକାରୀ, ଟିକାକରଣ ଟିମ୍, ବ୍ଲକ୍ ଓ ପଞ୍ଚାୟତ ଅଧିକାରୀଙ୍କୁ କହିଥିଲେ। ସେହିପରି ଓମିକ୍ରନ୍ ସ୍ଥିତି ଦୃଷ୍ଟିରୁ ସମସ୍ତ ସରକାରୀ ହସ୍ପିଟାଲ୍‌ରେ ଯଥେଷ୍ଟ ଔଷଧ, ଅକ୍ସିଜେନ୍ ସିଲିଣ୍ଡର, ବେଡ୍, ଆଇସିୟୁ, ଭେଣ୍ଟିଲେଟର ଓ ଆନୁସଙ୍ଗିକ ଚିକିତ୍ସା ବ୍ୟବସ୍ଥା ପ୍ରସ୍ତୁତ ରଖିବାକୁ କୁହାଯାଇଛି। ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରି ଯେକୌଣସି ସମୟରେ ସହଯୋଗ କରିବାକୁ ସେମାନେ ପ୍ରସ୍ତୁତ ରହିବା ନେଇ ଆଗୁଆ ଜଣାଇଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ କୁମାର ଶର୍ମା, କୋଭିଡ୍ ସ୍ଥିତି ବିଷୟ ଉପସ୍ଥାପନ କରିବା ସହ ବ୍ୟାପକ ଟେଷ୍ଟିଂ, ସଚେତନତା ଏବଂ ପ୍ରବର୍ତ୍ତନ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟରେ ଦୈନିକ ଟେଷ୍ଟିଂକୁ ୭୦ହଜାର ପର୍ଯ୍ୟନ୍ତ ବଢ଼ାଇବାକୁ ଶର୍ମା କହିଥିଲେ। ଏହାପରେ ସେହି ଅନୁସାରେ ବିଭିନ୍ନ ଜିଲା ପାଇଁ ଦୈନିକ ନମୁନା ପରୀକ୍ଷା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ବହୁ ଲୋକଙ୍କ ସଂସ୍ପର୍ଶରେ ଆସୁଥିବା ବୁଲା ବିକାଳି, ଡେଲିଭରି ମ୍ୟାନ୍, ଦୋକାନୀ, ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ର, ବିବାହ ଓ ଅନ୍ତ୍ୟେଷ୍ଟିକ୍ରିୟା ଆଦି କର୍ମରେ ଯୋଗଦେଉଥିବା ଲୋକଙ୍କ ନମୁନା ପରୀକ୍ଷା କରାଇବା ପାଇଁ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସାମାଜିକ କାର୍ଯ୍ୟକ୍ରମ ପାଇଁ ରହିଥିବା ନିୟମକୁ କଡ଼ାକଡ଼ି ଭାବେ ଲାଗୁ କରିବା ପାଇଁ ମଧ୍ୟ ଜିଲାପାଳ ଓ ପୋଲିସ୍ ଅଧିକାରୀଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ବଜାର, ଶିଳ୍ପାଞ୍ଚଳ, ବସ୍‌ଷ୍ଟାଣ୍ଡ ଏବଂ ଭିଡ଼ ସ୍ଥାନଗୁଡ଼ିକରେ ନମୁନା ପରୀକ୍ଷା, ପ୍ରତି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରାପିଡ୍ ଆଣ୍ଟିଜେନ୍ ସହ ଆର୍‌ଟିପିସିଆର୍ ଟେଷ୍ଟ ନିମନ୍ତେ ☞ପୃଷ୍ଠା-୬

## ଭୁବନେଶ୍ୱରର ୪ ଫ୍ଲାଟ୍ କଣ୍ଟେନ୍‌ମେଣ୍ଟ

**ଭୁବନେଶ୍ୱର, ୨୨।୧୨ (ବ୍ୟୁରୋ)**

ଏକାଧିକ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ରାଜଧାନୀ ଭୁବନେଶ୍ୱରର ଆଉଏକ ସ୍ଥାନକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ୬୪ ନମ୍ବର ୱାର୍ଡ ଅନ୍ତର୍ଗତ ଡୁମୁଡୁମାସ୍ଥିତ କସ୍‌ମୋପଲିସ ଆପାର୍ଟମେଣ୍ଟର ଫ୍ଲାଟ୍ ନଂ. ଜି- ୧୧୨, ଜି-୧୩୨, ଜି-୧୪୨ ଓ ଜି-୧୫୧ରୁ ୮ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାରୁ ସଂକ୍ରମଣ ଏଡାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏଠାରେ କଣ୍ଟେନ୍‌ମେଣ୍ଟ କଟକଣା ଲଗାଇଛି। ଏହି ସମୟରେ ସମ୍ପୃକ୍ତ ଅଞ୍ଚଳକୁ ଲୋକଙ୍କ ଯିବା ଆସିବାକୁ ବାରଣ କରାଯାଇଛି। ଏଥିସହ ସେଠାରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡିକୁ ମଧ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କଣ୍ଟେନମେଣ୍ଟ ଅଞ୍ଚଳରେ ଥିବା ଲୋକଙ୍କୁ ବିଏମ୍‌ସି ପକ୍ଷରୁ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯିବ। ୱାର୍ଡ ଅଫିସର ଜେଡ୍. ଆବେଦିନ୍ ସାମଗ୍ରୀ ଯୋଗାଣ ଦାୟିତ୍ୱରେ ରହିଥିବାବେଳେ ଡା. ଦିପ୍ତୀମାନ ବେହେରା ମେଡିକାଲ ସହାୟତା ପାଇଁ ନିୟୋଜିତ ଅଛନ୍ତି।

ସୂଚନାଯୋଗ୍ୟ, ସହରରେ ଏବେ କରୋନା ସଂକ୍ରମଣ ଜାରି ରହିଛି। ତେବେ କଟକରୁ ରାଜ୍ୟର ପ୍ରଥମ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହେବା ପରେ ରାଜଧାନୀରେ ଏହାକୁ ରୋକିବାକୁ ବିଏମ୍‌ସି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଫଳରେ ଗୋଟିଏ ସ୍ଥାନରୁ ଏକାଧିକ ସଂକ୍ରମିତ ଚିହ୍ନଟ ହେଲେ ☞ପୃଷ୍ଠା-୬

# 'ଗରିବଙ୍କ କଲ୍ୟାଣ ଗୁରୁତ୍ୱପୂର୍ଣ୍ଣ'

- ୯୬ ଲକ୍ଷ ପରିବାରକୁ ୧ ହଜାର ଲେଖାଏଁ ସହାୟତା
- 'ଓମିକ୍ରନ୍' ନେଇ ସତର୍କ କଲେ ମୁଖ୍ୟମନ୍ତ୍ରୀ



ବିଏସ୍‌କେୱାଇ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

**ଭୁବନେଶ୍ୱର,୨୨।୧୨(ବ୍ୟୁରୋ)**

ସମଗ୍ର ବିଶ୍ୱରେ ଓମିକ୍ରନ୍ ଭୂତାଣୁ କାୟାବିସ୍ତାର କରୁଛି। ଏହି ଭୂତାଣୁ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକଙ୍କୁ ସତର୍କ କରାଇଛନ୍ତି। ଜନସାଧାରଣଙ୍କ ସହଯୋଗରେ ଓଡ଼ିଶା କୋଭିଡ୍‌ର ପ୍ରଥମ ଓ ଦ୍ୱିତୀୟ ଲହରକୁ ସଫଳ ଭାବରେ ମୁକାବିଲା କରିପାରିଛି। ବର୍ତ୍ତମାନ କୋଭିଡ୍‌ର ନୂଆ ଭାରିଆଣ୍ଟ ଓମିକ୍ରନ୍ କାୟାବିସ୍ତାର କରୁଛି। ତେଣୁ ଜନସାଧାରଣ ସତର୍କ ରହି କୋଭିଡ୍ ନିୟମ ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ମାସ୍କ ପିନ୍ଧିବା, ବାରମ୍ବାର ହାତ ଧୋଇବା, ସାମାଜିକ ଦୂରତ୍ୱ ରକ୍ଷା କରିବା ଏବଂ ଅତି ଆବଶ୍ୟକ ନ ହେଲେ ଭିଡ଼କୁ ନ ଯିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ବୁଧବାର କୋଭିଡ୍ ସହାୟତା ପ୍ରଦାନ ଅବସରରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି।

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ହିତାଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ଜୀବିକା ପାଇଁ ୧ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। କୋଭିଡ୍ ସମୟରେ ଗରିବ ଲୋକଙ୍କ ଆର୍ଥିକ ଦୁରବସ୍ଥାକୁ ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ସହାୟତା ଦେଇଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ନ ଥିବା କ୍ଷେତ୍ରରେ ଜାତୀୟ ଖାଦ୍ୟ ସୁରକ୍ଷା କିମ୍ବା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀମାନେ ମଧ୍ୟ ଏହି ସହାୟତା ପାଇପାରିବେ। ସାରା ରାଜ୍ୟର ୯୬ ଲକ୍ଷ ପରିବାର ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାର ନିଜ ପାଣ୍ଠିରୁ ୯୬୦ କୋଟି ଟଙ୍କା ଖର୍ଚ୍ଚ କରିବେ। ୭ ଦିନ ମଧ୍ୟରେ ଏହି ସହାୟତା ସମସ୍ତ ହିତାଧିକାରୀଙ୍କୁ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗରିବ ଲୋକଙ୍କ କଲ୍ୟାଣ ରାଜ୍ୟ ସରକାରଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। କୋଭିଡ୍‌ର ପ୍ରଥମ ଓ ଦ୍ୱିତୀୟ ଲହର ଆମ ପାଇଁ ଆହ୍ୱାନ ସୃଷ୍ଟି କରିଥିଲା। ଏହା ସେମାନଙ୍କ ଆର୍ଥିକ ☞ପୃଷ୍ଠା-୬




# 'ପ୍ରଳୟ'ର ସଫଳ ପରୀକ୍ଷଣ

**ବାଲେଶ୍ୱର ଅଫିସ,୨୨।୧୨**



'ପ୍ରଳୟ' କ୍ଷେପଣାସ୍ତ୍ର

ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଉଥିବା ସ୍ୱଳ୍ପ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ହୋଇଛି। ବାଲେଶ୍ୱର ଚାନ୍ଦିପୁର ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ(ଡିଆରଡିଓ) ପକ୍ଷରୁ ବୁଧବାର ପୂର୍ବାହ୍ନ ୧୦ଟା ୨୦ମିନିଟ୍‌ରେ ଧାମରାସ୍ଥିତ ଅବଦୁଲ କଲାମ ଦ୍ୱୀପର ୪ନମ୍ବର ଲଞ୍ଚ ପ୍ୟାଡ଼ରୁ ଏହି କ୍ଷେପଣାସ୍ତ୍ରର ପରୀକ୍ଷଣ କରାଯାଇଥିଲା। ଭାରତୀୟ ପ୍ରତିରକ୍ଷା ବିଭାଗ ଦ୍ୱାରା ବିକଶିତ ଏହି କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୩୫୦-୫୦୦ କିଲୋମିଟର। ଏହା ସୁରକ୍ଷିତ ଭାବେ ୫୦୦ରୁ ୧ ହଜାର କେଜି ଯୁଦ୍ଧାସ୍ତ୍ର ବହନ କରିପାରିବ। ନିର୍ଦ୍ଦିଷ୍ଟ ଦୂରତା ଉଡାଣ ଭରିବା ପରେ ଏହାର ଦିଗ ପରିବର୍ତ୍ତନ କରିବାର କ୍ଷମତା ରହିଛି। ପରୀକ୍ଷା ସମୟରେ କ୍ଷେପଣାସ୍ତ୍ରର ଗତିପଥ ତଦାରଖ ଲାଗି ଟ୍ରାକିଂ ଯନ୍ତ୍ରାଂଶ ବ୍ୟବହାର କରାଯାଇଥିବାବେଳେ ମିଶନର ସମସ୍ତ ଉଦ୍ଦେଶ୍ୟ ପୂରଣ ହୋଇଛି ବୋଲି ଡିଆରଡିଓ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ୨୦୧୫ ମାର୍ଚ୍ଚରେ ୩୩୨.୮୮ କୋଟି ବଜେଟ୍ ସହିତ 'ପ୍ରଳୟ' ବିକାଶ ପାଇଁ ପ୍ରକଳ୍ପ ଅନୁମୋଦନ ହୋଇଥିଲା। କେନ୍ଦ୍ର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ପ୍ରଳୟ କ୍ଷେପଣାସ୍ତ୍ରର ପ୍ରଥମ ଉଡ଼ାଣ ପାଇଁ ଡିଆର୍‌ଡିଓ ଏବଂ ସହଯୋଗୀ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରତିରକ୍ଷା ବିଭାଗର ସଚିବ ଡ. ଜି. ସତିଶ ରେଡ୍ଡୀ ପ୍ରଶଂସା କରି କହିଛନ୍ତି, ଆଧୁନିକ ଜ୍ଞାନକୌଶଳରେ ଏହି କ୍ଷେପଣାସ୍ତ୍ରକୁ ନିର୍ମାଣ କରାଯାଇଛି, ଯାହା ସେନାବାହିନୀକୁ ଅଧିକ ଶକ୍ତିଶାଳୀ କରିବ।

# ନିଯୁକ୍ତିରେ ବିଭ୍ରାନ୍ତିକର ତଥ୍ୟ

- ବିଧାନସଭା ଓ ଆର୍‌ଟିଆଇ ତଥ୍ୟ ଅମେଳ
- ଗୋଟିଏ କାରଖାନାରେ ୨୯ ହଜାର ଅଧିକ ନିଯୁକ୍ତିର ଫରକ

**ଯାଜପୁର ଅଫିସ,୨୨।୧୨**

ଶିଳ୍ପସଂସ୍ଥାଗୁଡ଼ିକର ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ରାଜ୍ୟ ସରକାରଙ୍କ ଦ୍ୱାରା ଇଣ୍ଡଷ୍ଟ୍ରି କେୟାର ନାମକ ଏକ ଉଦ୍ୟମ ଆରମ୍ଭ ହୋଇଛି। ଏହାବ୍ୟତୀତ ଶିଳ୍ପ ସଂସ୍ଥା ଦ୍ୱାରା ସରକାରଙ୍କ ଅନ୍‌ଲାଇନ ପୋର୍ଟାଲ ଷ୍ଟେଟ୍ ପ୍ରୋଜେକ୍ଟ ମନିଟରିଂ ଗ୍ରୁପ୍ (ଏସ୍‌ପିଏମ୍‌ଜି) ଓ ପ୍ରୋଜେକ୍ଟ ମନିଟରିଂ ଗ୍ରୁପ୍ (ପିଏମ୍‌ଜି) ମାଧ୍ୟମରେ ଆସୁଥିବା ବିଭିନ୍ନ ସମସ୍ୟାର ସମାଧାନ କରାଯାଉଛି। ସର୍ବୋପରି ଶିଳ୍ପନୀତି-୨୦୧୫ ପ୍ରଚଳନ, ଶିଳ୍ପାୟନ ପ୍ରକ୍ରିୟାକୁ ସରଳୀକରଣ କରିବା ପାଇଁ ଇଜ୍ ଅଫ୍ ଡୁଇଙ୍ଗ ବିଜନେସ୍, ସିଙ୍ଗଲ ୱିଣ୍ଡୋ, ପୁଞ୍ଜିନିବେଶକାରୀଙ୍କ ସୁବିଧା ପାଇଁ ନୋଡାଲ ଏଜେନ୍ସି ଇପିକଲ ଓ ଜିଲାସ୍ତରରେ ଇନ୍‌ଭେଷ୍ଟର ଫେସିଲାଇଟେଶନ୍ ଇତ୍ୟାଦିର ପ୍ରଚଳନ ହୋଇଛି। ଏଭଳି ଭାବେ ଲୋକଙ୍କୁ ନିଯୁକ୍ତି ଓ ସ୍ଥାନୀୟ ଅଞ୍ଚଳର ବିକାଶ କଥା କହି ଶିଳ୍ପ ସଂସ୍ଥାଗୁଡ଼ିକୁ ସବୁପ୍ରକାର ସୁବିଧା ଦିଆଯାଉଛି। କିନ୍ତୁ ଘର, ଜମି ହରାଇଥିବା ଏବଂ ଶିଳ୍ପ ଯୋଗୁ ସ୍ଥାନୀୟ ପ୍ରଭାବିତ ଲୋକଙ୍କ କଥା ଚିନ୍ତା କରିବାକୁ କାହାରି ସମୟ ନଥିବା ମନେ ହେଉଛି। ଶିଳ୍ପସଂସ୍ଥାଗୁଡ଼ିକ ଦେଉଥିବା ନିଯୁକ୍ତି ତଥ୍ୟକୁ ସରକାରୀ ସ୍ତରରେ ଆଖିବୁଜି ଗ୍ରହଣ କରିଦିଆଯାଉଛି। କିନ୍ତୁ ବାସ୍ତବରେ ଉକ୍ତ ତଥ୍ୟରେ ଅସତ୍ୟ ଭରିରହୁଛି। ୨।୮।୨୦୧୯ରେ ବିଧାନସଭାର ନିଯୁକ୍ତି ପ୍ରସଙ୍ଗରେ ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଉତ୍ତର ଏବଂ ସୂଚନା ଅଧିକାର ଆଇନ (ଆର୍‌ଟିଆଇ)ରେ ମିଳିଥିବା ତଥ୍ୟରେ କୌଣସି ତାଳମେଳ ନ ଥିବାରୁ ସ୍ଥାନୀୟ ନିଯୁକ୍ତି ତଥ୍ୟର ସତ୍ୟତାକୁ ନେଇ ସନ୍ଦେହ ପ୍ରକାଶ ପାଇଛି।

ବିଧାନସଭାରେ ଏକ ପ୍ରଶ୍ନର ଉତ୍ତର ଅନୁସାରେ ରାଜ୍ୟରେ ପ୍ରତିଷ୍ଠିତ ୧୦୫ଟି ବୃହତ୍ ଶିଳ୍ପ ସଂସ୍ଥାରେ ୧,୯୧,୪୦୪ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ତେବେ ଏହି ତଥ୍ୟରେ ବାସ୍ତବତା ବହୁତ ଦୂରରେ। ଏଥିରେ କେବଳ ଯାଜପୁର ଜିଲାର କଳିଙ୍ଗନଗରରେ ପ୍ରତିଷ୍ଠିତ ଟାଟା ଷ୍ଟିଲ କମ୍ପାନୀରେ ନିଯୁକ୍ତି ସଂଖ୍ୟାକୁ ଉଦାହରଣ ଭାବେ ନିଆଯାଇପାରେ। ଉକ୍ତ ତଥ୍ୟ ଅନୁସାରେ କଳିଙ୍ଗନଗର ଶିଳ୍ପାଞ୍ଚଳର ଟାଟା ଷ୍ଟିଲରେ ୪୪,୮୦୬ ଜଣଙ୍କୁ ନିଯୁକ୍ତି ମିଳିଛି। ଅନ୍ୟପକ୍ଷେ ୨୭।୮।୨୦୨୦ରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଆରଟିଆଇରେ ମିଳିଥିବା ତଥ୍ୟ ଏବଂ ବିଧାନସଭା ପ୍ରଶ୍ନର ଉତ୍ତରତଥ୍ୟରେ କୌଣସି ତାଳମେଳ ରହୁନାହିଁ। ଆର୍‌ଟିଆଇ ତଥ୍ୟ ଅନୁସାରେ ଟାଟା ଷ୍ଟିଲରେ ୩୪୭୫ ନିୟମିତ ଏବଂ ୧୧,୮୧୭ ଠିକା ଶ୍ରମିକ ଭାବେ ମୋଟ ୧୫,୨୯୨ ଜଣ ନିଯୁକ୍ତି ପାଇଛନ୍ତି। ବିଧାନସଭା ଉତ୍ତରକୁ ଦେଖିଲେ ଏହି ଗୋଟିଏ ଶିଳ୍ପରେ ୨୯,୫୧୪ ଅଧିକ ନିଯୁକ୍ତିର ଫରକ ଆସୁଛି, ଯାହାକି ତଦନ୍ତ ସାପେକ୍ଷ ବୋଲି ସ୍ଥାନୀୟ ଅଞ୍ଚଳରେ ଦାବି ଉଠିଛି। ସେହିପରି ଅନ୍ୟ ଶିଳ୍ପ କାରଖାନାରେ ନିୟୋଜିତ କର୍ମଚାରୀ ଓ ଶ୍ରମିକ ସଂଖ୍ୟାରେ ତାଳମେଳ ରହୁ ନ ଥିବା ଦେଖିବାକୁ ମିଳିଛି।

ବିଧାନସଭାର ଉକ୍ତ ଉତ୍ତରରେ ଦର୍ଶାଯାଇଛି ଯେ, ୨୦୧୭-୧୮ ସୁଦ୍ଧା ରାଜ୍ୟରେ ପ୍ରତିଷ୍ଠିତ ୫୫୦ ଶିଳ୍ପସଂସ୍ଥାରେ ୨,୬୬,୮୫୪ ଜଣ କର୍ମଚାରୀ ନିୟୋଜିତ ଅଛନ୍ତି। ସେଥିରେ ☞ପୃଷ୍ଠା-୬

ଧରିତ୍ରୀ
DHARITRI
ଗୁରୁବାର, ୨୩ ଡିସେମ୍ବର, ୨୦୨୧



ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ଅସୁସ୍ଥ ଥିବା ଚର୍ଚ୍ଚା ଜୋର ଧରିଛି। ବୁଧବାର ମହାରାଷ୍ଟ୍ର ବିଧାନସଭା ଅଧିବେଶନର ପ୍ରଥମ ଦିନରେ ସେ ଅନୁପସ୍ଥିତ ରହିଥିବାରୁ ଏହି ଚର୍ଚ୍ଚାକୁ ଖୋରାକ ମିଳିଛି। ନିକଟରେ ୬୧ ବର୍ଷୀୟ ଉଦ୍ଧବଙ୍କ ସର୍ଭିକାଲ ସ୍ପାଇନ୍ ସର୍ଜରୀ ହୋଇଥିଲା। ବିଧାନସଭା ଅଧିବେଶନର ଆରମ୍ଭରୁ ମୁଖ୍ୟମନ୍ତ୍ରୀ ଉପସ୍ଥିତ ନ ରହିବା ଅନୁଚିତ। ଯଦି ଉଦ୍ଧବ ଅସୁସ୍ଥ ଅଛନ୍ତି ତେବେ ସେ ଠିକ୍ ନ ହେବା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଅନ୍ୟ କାହାକୁ ଦେବା କଥା ବୋଲି ମହାରାଷ୍ଟ୍ରର ଭାଜପା ମୁଖ୍ୟ ଚନ୍ଦ୍ରକାନ୍ତ ପାଟିଲ କହିଛନ୍ତି।



## ସଂକ୍ଷେପରେ

### ଶୁଣାଣିବେଳେ ମହିଳାଙ୍କ ସହ ଅନ୍ତରଙ୍ଗ ହେଲେ ଓକିଲ

**ପ୍ରାକ୍ଟିସ୍‌ରୁ ନିଲମ୍ବିତ, ତଦନ୍ତ ନିର୍ଦ୍ଦେଶ**

**ଚେନ୍ନାଇ, ୨୨।୧୨:** ମାଡ୍ରାସ ହାଇକୋର୍ଟରେ ଏକ ମାମଲାର ଭର୍ଚୁଆଲ ଶୁଣାଣିବେଳେ ମଙ୍ଗଳବାର ଜଣେ ଓକିଲ ଅପ୍ରୀତିକର କାର୍ଯ୍ୟ କରିଛନ୍ତି। ଏହି ସମୟରେ ଓକିଲ ଆର୍. ଡି. ସାନ୍ଥନା କ୍ରିଷ୍ଣନ୍ ଜଣେ ମହିଳାଙ୍କ ସହ ଅନ୍ତରଙ୍ଗ ହୋଇଥିବା ଭିଡିଓରେ ଦେଖାଯାଇଥିଲା। କୋର୍ଟରେ ତାଙ୍କ କେସ୍‌ର ପାଳିକୁ ଅପେକ୍ଷା କରିଥିବା ସାନ୍ଥନା କ୍ୟାମେରା ଅନ୍ ଥିବା ଭୁଲିଯାଇଥିଲେ ଏବଂ କିଛି ସମୟ ପାଇଁ ଜଣେ ମହିଳାଙ୍କ ସହ ଅଶ୍ଳୀଳ ଅବସ୍ଥାରେ ତାଙ୍କୁ ଦେଖିବାକୁ ମିଳିଥିଲା। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ତାମିଲନାଡୁ ଏବଂ ପୁଡୁଚେରୀ ବାର୍ କାଉନ୍‌ସିଲ ସମ୍ପୃକ୍ତ ଓକିଲଙ୍କୁ ପ୍ରାକ୍ଟିସ୍‌ରୁ ନିଲମ୍ବିତ କରିଛନ୍ତି। ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନ ନିଆଯିବା ପର୍ଯ୍ୟନ୍ତ ସେ ଆଇନ ଅଭ୍ୟାସ କରିପାରିବେନି ବୋଲି ଏକ ବିଜ୍ଞପ୍ତିରେ ବାର୍ କାଉନ୍‌ସିଲ ପକ୍ଷରୁ କୁହାଯାଇଛି। ଏଥିସହ ତାଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ପାଇଁ ହାଇକୋର୍ଟ ସିବି-ସିଆଇଡିକୁ ନିର୍ଦ୍ଦେଶ ଦେଇଛନ୍ତି। ସୋସିଆଲ ମିଡିଆରେ ଏହି ଭିଡିଓକୁ ବ୍ଲକ କରିବାକୁ ଚେନ୍ନାଇ ପୋଲିସକୁ କୋର୍ଟ କହିଛନ୍ତି।

**ଆର୍ଯ୍ୟନ ଖାନ୍ ଡ୍ରଗ୍ସ ପାର୍ଟି ମାମଲା**

### ‘ଲାଞ୍ଚ କାରବାରର କୌଣସି ପ୍ରମାଣ ମିଳିନି’



**ମୁମ୍ବାଇ, ୨୨।୧୨:** ବଲିଉଡ୍ ଅଭିନେତା ଶାହାରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନ ଖାନ୍ ଡ୍ରଗ୍ସ ପାର୍ଟି ମାମଲାରେ ଲାଞ୍ଚ କାରବାର ନେଇ ଆସିଥିବା ଅଭିଯୋଗର କୌଣସି ପ୍ରମାଣ ମିଳି ନ ଥିବା ମୁମ୍ବାଇ ପୋଲିସ ବୁଧବାର କହିଛି। ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି)ର ଜଣେ ସାକ୍ଷୀ ପ୍ରଭାକର ସୈଲ୍‌ଙ୍କ ଅଭିଯୋଗ ଅନୁଯାୟୀ, ଏନ୍‌ସିବି ଆଞ୍ଚଳିକ ନିର୍ଦ୍ଦେଶକ ସମୀର ୱାଙ୍ଖେଡେଙ୍କ ସମେତ କେତେଜଣ ଅନ୍ୟ ଅଧିକାରୀ ଆର୍ଯ୍ୟନଙ୍କୁ ଛାଡ଼ିବା ପାଇଁ ଶାହାରୁଖଙ୍କଠାରୁ ୨୫ କୋଟି ଟଙ୍କା ଦାବି କରିଥିଲେ। ଘଟଣାର ତଦନ୍ତ ପାଇଁ ମୁମ୍ବାଇ ପୋଲିସ ଏକ ସ୍ୱତନ୍ତ୍ର ତଦନ୍ତ ଟିମ୍(ଏସ୍‌ଆଇଟି) ଗଢ଼ିଥିଲା। ଏ ନେଇ ପ୍ରମାଣ ମିଳି ନ ଥିବାରୁ କୌଣସି ମାମଲା ରୁଜୁ ହୋଇ ନ ଥିବା ପୋଲିସ କହିଛି। ସୂଚନାଯୋଗ୍ୟ, ଗତ ଅକ୍ଟୋବର ୨ରେ ମୁମ୍ବାଇ କ୍ରୁଜ୍ ଶିପ୍‌ରେ ଡ୍ରଗ୍ସ ପାର୍ଟି କରିବା ଅଭିଯୋଗରେ ଆର୍ଯ୍ୟନଙ୍କୁ ଏନ୍‌ସିବି ଗିରଫ କରିଥିଲା। ଅକ୍ଟୋବର୨୮ରେ ସେ ଜାମିନରେ ମୁକୁଳିଥିଲେ।

### ଚାଷୀଙ୍କ ଆୟ ଦୁଇଗୁଣ ଲାଗି ଆନ୍ଦୋଳନକୁ ଓହ୍ଲାଇବ ବିକେଏସ୍

**ନୂଆଦିଲ୍ଲୀ, ୨୨।୧୨ :** ୨୦୨୨ ସୁଦ୍ଧା କୃଷକମାନଙ୍କ ଆୟ ଦ୍ୱିଗୁଣିତ କରିବା ଲାଗି କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ପ୍ରତିଶ୍ରୁତି ଦେଇଥିଲେ। ଏପର୍ଯ୍ୟନ୍ତ ତାହା ପାଳନ ହୋଇ ନ ଥିବାରୁ ଏହାର ପ୍ରତିବାଦରେ ଭାରତୀୟ କିଷାନ ସଂଘ (ବିକେଏସ୍) ଦେଶବ୍ୟାପୀ ୧୦ ଦିନିଆ ଆନ୍ଦୋଳନ କରିବ ବୋଲି ବୁଧବାର ଘୋଷଣା କରିଛି। ଦାବି ପୂରଣ ଲାଗି ସେମାନେ ବିଭିନ୍ନ ପର୍ଯ୍ୟାୟରେ ସରକାରଙ୍କ ଉପରେ ଚାପ ପକାଇବେ ବୋଲି ବିକେଏସ୍ ସାଧାରଣ ସମ୍ପାଦକ ବଦ୍ରିନାରାୟଣ ଚୌଧରୀ କହିଛନ୍ତି। ଜାନୁୟାରୀ ୧ରୁ ପ୍ରତି ଗ୍ରାମରେ ଧାରଣା ଦିଆଯିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓମାନଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ। ଆୟ ଦୁଇଗୁଣା କରିବା ସହ ଦଲାଲଙ୍କ କବଳରୁ ମୁକ୍ତି, କୃଷି ଉତ୍ପାଦନ ବିକ୍ରି ଉପରୁ ଟିକସ ଛାଡ଼, ଏବଂ ଫସଲର ଉପଯୁକ୍ତ ଦାମ୍ ପାଇବା ଲାଗି ଚାଷୀମାନେ ଆଶା ରଖିଥିଲେ। ହେଲେ ଏପର୍ଯ୍ୟନ୍ତ ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ କଲେନାହିଁ। ବର୍ଷେ ଆନ୍ଦୋଳନ ପରେ ସରକାର କୃଷି ଆଇନ ପ୍ରତ୍ୟାହାର କରିନେବାକୁ ନେଇ ପ୍ରଶ୍ନ ଉଠିଛି ବୋଲି ବିକେଏସ୍ ନେତା କହିଛନ୍ତି।

# ଫେବୃୟାରୀରେ ଓମିକ୍ରନ୍ ଲହର

**ନୂଆଦିଲ୍ଲୀ/ଭିଏନା, ୨୨।୧୨**

ଭାରତରେ ଓମିକ୍ରନ୍ ଲହର ଆସିବା ନେଇ ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ଆଇଆଇଟି)ର ବୈଜ୍ଞାନିକଙ୍କ ମତରେ କୋଭିଡ୍‌ର ତୃତୀୟ ଲହର ଆରମ୍ଭ ହୋଇଯାଇଛି। ଆସନ୍ତାବର୍ଷ ଫେବୃୟାରୀରେ ଓମିକ୍ରନ୍ ଲହର ଶୀର୍ଷ ଛୁଇଁବ ବୋଲି ସେମାନେ ପୂର୍ବାନୁମାନ କରିଛନ୍ତି। ସଂକ୍ରମଣକୁ ରୋକିବା ଲାଗି ଦ୍ୱିତୀୟ ଲହର ସମୟରେ ପ୍ରସ୍ତୁତ ‘ୱାର ରୁମ୍’ଗୁଡ଼ିକୁ ପୁନର୍ବାର ସକ୍ରିୟ କରିବା ଲାଗି କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି।

ସୂଚନାଯୋଗ୍ୟ କୋଭିଡ୍-୧୯ ଭୂତାଣୁର ଓମିକ୍ରନ୍ ଭାରିଆଣ୍ଟ ନଭେମ୍ବର ମଧ୍ୟଭାଗରେ ପ୍ରଥମେ ଦକ୍ଷିଣ ଆଫ୍ରିକାରେ ଚିହ୍ନଟ ହୋଇଥିଲା। ମାସେ ମଧ୍ୟରେ ଅର୍ଥାତ୍ ଡିସେମ୍ବର ମଧ୍ୟଭାଗ ସୁଦ୍ଧା ଏହା ପାଖାପାଖି ୯୦ ଦେଶକୁ ବ୍ୟାପିବା ଫଳରେ ବିଶ୍ୱରେ ଓମିକ୍ରନ୍ ଲହର ଆସିଥିବା କୁହାଯାଉଛି। ଦକ୍ଷିଣ ଆଫ୍ରିକାରେ ନୂଆ ଭାରିଆଣ୍ଟ ସଂକ୍ରମଣ କମିବା ଆରମ୍ଭ କରିଛି। ଓମିକ୍ରନ୍ ଯୋଗୁ କୋଭିଡ୍ ସଂକ୍ରମଣ ବ୍ରିଟେନ୍ ଓ ଡେନ୍‌ମାର୍କରେ ଦ୍ୱିଗୁଣିତ ହୋଇଛି। ଆମେରିକାରେ ଗତ ସପ୍ତାହରେ ୭୩ ପ୍ରତିଶତ ନୂଆ ମାମଲା ଓମିକ୍ରନ୍ ଯୋଗୁ ହୋଇଥିବା କୁହାଯାଉଛି। ନ୍ୟୁୟର୍କରେ ଏହା ୯୦ ପ୍ରତିଶତରୁ ଅଧିକ। ଆମେରିକାର ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନଶନ (ସିଡିସି) ସୂଚନା ଅନୁଯାୟୀ ନଭେମ୍ବର ଶେଷ ଭାଗରେ ନୂଆ କୋଭିଡ୍ ମାମଲାର ୯୯.୫ ପ୍ରତିଶତ ଡେଲ୍ଟା ଯୋଗୁ ହେଉଥିଲା। ଏବେ ପ୍ରତି ୪ ମାମଲାରୁ ୩ଟି ଓମିକ୍ରନ୍ ଯୋଗୁ ହେଉଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ୟୁରୋପୀୟ ଦେଶଗୁଡ଼ିକରେ ଓମିକ୍ରନ୍ ସଂକ୍ରମଣ ଦ୍ରୁତ ବେଗରେ ବଢ଼ିଚାଲିଥିବାରୁ ଆଉ ଏକ ଲହର ଆସିବା ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ସତର୍କ କରିଦିଆଯାଇଛି। ଓମିକ୍ରନ୍ ଯୋଗୁ କୋଭିଡ୍-୧୯ ସଂକ୍ରମଣ ଦ୍ୱିଗୁଣିତ ହୋଇଛି। ସେଥିପାଇଁ ଛୁଟିଦିନଗୁଡ଼ିକରେ ସତର୍କ ରହିବା ସହ ଟିକାକରଣ ବଢ଼ାଇବା ଲାଗି ଡବ୍ଲ୍ୟୁଏଚ୍‌ଓ ପରାମର୍ଶ ଦେଇଛି। ଆଉ ଏକ ଲହର ଆସିବା ସ୍ପଷ୍ଟ ବୋଲି ଡବ୍ଲ୍ୟୁଏଚ୍‌ଓର ୟୁରୋପ ଆଞ୍ଚଳିକ ନିର୍ଦ୍ଦେଶକ ଡ. ହଂସ କ୍ଲୁଗେ ଭିଏନାଠାରେ ଏକ ଖବରଦାତା ସମ୍ମିଳନୀକୁ କହିଛନ୍ତି। ଆଗାମୀ କିଛି ସପ୍ତାହ ମଧ୍ୟରେ ଓମିକ୍ରନ୍ ଆହୁରି ଅନେକ ଦେଶକୁ ମାଡ଼ିଯିବ। ବର୍ତ୍ତମାନ ସୁଦ୍ଧା ଡବ୍ଲ୍ୟୁଏଚ୍‌ଓ ୟୁରୋପୀୟ ଅଞ୍ଚଳର ୫୩ ସଦସ୍ୟ ରାଷ୍ଟ୍ର ମଧ୍ୟରେ ୩୮ଟିରେ ନୂଆ ଭାରିଆଣ୍ଟ ଚିହ୍ନଟ ହେଲେଣି। ଡେନ୍‌ମାର୍କ, ବ୍ରିଟେନ୍ ଓ ପର୍ତ୍ତୁଗାଲରେ ଓମିକ୍ରନ୍ ସଂକ୍ରମଣ ସର୍ବାଧିକ ଦେଖାଦେଇଛି।

କ୍ଲୁଗେଙ୍କ ଅନୁଯାୟୀ ୟୁରୋପରେ ଓମିକ୍ରନ୍ ସଂକ୍ରମିତଙ୍କଠାରେ କାଶ, ଗଳା ଫୁଲିବା, ଜ୍ୱର ଆଦି ସାଧାରଣ ଲକ୍ଷଣ ଦେଖାଯାଉଛି। ଉକ୍ତ ଭାରିଆଣ୍ଟ ବିଶେଷ କରି ଯୁବବର୍ଗଙ୍କୁ ବେଶି ସଂକ୍ରମଣ କରୁଥିବା ସେ ସୂଚନା ଦେଇଛନ୍ତି। ପୂର୍ବରୁ କରୋନା ଭୂତାଣୁର ଯେତେସବୁ ଭାରିଆଣ୍ଟ ଆସିଥିଲା, ଓମିକ୍ରନ୍ ସବୁଠୁ ଅଧିକ ସଂକ୍ରାମକ। ପ୍ରତି ୧.୫ରୁ ୩ ଦିନ ମଧ୍ୟରେ ସଂକ୍ରମଣ ଦ୍ୱିଗୁଣିତ ହେଉଥିବା ଜଣାପଡ଼ିଛି।



ନୂଆଦିଲ୍ଲୀର କମନୱେଲ୍‌ଥ ଭିଲେଜରେ ଥିବା ଏକ କୋଭିଡ୍ ଚିକିତ୍ସାକେନ୍ଦ୍ରର ଜଣେ କର୍ମଚାରୀ ଓମିକ୍ରନ୍ ଷ୍ଟିକର ଲଗାଉଛନ୍ତି।

## ସବୁ ଭାରିଆଣ୍ଟ ପାଇଁ ଭାକ୍ସିନ ଆଣିବ ଆମେରିକା ସେନା

**ୱାଶିଂଟନ୍, ୨୨।୧୨**

ଘାତକ କରୋନା ଭୂତାଣୁ ରୂପ ବଦଳାଇ ନୂଆ ଭାରିଆଣ୍ଟରେ ପରିଣତ ହେବାରେ ଲାଗିଥିବାବେଳେ ଏହା ବିରୋଧରେ ଲଢ଼େଇ ପାଇଁ ପ୍ରସ୍ତୁତି ଚଳାଇଛି ଆମେରିକା ସେନା। ସେନାର ୱାଲ୍ଟର ରିଡ୍ ଆର୍ମି ଇନଷ୍ଟିଚ୍ୟୁଟ ଅଫ୍ ରିସର୍ଚ୍ଚ(ଡବ୍ଲ୍ୟୁଆର୍‌ଏଆଇଆର୍) ଦ୍ୱାରା ସବୁ ଭାରିଆଣ୍ଟ ପାଇଁ ଗୋଟିଏ ଭାକ୍ସିନ ବିକଶିତ କରିଛନ୍ତି। କିଛି ଦିନ ମଧ୍ୟରେ ଏ ନେଇ ଘୋଷଣା କରାଯିବ ବୋଲି କୁହାଯାଇଛି। ରିପୋର୍ଟ ଅନୁସାରେ ଆମେରିକା ସେନା ଲାବ୍‌ରେ ୨ ବର୍ଷ ହେଲା ଏହି ଭାକ୍ସିନ ପ୍ରସ୍ତୁତି ଚାଲିଛି। ୨୦୨୦ ପ୍ରାରମ୍ଭରେ ଏହି ଲାବ୍ କୋଭିଡ୍-୧୯ ଭୂତାଣୁର ଡିଏନ୍‌ଏ ସିକ୍ୱେନ୍ସିଂ କରିଥିଲା। ଏବେ ଚିହ୍ନଟ ହୋଇଥିବା ଭାରିଆଣ୍ଟ ସହ ଆଗକୁ ଆସିବାକୁ ଥିବା କରୋନା ଭାରିଆଣ୍ଟ ବିରୋଧରେ ଭାକ୍ସିନ ତିଆରି ପାଇଁ ସେନା ଲାବ୍ କାର୍ଯ୍ୟ ଜାରି ରଖିଛି। ୱାଲ୍‌ଟର ରିଡ୍‌ର ସ୍ପାଇକ୍ ଫେରିଟିନ୍ ନାନୋପାର୍ଟିକଲ କୋଭିଡ୍ ଟିକା ବା ଏସ୍‌ପିଏଫ୍‌ଏନ୍‌ର ଚଳିତ ବର୍ଷ ପ୍ରାଣୀଙ୍କ ଉପରେ ହୋଇଥିବା ପରୀକ୍ଷଣ ସଫଳ ହୋଇଛି। ଓମିକ୍ରନ ସମେତ ଅନ୍ୟ ଭାରିଆଣ୍ଟ ପାଇଁ ପ୍ରଥମ ପର୍ଯ୍ୟାୟ ମାନବ ପରୀକ୍ଷଣ ସରିଥିବାବେଳେ ଏହାର ଫଳାଫଳ ମଧ୍ୟ ପଜିଟିଭ୍ ରହିଛି। ଏହାର ଚୂଡ଼ାନ୍ତ ସମୀକ୍ଷା ବାକି ଅଛି ବୋଲି ୱାଲ୍ଟର ରିଡ୍‌ର ସଂକ୍ରାମକ ରୋଗ ଶାଖା ପକ୍ଷରୁ କୁହାଯାଇଛି। ଏଥିସହ ଡବ୍ଲ୍ୟୁଆର୍‌ଏଆଇଆର୍ ଏକ ଦ୍ୱିତୀୟ ଟିକା, ସାର୍ସ-କୋଭ୍-୨ ସ୍ପାଇକ୍ ରିସେପ୍ଟର ବାଇଣ୍ଡିଂ ଡୋମେନ୍ ଫେରିଟିନ୍ ନାନୋପାର୍ଟିକଲ (ଆର୍‌ଏଫ୍‌ଏନ୍) ମଧ୍ୟ ବିକଶିତ କରିଛି। ଏହା ଭୂତାଣୁ ସ୍ପାଇକ୍ ପ୍ରୋଟିନ୍‌ର ଛୋଟ ଭାଗକୁ ଟାର୍ଗେଟ କରିପାରିବ ବୋଲି କୁହାଯାଇଛି।

## ଦିଲ୍ଲୀରେ ଖ୍ରୀଷ୍ଟମାସ, ନୂଆବର୍ଷ ସମାବେଶ ବନ୍ଦ

**ନୂଆଦିଲ୍ଲୀ, ୨୨।୧୨**

ଓମିକ୍ରନ୍ ସହିତ ଦିଲ୍ଲୀରେ ଦୈନିକ କୋଭିଡ୍ ସଂକ୍ରମଣ ୧୨୫କୁ ବୃଦ୍ଧି ପାଇଛି, ଯାହାକି ଗତ ୬ ମାସ ମଧ୍ୟରେ ସର୍ବାଧିକ। ଫଳରେ ସରକାରଙ୍କ ଚିନ୍ତା ବଢ଼ିଯାଇଛି। ଓମିକ୍ରନ୍ ସଂକ୍ରମଣ ବଢ଼ିଚାଲିଥିବାରୁ ଖ୍ରୀଷ୍ଟମାସ ଏବଂ ନୂଆବର୍ଷ ପାଳନ ଲାଗି ସମସ୍ତ ସମାବେଶକୁ ରାଜ୍ୟ ସରକାର ବନ୍ଦ କରିଛନ୍ତି। ଦିଲ୍ଲୀ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଡିଡିଏମ୍‌ଏ) ପକ୍ଷରୁ ପ୍ରକାଶିତ ନିର୍ଦ୍ଦେଶନାମାରେ ସମସ୍ତ ସାମାଜିକ, ରାଜନୈତିକ, କ୍ରୀଡ଼ା, ମନୋରଞ୍ଜନ, ସାଂସ୍କୃତିକ, ଧର୍ମୀୟ ଏବଂ ଅନ୍ୟାନ୍ୟ ଉତ୍ସବଜନିତ ସମାବେଶକୁ ନିଷେଧ କରାଯାଇଛି। କୋଭିଡ୍ କଟକଣା ମଧ୍ୟରେ ବୈଠକ, ସମ୍ମିଳନୀ, ବିବାହ, ପ୍ରଦର୍ଶନୀ ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟ ପାଇଁ ପ୍ରେକ୍ଷାଳୟ ଖୋଲିବ ନାହିଁ। ଖ୍ରୀଷ୍ଟମାସ୍ ଓ ନୂଆବର୍ଷ ପୂର୍ବରୁ କୋଭିଡ୍‌ର ସୁପରସ୍ପ୍ରେଡର ଆଶଙ୍କା ଥିବା ଅଞ୍ଚଳକୁ ଚିହ୍ନଟ କରାଯିବ। ଜିଲା ମାଜିଷ୍ଟ୍ରେଟ୍‌ମାନେ ସର୍ଭେ କରି ସେଭଳି କଲୋନି, ମାର୍କେଟ, ଗହଳିସ୍ଥାନ ଚିହ୍ନଟ କରିବାକୁ ଡିଡିଏମ୍‌ଏ ପକ୍ଷରୁ କୁହାଯାଇଛି। ଏସ୍‌ଓପି ମଧ୍ୟରେ ସ୍କୁଲ୍ କଲେଜ ଖୋଲିବାକୁ ଅନୁମତି ମିଳିବ। ସେହିପରି ରେଷ୍ଟୁରାଣ୍ଟ ଓ ବାର ଅଧା ସିଟ୍ ସହ ଖୋଲିବାକୁ ଅନୁମତି ଦିଆଯିବ। ସେହିପରି ଅଡିଟୋରିୟମ ଏବଂ ସଭାଗୃହଗୁଡ଼ିକରେ ୫୦ ପ୍ରତିଶତ ଲୋକଙ୍କୁ ଅନୁମତି ମିଳିବ। ଜିଲା ପ୍ରଶାସନିକ ଅଧିକାରୀ ଏବଂ ପୋଲିସକୁ ଉକ୍ତ ନିର୍ଦ୍ଦେଶନାମା ପାଳନ କରିବା ସହ ଦୈନିକ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ସେହିପରି ବିନା ମାସ୍କରେ ଗ୍ରାହକଙ୍କୁ ଦୋକାନରେ ପୂରାଇ ନ ଦେବାକୁ ମାର୍କେଟ ଟ୍ରେଡ୍ ଆସୋସିଏଶନକୁ ନିର୍ଦ୍ଦେଶ ଦିଆଯାଇଛି।

ଭାରତରେ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ୨୧୩ରେ ପହଞ୍ଚିଥିବାବେଳେ ଦିଲ୍ଲୀରେ ୫୭ ଜଣ ସଂକ୍ରମିତ ହେଲେଣି। ସଂକ୍ରମଣ ରୋକିବା ଲାଗି କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ରାତ୍ରିକାଳୀନ କର୍ଫ୍ୟୁ ସମେତ ବିଭିନ୍ନ କଟକଣା ଲଗାଇବାକୁ ପରାମର୍ଶ ଦେଇଛନ୍ତି। ଏଥିସହିତ ଟେଷ୍ଟିଂ, ଟ୍ରାକିଂ ବଢ଼ାଇବା ଏବଂ ଭିଡ଼ ହେବାକୁ ନ ଦେବା ଆଦି ପ୍ରତିକାରମୂଳକ ପଦକ୍ଷେପ ନେବାକୁ କୁହାଯାଇଛି। ମହାରାଷ୍ଟ୍ରରେ ୫୪ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଓମିକ୍ରନ୍ ଭାରିଆଣ୍ଟ ଆସିବା ପରେ ଦେଶରେ କୋଭିଡ୍ ସଂକ୍ରମଣ ମଧ୍ୟ ବୃଦ୍ଧି ପାଇଛି। ୨୪ ଘଣ୍ଟା ମଧ୍ୟରେ ୬,୩୧୭ ନୂଆ କୋଭିଡ୍ ମାମଲା ଦେଖାଦେଇଥିବାବେଳେ ୩୧୮ ଜଣଙ୍କ ମୃତ୍ୟୁ ଘଟିଛି। ତେବେ ଦେଶରେ ସକ୍ରିୟ ମାମଲା ସଂଖ୍ୟା ୭୮,୧୯୦ ରହିଛି। ଡେଲ୍ଟା ତୁଳନାରେ ଓମିକ୍ରନ୍ ଭାରିଆଣ୍ଟ ୩ ଗୁଣ ଅଧିକ ଦ୍ରୁତ ବେଗରେ ସଂକ୍ରମିତ ହେଉଛି।

## ଅକାଳୀ ନେତା ମାଜିଥିଆଙ୍କୁ ଲୁକ୍‌ଆଉଟ ନୋଟିସ

**ନୂଆଦିଲ୍ଲୀ, ୨୨।୧୨**

ପଞ୍ଜାବର ପୂର୍ବତନ ମନ୍ତ୍ରୀ ତଥା ଶିରୋମଣି ଅକାଳୀ ଦଳର ବରିଷ୍ଠ ନେତା ବିକ୍ରମ ସିଂ ମାଜିଥିଆଙ୍କ ବିରୋଧରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବୁଧବାର ଲୁକ୍‌ଆଉଟ ନୋଟିସ ଜାରି କରିଛି। ରାଜ୍ୟ ପୋଲିସ ତାଙ୍କ ବିରୋଧରେ ଏନ୍‌ଡିପିଏସ୍ ଆଇନରେ ମାମଲା ରୁଜୁ କରିଥିଲା। ସେ ଫେରାର ଥିବାରୁ ବିଦେଶକୁ ପଳାଇଯାଇପାରନ୍ତି ଆଶଙ୍କା କରି ପଞ୍ଜାବ ପୋଲିସ କେନ୍ଦ୍ର ସରକାରଙ୍କୁ ଜଣାଇବା ପରେ ଲୁକ୍‌ଆଉଟ ସର୍କୁଲାର ଜାରି ହୋଇଛି। ଫଳରେ ମାଜିଥିଆ ଦେଶ ଛାଡ଼ି ଯାଇପାରିବେ ନାହିଁ। ନିଶା ଦ୍ରବ୍ୟ କାରବାର ର୍‍ୟାକେଟ ସହ ଅକାଳୀ ନେତା ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିବା ପରେ ସୋମବାର ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା।



ରାଜ୍ୟ ସଭାର ୧୨ ସଦସ୍ୟଙ୍କ ନିଲମ୍ବନ ପ୍ରତିବାଦରେ ବୁଧବାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଅନ୍ୟ ବିରୋଧୀ ନେତାମାନେ ନିଲମ୍ବିତ ସଦସ୍ୟମାନଙ୍କ ସହ ପାର୍ଲାମେଣ୍ଟ ପରିସରସ୍ଥ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଆଗରେ ଭାରତୀୟ ସମ୍ବିଧାନର ପ୍ରସ୍ତାବନା ପାଠ କରିବା ସହ ଜାତୀୟ ସଙ୍ଗୀତ ଗାନ କରୁଛନ୍ତି।

## ଓସ୍କାର ଦୌଡ଼ରୁ ‘କୁଝଙ୍ଗଲ’ ବାଦ୍

**ଶର୍ଟଲିଷ୍ଟରେ ‘ରାଇଟିଂ ୱିଥ୍ ଫାୟାର’**

**ମୁମ୍ବାଇ, ୨୨।୧୨**

ଓସ୍କାର ଆୱାର୍ଡ-୨୦୨୨ ପାଇଁ ଶର୍ଟଲିଷ୍ଟ ହୋଇଥିବା ଫିଲ୍ମଗୁଡ଼ିକର ନାଁ ମଙ୍ଗଳବାର ଘୋଷଣା କରାଯାଇଛି। ପୂର୍ବରୁ ତାମିଲ ଫିଲ୍ମ ‘କୁଝଙ୍ଗଲ’ର ନାଁ ଏହି ପୁରସ୍କାର ପାଇଁ ଅଫିସିଆଲି ଏଣ୍ଟ୍ରି ହୋଇଥିଲେ ହେଁ ଦୌଡ଼ରୁ ବାଦ୍ ପଡ଼ିଛି। ଓସ୍କାର ସମାରୋହରେ ଭାରତ ପକ୍ଷରୁ ଶ୍ରେଷ୍ଠ ଡକ୍ୟୁମେଣ୍ଟାରୀ ଫିଚର ଫିଲ୍ମ ବର୍ଗରେ ‘ରାଇଟିଂ ୱିଥ୍ ଫାୟାର’ ଶର୍ଟଲିଷ୍ଟ ହୋଇଛି। ଗତ ୧୫ ତାରିଖରେ ଶର୍ଟଲିଷ୍ଟ ପାଇଁ ଭୋଟିଂ ଶେଷ ହୋଇଥିଲା। ରିଣ୍ଟୁ ଥୋମାସ୍ ଏବଂ ସୁସ୍ମିତ ଘୋଷଙ୍କ ନିର୍ଦ୍ଦେଶିତ ‘ରାଇଟିଂ ୱିଥ୍ ଫାୟାର’ କାହାଣୀ ଜଣେ ଦଳିତ ମହିଳାଙ୍କ ଦ୍ୱାରା ପରିଚାଳିତ ଏକ ଖବରକାଗଜ ‘ଖବର ଲହରିଆ’ର ଉତ୍ଥାନ ଉପରେ ଆଧାରିତ।




## ଶାହା, ସୋନିଆଙ୍କୁ ସୁରକ୍ଷା ଦେବେ ମହିଳା କମାଣ୍ଡୋ

**ନୂଆଦିଲ୍ଲୀ, ୨୨।୧୨**

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ଝିଅ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସମେତ ଅନ୍ୟ ଭିଆଇପିଙ୍କ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ହେବେ ସିଆର୍‌ପିଏଫ୍‌ର ମହିଳା କମାଣ୍ଡୋ। ଏ ନେଇ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ଜାନୁୟାରୀର ଦ୍ୱିତୀୟ ସପ୍ତାହରୁ ୩୨ ମହିଳା କମାଣ୍ଡୋଙ୍କୁ ଜେଡ୍ ପ୍ଲସ୍ କାଟାଗୋରୀ ସିକ୍ୟୁରିଟି ପାଉଥିବା ଭିଆଇପିଙ୍କ ଘରେ ସୁରକ୍ଷା କାର୍ଯ୍ୟରେ ନିୟୋଜିତ କରାଯିବ। କେତେଜଣଙ୍କୁ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଘରେ ମଧ୍ୟ ଦାୟିତ୍ୱ ତୁଲାଇବେ। ଆବଶ୍ୟକପଡ଼ିଲେ ମହିଳା ସୁରକ୍ଷାକର୍ମୀଙ୍କୁ ଉତ୍ତରପ୍ରଦେଶ, ପଞ୍ଜାବ, ମଣିପୁର, ଉତ୍ତରାଖଣ୍ଡ, ଗୋଆ ବିଧାନସଭା ନିର୍ବାଚନରେ ମଧ୍ୟ ଭିଆଇପିଙ୍କୁ ସୁରକ୍ଷା ଦେବେ ବୋଲି ଅଧିକାରୀ ଜଣକ କହିଛନ୍ତି।

## ଚାଇନା ମୋବାଇଲ କମ୍ପାନୀ ଉପରେ ଆୟକର ଚଢ଼ାଉ

**ନୂଆଦିଲ୍ଲୀ, ୨୨।୧୨**

ଭାରତରେ ଥିବା ଚାଇନାର ମୋବାଇଲ କମ୍ପାନୀଗୁଡ଼ିକ ଉପରେ ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଓପୋ, ସାଓମି, ୱାନ୍ ପ୍ଲସ୍ ଆଦି କମ୍ପାନୀର ୨୫ରୁ ଊର୍ଦ୍ଧ୍ୱ ସ୍ଥାନରେ ଥିବା କାର୍ଯ୍ୟାଳୟରେ ଆୟକର ଅଧିକାରୀମାନେ ତଲାସି କରିଥିଲେ। ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, ଗ୍ରେଟର ନୋଏଡ଼ା, କୋଲକାତା, ଗୁଆହାଟୀ, ଇନ୍ଦୋର ଆଦି ବିଭିନ୍ନ ସ୍ଥାନରେ ମଙ୍ଗଳବାରଠାରୁ ଚଢ଼ାଉ ଜାରି ରହିଥିବା ଏକ ସୂତ୍ରରୁ ଜଣାପଡ଼ିଛି। କମ୍ପାନୀଗୁଡ଼ିକର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ଆୟକର ବିଭାଗ ପକ୍ଷରୁ ଜେରା କରାଯାଉଛି। ଭାରତରେ ବ୍ୟବସାୟ ଚଳାଇଥିବା ଚାଇନା ମୋବାଇଲ କମ୍ପାନୀଗୁଡ଼ିକ ବିପୁଳ ଟ୍ୟାକ୍ସ ଫାଙ୍କୁଥିବା ଗୋଇନ୍ଦା ସୂଚନା ମିଳିବା ପରେ ଏଭଳି ଚଢ଼ାଉ ଆରମ୍ଭ ହୋଇଛି। ଗତ ଅଗଷ୍ଟରେ ଚାଇନା ସରକାରଙ୍କ ନିୟନ୍ତ୍ରଣରେ ଥିବା ଟେଲିକମ୍ ସଂସ୍ଥା ଜେଡ୍‌ଟିଇର ୫ଟି ସ୍ଥାନରେ ଥିବା କାର୍ଯ୍ୟାଳୟ ଉପରେ ଚଢ଼ାଉ କରାଯାଇଥିଲା। କମ୍ପାନୀ ବ୍ୟବସାୟରୁ ୩୦ ପ୍ରତିଶତ ଲାଭ ଉଠାଉଥିବା ଚଢ଼ାଉରୁ ଜଣାପଡ଼ିଥିଲା।

## ଚାଇନାରୁ ମିଳିଲା ଡାଇନୋସର ଭ୍ରୂଣ

**ବେଜିଂ, ୨୨।୧୨**

- ୭ କୋଟି ବର୍ଷ ଧରି ସଂରକ୍ଷିତ ଥିଲା
- ଅଣ୍ଡାରୁ ବାହାରିବାକୁ ଚେଷ୍ଟା କରୁଥିଲା

ଦକ୍ଷିଣ ଚାଇନାର ଗାନ୍‌ଝୌରୁ ବୈଜ୍ଞାନିକମାନେ ଡାଇନୋସରର ଏକ ଭ୍ରୂଣକୁ ପାଇଛନ୍ତି। ପ୍ରାୟ ୬.୬ରୁ ୭.୨ କୋଟି ବର୍ଷ ତଳୁ ଏହା ସଂରକ୍ଷିତ ଅବସ୍ଥାରେ ରହିଥିଲା ଏବଂ ଭ୍ରୂଣଟି ଅଣ୍ଡାରୁ ବାହାରକୁ ବାହାରିବାକୁ ଚେଷ୍ଟା କରୁଥିଲା। ଏ ନେଇ ବର୍ମିଂହାମ୍ ୟୁନିଭର୍ସିଟି ଗବେଷକ ଫିଓନ ୱାଇସମ୍ ମା କହିଛନ୍ତି। ଏହାର ନାମ ‘ବେବି ୟିଙ୍ଗଲିଆଙ୍ଗ’ ରଖାଯାଇଛି। ଏହି ଡାଇନୋସର ଓଭିରାପ୍ଟୋରସର ପ୍ରଜାତିର, ଯାହାର ଦାନ୍ତ ନ ଥାଏ ବୋଲି ଜଣାପଡ଼ିଛି। ଡାଇନୋସର ଜୀବାଶ୍ମ ମଧ୍ୟରୁ ଇତିହାସର ଏହା ସବୁଠୁ ବଡ଼ ସନ୍ଧାନ ବୋଲି ସେ କହିଛନ୍ତି।

ଅଣ୍ଡା ଭିତରେ ବେବି ୟିଙ୍ଗଲିଆଙ୍ଗର ମୁଣ୍ଡ ଏହାର ଶରୀର ତଳେ ରହିଥିଲା। ଗୋଡ଼ ମୁଣ୍ଡର ଉଭୟ ପାର୍ଶ୍ୱରେ ରହିଥିବାବେଳେ ପଛଭାଗ ଅଣ୍ଡାକାର ଭାବେ ମୋଡ଼ି ହୋଇ ଥିଲା। ଆଧୁନିକ ପକ୍ଷୀଙ୍କ ଭ୍ରୂଣ ଏପରି ଅବସ୍ଥାରେ ରହିଥାନ୍ତି। ‘ଡେଲି ମେଲ୍’ର ରିପୋର୍ଟ ଅନୁଯାୟୀ, ଏହା ପ୍ରାୟ ଜନ୍ମ ହେବାର ନିକଟତର ହୋଇଯାଇଥିଲା। ପକ୍ଷୀଙ୍କ କ୍ଷେତ୍ରରେ ସେମାନଙ୍କ ଶାରୀରିକ କାର୍ଯ୍ୟ କେନ୍ଦ୍ରୀୟ ସ୍ନାୟୁ ପ୍ରଣାଳୀ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ, ଯାହାକୁ ଟର୍କିଂ ବୋଲି କୁହାଯାଏ। ଏହା ମାଧ୍ୟମରେ ଭ୍ରୂଣ ନିଜର ମୁଣ୍ଡକୁ ସ୍ଥିର ଓ ମଜଭୁତ କରି ଅଣ୍ଡାକୁ ଫଟାଇପାରିଥାଏ। ଟର୍କିଂରେ ବିଫଳ ହେଲେ ଭ୍ରୂଣ ବାହାରକୁ ବାହାରି ନ ପାରି ସେଠାରେ ମରିଯାଇଥାଏ। ଏବେ ମିଳିଥିବା ଡାଇନୋସର ଭ୍ରୂଣ ଅଣ୍ଡା ଫଟାଇବା ଅବସ୍ଥାରେ ରହିଥିଲା ବୋଲି ଗବେଷକମାନେ ଜାଣିବାକୁ ପାଇଛନ୍ତି। ଏହି ଭ୍ରୂଣର ଲମ୍ବ ୨୭ ସେଣ୍ଟିମିଟର ଏବଂ ତାହା ୧୭ ସେଣ୍ଟିମିଟର ଲମ୍ବର ଅଣ୍ଡା ଭିତରେ ରହିଥିଲା। ବେବି ୟିଙ୍ଗଲିଆଙ୍ଗ ଉପରେ ଅଧିକ ଗବେଷଣା ଦ୍ୱାରା ଡାଇନୋସର ଉପରେ ଅଧିକ ତଥ୍ୟ ଜଣାପଡ଼ିବ ବୋଲି ରିସର୍ଚ୍ଚର ଟିମ୍ ଆଶା ରଖିଛନ୍ତି।





ମାଲେସିଆ ବନ୍ୟାରେ ଭାସିଯାଇଥିବା କାର୍ ଗୁଡିକ କ୍ୱାଲାଲୁମ୍ପୁର ଉପକଣ୍ଠ ହୁଲୁ ଲଙ୍ଗତଠାରେ ଲାଗିଛି।

## ଓଲଟିଲା ଚିପ୍ସ ବୋଝେଇ ହାଇୱା, ୨ ଗୁରୁତର

**ଧର୍ମଶାଳା (ଡି.ଏନ.ଏ.):** ଜେନାପୁର ଥାନା ବାଲିସାହି ଛକରେ ଭାରସାମ୍ୟ ହରାଇ ଏକ ଚିପ୍ସ ବୋଝେଇ ହାଇୱା ଓଲଟି ପଡ଼ିଛି। ଏହି ଦୁର୍ଘଟଣାରେ ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ପୁରୁଣାବଉଳ ଗ୍ରାମର ସିଦ୍ଧେଶ୍ୱର ପରିଡ଼ା ଓ ତାଙ୍କ ହୋଟେଲର ରୋଷେୟା। ବୁଧବାର ହାଇୱା ଚିପ୍ସ ବୋଝେଇ କରି ଡୁବୁରୀ ଅଭିମୁଖେ ଯାଉଥିଲା। ବିପରୀତ ଦିଗରୁ ଏକ ବାଇକ୍‌ରେ ସିଦ୍ଧେଶ୍ୱର ଓ ତାଙ୍କ ରୋଷେୟା ଫେରୁଥିଲେ। ଏହି ସମୟରେ ହାଇୱା ସହ ସେମାନଙ୍କ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ହାଇୱାଟି ରାସ୍ତା ଉପରେ ଓଲଟି ପଡ଼ିଥିଲା। ବାଇକ୍‌ରୁ ଛିଟିକି ପଡ଼ି ଉଭୟେ ଗୁରୁତର ହୋଇଥିଲେ। ସେମାନଙ୍କୁ ଲୋକେ ଉଦ୍ଧାର କରି ଡାକ୍ତରଖାନା ପଠାଇ ଥିଲେ।

# ୩ ଦଳ ପାଇଁ ଅନେକ ପ୍ରସଙ୍ଗ

**କେନ୍ଦ୍ରାପଡ଼ା ଜିଲା**
■ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ

କେନ୍ଦ୍ରାପଡ଼ା ଅଫିସ, ୨୨।୧୨

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ଖୁବ୍‌ଶୀଘ୍ର ତାରିଖ ଘୋଷଣା ହୋଇପାରେ। ଇତିମଧ୍ୟରେ ନିର୍ବାଚନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟକୁ ପହଞ୍ଚିଲାଣି। ନିର୍ବାଚନ ୫ ପର୍ଯ୍ୟାୟରେ କରାଇବା ପାଇଁ ଅଞ୍ଚଳ ଚିହ୍ନଟ ସରିଛି। ସେହିପରି ଯେତେ ଶୀଘ୍ର ସମ୍ଭବ ପୌର ନିର୍ବାଚନ କରାଇବା ଲାଗି ରାଜ୍ୟ ନିର୍ବାଚନ କମିଶନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ରାଜନୀତି ଚଳଚଞ୍ଚଳ ହୋଇପଡ଼ିଛି। ସରକାରଙ୍କ ପକ୍ଷରୁ ଉଦ୍‌ଘାଟନ ଓ ଶିଳାନ୍ୟାସ ପର୍ବ ଜାରି ରହିଛି। ଅନ୍ୟପକ୍ଷରେ ବିରୋଧୀ ଭାଜପା ଏବଂ କଂଗ୍ରେସ ପକ୍ଷରୁ ରାଜ୍ୟରେ ଦୁର୍ନୀତି, ଅପରାଧ ବୃଦ୍ଧି ଏବଂ କେତେକ କାର୍ଯ୍ୟରେ ସରକାରୀ କଳର ବିଫଳତାକୁ ନେଇ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଜୋର୍‌ଦାର ହୋଇଛି। ଏସବୁ କେନ୍ଦ୍ରାପଡ଼ା ଜିଲାରେ ମଧ୍ୟ ବେଶ୍ ଦେଖିବାକୁ ମିଳୁଛି। ପ୍ରତ୍ୟେକ ଦିନ ଦଳୀୟ କାର୍ଯ୍ୟକ୍ରମ ସହ ନେତାମାନଙ୍କ ବୈଠକ, ମିଶ୍ରଣ ପର୍ବ ଆଦି ଚାଲିଛି। ଭୋଟରଙ୍କ ପାଖରେ ପହଞ୍ଚିବା ପାଇଁ ୩ ପ୍ରମୁଖ ଦଳ ପାଖରେ ଅନେକ ପ୍ରସଙ୍ଗ ମଧ୍ୟ ରହିଛି। ଫଳରେ ଆଗାମୀ ନିର୍ବାଚନରେ କଡ଼ା ମୁକାବିଲା ଦେଖିବାକୁ ମିଳିବ ବୋଲି କୁହାଯାଉଛି।

ଜିଲା ରାଜନୀତିକୁ ବିଶ୍ଳେଷଣ କରୁଥିବା ସାମାଜିକ କର୍ମୀ ବାନାମ୍ବର ସାହୁ, ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି, ଆଇନଜୀବୀ ବିଧୁଭୂଷଣ ମହାପାତ୍ର ପ୍ରମୁଖ କୁହନ୍ତି, ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସର କର୍ମକର୍ତ୍ତାଙ୍କୁ ନିର୍ବାଚନ ବୈତରଣୀ ପାର ହେବା ପାଇଁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡିବ। ଗତ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ଜିଲାରେ ପ୍ରଭାବ ବିସ୍ତାର କରି ପାରି ନ ଥିଲା। ଲୋକଙ୍କ ତୃଣମୂଳ ସମସ୍ୟାକୁ ଲୋକଲୋଚନକୁ ଆଣି ଭୋଟରେ ପରିଣତ କରିବାକୁ କୌଣସି ଫଳପ୍ରଦ ଯୋଜନା ନ ଥିଲା। ଗତ ୫ ବର୍ଷ ମଧ୍ୟରେ ଏହାର ପରିବର୍ତ୍ତନ ହୋଇଛି। ଜିଲା ସଭାପତି ଭାବେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଯୋଗଦେଇ କଂଗ୍ରେସ ରାଜନୀତିକୁ ଚଳଚଞ୍ଚଳ କରିଛନ୍ତି। ଜିଲାର ଆବଶ୍ୟକତା ଭାବେ ପରିଚିତ ମେଡିକାଲ କଲେଜ, କୃଷି ବିଶ୍ୱବିଦ୍ୟାଳୟ, କେନ୍ଦ୍ରାପଡ଼ା କଲେଜକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା, କୃଷି କ୍ଷେତ୍ରରେ ଜଳ ପରିଚାଳନା ଆଦି ପ୍ରସଙ୍ଗକୁ କଂଗ୍ରେସ ତୃଣମୂଳସ୍ତରରେ ପହଞ୍ଚାଇ ଭୋଟରଙ୍କୁ ଆକୃଷ୍ଟ କରିବାକୁ ଜୋରଦାର ଉଦ୍ୟମ ଚଳାଇଛି। ବିଶେଷକରି ଖରସ୍ରୋତା ନଦୀ ପାଣି ବିବାଦରେ କଂଗ୍ରେସ ନିଜର ସ୍ଥିତି ଜାହିର କରିଛି। ସେହିପରି ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭାଜପାର ସ୍ଥିତି କଂଗ୍ରେସଠାରୁ ଉପରେ ଥିଲା। ୧୦ ଜିଲା ପରିଷଦ ସଭ୍ୟ ନିର୍ବାଚିତ ହେବା ସହ ବିଭିନ୍ନ ପଞ୍ଚାୟତରେ ସମର୍ଥିତ ପ୍ରାର୍ଥୀମାନେ ଲୋକ ପ୍ରତିନିଧି ହୋଇଥିଲେ। ଲୋକ ସମ୍ପର୍କକୁ ଧରି ରଖିବା ପାଇଁ ଏହି ଦଳ ପକ୍ଷରୁ ନିରନ୍ତର ଉଦ୍ୟମ ଚାଲିଛି। ଜନ ଆନ୍ଦୋଳନ ମାଧ୍ୟମରେ ଜିଲା ସମସ୍ୟାକୁ ଉପସ୍ଥାପନ କରାଯାଉଛି। ଏହାବ୍ୟତୀତ ମମିତା ହତ୍ୟାକାଣ୍ଡ, ମାହାଙ୍ଗା ଡବଲ ମର୍ଡର ଭଳି ପ୍ରସଙ୍ଗରେ ଭାଜପା ଜୋରଦାର ଆନ୍ଦୋଳନ କରି ଶାସକ ଦଳ ବିଜେଡିକୁ ଘେରିବାକୁ ଉଦ୍ୟମ ଚଳାଇଛି। ଏଭଳିସ୍ଥଳେ ଖରିଫ ଚାଷ ଆରମ୍ଭ ଓ ଶେଷ ସମୟରେ ଲଗାଣ ବର୍ଷା ଯୋଗୁ ଉଦ୍‌ବୃତ୍ତ ଜଳର ନିଷ୍କାସନ ହୋଇ ନ ପାରିବା ସହ ଖରସ୍ରୋତା ପାଣି ବିବାଦ ଶାସକ ବିଜେଡି ପାଇଁ ଅଡୁଆ ସୃଷ୍ଟି କରିପାରେ। କିନ୍ତୁ ଜିଲାରେ ବିଜେଡି ସଙ୍ଗଠନ ମଜଭୁତ ରହିଛି। ୯ ବ୍ଲକ ଅଧ୍ୟକ୍ଷ ସହ ଜିଲା ପରିଷଦ ଅଧ୍ୟକ୍ଷ ପଦ ବିଜେଡି ହାତରେ ରହିଛି। କରୋନା ସଂକ୍ରମଣ ସମୟକୁ ନିୟନ୍ତ୍ରଣ କରିବା ସହ ବିଜୁ ସ୍ମାର୍ଟ ହେଲଥ୍ କାର୍ଡ, ସ୍କୁଲ ରୂପାନ୍ତରଣ, ଶିଳ୍ପ ପ୍ରତିଷ୍ଠା, ରାସ୍ତା, ସେତୁ ନିର୍ମାଣର ସଫଳତା ଆଦି ବିକାଶ କାର୍ଯ୍ୟକୁ ବିଜେଡି ପ୍ରସଙ୍ଗ କରି ବିରୋଧୀଙ୍କୁ ମୁକାବିଲା କରିବ ବୋଲି କୁହାଯାଉଛି। ୩ ଦଳ ପାଖରେ ପ୍ରସଙ୍ଗ ଭରପୂର ରହିଥିବାବେଳେ ଦଳୀୟ ଟିକେଟ ଏବଂ ସମର୍ଥନ ପାଇଁ ଆଶାୟୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟ ଦେଖିବାକୁ ମିଳିଲାଣି। ସେଥିମଧ୍ୟରୁ ଅନେକେ ସାମାଜିକ ଗଣମାଧ୍ୟମରେ ବିଭିନ୍ନ ପ୍ରସଙ୍ଗକୁ ଉଠାଇ ଦଳ ଏବଂ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଲାଗିପଡ଼ିଛନ୍ତି। ହେଲେ ଏଭଳି ନିର୍ବାଚନୀ ଉତ୍କଣ୍ଠା କିଛିଦିନ ହେଲା ଦେଖିବାକୁ ମିଳୁଥିବାବେଳେ ଦଳୀୟ କନ୍ଦଳ ଦଳଗୁଡ଼ିକ ପାଇଁ ସମସ୍ୟା ହୋଇ ଠିଆ ହୋଇଛି।

## ସଂକ୍ଷେପରେ

### ଯୁବତୀଙ୍କ ମୃତ ଶିଶୁ ଜନ୍ମ, ବଳାତ୍କାରୀ ଗିରଫ

**କୁଜଙ୍ଗ, ୨୨।୧୨(ଡି.ଏନ.ଏ.):** ଅଭୟଚାନ୍ଦପୁର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ କୃଷ୍ଣ ଦାସ ନାମକ ଯୁବକ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା। ବଳାତ୍କାର ଶିକାର ହୋଇଥିବା ଯୁବତୀ ଜଣଙ୍କ ୬ ମାସର ଗର୍ଭବତୀ ଥିବା ବେଳେ ବୁଧବାର ଏକ ମୃତ ଶିଶୁ ଜନ୍ମ ଦେଇଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ମା’ ହୋଇଥିବା ଯୁବତୀ ଓ କୃଷ୍ଣଙ୍କ ଡିଏନ୍ଏ ଟେଷ୍ଟ ପାଇଁ ରକ୍ତ ନମୁନା ସଂଗ୍ରହ କରାଯାଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ କୃଷ୍ଣଙ୍କୁ ଗିରଫ କରିଛି। ଏ ନେଇ ପୋଲିସ ନଂ. ୧୪୦/୨୧ରେ ମାମଲା ରୁଜୁ କରିଛି। ଗୁରୁବାର କୃଷ୍ଣଙ୍କୁ କୋର୍ଟ ଚାଲାଣ କରାଯିବ।

### ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

**ଧର୍ମଶାଳା, ୨୨।୧୨(ଡି.ଏନ.ଏ.):** ଜେନାପୁର ଥାନା ଅଞ୍ଚଳରୁ ଅପହରଣ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ ଉଦ୍ଧାର ସହ ଅପହରଣକାରୀ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ଥାନା ଅନ୍ତର୍ଗତ ଷଣ୍ଢପୁର ଗାଁର ସରୋଜ ସିଂ (୨୧)। ସରୋଜ ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଗତ ୧୨ ତାରିଖରେ ଅପହରଣ କରିଥିଲେ। ଏ ନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୩୬୬/୨୧ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ସରୋଜ ଘରେ ଥିବା ଖବର ପାଇ ପୋଲିସ ମଙ୍ଗଳବାର ରାତିରେ ଚଢ଼ାଉ କରିଥିଲା। ଉଭୟଙ୍କ ଡାକ୍ତରୀମାଇନା ପରେ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଗଞ୍ଜେଇ ଜବତ, ୨ କୋର୍ଟଚାଲାଣ

**ରସୁଲପୁର, ୨୨।୧୨(ଡି.ଏନ.ଏ.):** କୁଆଖିଆ ଥାନା ପୋଲିସ ବୁଧବାର ୨ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ସେମାନେ ହେଲେ କଟକ ଜିଲା ବଡ଼ମ୍ବା ଥାନା ମାଣିଆବନ୍ଧ ଗାଁର ଆର୍ତ୍ତ ପାତ୍ର ଓ ବଳଭଦ୍ର ବେହେରା। ମଙ୍ଗଳବାର ପୋଲିସ ବିଶ୍ୱସ୍ତସୂତ୍ରରୁ ଖବର ପାଇ ସେମାନଙ୍କୁ ପିଛା କରିଥିଲା। ସେମାନେ ଗଞ୍ଜେଇ ବସ୍ତା ଧରି କୁଆଖିଆ ବସଷ୍ଟାଣ୍ଡ ନିକଟରେ କୋଲକାତାକୁ ଚାଲଣ ପାଇଁ ବସ୍‌କୁ ଅପେକ୍ଷା କରିଥିବାବେଳେ ପୋଲିସ କାବୁ କରିଥିଲା। ସେମାନଙ୍କଠାରୁ ମିଳିଥିବା ଗଞ୍ଜେଇ ଭର୍ତ୍ତି ବସ୍ତାରୁ ୧୫ଟି ଛୋଟ ପ୍ୟାକେଟ ରହିଛି। ଯାହାର ଓଜନ ୧୩.୨୦୦ଗ୍ରାମ ଥିବା ଜଣାପଡ଼ିଛି। ଏଥିସହ ସେମାନଙ୍କଠାରୁ ୧୯,୩୧୦ ଟଙ୍କା, ୨ଟି ମୋବାଇଲ ଫୋନକୁ ପୋଲିସ ଜବତ କରିଛି। ଉଭୟ ଅନୁଗୋଳ ଅଞ୍ଚଳରୁ ଗଞ୍ଜେଇ ଆଣିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏ ନେଇ ପୋଲିସ ନଂ. ୪୨୯/୨୧ରେ ମାମଲା ରୁଜୁ କରିଛି।

### କଳାକାର ସହାୟତା ପାଇଁ ୮୧ ମନୋନୀତ

**ରଘୁନାଥପୁର, ୨୨।୧୨(ଡି.ଏନ.ଏ.):** ରଘୁନାଥପୁର ବ୍ଲକରେ ୩ଦିନ ଧରି ଚାଲିଥିବା କଳାକାର ସହାୟତା ପାଇଁ ସାମର୍ଥ୍ୟ ପରୀକ୍ଷାରେ ୮୧ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କୁ ପର୍ଯ୍ୟାୟକ୍ରମେ ସହାୟତା ଯୋଗାଇ ଦିଆଯିବ। ସେମାନେ ପବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ପଣ୍ଡାଙ୍କ ପରିଚାଳନାରେ ଆୟୋଜିତ ପରୀକ୍ଷାରେ ବିଡିଓ ଜିତେନ୍ଦ୍ର କୁମାର ନାୟକ, ଏବିଡିଓ ଅଶୋକ କୁମାର ମହାନ୍ତି, ବ୍ଲକ କଳା ସଂସ୍କୃତି ପରିଷଦର ଉପସଭାପତି ସୌଦାମିନୀ ପଣ୍ଡା ଅତିଥି ଭା୨ବେ ଯୋଗ ଦେଇଥିଲେ। ଗୁରୁ ନବକିଶୋର ସାହୁ, ସୁରେନ୍ଦ୍ରନାଥ ବାରିକ ଓ ପ୍ରସନ୍ନ ପଟ୍ଟନାୟକ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ।

### ତିର୍ତ୍ତୋଲ ପଞ୍ଚାୟତ ସମିତିର ୧୪ ତମ ବୈଠକ

**ତିର୍ତ୍ତୋଲ, ୨୨।୧୨(ଡି.ଏନ.ଏ.):** ତିର୍ତ୍ତୋଲ ପଞ୍ଚାୟତ ସମିତିର ୧୪ ତମ ବୈଠକ ବ୍ଲକ ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ସୁଜାତା ମହାନ୍ତି ଏଥିରେ ଅଧକ୍ଷତା କରିଥିଲେ। ଜଗତ୍‌ସିଂହପୁର ଜିଲାପରିଷଦ ଅଧକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ, ବ୍ଲକ ଅଧକ୍ଷା ସୁଜାତା ମହାନ୍ତି, ବ୍ଲକ ଉପାଧକ୍ଷ ଆଶିଷ ସେଠୀ, ଜିଲାପରିଷଦ ସଭ୍ୟ ପ୍ରବୀର ରାୟ, ସନାତନ ଦଳାଇ, ଲିପାଲୀ ରାଉଳ, ବିଡ଼ିଓ ଅଟଳ ବିହାରୀ ସ୍ୱାଇଁ, ଏବିଡିଓ ସତ୍ୟଜିତ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରକୃତ ହିତାଧିକାରୀଙ୍କୁ ଆବାସ ପ୍ରଦାନ, ପାନୀୟ ଜଳ ଯୋଗାଣ, ଖାଲି ପଡ଼ିଥିବା ଆବଶ୍ୟକ ଡାକ୍ତର ନିଯୁକ୍ତି, କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ, କୃଷି ଋଣ ଛାଡ ଉପରେ ଆଲୋଚନ ହୋଇଥିଲା। ଏଥିରେ ସରପଞ୍ଚ ଚିତ୍ତରଞ୍ଜନ ରଥ, ରମେଶ କୁଅଁର, ଧନଞ୍ଜୟ ସୂତାର, ନମିତା ରାଉଳ, ଦୀପ୍ତିମୟୀ ରାୟ, ଅଜୟ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବକଙ୍କ ଉପରକୁ ବୋମାମାଡ ଅଭିଯୋଗ

ଏରସମା, ୨୨।୧୨(ସ୍ୱ.ପ୍ର.)

ଏରସମା ଥାନା ସୋମପୁର ପଞ୍ଚାୟତ ଗାରଡମଲ୍ଲ ପୋଲ ପାଖରେ ମଙ୍ଗଳବାର ରାତିରେ ବିକ୍ରମ ମହାନ୍ତିଙ୍କ ଉପରକୁ ବୋମାମାଡ କରାଯାଇଛି। ବିକ୍ରମ ଆହତ ହୋଇ କଟକ ବଡେ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ପଞ୍ଚାୟତସ୍ଥିତ କାମପଡା ଗ୍ରାମର ବିକ୍ରମ ରାତିରେ ବାଇକ୍ ନଂ. ଓଡି୨୧ଇ୪୧୭୨ରେ ନାରଦିଆରୁ ଘରକୁ ଫେରୁଥିଲେ। ଗାରଡମଲ୍ଲ ପୋଲ ନିକଟରେ ୨ ଜଣ ଅଜଣା ବ୍ୟକ୍ତି ତାଙ୍କ ଉପରକୁ ବୋମାମାଡ କରି ଫେରାର ହୋଇଯାଇଥିବା ବିକ୍ରମଙ୍କ ସ୍ତ୍ରୀ ରିନାରାଣୀ ଥାନାରେ ଅଭିଯୋଗ କରିଛନ୍ତି। ଆହତ ବିକ୍ରମଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିଛନ୍ତି। ଏଥିସହ ତିର୍ତ୍ତୋଲ ଏସ୍‌ଡିପିଓ ଦୀପକ ରଞ୍ଜନ ଜେନା ଓ ଆଇଆଇସି ଲିଜାରାଣୀ ବିଶ୍ୱାଳ ଘଟଣାସ୍ଥଳକୁ ଯାଇଥିବା ବାଇକ୍‌କୁ ଜବତ କରିଛନ୍ତି। ଏ ନେଇ ନଂ. ୩୦୮/୨୧ରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି।

# ଶକ୍ତି ପ୍ରଦର୍ଶନ କଲା ବିଜେଡି



ବିଜେଡି କର୍ମୀମାନଙ୍କ ପକ୍ଷରୁ ବାଇକ ଶୋଭା ଯାତ୍ରା।

**ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ**

ରାଜନଗର, ୨୨।୧୨(ଡି.ଏନ.ଏ.)

ସଂସାରଫଳଠାରେ ମେଗା ପାନୀୟଜଳ ପ୍ରକଳ୍ପର ଶିଳାନ୍ୟାସ ସହ ବିଜେଡିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ପ୍ରତାପ ଜେନା ଯୋଗ ଦେଇଥିବାରୁ ବିଜେଡି ତାର ଶକ୍ତି ପ୍ରଦର୍ଶନ କରିଥିଲା। ବୁଧବାର ରାଜନଗର ବ୍ଲକର ୩୦ ନଂ. ଓ ୩୧ନଂ. ଜୋନରେ ୨ଟି ରୋଡ ଶୋ ମାଧ୍ୟମରେ ବିଜେଡି ଏକ ପ୍ରକାର ଶକ୍ତି ପ୍ରଦର୍ଶନ କରିଛି। ସାନବଡଗୋପାଳପୁର ପଞ୍ଚାୟତର ଗୋସିଗାଁସ୍ଥିତ ଗର୍ତ୍ତେଶ୍ୱର ପୀଠରୁ ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତଙ୍କ ନେତୃତ୍ୱରେ ବାଇକ୍ ଶୋଭାଯାତ୍ରାରେ ବିଧାୟକ ଧ୍ରୁବ ସାହୁଙ୍କୁ ବାଲିସାହିପାଟଣା ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା। ସେଠାରେ ଦାନ୍ତୁଆଣି ବାଲିସାହିପାଟଣା ପାଟନାଳୀ ସହିତ ଗୋସିଗାଁ କିଆଯୋରୀ ରାସ୍ତାର ଶିଳାନ୍ୟାସ, ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀଙ୍କ ନେତୃତ୍ୱରେ ତିଅର ଛକଠାରୁ ଏକ ବିରାଟ ଶୋଭାଯାତ୍ରାରେ ବିଧାୟକଙ୍କୁ ଡେରା ପଞ୍ଚାୟତର ନୂଆଗାଁ ଯାଏଁ ପାଛୋଟି ନିଆଯାଇଥିଲା।

ଏହି ଅବସରରେ ଗୋପାଳପୁର-ଡେରା ସାନକୁଜି ପାଟନାଳୀ ସହିତ ଏଣ୍ଡୁଳାପୁରରେ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ବିଧାୟକ ସାହୁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ନୂଆଗାଁଠାରେ ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀଙ୍କ ପୌରୋହିତ୍ୟରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସରପଞ୍ଚ ଭ୍ରମର କୁମାର ସ୍ୱାଇଁ, ଶ୍ରୀକାନ୍ତ ପ୍ରଧାନ, ବାଲ୍ମିକୀ ସେଠୀ, ସମିତିସଭ୍ୟ ଚିତ୍ତରଞ୍ଜନ ପଣ୍ଡା, ପ୍ରଦୀପ ସ୍ୱାଇଁ, ବରିଷ୍ଠ ବିଜେଡି ନେତ୍ରୀ ପ୍ରେମଲତା ଦାସ, ବିଜେଡି ନେତା ନିରଞ୍ଜନ ରାଉତ, ପୂର୍ଣ୍ଣଚନ୍ଦ୍ର ପଡିହାରୀ, ବସନ୍ତ ପାଣି, ପ୍ରଫୁଲ୍ଲ କଣ୍ଡ, ହୃଷୀକେଶ ପ୍ରଧାନ, ଏକାଦଶୀ ବେହେରା, ଯୁବନେତା ସୁଶାନ୍ତ ରାଉତ, ରଶ୍ମୀରଞ୍ଜନ ସାହାଣୀ ପ୍ରମୁଖ ଯୋଗ ଦେଇଥିଲେ।

# ପୂର୍ତ୍ତ ବିଭାଗ ପକ୍ଷରୁ ସେତୁ ଶିଳାନ୍ୟାସ

**ମଙ୍ଗଳବାର ସେତୁ କ୍ରିୟାନୁଷ୍ଠାନ କମିଟି ଶିଳାନ୍ୟାସ କରିଥିଲା**

ଚଣ୍ଡିଖୋଲ, ୨୨।୧୨(ଡି.ଏନ.ଏ.)

ବିରୂପା ନଦୀରେ ବରୁହାଁ-ବାଲିଚନ୍ଦ୍ରପୁର ପୂର୍ତ୍ତ ବିଭାଗ ରାସ୍ତାର ରୁକୁଟିପୋଟଠାରେ ନିର୍ମାଣ ହେବାକୁ ଥିବା ସେତୁ ନିମନ୍ତେ ବୁଧବାର ଶିଳାନ୍ୟାସ କରାଯାଇଛି। ବିଧାୟକ ଅମର ପ୍ରସାଦ ଶତପଥୀ ଏହାର ଶିଳାନ୍ୟାସ କରିଛନ୍ତି। ଆୟୋଜିତ ଉତ୍ସବରେ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ଥିରୀକୃତ ସମୟରେ ନିର୍ମାଣ କାର୍ଯ୍ୟ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବତନ ଜିଲାପରିଷଦ ସଭ୍ୟ ଶାରଦା ପ୍ରସନ୍ନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ରୋହିତ ବିଶ୍ୱାଳ ଯୋଗଦେଇ ୧୭ କୋଟି ୩୮ ଲକ୍ଷ ଟଙ୍କା ବ୍ୟୟରେ ୨୩୫ ମିଟର ଲମ୍ବ ଏହି ସେତୁ ୨୦୨୩ରେ ଶେଷ ହେବା ନେଇ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦର୍ପଣ ତହସିଲଦାର ପ୍ରଦୀପ ସେଠୀ, ବ୍ଲକ ଅଧ୍ୟକ୍ଷ ଭାଗ୍ୟଧର ମଲ୍ଲିକ, କମ୍ୟୁନିଷ୍ଟ ନେତା ଦିବାକର ବିଶ୍ୱାଳ, ଜିଲାପରିଷଦ ସଭ୍ୟ ବିପିନ ବିହାରୀ ଜେନା, ସରପଞ୍ଚ ଫନିନ୍ଦ୍ର ପଣ୍ଡା ଓ ସମିତିସଭ୍ୟ ଅମିୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ମଙ୍ଗଳବାର ସେତୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏହାର ଶିଳାନ୍ୟାସ କରାଯାଇଥିଲା, ଯାହାକୁ ନେଇ ବିବାଦ ଦେଖାଦେଇଥିଲା। ବିଶୃଙ୍ଖଳା ଆଶଙ୍କାରେ ଅତିରିକ୍ତ ଏସ୍‌ପି ନାରାୟଣ ଚନ୍ଦ୍ର ବାରିକଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ବାଲିଚନ୍ଦ୍ରପୁରଥାନାଧିକାରୀ ରମାକାନ୍ତ ମୁଦୁଲି ଆଇନ ଶୃଙ୍ଖଳାର ତଦାରଖ କରିଥିଲେ।

## ପୂର୍ବତନ ମନ୍ତ୍ରୀ କଳ୍ପତରୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ରସୁଲପୁର, ୨୨।୧୨(ଡି.ଏନ.ଏ.)

ରସୁଲପୁର ବ୍ଲକ ପରିସରରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ କଳ୍ପତରୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଏହି ଅବସରରେ ଯାଜପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅଧ୍ୟକ୍ଷ ନରେଶ ଚନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏକ ସଭାରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କୋରେଇ ବିଧାୟକ ଅଶୋକ କୁମାର ବଳ, ବରୀ ବିଧାୟିକା ସୁନନ୍ଦା ଦାସ, ପୂର୍ବତନ ଏମ୍‌ପି ରୀତା ତରାଇ ପ୍ରମୁଖ ଯୋଗଦେଇ ବ୍ଲକ ପରିସରରେ ନୂତନ କୋଠାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ସାହୁ, ଅକ୍ଷୟ ସେଠୀ, ପୂର୍ବତନ ଜିଲାପରିଷଦ ସଦସ୍ୟ ପ୍ରିୟନାଥ ମହାପାତ୍ର, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ନାୟକ, ମୋଇଉଦ୍ଦିନ ମହମ୍ମଦ ପ୍ରମୁଖ ଯୋଗଦେଇ ଦାସଙ୍କ ସ୍ମୃତିଚାରଣ କରିଥିଲେ।

# ବୈରୀ ଥାନା ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ



ଅତିଥି ଥାନା ନୂତନ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରୁଛନ୍ତି।

ଚଣ୍ଡିଖୋଲ/ଛତିଆ, ୨୨।୧୨ (ଡି.ଏନ.ଏ.)

ଯାଜପୁର ଜିଲା ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ବୈରୀ ଥାନାର ନୂତନ କାର୍ଯ୍ୟାଳୟ ପୋଲିସ ମହାନିର୍ଦ୍ଦେଶକ ଅଭୟଙ୍କ ଦ୍ୱାରା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନ ଅବସରରେ ମହାନିର୍ଦ୍ଦେଶକ କହିଥିଲେ, ପୋଲିସ ସଦାସର୍ବଦା ଜନସାଧାରଣଙ୍କ ସେବାରେ ନିୟୋଜିତ ରହିଛି। ତେଣୁ ଜନସାଧାରଣ ପୋଲିସକୁ ସହଯୋଗ ଯୋଗାଇ ଦେଲେ ପୋଲିସ ଆହୁରି ଅଧିକ ସେବା ଯୋଗାଇ ପାରିବ। ଜିଲାର ଯେଉଁସ୍ଥାନରେ ଫାଣ୍ଡି ଆବଶ୍ୟକତା ରହିଛି ତାହା ଶୀଘ୍ର ପୂରଣ କରାଯିବ। ସମ୍ମାନିତ ଅତିଥିଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଉଦୟଗିରିଠାରେ ଏକ ଫାଣ୍ଡି ପ୍ରତିଷ୍ଠା ନେଇ ପୋଲିସ ମହାନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟତମ ଅତିଥିଭାବେ ଆଇଜି ନରସିଂହ ଭୋଳ ଓ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ପି.ଆର୍. ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ପ୍ରଦୀପ ସେଠୀ, ବିଡିଓ ଅଜିତ୍ ନାରାୟଣ ପ୍ରସାଦ ଗିରି, ବୈରୀ ଥାନା ଅଧିକାରୀ ସଂଘମିତ୍ରା ନାୟକ, ବଡ଼ଚଣା ବ୍ଲକ ଅଧ୍ୟକ୍ଷ ଭାଗ୍ୟଧର ମଲିକ୍ ପ୍ରମୁଖ ଉପସ୍ଥିତ ଥିଲେ। ଏସଡିପିଓ ଚିନ୍ମୟ ନାୟକ ସଭା ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ। ସୂଚନା ଥାଉକି ବୈରୀ ଫାଣ୍ଡି ୨୦୧୭ରେ ଥାନାରେ ରୂପାନ୍ତରିତ ହେବା ଦିନଠାରୁ ଭଡ଼ା ଘରେ ଚାଲିଆସୁଥିଲା। ନୂତନ କାର୍ଯ୍ୟାଳୟ ସରକାରୀ ଜମିରେ ପ୍ରତିଷ୍ଠା କରାଯାଇଛି।

## ୨୫ରେ ସାଙ୍କେତିକ ଭାବେ ପାଳିତ ହେବ ଡେରାବିଶ ମହୋତ୍ସବ

ଡେରାବିଶ, ୨୨।୧୨(ସ୍ୱ.ପ୍ର.)

ଓମିକ୍ରନ ଏବେ କାୟା ବିସ୍ତାର କରିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୫ ତାରିଖରେ ଡେରାବିଶ ମହୋତ୍ସବ ସାଙ୍କେତିକ ଭାବେ ପାଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୁଧବାର ଡେରାବିଶ ବ୍ଲକ ଅନ୍ତର୍ଗତ ଗୋଲରାହାଟ ପଞ୍ଚାୟତ ତିଳକପୁର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଡେରାବିଶ ମହୋତ୍ସବର ପ୍ରସ୍ତୁତି ବୈଠକରେ ସର୍ବସମ୍ମତିକ୍ରମେ ଏହି ସିଦ୍ଧାନ୍ତ ଗ୍ରହଣ କରାଯାଇଛି। ଡେରାବିଶ ସାଂସ୍କୃତିକ ସଙ୍ଗଠନର ସଭାପତି ନିକୁଞ୍ଜ ଦାସଙ୍କ ପୌରୋହିତ୍ୟ ଅନୁଷ୍ଠିତ ଏହି ବୈଠକରେ ବିଡିଓ ଗୋପବନ୍ଧୁ ଭୋସାଗର, ଡେରାବିଶ ତହସିଲଦାର ନମିତା ବାରିକ ଓ ଡେରାବିଶ ଥାନାଧିକାରୀ ଜ୍ୟୋତିରଞ୍ଜନ ସ୍ୱାଇଁ ଯୋଗଦେଇ ଅଞ୍ଚଳବାସୀଙ୍କ ହିତକୁ ଦୃଷ୍ଟିରେ ରଖି ଏହି ମହୋତ୍ସବକୁ ଗତବର୍ଷ ପରି ଚଳିତ ବର୍ଷ ସାଙ୍କେତିକ ଭାବେ ପାଳନ କରିବାକୁ ସର୍ବସମ୍ମତି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

# ବିଦ୍ୟାଳୟ, ଅଙ୍ଗନୱାଡି, ପାର୍କ ପାଇଁ ଅର୍ଥ ବ୍ୟବସ୍ଥା

**ବିରିଡି ପଞ୍ଚାୟତ ସମିତିର ୧୦ମ ସାଧାରଣ ବୈଠକ**

ବିରିଡି, ୨୨।୧୨(ଡି.ଏନ.ଏ.)

ବିରିଡି ପଞ୍ଚାୟତ ସମିତିର ଅନ୍ତିମ ସାଧାରଣ ବୈଠକ ବୁଧବାର ସମିତି ସଭା ଗୃହରେ ସମିତି ଅଧ୍ୟକ୍ଷ ପଦ୍ମନାଭ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳି ସାହୁ, ଜିଲାପରିଷଦ ସଭ୍ୟା ଲତା ଦାସ, ସଭ୍ୟ ପ୍ରତାପ ବେହେରା, ବିଡିଓ ହେମନ୍ତ କୁମାର ମହାନ୍ତ, ଏବିଡିଓ ସନ୍ତୋଷ ଶତପଥୀ, ଜିପିଇଓ ପାୟଲ ମହାପାତ୍ର, ସହକାରୀ ନିର୍ବାହୀଯନ୍ତ୍ରୀ କୃଷ୍ଣଚନ୍ଦ୍ର ସେଠୀ ଯୋଗଦେବା ସହ ବ୍ଲକ ନଂ. ୨୧ ପଞ୍ଚାୟତର ସମସ୍ତ ସରପଞ୍ଚ ଓ ସମିତିସଭ୍ୟାସଭ୍ୟ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପଞ୍ଚାୟତକୁ ପଞ୍ଚଦଶ କେନ୍ଦ୍ରୀୟ ଅନୁଦାନର ଆବଦ୍ଧ ଅର୍ଥ ବାବଦକୁ ୩ ଲକ୍ଷ ୫ ହଜାର ୩୦ ଟଙ୍କା, ଅନାବଦ୍ଧ ବାବଦକୁ ୨ ଲକ୍ଷ ୩,୩୫୨ ଟଙ୍କା ଓ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଅର୍ଥ ବାବଦକୁ ୪ ଲକ୍ଷ ୩,୮୩୯ ଟଙ୍କାର ପ୍ରକଳ୍ପ ତାଲିକା ଅନୁମୋଦିତ ହୋଇଥିଲା। ଏହି ଅର୍ଥରେ ଉଚ୍ଚ ବିଦ୍ୟାଳୟ ନିର୍ମାଣ ଓ ମରାମତି, ନୂତନ ଅଙ୍ଗନୱାଡି ଗୃହ ନିର୍ମାଣ ଓ ମରାମତି, ପ୍ରାଣୀ ଚିକିତ୍ସାଳୟ କେନ୍ଦ୍ର ନିର୍ମାଣ ଓ ମରାମତି, ଗ୍ରାମ୍ୟ ପାର୍କ, ଖେଳ ପଡିଆ ଆଦି କାର୍ଯ୍ୟ ହୋଇପାରିବ ଏବଂ ପ୍ରକଳ୍ପଗୁଡିକର ତାଲିକା ସମିତି ସଭ୍ୟାସଭ୍ୟମାନେ ଦେବେ ବୋଲି ଜିପିଇଓ ମହାପାତ୍ର କହିଥିଲେ। ଏହି ଅବସରରେ ସମସ୍ତ ଜନ ପ୍ରତିନିଧିମାନଙ୍କୁ ବ୍ଲକ ଅଧ୍ୟକ୍ଷ ଭୋଇ ତାଙ୍କ ପକ୍ଷରୁ ଉପଢୌକନ ଓ ଫୁଲ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଉପାଧ୍ୟକ୍ଷା ସାହୁ ଧନ୍ୟବାଦ ଦେଇଥିଲେ।

# କଂଗ୍ରେସର ରୋଡ ସୋ, ମିଶ୍ରଣ ପର୍ବ

ରାଜନଗର, ୨୨।୧୨(ଡି.ଏନ.ଏ.)

ବୁଧବାର ରାଜନଗର ବ୍ଲକ କଂଗ୍ରେସ ଶକ୍ତି ପ୍ରଦର୍ଶନ କରିଛି। ଏହି ଅବସରରେ ମିଶ୍ରଣ ପର୍ବ ଅନୁଷ୍ଠିତ ହେବା ସହ ରୋଡ ସୋ ହୋଇଥିଲା। ଫିରିକିଦାଣ୍ଡିସ୍ଥିତ ହନୁମାନ ମନ୍ଦିରରୁ ଏକ ମୋଟରସାଇକେଲ ଶୋଭାଯାତ୍ରା ବାହାରି ମଦନପୁର ଛକ ଦେଇ ବନ୍ଧପାଟଣା, ବାଲିକଣା, ରାଜପୁର, କେରେଡାଗଡ, ବାଲିସାହିପାଟଣା, ସାନବଡ଼ ଗୋପାଳପୁର, ରାଜନଗର ବଜାର ସହିତ ବିଭିନ୍ନ ଗାଁ ପରିକ୍ରମା କରିଥିଲା। ଏଥିରେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତିଙ୍କ ସହିତ ଦଳରେ ଯୋଗ ଦେଇଥିବା ନେତାମାନେ ସାମିଲ ହୋଇଥିଲେ। ଏଥିସହିତ ବ୍ଲକ କଂଗ୍ରେସ କମିଟି ସଭାପତି ଦେବେନ୍ଦ୍ର କୁମାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ପୂର୍ବତନ ବିଧାୟକ ମହାନ୍ତି ଯୋଗଦେଇ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଦଳରେ ଯୋଗଦେଇଥିବା କର୍ମୀ, ନେତାମାନଙ୍କୁ ସେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ।



ରାଜନଗରଠାରେ କଂଗ୍ରେସର ମିଶ୍ରଣ ପର୍ବରେ ଯୋଗ ଦେଇଥିବା ବିଜେଡି କର୍ମୀମାନେ।

# ସମର୍ଥନ ଅଧିକ, ବିରୋଧ କମ୍

**କମର୍ଦ୍ଦା, ସାରୁଆବିଲ ଖଣିର ପରିବେଶ ସମ୍ପର୍କିତ ଜନଶୁଣାଣି**

କାଳିଆପାଣି, ୨୨।୧୨(ଡି.ଏନ.ଏ.)

ସୁକିନ୍ଦା ତହସିଲ ଅଧୀନ ଟାଟାଷ୍ଟିଲ ମାଇନିଂ ଲିମିଟେଡ୍‌ର କମର୍ଦ୍ଦା ଓ ସାରୁଆବିଲ ଖଣିର ପରିବେଶ ମଞ୍ଜୁରୀ ପାଇଁ ବୁଧବାର ଏକ ଜନଶୁଣାଣି ଶିବିରି ଅନୁଷ୍ଠିତ ହୋଇଯାଇଛି। ସାରୁଆବିଲ ଗ୍ରାମ ଖେଳପଡ଼ିଆରେ ଅନୁଷ୍ଠିତ ଶିବିରରେ ଅଞ୍ଚଳ ଲୋକେ ଯୋଗଦେଇ ବିଭିନ୍ନ ଦାବି ରଖିବା ସହ ଏହାକୁ ବହୁମତରେ ସମର୍ଥନ କରିଛନ୍ତି। ବହୁ କମ୍ ଲୋକ ଏହାକୁ ବିରୋଧ କରିଛନ୍ତି। ପୂର୍ବାହ୍ନ ୧୧ଟାରେ ଜନଶୁଣାଣିର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ସାରୁଆବିଲ ଖଣି ପାଇଁ ଆବଶ୍ୟକ ପରିବେଶ ମଞ୍ଜୁରୀ ଲାଗି କମର୍ଦ୍ଦା, ତୈଳଙ୍ଗୀ ଓ ସାରୁଆବିଲ ଗ୍ରାମର ଲୋକେ ଯୋଗଦେଇ ନିଜମତ ରଖିଥିଲେ। କମର୍ଦ୍ଦା, ସରୁଆବିଲ ଓ ତୈଳଙ୍ଗୀ ଗ୍ରାମର ୨୪୬.୮୫୮ ହେକ୍ଟର ପରିମିତ ଖଣି ଅଞ୍ଚଳ ପାଇଁ ପରିବେଶ ମଞ୍ଜୁର ନିମନ୍ତେ ଏହି ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ଏଥିରେ ୧୫୨ ଜଣ ନିଜ ମତ ରଖିଥିଲେ।



ଜନଶୁଣାଣିରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ସେହିପରି ଅପରାହ୍ନରେ କମର୍ଦ୍ଦା ଖଣି ନିମନ୍ତେ କମର୍ଦ୍ଦା, ତୈଳଙ୍ଗୀ, ସାରୁଆବିଲ ଓ ବାଲିପଦା ଗାଁର ୧୦୭.୨୪୦ ହେକ୍ଟର ଜମି ଅଧିଗ୍ରହଣ ପାଇଁ ଆୟୋଜିତ ଜନଶୁଣାଣିରେ ୩୧୪ ଜଣ ଯୋଗଦେଇ ଦେଇଥିଲେ। ଏହି ୨ ଖଣିର ଜନଶୁଣାଣିରେ ମୋଟ୍ ୪୬୬ ଲୋକ ନିଜ ମତାମତ ଦେଇଥିବାବେଳେ ୨୦ ଜଣ ବିସ୍ଥାପିତ ଭୟରେ ବିରୋଧ କରିଥିଲେ। କାର୍ଯ୍ୟକ୍ରମକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଯାଜପୁର ଜିଲା ଆଞ୍ଚଳିକ ଅଧିକାରୀ ପ୍ରମୋଦ ବେହେରା ପରିଚାଳନା କରିଥିଲେ। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଉପସ୍ଥିତ ଥିଲେ। ଏଥିରେ ସାରୁଆବିଲ ଖଣି ସହ ପରିଚାଳକ ଦ୍ୱିବେନ୍ଦୁ ବେହେରା ଖଣି ପାଇଁ ଆବଶ୍ୟକ ପରିବେଶ ମଞ୍ଜୁରୀ ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନ କରିଥିଲେ। ଜନଶୁଣାଣିକୁ ପ୍ରଶାସନିକ ଅଧିକାରୀ ଦିବ୍ୟଲୋଚନ ମହାପାତ୍ର, ମଦନମୋହନ ମୁର୍ମୁ, ମଦନମୋହନ ସାହୁ, ରବୀନ୍ଦ୍ର କୁମାର ଦାସ ଓ ସୌମ୍ୟେନ୍ଦ୍ର ସାହୁ ପରିଚାଳନା କରିଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସିଲଭେରିୟସ ଟପୋଙ୍କ ନେତୃତ୍ୱରେ ସୁକିନ୍ଦା ଭାରପ୍ରାପ୍ତ ତହସିଲଦାର ନାରାୟଣ ଦୀକ୍ଷିତ, କାଳିଆପାଣି ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ, ସୁକିନ୍ଦା ଥାନା ଅଧିକାରୀ ଶିବଚରଣ ବେହେରାଙ୍କ ସମେତ ଏକ ପ୍ଲାଟୁନ ଫୋର୍ସ ସହ ମୁତୟନ ହୋଇଥିଲେ। କମ୍ପାନୀ ଜିଏମ୍ ସୁଶାନ୍ତ କୁମାର ମିଶ୍ର ଲୋକଙ୍କ ଦାବି ପର୍ଯ୍ୟାୟକ୍ରମେ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କମ୍ପାନୀ ଏଜିଏମ୍ ଗୌତମ ଚକ୍ରବର୍ତ୍ତୀଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

## ଅତୀତରୁ

- ବ୍ୟୋମକେଶ, ଶେଫାଳୀ, କମଳା ଏବଂ ପ୍ରଭାବତୀଙ୍କୁ ନେଇ ନିର୍ମିତ ହୋଇଥିଲା ଓଡ଼ିଆ ସିନେମା ‘ଜୟଦେବ’। ଏହାର ନିର୍ଦ୍ଦେଶନା ଦେଇଥିଲେ ଶିବ ଭଟ୍ଟାଚାର୍ଯ୍ୟ।
- ଧୀରେନ୍ଦ୍ର ନାଥ ବିଶ୍ୱାଳଙ୍କ ପ୍ରଯୋଜନାରେ ପ୍ରସ୍ତୁତ ଓଡ଼ିଆ ଚଳଚ୍ଚିତ୍ର ‘ମାଣିକ ଯୋଡ଼ି’ରେ ସାମୁଏଲ ସାହୁ (ବାବି), ଡା. ସୁଖଲତା ଦାସ, ଯତୀନ ଦାସ ଏବଂ ଅକ୍ଷୟ ମହାନ୍ତି ଅଭିନୟ କରିଥିଲେ।
- ଦେବାଶିଷ ପିକ୍ଚର୍ସ ବ୍ୟାନରରେ ଶ୍ରୀନିବାସ ପାଇକରାୟ ପ୍ରଯୋଜନା କରିଥିବା ସିନେମାର ଟାଇଟଲ ଥିଲା ‘ଜୀବନ ସାଥୀ’। ଏହାର ମୁଖ୍ୟ ଭୂମିକାରେ ଶରତ ପୂଜାରୀ ଏବଂ ଗୀତାଙ୍କୁ ଦେଖିବାକୁ ମିଳିଥିଲା।
- ଓଡ଼ିଆ ଚଳଚ୍ଚିତ୍ର ‘ଅକ୍ଷୟ ତୃତୀୟା’ର ନିର୍ଦ୍ଦେଶନା ଦେଇଥିଲେ ସୁଶୀଲ ମୁଖାର୍ଜୀ। ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଶରତ ପୂଜାରୀ, ଅନିତା ଦାସ, ଦୀପା ସାହୁ, ପ୍ରସନ୍ନ ମିଶ୍ର ପ୍ରମୁଖ କଳାକାର। ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ରାଖାଲ ମହାନ୍ତି।
- ‘ବତାସୀ ଝଡ଼’ର ନାୟକ ଭୂମିକାରେ ଦେଖାଦେଇଥିଲେ ଅକ୍ଷୟ ମହାନ୍ତି (କାଶ୍ୟପ)। ଆରତି ଦାସ ପ୍ରଯୋଜିତ ଏହି ଚିତ୍ରର ନିର୍ଦ୍ଦେଶକ ଥିଲେ ରମେଶ ମହାନ୍ତି। ଏଥିରେ କାଶୀ ରଥ, ଜୟାଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା।
- ଓଡ଼ିଆ ସିନେମା ‘କାଚଘର’ର ପ୍ରଯୋଜନା କରିଥିଲେ କାମିନୀ ତ୍ରିପାଠୀ। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଥିଲେ ବ୍ୟୋମକେଶ ତ୍ରିପାଠୀ। ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ କାହ୍ନୁ ଦାସ। ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ସୁରେଶ, ଜ୍ୟୋସ୍ନା, ବିନୋଦ, ବିନି ଆଦି କଳାକାର।



# ସୋନାକ୍ଷୀଙ୍କ ବଦାନ୍ୟତା

ସୋନାକ୍ଷୀ ସିହ୍ନାଙ୍କ ପ୍ରତିଟି ସିନେମା ରିଲିଜ ହେବା ପରେ ସେ ଗୋଟିଏ କାମ କରିବାକୁ ପଛାଇ ନ ଥାନ୍ତି। ତାହା କ’ଣ ଜାଣନ୍ତି ? ସେ ଅଭିନୟ କରିଥିବା ଫିଲ୍ମଟି ପରଦା ଉପରକୁ ଆସିବା ପରେ ସୋନାକ୍ଷୀ ତାଙ୍କ ରେମ୍ୟୁନିନେସନରୁ କିଛି ଅଂଶ କୌଣସି ଦାତବ୍ୟ ଅନୁଷ୍ଠାନକୁ ଦାନ କରିଥାଆନ୍ତି। ଯେତେବେଳେ ସେ ପ୍ରଥମ ସିନେମା ‘ଦବଙ୍ଗ’ ପାଇଁ ନିଜର ପ୍ରଥମ ପାରିଶ୍ରମିକ ପାଇଲେ ସେତେବେଳେ ସେ ନିଜର ସମସ୍ତ ପାରିଶ୍ରମିକକୁ ସଲମାନ ଖାଁଙ୍କ ସ୍ୱେଚ୍ଛାସେବୀ ସଂଗଠନ ‘ବିଇଙ୍ଗ ହ୍ୟୁମାନ’କୁ ଦାନ କରିଥିଲେ। ସେବେଠାରୁ ସେ ଏପରି ଧାରାକୁ ଜାରି ରଖିଛନ୍ତି। ଏ ନେଇ ସୋନାକ୍ଷୀ କହନ୍ତି, ‘ଦିବ୍ୟାଙ୍ଗ ଲୋକ କିମ୍ବା ଅସୁବିଧାରେ ପଡ଼ିଥିବା ବ୍ୟକ୍ତିଙ୍କୁ ସାହାଯ୍ୟ କଲେ ଅନେକ ପୁଣ୍ୟ ମିଳିଥାଏ। ମୋର ପ୍ରଥମ ସିନେମାରେ ମୋତେ ମିଳିଥିବା ସମସ୍ତ ରେମ୍ୟୁନିନେଶନକୁ ମୁଁ ‘ବିଇଙ୍ଗ ହ୍ୟୁମାନ’କୁ ଦାନ କରିଦେଇଥିଲି। ଏବେ ମୋ ଅଭିନୀତ ପ୍ରତିଟି ଫିଲ୍ମରେ ପାଇଥିବା ପାରିଶ୍ରମିକରୁ କିଛି ଅଂଶ କେତେକ ଦାତବ୍ୟ ଅନୁଷ୍ଠାନକୁ ଦାନ କରିଥାଏ। ଏହି ଧାରାକୁ ମୁଁ ଭବିଷ୍ୟତରେ ମଧ୍ୟ ଜାରି ରଖିବି।’

# ପ୍ରେମର ନୂଆ ଫର୍ମୁଲା

ଚଳିତ ବର୍ଷର ନୂଆ ଓଡ଼ିଆ ସିନେମା ତାଲିକାରେ ଆଉ ଏକ ଟାଇଟଲ ସାମିଲ ହୋଇଛି। ତାହା ହେଲା ‘ତୋ ନା ର ମାନେ ହଁ’। ଜୋକର ପ୍ଲସ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହାର ଡବିଂ ଶେଷ ହୋଇଛି। ଚିତ୍ରଟିର ପ୍ରଯୋଜନା କରିଛନ୍ତି ଅମୂଲ୍ୟ କୁମାର ଦାସ ଏବଂ ବୃନ୍ଦାବନ ଗୁରୁ। ଏହାର ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ଆଗଧାଡ଼ିର ନିର୍ଦ୍ଦେଶକ ସୁଧାଂଶୁ ସାହୁ। ସୁଜାତା ଦାସଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ଡ. ଦୀପକ ଜେନା। ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଅଭିଜିତ ମଜୁମଦାର। ଏକ ତ୍ରିକୋଣୀୟ ପ୍ରେମ କାହାଣୀକୁ ଆଧାର କରି ଫିଲ୍ମଟି ନିର୍ମିତ ହେଉଛି। ଉକ୍ତ ସିନେମାର ନାୟକ ସାଜିଛନ୍ତି ସମ୍ବିତ ଏବଂ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ରିୟା ଏବଂ କାବ୍ୟା କିରଣ। ଏମାନଙ୍କ ବ୍ୟତୀତ ମହାଶ୍ୱେତା ରାୟ, ପ୍ରଦ୍ୟୁମ୍ନ ଲେଙ୍କା, ପିଣ୍ଟୁ ନନ୍ଦ, ଅସୀତ ପତି, ସୋମା ଭୌମିକ, ଅମର ମହାପାତ୍ର, ଅନୁପ ସାହା, ଶୀଲା ତ୍ରିପାଠୀ ଏବଂ ଜ୍ଞାନ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ଫିଲ୍ମଟି ଆସନ୍ତା ବର୍ଷ ଫେବୃୟାରୀରେ ରିଲିଜ୍ ହେବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



(ବାମରୁ) ବୃନ୍ଦାବନ, ଅମୂଲ୍ୟ, ସମ୍ବିତ, ମହାଶ୍ୱେତା, ରିୟା

# ଦୋଛକିରେ ଯାମି

ଯାମି ଗୌତମ ଏବେ ଦୋଛକିରେ ପଡ଼ିଛନ୍ତି। କଥାଟି ତାଙ୍କ ପାଇଁ ଏଣୁ ମାରିଲେ ଗୋହତ୍ୟା ତେଣୁ ମାରିଲେ ବ୍ରହ୍ମହତ୍ୟା ପରି। କଥା କ’ଣ କି ଏକ ନୂଆ ଅଫରକୁ ନେଇ ଅଡୁଆରେ ପଡ଼ିଛନ୍ତି ସେ। ଏଥିରେ ଅଭିନୟ କରିବାକୁ ହେଲେ ତାଙ୍କୁ କେତୋଟି ଷ୍ଟଣ୍ଟ ଶଟ୍ ତ ଦେବାକୁ ପଡ଼ିବ। ତା’ ସହ ନିଜର ଓଜନ ସୀମିତ ସମୟ ମଧ୍ୟରେ ୫ କିଗ୍ରା କମାଇବାକୁ ପଡ଼ିବ। ତେଣୁ ଏପରି ଦୁଇଟି କଥାକୁ ନେଇ କି ନିଷ୍ପତ୍ତି ନେବେ ତାହା ସ୍ଥିର କରିବାରୁନାହାନ୍ତି ଯାମି। ଏ ନେଇ ସେ କହନ୍ତି, ‘ଏହି ନୂଆ ଫିଲ୍ମରେ ଷ୍ଟଣ୍ଟ ଶଟ୍ ପାଇଁ ଟ୍ରେନିଂ ନେଉଛି। ମୋର ନିଜ ଉପରେ ଦୃଢ଼ ବିଶ୍ୱାସ ରହିଛି ଯେ, ଏପରି ଶଟ୍ ମୁଁ ଦେଇପାରିବି। ହେଲେ ସୀମିତ ସମୟ ଭିତରେ ଓଜନ କମାଇବା ମୋର ଟେନସନ ବଢ଼ାଇ ଦେଇଛି। ତଥାପି ଚେଷ୍ଟା ଜାରି ରଖିଛି। ଡାଏଟିଂ କରିବା ସହ ଜିମ୍‌ରେ ଅଧିକ ସମୟ ବିତାଉଛି। ଚାରିଆଡ଼େ ଖିଲାଡ଼ି ମାଷ୍ଟର ଅକ୍ଷୟ କୁମାରଙ୍କ ପ୍ରଶଂସା କରିବୁଲୁଛନ୍ତି। ଏହା ପଛରେ ସେପରି କାରଣ ମଧ୍ୟ ରହିଛି। ଗୋଟିଏ ପଟେ ଅକ୍ଷୟ ଅଭିନୟ କରିବାକୁ ଯାଉଥିବା ନୂଆ ସିନେମା ‘ଓ ମାଇଁ ଗଡ୍-୨’ର କାଷ୍ଟିଂରେ ଯାମିଙ୍କୁ ସାମିଲ କରାଯାଇଛି। ଅମିତ ରାୟ ଏହାର କାହାଣୀ ରଚନା କରିବା ସହ ନିର୍ଦ୍ଦେଶନା ମଧ୍ୟ ଦେବେ।

# ବୋଲ୍ଡ ଶଟ୍‌କୁ ଡରୁଛନ୍ତି ତାରା



ତାରା ସୁତାରିଆ। ନିକଟରେ ତାଙ୍କ ଅଭିନୀତ ‘ତଡପ୍’ ରିଲିଜ ହୋଇଥିଲା। କିନ୍ତୁ ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ୍ ହେଲା। ଏହି ସିନେମାକୁ ନେଇ ବେଶ୍ ଆଶା ବାନ୍ଧିଥିଲେ ତାରା, ହେଲେ ସବୁକିଛି ମାଟିରେ ମିଶିଗଲା। ଏବେ ତାରା ଗୋଟିଏ ଜିନିଷକୁ ଭାରି ଡରୁଛନ୍ତି। ତାହା କ’ଣ ଜାଣନ୍ତି ? ବୋଲ୍ଡ ଶଟ୍। କାରଣ ‘ତଡପ୍’ରେ କେତୋଟି ହଟ୍ ସିନ୍‌ରେ ତାଙ୍କୁ ଦେଖିବାକୁ ମିଳିଥିଲା। କିନ୍ତୁ ସେଗୁଡ଼ିକୁ ଦର୍ଶକ ଗ୍ରହଣ କଲେ ନାହିଁ। ଫଳରେ ଏଣିକି ଏ କ୍ଷେତ୍ରରେ ହାତେ ମାପି ଚାଖଣ୍ଡେ ଚାଲିବେ ତାରା। କିଛି ସପ୍ତାହ ପୂର୍ବରୁ ତାଙ୍କୁ ଏକ ସିନେମାରେ ଅଭିନୟ କରିବାକୁ ଅଫର ମିଳିଥିଲା। କିନ୍ତୁ ଏଥିରେ କେତୋଟି ଲିପ୍-ଲକ୍ ଶଟ୍ ଦୃଶ୍ୟାୟିତ ହେବାର ଥିଲା। କିନ୍ତୁ ଯେତେବେଳେ ସେ ଏକଥା ଜାଣିଲେ ବିଳମ୍ବ ନ କରି ସେପରି ଶଟ୍ ଦେବେ ନାହିଁ ବୋଲି ସିଧାସଳଖ ମନା କରିଦେଲେ। ଏପରି ଶଟ୍ ପାଇଁ ତାଙ୍କୁ ଏକ୍ସଟ୍ରା ପାରିଶ୍ରମିକ ମିଳିଥାଆନ୍ତା। ହେଲେ ସେପରି ପ୍ରପୋଜାଲକୁ ସେ ଏଡ଼ାଇ ଦେଇଥିଲେ। ଅନ୍ୟପକ୍ଷରେ ତାରା ଏବେ ବୁଝି ହେଲେଣି। କୌଣସି ନୂଆ ଅଫର ପାଇବା ମାତ୍ରେ ତାହାକୁ ଭଲ ଭାବରେ ତର୍ଜମା କରୁଛନ୍ତି। ଏପରି ଚିନ୍ତାଧାରା ପାଇଁ ବେଶ୍ କେତୋଟି ଅଫର ତାଙ୍କ ହାତରୁ ଖସି ଯାଇଛି। ହେଲେ ତାହାକୁ ନେଇ ମନଦୁଃଖ କରୁନାହାନ୍ତି ଏହି ଅଭିନେତ୍ରୀ।

## ରିଲିଜ ଅପେକ୍ଷାରେ

# ଭାବେ ସିନା କହି ପାରେନା



ଅଭିଷେକ-ଅର୍ଚ୍ଚିତା

‘ଦେଲେ ଧରା କଥା ସରେ’ ପରେ ଦେବୋଲିନା ପ୍ରଡକ୍ସନ ବ୍ୟାନରରେ ନିର୍ମିତ ହୋଇଛି ଆଉ ଏକ ଓଡ଼ିଆ ସିନେମା। ଏହାର ଟାଇଟଲ ରହିଛି ‘ଭାବେ ସିନା କହି ପାରେନା।’ ଖାସ୍ କଥା ହେଲା, ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଓଲିଉଡ୍‌ର ଅନ୍ୟତମ ପରିଚିତ ଖଳନାୟକ ଅସୀତ ପତି। ପ୍ରଥମ ଥର ପାଇଁ ସେ ଏପରି ଗୁରୁଦାୟିତ୍ୱ ତୁଲାଇଛନ୍ତି। ଏହାପୂର୍ବରୁ ଅନେକ ସିନେମାରେ ଖଳନାୟକ ଭାବରେ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି ଅସୀତ। ତେବେ ନିଜର ପ୍ରଥମ ନିର୍ଦ୍ଦେଶିତ ସିନେମା ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନର ଖୋରାକ ଯୋଗାଇବ ବୋଲି ଆଶା ରଖିଛନ୍ତି ସେ। ଉକ୍ତ ଚିତ୍ରର ପ୍ରଯୋଜନା କରିଛନ୍ତି ପଙ୍କଜ କୁମାର ରାଉତ। ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ଏହି ଫିଲ୍ମଟି ପ୍ରସ୍ତୁତ ହୋଇଛି। ଏହି ସିନେମାର ନାୟକ ସାଜିଛନ୍ତି ଅଭିଷେକ ରଥ। ତାଙ୍କ ଅପୋଜିଟ୍‌ରେ ସ୍କ୍ରିନ୍ ଶେୟାର କରୁଛନ୍ତି ନବାଗତା ଅର୍ଚ୍ଚିତା। ଏହାପୂର୍ବରୁ ସେ କେତୋଟି ଧାରାବାହିକରେ ଅଭିନୟ କରିସାରିଛନ୍ତି। ଅଭିଷେକ-ଅର୍ଚ୍ଚିତା ଯୋଡ଼ି ବ୍ୟତୀତ ଦୁଷ୍ମନ୍ତ ପଣ୍ଡା, ପ୍ରଦ୍ୟୁମ୍ନ ଲେଙ୍କା, ଅସୀତ ପତି, ମନୀଷା ରଥ ଏବଂ ପୁପୁନଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ଫିଲ୍ମଟିର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି ଏବଂ ଖୁବ୍ ଶୀଘ୍ର ଏହା ପରଦା ଉପରକୁ ଆସିବ ବୋଲି ସୂଚନା ଦେଇଛନ୍ତି ପ୍ରଯୋଜକ।

## ନୂଆ ସିନେମା

# ଲାଗୁଚୁ ଭାରି ନିଜର ନିଜର



କିଶୋର-ପାୟଲି

‘ଲାଗଚୁ ଭାରି ନିଜର ନିଜର’-ଏପରି ଶୀର୍ଷକରୁ ଜଣାପଡୁଛି ଯେ ଏହାର କାହାଣୀ ପ୍ରେମ ଉପରେ ଆଧାରିତ। ତନ୍ମୟ ପ୍ରଡକ୍ସନସ ବ୍ୟାନରରେ ଫିଲ୍ମଟିର ପ୍ରଯୋଜନା କରୁଛନ୍ତି ଜିତେନ୍ଦ୍ର ଓଝା। ଏହାର ସହ-ପ୍ରଯୋଜକ ଅଛନ୍ତି ଏମ. ଲିପୁନ୍। ଏଭଳି ଏକ ଟିନ୍ ଏଜ ଲଭ ଷ୍ଟୋରିର କାହାଣୀ ସହ ସଂଳାପ ରଚନା କରିଛନ୍ତି ଓଡ଼ିଆ ସିନେମା ଜଗତର ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ଏ ସମ୍ପର୍କରେ ସେ କହନ୍ତି, ‘ଏହି ଫିଲ୍ମର କାହାଣୀରେ ଲଭ୍, ସାକ୍ରିଫାଇସ୍, ଇମୋଶନ-ସବୁକିଛି ରହିଛି। ଏପରି କି ଏଥିରୁ କମେଡିର ମଜା ଦର୍ଶକ ନେଇପାରିବେ। ପ୍ରତିଥର ପରି ଏଥର ମଧ୍ୟ ଏକ ଭିନ୍ନ ଧରଣର ତଥା ଦର୍ଶକଙ୍କ ମନକୁ ଛୁଇଁଲା ଭଳି କାହାଣୀଟିଏ ଲେଖିଛି।’ ଉକ୍ତ ସିନେମାର ନାୟକ ଭୂମିକାରେ କିଶୋର ଅଭିନୟ କରିଛନ୍ତି ଏବଂ ତାଙ୍କର ନାୟିକା ସାଜିଛନ୍ତି ପୂର୍ବରୁ ଓଡ଼ିଆ ଚଳଚ୍ଚିତ୍ର ‘ପାପା’ ଏବଂ ‘ଗୁରୁଦେବ’ରେ ଅଭିନୟ କରିଥିବା ପାୟଲି। ଏମାନଙ୍କ ବ୍ୟତୀତ ପ୍ରଦ୍ୟୁମ୍ନ ଲେଙ୍କା, ଶ୍ରୀତମ ଦାସ, ପୁଷ୍ପା ପଣ୍ଡା, ଏମ. ଲିପୁନ୍ ଏବଂ ଚୌଧୁରୀ ଜୟପ୍ରକାଶ ଦାସଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ଏହି ଫିଲ୍ମଟିର ଶୁଟିଂ ରାଜ୍ୟର ବିଭିନ୍ନ ସ୍ଥାନରେ ଚାଲୁ ରହିଛି।



ଯାମି

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୨୩/୨୦୨୧ Bhubaneswar, Thursday, December 23/ 2021

# କୋରିଆ ଚାମ୍ପିୟନ, ଭାରତକୁ ବ୍ରୋଞ୍ଜ

**ଢାକା, ୨୨।୧୨**

ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ଦକ୍ଷିଣ କୋରିଆ ନୂଆ ଚାମ୍ପିୟନ ହୋଇଥିବାବେଳେ ଭାରତ ବ୍ରୋଞ୍ଜ ପଦକ ହାସଲ କରିଛି। ଫାଇନାଲରେ କୋରିଆ ଶୁଟ୍‌ଆଉଟ ୪-୨ ଗୋଲରେ ଜାପାନକୁ ପରାସ୍ତ କରିଥିଲା। ସେହିପରି ତୃତୀୟ ସ୍ଥାନ ପାଇଁ ପ୍ଲେ-ଅଫ୍‌ରେ ଭାରତ ୪-୩ ଗୋଲରେ ପାକିସ୍ତାନକୁ ପରାସ୍ତ କରିଥିଲା। କୋରିଆ ପ୍ରଥମଥରପାଇଁ ଏସିଆନ ଚାମ୍ପିୟନ୍ସ ଟ୍ରଫି ଜିତିବାର ସୌଭାଗ୍ୟ ପାଇଛି। ପୂର୍ବରୁ ଏହି ଦଳ ୨୦୧୬ରେ ସର୍ବାଧିକ ୪ର୍ଥ ସ୍ଥାନ ଅଧିକାର କରିଥିଲା। ଅନ୍ୟପକ୍ଷରେ ୨୦୧୩ ରନର୍ସଅପ୍ ଜାପାନର ଟାଇଟଲ ଜିତିବା ସ୍ୱପ୍ନ ଅଧୁରା ରହିଛି। ଜାପାନ-କୋରିଆ ଫାଇନାଲ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଉଭୟ ଦଳ ୩ଟି ଲେଖାଏ ଗୋଲ ସ୍କୋର କରିଥିଲେ। କୋରିଆ ପକ୍ଷରୁ ଜିଅଙ୍ଗ୍ ଜୁନ୍ ଉ ୮ ଏବଂ ଜାଙ୍ଗ୍ ଜୋଙ୍ଗ୍ ହ୍ୟୁନ ୫୫ ଓ ୬୦ତମ ମିନିଟରେ ୨ଟି ଗୋଲ ଦେଇଥିଲେ। ଜାପାନର କେନ୍ ନାଗାୟୋଶି ୨୪, ର୍ୟୋମା ଓକା ୨୯ ଓ ୟୋଶିକି କିରିଶିତା ୩୨ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ନିର୍ଦ୍ଧାରିତ ସମୟରେ ଖେଳ ବରାବର ସ୍ଥିତିରେ ରହିବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏହି ପର୍ଯ୍ୟାୟରେ କୋରିଆ ବାଜି ମାରିଥିଲା। କୋରିଆ ଅଧିନାୟକ ଲୀ ଜୁଙ୍ଗ୍‌ଜୁନ୍, ଚେଅନ ଜି ଉ, ତାଇଲ ହ୍ୱାଙ୍ଗ୍ ଓ ଲୀ ହେସେଉଙ୍ଗ୍ ଗୋଲ ଦେବାରେ ସକ୍ଷମ ହୋଇଥିବା ବେଳେ ଜାପାନର ର୍ୟୋମା ଓକା ଓ ଅଧିନାୟକ ତନକା ସେରେନ ଗୋଲ ଦେଇଥିଲେ ଏବଂ ରାଇକି ଫୁଜିଶିମା ଓ କୋସେଇ କାୱାବେ ଗୋଲ୍ ମିସ୍ କରିଥିଲେ। କୋରିଆ ଗୋଲକିପର କିମ୍ ଜେହ୍ୟୁନ ପ୍ରତିପକ୍ଷର ଦୁଇ ଖେଳାଳିଙ୍କୁ ଚକ୍‌ମା ଦେଇ ଦଳକୁ ପ୍ରଥମଥରପାଇଁ ଟ୍ରଫି ବିଜୟର ସ୍ୱାଦ ଚଖାଇଥିଲେ।

| ପୋଜିଶନ | ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି |
|---|---|
| ୧: ଦକ୍ଷିଣ କୋରିଆ | |
| ୨: ଜାପାନ | |
| ୩: ଭାରତ | |
| ୪: ପାକିସ୍ତାନ | |
| ୫: ବାଂଲାଦେଶ | |


ବୁଧବାର ପାକିସ୍ତାନକୁ ହରାଇବାପରେ ଖୁସି ମୁହୂର୍ତ୍ତରେ ଭାରତୀୟ ଖେଳାଳି।

# ପାକିସ୍ତାନକୁ ହରାଇଲା ଭାରତ

**ଢାକା, ୨୨।୧୨**

ସେମିଫାଇନାଲରେ ପରାଜିତ ହୋଇ ଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଥିବା ଭାରତ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛି। ବୁଧବାର ତୃତୀୟ ସ୍ଥାନପାଇଁ ଅନୁଷ୍ଠିତ ମ୍ୟାଚରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୪-୩ ଗୋଲରେ ପରାସ୍ତ କରିଛି। ଆକର୍ଷଣୀୟ ପ୍ରଦର୍ଶନ ପାଇଁ ଅଧିନାୟକ ମନପ୍ରୀତ ସିଂ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଛନ୍ତି। ପ୍ରତିଯୋଗିତାର ଗତ ସଂସ୍କରଣରେ ଭାରତ ଓ ପାକିସ୍ତାନ ଯୁଗ୍ମ ଚାମ୍ପିୟନ ଘୋଷିତ ହୋଇଥିଲେ। ବର୍ଷା ଯୋଗୁ ଫାଇନାଲ ସମ୍ଭବ ହୋଇପାରି ନ ଥିଲା। ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଭାରତ ୨୦୧୧, ୨୦୧୬ ଓ ୨୦୧୮ରେ ଚାମ୍ପିୟନ ହୋଇଥିବାବେଳେ ଏଥର ପ୍ରଥମଥରପାଇଁ ତୃତୀୟ ସ୍ଥାନ ହାସଲ କରି ବ୍ରୋଞ୍ଜ ଜିତିଛି। ଅନ୍ୟପକ୍ଷରେ ୨୦୧୨, ୨୦୧୩, ୨୦୧୮ ଚାମ୍ପିୟନ ପାକିସ୍ତାନ ଏଥର ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଛି।

ଅଲିମ୍ପିକ୍ ବ୍ରୋଞ୍ଜ ମେଡାଲିଷ୍ଟ ଭାରତ ଏଠାରେ ପାକିସ୍ତାନଠାରୁ କଡ଼ା ଟକ୍କର ପାଇଥିଲେ ହେଁ ଶେଷରେ ବିଜୟ ସ୍ୱାଦ ପାଇଥିଲା। ଜାପାନ ବିପକ୍ଷ ସେମିଫାଇନାଲ ପରାଜୟରୁ ଶିକ୍ଷାଲାଭ କରି ଭାରତ ପ୍ଲେ-ଅଫ୍ ମ୍ୟାଚରେ ଆରମ୍ଭରୁ ଆକ୍ରମଣାତ୍ମକ ରଣନୀତି ଅବଲମ୍ବନ କରିଥିଲା। ମ୍ୟାଚର ପ୍ରଥମ ମିନିଟ୍‌ରେ ଉପ ଅଧିନାୟକ ହରମନପ୍ରୀତ ସିଂଙ୍କ ଗୋଲ ବଳରେ ଭାରତ ଅଗ୍ରଣୀ ଲାଭକରି ପାକିସ୍ତାନ ଉପରେ ଚାପ ପକାଇଥିଲା। ମାତ୍ର ୧୦ମ ମିନିଟ୍‌ରେ ପାକିସ୍ତାନର ଅଫ୍ରାଜ ଗୋଲଟି ପରିଶୋଧ କରିଦେବାରୁ ପ୍ରଥମ କ୍ୱାର୍ଟର ଶେଷ ବେଳକୁ ମ୍ୟାଚ ୧-୧ ସ୍ଥିତିକୁ ଚାଲିଆସିଥିଲା। ଦ୍ୱିତୀୟ କ୍ୱାର୍ଟରରେ ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଥିଲେ ହେଁ କେହି ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଅର୍ଥାତ୍ ୩୩ତମ ମିନିଟ୍‌ରେ ଅବଦୁଲ ରାଣା ଗୋଟିଏ ଗୋଲ ଦେଇ ପାକିସ୍ତାନକୁ ଅଗ୍ରଣୀ କରାଇଥିଲେ। ତୃତୀୟ କ୍ୱାର୍ଟର ଶେଷ ହେବାର ମାତ୍ର ଅଳ୍ପକିଛି ସେକେଣ୍ଡ ପୂର୍ବରୁ ସୁମିତ ଗୋଲଟି ପରିଶୋଧ କରିଦେବାରୁ ୪ର୍ଥ କ୍ୱାର୍ଟର ସ୍ୱାଭାବିକଭାବେ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ୫୩ତମ ମିନିଟ୍‌ରେ ବରୁଣ କୁମାର ଏକ ଗୋଲ ଦେଇ ଭାରତ ପାଇଁ ଆଶା ସଞ୍ଚାର କରିଥିଲେ। ୫୭ତମ ମିନିଟ୍‌ରେ ଆକାଶଦୀପ ସିଂ ଗୋଲ ଦେବାରୁ ଭାରତର ଅଗ୍ରଣୀ ବୃଦ୍ଧି ପାଇଥିଲା। ମାତ୍ର ଏହାର ଅଳ୍ପକିଛି ସେକେଣ୍ଡ ମଧ୍ୟରେ ଅର୍ଥାତ୍ ସେହି ୫୭ତମ ମିନିଟ୍‌ରେ ପାକିସ୍ତାନର ଅହମଦ ନଦୀମ ଗୋଟିଏ ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇଥିଲେ। ଟୁର୍ନାମେଣ୍ଟର ଏହି ସଂସ୍କରଣରେ ପାକିସ୍ତାନ ବିପକ୍ଷରେ ଭାରତର ଏହାଥିଲା ଦ୍ୱିତୀୟ ବିଜୟ। ରାଉଣ୍ଡ ରବିନ ପର୍ଯ୍ୟାୟରେ ମଧ୍ୟ ଭାରତ ୩-୧ ଗୋଲରେ ପାକିସ୍ତାନକୁ ପରାସ୍ତ କରିଥିଲା। ଫର୍ମ ଦୃଷ୍ଟିରୁ ଭାରତ ଟୁର୍ନାମେଣ୍ଟର ହଟ୍ ଫେଭରାଇଟ ଥିଲା। ରାଉଣ୍ଡ ରବିନ ପର୍ଯ୍ୟାୟରେ ସମସ୍ତ ଦଳକୁ ପରାସ୍ତ କରି ଭାରତ ଅପରାଜେୟ ଭାବେ ନକ୍‌ଆଉଟ ଖେଳିଥିଲା। ମାତ୍ର ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଦଳ ମୋମେଣ୍ଟମ ହରାଇଥିଲା। ଲିଗ୍ ପର୍ଯ୍ୟାୟରେ ଯେଉଁ ଜାପାନକୁ ଭାରତ ୬-୦ରେ ହରାଇଥିଲା ସେମିଫାଇନାଲରେ ସେହି ସମାନ ପ୍ରତିଦ୍ୱନ୍ଦ୍ୱୀଠାରୁ ଦୁର୍ଭାଗ୍ୟଜନକ ଭାବେ ୩-୫ ଗୋଲରେ ହାରିଯାଇଥିଲା। ଫଳରେ ଦଳକୁ ନୈରାଶ୍ୟଜନକ ଭାବେ ତୃତୀୟ ସ୍ଥାନପାଇଁ ମ୍ୟାଚ ଖେଳିବାକୁ ପଡ଼ିଥିଲା।

# ଫେବୃୟାରୀରେ ଆଇପିଏଲ୍ ମେଗା ନିଲାମ

**ନୂଆଦିଲ୍ଲୀ, ୨୨।୧୨ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ମେଗା ନିଲାମ ପ୍ରକ୍ରିୟା ୨୦୨୨ ଫେବୃୟାରୀ ୭ ଓ ୮ ତାରିଖରେ କରାଇବାକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଯୋଜନା କରୁଛି। କୋଭିଡ୍-୧୯ ଜନିତ ସ୍ଥିତି ନିୟନ୍ତ୍ରଣାଧୀନ ରହିଲେ ଆଇପିଏଲ୍ ମେଗା ନିଲାମ ପ୍ରକ୍ରିୟା ଭାରତରେ ଅନୁଷ୍ଠିତ ହେବ। ୨ ଦିନବିଶିଷ୍ଟ ଏହି ପ୍ରକ୍ରିୟା ଫେବୃୟାରୀ ୭ ଓ ୮ ତାରିଖରେ ଅନୁଷ୍ଠିତ ହେବ। ପୂର୍ବ ବର୍ଷ ଭଳି ଏଥର ମଧ୍ୟ ଏହା ବେଙ୍ଗାଲୁରୁରେ ଆୟୋଜନ କରାଯିବ ବୋଲି ଜଣେ ବିସିସିଆଇ କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଖେଳାଳି ନିଲାମ ପ୍ରକ୍ରିୟା ୟୁନାଇଟେଡ ଆରବ ଏମିରେଟ୍ସରେ ହେବ ବୋଲି ରିପୋର୍ଟ ପ୍ରକାଶ ପାଇଥିଲା। ମାତ୍ର ବିସିସିଆଇର ସେପରିକିଛି ଯୋଜନା ନାହିଁ ବୋଲି ଉକ୍ତ କର୍ମକର୍ତ୍ତା ଜଣକ କହିଛନ୍ତି। ଭାରତରେ କୋଭିଡ୍-୧୯ର ଓମିକ୍ରନ୍ ସଂକ୍ରମଣ ବୃଦ୍ଧି ପାଉଛି। ସ୍ଥିତି ଏବେ ନିୟନ୍ତ୍ରଣାଧୀନ ରହିଛି। ମାତ୍ର ଆଗକୁ ଯଦି ବିଦେଶ ଭ୍ରମଣଜନିତ କଟକଣା ଲାଗୁହୁଏ ତେବେ ଏହାକୁ ଭାରତରେ ଆୟୋଜନ କରିବାରେ କେତେକ ପ୍ରତିବନ୍ଧକ ଦେଖା ଦେଇପାରେ। ଆଇପିଏଲ୍‌ର ଆଗାମୀ ସଂସ୍କରଣ ୧୦ ଦଳବିଶିଷ୍ଟ ହେବ। ସଞ୍ଜୀବ ଗୋଏଙ୍କା ଲକ୍ଷ୍ନୌ ଫ୍ରାଞ୍ଚାଇଜ୍ ମାଲିକ ହୋଇଥିବାବେଳେ ସିଭିସି ଅହମଦାବାଦ ଫ୍ରାଞ୍ଚାଇଜ୍‌ର ମାଲିକ ରହିଛି। ଏ ଦୁଇ ଫ୍ରାଞ୍ଚାଇଜ୍ ଦଳ ପ୍ରଥମଥରପାଇଁ ଆଇପିଏଲ୍‌ରେ ଖେଳିବେ। ସିଭିସି ଯଦିଓ ବିସିସିଆଇର ପତ୍ରକୁ ଅପେକ୍ଷା କରିଛି ତେବେ ଆଗାମୀ କିଛି ସପ୍ତାହ ମଧ୍ୟରେ ସବୁକିଛି ସ୍ପଷ୍ଟ ହୋଇଯିବ। ନୂଆ ଦଳପାଇଁ ୩ ଖେଳାଳିବିଶିଷ୍ଟ ଡ୍ରାଫ୍ଟ ପ୍ୟାକ୍ ସମୟସୀମା ଖ୍ରୀଷ୍ଟମାସ୍ ପର୍ଯ୍ୟନ୍ତ ରଖା ଯାଇଛି। ମାତ୍ର ସିଭିସି ଏପର୍ଯ୍ୟନ୍ତ କ୍ଲିୟରାନ୍ସ ପାଇ ନ ଥିବାରୁ ଏହି ସମୟସୀମା ଘୁଞ୍ଚିପାରେ। ଅଧିକାଂଶ ଫ୍ରାଞ୍ଚାଇଜ୍ ମାଲିକ ମେଗା ନିଲାମକୁ ପସନ୍ଦ କରୁନାହାନ୍ତି। ଏହାଦ୍ୱାରା ଦଳୀୟ ସନ୍ତୁଳନ କ୍ଷେତ୍ରରେ ସାଲିସ କରିବାକୁ ପଡୁଛି। ଦିଲ୍ଲୀ କ୍ୟାପିଟାଲ୍ସ ସହ ମାଲିକ ପାର୍ଥ ଜିନ୍ଦଲଙ୍କ ମତରେ ଏକ ସନ୍ତୁଳିତ ଦଳ ଗଠନ ପାଇଁ ଅନେକ ମୁଣ୍ଡ ଖଟାଇବାକୁ ପଡ଼େ। ତେଣୁ ସେଥିମଧ୍ୟରୁ ଖେଳାଳି ରିଲିଜ୍ କରିବା ଅତ୍ୟନ୍ତ କଷ୍ଟସାଧ। "ଦଳରୁ ଶ୍ରେୟାସ ଆୟାର, ଶିଖର ଧାୱନ, କାଗିଶୋ ରାବାଡ଼ା ଓ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଛାଡ଼ିବା ଅତ୍ୟନ୍ତ ଦୁଃଖଦାୟକ। ମାତ୍ର ମେଗା ନିଲାମ ପ୍ରକ୍ରିୟା ପାଇଁ ଏହା କରିବାକୁ ପଡୁଛି।

# ଆନ୍ତଃ ବିଶ୍ୱବିଦ୍ୟାଳୟ ସନ୍ତରଣ ଉଦ୍‌ଘାଟିତ



କୃତୀ ପ୍ରତିଯୋଗୀମାନେ ପଦକ ସହ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୨୨।୧୨ (କ୍ରୀଡ଼ା ପ୍ରତିନିଧି):** ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ଆନୁକୂଲ୍ୟରେ କିଟ ଓ କିସ୍ ପରିସରରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟସ୍ତରୀୟ ସନ୍ତରଣ (ମହିଳା ଓ ପୁରୁଷ) ଚାମ୍ପିୟନଶିପ୍ ବୁଧବାର ଉଦ୍‌ଘାଟିତ ହୋଇଛି। ଏହି ପ୍ରତିଯୋଗିତାରେ ସର୍ବଭାରତୀୟ ସ୍ତରରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ୩୧୦ଟି ବିଶ୍ୱବିଦ୍ୟାଳୟରୁ ୧୫ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଓ ଅଫିସିଆଲ୍ ଅଂଶଗ୍ରହଣ କରିଛନ୍ତି। ୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଚାମ୍ପିୟନଶିପର ସମସ୍ତ ପ୍ରତିଯୋଗିତା କିସ୍ ଅନ୍ତର୍ଜାତୀୟ ସୁଇମିଂ ପୁଲରେ ଅନୁଷ୍ଠିତ ହେଉଛି। କିସ୍ ସୁଇମିଂ ପୁଲ୍ ଅନ୍ତର୍ଜାତୀୟ ମାନର ହୋଇଥିବାରୁ ଏଠାରେ ଏକାଥରକେ ଏତେ ସଂଖ୍ୟକ ସନ୍ତରଣକାରୀଙ୍କୁ ନେଇ ପ୍ରତିଯୋଗିତା ସମ୍ଭବ ହୋଇଛି। ପ୍ରଥମ ଥର ଲାଗି ସର୍ବଭାରତୀୟସ୍ତରରେ ଏକ ବଡ଼ ସନ୍ତରଣ ପ୍ରତିଯୋଗିତା କିଟ୍ ଓ କିସରେ ଅନୁଷ୍ଠିତ ହେଉଛି। ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ପ୍ରତିଯୋଗୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, ସ୍କୁଲ୍ ଅଫ୍ ସୋସିଆଲ୍, ଫାଇନାନ୍ସିଆଲ୍ ଆଣ୍ଡ ହ୍ୟୁମାନ୍ ସାଇନ୍ସେସର ନିର୍ଦ୍ଦେଶକ ପ୍ରଫେସର ଜୟନ୍ତ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।

ପ୍ରଥମ ଦିବସରେ ଅନୁଷ୍ଠିତ ବ୍ରେଷ୍ଟଷ୍ଟ୍ରୋକ୍ ୨ଶହ ମିଟର ପୁରୁଷ ବିଭାଗରେ ଆନ୍ନା ବିଶ୍ୱବିଶ୍ୱବିଦ୍ୟାଳୟର ଧନୁଷ ଏସ୍. ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପଞ୍ଜାବ ବିଶ୍ୱବିଦ୍ୟାଳୟର ଅଂଶ ଆରୋରା ଦ୍ୱିତୀୟ ଓ ଆଦାମାସ ବିଶ୍ୱବିଦ୍ୟାଳୟର ଶ୍ରୀଦିପ ମଣ୍ଡଳ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ମହିଳା ବିଭାଗରେ ବୀର ନରମାଦ ସାଉଥ ଗୁଜରାଟ ବିଶ୍ୱବିଦ୍ୟାଳୟର କଲ୍ୟାଣୀ ସକ୍ସେନା ପ୍ରଥମ, ୟୁନିଭରସିଟି ଅଫ୍ ମୁମ୍ବାଇର ଜ୍ୟୋତି ପାଟିଲ୍ ଦ୍ୱିତୀୟ ଏବଂ ଆରତୀ ପାଟିଲ୍ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୪ଶହ ମିଟର ଫ୍ରି ଷ୍ଟାଇଲ୍ ପୁରୁଷ ବର୍ଗରେ ଜୈନ ବିଶ୍ୱବିଦ୍ୟାଳୟର ରାଜବିନାୟକ ରେଲକର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସାବିତ୍ରୀବାଈ ଫୁଲେ ବିଶ୍ୱବିଦ୍ୟାଳୟର ଧାୟଗୁଡ଼େ ଶୁଭମ୍ ଦ୍ୱତୀୟ ଓ ପେସ୍ ବିଶ୍ୱବିଦ୍ୟାଳୟର ମୋହିତ ଭେଙ୍କଟେଶ ତୃତୀୟ ସ୍ଥାନ ପାଇଛନ୍ତି। ୪ଶହ ମିଟର ଫ୍ରି ଷ୍ଟାଇଲ ମହିଳା ବର୍ଗରେ ମାଡ୍ରାସ ବିଶ୍ୱବିଦ୍ୟାଳୟର ବର୍ଷା ଭି. ପ୍ରଥମ, ବାଙ୍ଗାଲୋର ବିଶ୍ୱବିଦ୍ୟାଳୟର ପ୍ରୀଥା ଭି. ଦ୍ୱିତୀୟ ଓ ପେସ୍ ବିଶ୍ୱବିଦ୍ୟାଳୟର ନିକିଥା ଏସ୍. ଭି. ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

# କିଟ୍ ମହିଳା ଦଳକୁ ଯୋଗ୍ୟତା

**ଭୁବନେଶ୍ୱର, ୨୨।୧୨ (କ୍ରୀଡ଼ା ପ୍ରତିନିଧି)**


ସର୍ବଭାରତୀୟ ସ୍ତରକୁ ଯୋଗ୍ୟତା ଅର୍ଜନ କରିଥିବା କିଟ୍ ମହିଳା ଦଳ।

ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ (ମହିଳା) ଟୁର୍ନାମେଣ୍ଟ ବାଲେଶ୍ୱରସ୍ଥିତ ଫକିର ମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଗତ ୨୦ରୁ ଆରମ୍ଭ ହୋଇଛି। ୨୩ ତାରିଖରେ ଏହା ଶେଷ ହେବ। ଏହାର ପୁଲ୍ କ୍ୱାଲିଫାଇଂ ମ୍ୟାଚରେ କିଟ୍ ବିଶ୍ୱବିଦ୍ୟାଳୟ ଏମ୍‌ଜି କାଶି ବିଦ୍ୟାପୀଠକୁ ୩-୦ (୨୫-୧୧, ୨୫-୬, ୨୫-୪) ସେଟ୍‌ରେ ପରାସ୍ତ କରିଛି। ସୁପର ଲିଗ୍ ମ୍ୟାଚ ଗୁଡ଼ିକରେ ଶୀର୍ଷ ୪ ଦଳ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ଏହାର ପ୍ରଥମ ମ୍ୟାଚରେ ରାୟପୁରର ପଣ୍ଡିତ ରବି ଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟକୁ ୩-୦ (୨୫-୧୧, ୨୫-୭, ୨୫-୧୨) ସେଟ୍‌ରେ ହରାଇ ଦେଇଛି। ସେହିପରି ଦ୍ୱିତୀୟ ମ୍ୟାଚରେ କିଟ୍ ପଶ୍ଚିମବଙ୍ଗର ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟକୁ ୩-୦ (୨୫-୧୪, ୨୫-୨୩, ୨୫-୨୩) ସେଟ୍‌ରେ ପରାସ୍ତ କରିଛି। ଗୁରୁବାର କିଟ୍ ଏହାର ଶେଷ ଲିଗ୍ ମ୍ୟାଚ କୋଲକାତାର ଆଦାମାସ ବିଶ୍ୱବିଦ୍ୟାଳୟ ବିପକ୍ଷରେ ଖେଳିବ। ଏଥିରେ ବିଜୟୀ ହେଲେ ଦଳ ଚାମ୍ପିୟନ ହେବ। ତେବେ କିଟ୍ ଦଳ ସର୍ବଭାରତୀୟ ଆନ୍ତଃ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିଛି। ଏହି ଟୁର୍ନାମେଣ୍ଟ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ୨୦୨୨ ଜାନୁୟାରୀ ୪ରୁ ୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।





To book a test drive, call: 18002098282 or visit: www.cars.tatamotors.com

BHUBANESWAR: Dion Automotives (Samantarapur): 7506018735, Trupti Enterprises (Baramunda): 7506018747. Gugnani Autocars (Mancheswar): 9619127347. Trupti Enterprises (Patrapara): 7077770320. Trupti Enterprises (Nayagarh): 9152102480. PURI: Dion Automotives: 7506018735. CUTTACK: Gugnani Autocars (Pratap Nagari): 7506018750. Dion Automotives (Cuttack CDA): 7506018735. JAJPUR: Gugnani Autocars (Keonjhar): 9152102472. Gugnani Autocars (Jajpur): 9152102472. PARADIP: Trupti Enterprises (Udayabata): 9152102516.

Images and illustrations are indicative and for information purposes only. All features/specifications are not available in all variants and may vary for different variants. Specifications/features subject to change without prior information. Please consult an authorized Tata Motors dealer for latest information on features/specifications before deciding to place an order. Colours may not match the actual colours due to printing limitations. Harman and Android are registered trademarks. *Local taxes and Octroi extra. *Avail Tata Motors Finance and get funding benefits on Extended Warranty. *Express Finance scheme from Tata Motors Finance/Low DP scheme from select financers. *The offer is at the sole discretion of Tata Motors and can be changed by Tata Motors without any prior notice. *Offer valid till stocks last. *Terms and conditions apply. 11685454


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ପଠାଣି ସାମନ୍ତଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି

**ଖଣ୍ଡପଡ଼ା,୨୨।୧୨(ସ୍ୱ.ପ୍ର.):** ବିଶ୍ୱବିଖ୍ୟାତ ଜ୍ୟୋର୍ତିବିଦ୍ ଚନ୍ଦ୍ରଶେଖର ପଠାଣିସାମନ୍ତଙ୍କ ୧୮୭ ତମ ଜୟନ୍ତୀ ତାଙ୍କ ଜନ୍ମମାଟି ଖଣ୍ଡପଡ଼ାରେ ଆସନ୍ତା ୨୪ତାରିଖରେ ମହାସମାରୋହରେ ପାଳନ କରାଯିବ। ଏଥିପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ଖଣ୍ଡପଡ଼ା ସାମନ୍ତ ଚନ୍ଦ୍ରଶେଖର ସ୍ମୃତି ମନ୍ଦିର ଓ ପାଠାଗାର ପକ୍ଷରୁ ଏକ ଦିବସୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ବିନାୟକ ସାହୁ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଡ.ଲକ୍ଷ୍ମୀନାରାୟଣ ପାଢ଼ୀ, ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନିଟୋରିୟମର ଉପ ନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ, ରାଜ୍ୟ ଇଟି ଆଣ୍ଡ ଆଇଟିର ଉପଦେଷ୍ଟା ଅନୁଭବ ପଟ୍ଟନାୟକ, ଶିଶୁ ସାହିତ୍ୟିକ ଦାଶ ବେନହୁର ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

### ୬ ହିତାଧିକାରୀ ପାଇଲେ କୋଭିଡ୍ ସହାୟତା

**ନୟାଗଡ଼ ଅଫିସ,୨୨।୧୨:** ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହିତାଧିକାରୀ ତଥା କେନ୍ଦ୍ର ଓ ରାଜ୍ୟର ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀଙ୍କୁ କୋଭିଡ୍ ସହାୟତା ରାଶି ୧ହଜାର ଟଙ୍କା ବଣ୍ଟନର ଶୁଭାରମ୍ଭ ହୋଇଛି। ବୁଧବାର ଭିଡିଓ କନ୍‌ଫେରେନ୍ସରେ ମୁଖ୍ୟମନ୍ତ୍ରୀ ରାଜ୍ୟର ସବୁ ଜିଲାପାଳଙ୍କୁ ୭ ଦିନ ମଧ୍ୟରେ ସହାୟତା ରାଶି ବଣ୍ଟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ନୟାଗଡ଼ ଜିଲାପାଳ ପୋମା ଟୁଡୁ ଜିଲା ସଦର ମହକୁମାରେ ୬ ହିତାଧିକାରୀଙ୍କୁ ୧ହଜାର ଟଙ୍କା ଲେଖାଏ ବଣ୍ଟନ କରିଛନ୍ତି। ଏଥିସହ ଏକ ସପ୍ତାହ ମଧ୍ୟରେ ହିତାଧିକାରୀଙ୍କୁ ଯୁଦ୍ଧକାଳୀନ ଭିତିରେ ୧ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଉପଜିଲାପାଳ ଲଗ୍ନଜିତ ରାଉତ୍, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ତିଳୋତ୍ତମା ପ୍ରଧାନ ଏଥିରେ ସହାୟତା କରି ଥିଲେ।

### ବୃତ୍ତିଗତ ପରାମର୍ଶ ସେଲ୍ ଖୋଲିବାକୁ ଦାବି

ଓଡ଼ଗାଁ,୨୨।୧୨(ସ୍ୱ.ପ୍ର.)-ସ୍ଥାନୀୟ ରଘୁନାଥ ସମବାୟ ମହାବିଦ୍ୟାଳୟରେ ଉଭୟ ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ଅଭିଭାବକ ସମ୍ମିଳନୀ କଲେଜ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଦିନ ୧୧ଟାରେ ଯୁକ୍ତ ୨ ଓ ଅପରାହ୍ନ ୩ଟାରେ ଯୁକ୍ତ ୩ ସ୍ତରର ଅଭିଭାବକ ସମ୍ମିଳନୀରେ ପରିଚାଳନା କମିଟି ସଭାପତି ସୁରେଶ ଚନ୍ଦ୍ର ହୋତା ଅଧକ୍ଷତା କରିଥିଲେ। କଲେଜ ଅଧକ୍ଷ ମହମ୍ମଦ ଓମାର ମଲିକ, ଅଧାପକ ବିଶ୍ୱନାଥ ମହାରଣା, ସୁକାନ୍ତ କୁମାର ସାହୁ, ବାବାଜୀ ପରିଡ଼ା ଓ ପ୍ରଦୀପ୍ତ କୁମାର ବିଶ୍ୱାଳ ମଞ୍ଚାସୀନ ଥିଲେ। ଉପସ୍ଥିତ ଉଭୟ ଅଭିଭାବକ ଅଧିବେଶନରେ କଲେଜର ଶୈକ୍ଷିକ ବାତାବରଣ ଉପରେ ସନ୍ତୁଷ୍ଟି ପ୍ରକାଶ କରିଥିଲେ। ଯୁକ୍ତ ୨ ଓ ଯୁକ୍ତ ୩ ସ୍ତରୀୟ ଫଳାଫଳରେ କଲେଜ ଛାତ୍ରୀଛାତ୍ରଙ୍କ ସଫଳତାକୁ ନେଇ ଅଭିଭାବକ ଓ ଉପସ୍ଥିତ ଅଧାପକମାନେ ଉତ୍ସାହିତ ହୋଇଥିଲେ। ମହାବିଦ୍ୟାଳୟସ୍ତରରେ ବୃତ୍ତିଗତ ପରାମର୍ଶ ସେଲ୍ ଖୋଲିବାକୁ ଏହି ଅବସରରେ ମତ ପ୍ରକାଶ ପାଇଥିଲା। ଏନେଇ କଲେଜ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଦ୍ୟମ କରିବା ପାଇଁ ଘୋଷଣା କରିଥିଲେ।

# କାର୍ଯ୍ୟକ୍ଷମ ହେଲା ନୂଆ ବସ୍‌ଷ୍ଟାଣ୍ଡ

ନୟାଗଡ଼ ଅଫିସ,୨୨।୧୨



ନୂଆ ବସ୍‌ଷ୍ଟାଣ୍ଡ ଓ ମାର୍କେଟ କମ୍ପ୍ଲେକ୍ସକୁ ମନ୍ତ୍ରୀ ପଦ୍ମନାଭ ବେହେରା ଉଦ୍‌ଘାଟନ କରୁଛନ୍ତି। ପାଖରେ ଅଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ।

ନୟାଗଡ଼ ଜିଲା ସଦର ମହକୁମାର ନୂଆ ବସଷ୍ଟାଣ୍ଡ ବୁଧବାର କାର୍ଯ୍ୟକ୍ଷମ ହୋଇଛି। ଏନେଇ ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ଅନୁଷ୍ଠିତ ସଭାରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗଦେଇ ନୂଆ ବସଷ୍ଟାଣ୍ଡ ଓ ମାର୍କେଟ କମ୍ପ୍ଲେକ୍ସକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ବେହେରା କହିଲେ, ନୟାଗଡ଼ରେ ନୂଆବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଗୁରୁବାର ନୟାଗଡ଼ ଜିଲାର ରଣପୁର, ଦଶପଲ୍ଲା, ଗଣିଆରେ ୩ଟି ବ୍ଲକସ୍ତରୀୟ ବସ୍‌ଷ୍ଟାଣ୍ଡ ସହ ରାଜ୍ୟର ୩୬ଟି ବସ୍‌ଷ୍ଟାଣ୍ଡ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ ହେବ।

ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ନୟାଗଡ଼ ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଯୋଗ ଦେଇ କହିଲେ, ନୟାଗଡ଼ ସହରର ପରିସୀମା ବଢୁଛି। ଏହାକୁ ସରସ ସୁନ୍ଦର କରିବାକୁ ମୁଖ୍ୟମନ୍ତ୍ରୀ ସହଯୋଗର ହାତ ବଢ଼ାଇଛନ୍ତି। ନୂଆ ବସଷ୍ଟାଣ୍ଡ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିଲା। ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ୪.୪୨କୋଟି ଟଙ୍କା ବ୍ୟୟ କରାଯାଇଛି। ନୂଆବସଷ୍ଟାଣ୍ଡରେ ଏବେ ଗହଳି ଲାଗି ରହିବ। ସବୁବେଳେ ଏଠାକୁ ବସ୍ ଆସିବ ବୋଲି ସେ କହିଥିଲେ। ନୂଆବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ପରେ ପିଟିଏସ୍ ଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ପଡିଥିବା ଡିଆରଡିଏ ରାସ୍ତାର ପୁନରୁଦ୍ଧାର କରାଯିବ। କାରଣ ଏବେଠାରୁ ସହରର ପ୍ଲାନିଂ କରା ନ ଗଲେ ୩୦ ବର୍ଷ ପରେ ପୁଣି ଅସୁବିଧା ଭୋଗିବାକୁ ପଡିବ ବୋଲି ମନ୍ତ୍ରୀ କହିଥିଲେ।

ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା କହିଥିଲେ ନୂଆ ବସଷ୍ଟାଣ୍ଡରେ ଅତ୍ୟାଧୁନିକ ପରିଶ୍ରାଗାର ଓ ଶୌଚାଳୟ, ଯାତ୍ରୀ ଅପେକ୍ଷା ସ୍ଥଳ ସହ ରହଣୀ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଏହାସହିତ ସ୍ୱତନ୍ତ୍ର ମାର୍କେଟ କମ୍ପ୍ଲେକ୍ସରେ ୯୦ଟି ଦୋକାନ ଘର, ଯାତ୍ରୀଙ୍କ ପାଇଁ ହୋଟେଲ ବ୍ୟବସ୍ଥା ଅଛି। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ ତହସିଲଦାର ପଦ୍ମଲୋଚନ ସାହୁ, ଆରଟିଓ ସନତ କୁମାର, ବସ ମାଲିକ ଆସୋସିଏଶନର ସଭାପତି ମନୋଜ ନାୟକ, ସମ୍ପାଦକ ସେକ୍ ଇସୁବ୍ ପ୍ରମୁଖ ମଞ୍ଚାସୀନ ଥିଲେ।

**ଦ୍ୱନ୍ଦ୍ୱ ଦୂର ହୋଇ ପାରୁ ନାହିଁ:** ନୂଆ ବସଷ୍ଟାଣ୍ଡ ଏକାଧିକ ଥର ଉଦ୍‌ଘାଟିତ ହୋଇଛି। କିଛି ଦିନ ବସ୍ ଚଳାଚଳ ପରେ ପୁଣି ବନ୍ଦ ରହିଛି। ପ୍ରାୟ ୨୦ ବର୍ଷହେଲା ନୂଆ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ନ ହୋଇ ପରିତ୍ୟକ୍ତ ହୋଇ ପଡି ରହିଥିଲା। ବୁଧବାର ନୂଆ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ପରେ ପୁରୁଣା ବସଷ୍ଟାଣ୍ଡରୁ ବସ ନୂଆ ବସଷ୍ଟାଣ୍ଡକୁ ଆସିଛି। ହେଲେ ପୁରୁଣା ବସ୍‌ଷ୍ଟାଣ୍ଡରୁ ବସଙ୍କ ଭିଡ କମିନି। ଏବେ ବି ଲୋକଙ୍କ ମନ କହୁଛି କିଛି ଦିନ ପାଇଁ ନୂଆ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେଲେ ଲାଭ ନାହିଁ। ନୂଆ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ପାଇଁ ଜିଲା ପ୍ରଶାସନ, ନୟାଗଡ଼ ବିଧାୟକ ଗୁରୁତ୍ୱ ଦେବା ଦରକାର।

**ଫାଣ୍ଡି ପ୍ରତିଷ୍ଠାକୁ ନେଇ ପ୍ରଶ୍ନ:** ନୂଆ ବସଷ୍ଟାଣ୍ଡ ଭିତରେ ଏକ ପୋଲିସ ଫାଣ୍ଡି ପ୍ରତିଷ୍ଠାର ଆବଶ୍ୟକତା ରହିଛି। ଏହାର ସମ୍ମୁଖ ଭାଗରେ ନୟାଗଡ ସଦର ଥାନା ରହିଛି। କିନ୍ତୁ ନୂଆ ବସଷ୍ଟାଣ୍ଡ ନୟାଗଡ଼ ଟାଉନ ଥାନା ଅଧୀନରେ ଅଛି। ଏହି ଥାନା ବସଷ୍ଟାଣ୍ଡଠାରୁ ୨ କିମି ଦୂରରେ ରହିଛି। ତେଣୁ ବସଷ୍ଟାଣ୍ଡରେ ଫାଣ୍ଡି ପ୍ରତିଷ୍ଠା ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅନ୍ୟପକ୍ଷେ ପୁରୁଣା ବସ୍‌ଷ୍ଟାଣ୍ଡରେ ଏକ ପୋଲିସ ଫାଣ୍ଡି ଅଛି। ଏହା ଦରକାର ପଡିଲେ ସ୍ଥାନାନ୍ତରିତ ହୋଇପାରେ ବୋଲି କୁହାଯାଉଛି। କିନ୍ତୁ ପୁରୁଣା ବସଷ୍ଟାଣ୍ଡ ବସଷ୍ଟପର ମାନ୍ୟତା ପାଇବା ପରେ ଏଠାରେ ମଧ ଫାଣ୍ଡିର ଆବଶ୍ୟକତା ରହିଛି।

**ଟ୍ରାଫିକ ପୋଷ୍ଟ ନବକଳେବର ଚିନ୍ତା:** ୨୦୨୦ ଡିସେମ୍ବର ୩୦ ଓ ୨୦୨୧ ଅଗଷ୍ଟ ୧୩ରେ ଜିଲା ସଡ଼କ ସୁରକ୍ଷା କମିଟି ବୈଠକ ଜିଲାପାଳ ପୋମା ଟୁଡୁଙ୍କ ଅଧକ୍ଷତାରେ ବସି ନୂଆ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ଉପରେ ପଦକ୍ଷେପ ଗ୍ରହଣ କରାଯାଇଥିଲା। ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ପରେ ନୟାଗଡ଼ ସହରର ଟ୍ରାଫିକ୍ ଛକରେ ଲାଇଟ ପୋଷ୍ଟ ଲାଗିବ। ପୁରୁଣା ଟ୍ରାଫିକ ପୋଷ୍ଟ ହଟି ନୂଆ ଟ୍ରାଫିକ ପୋଷ୍ଟ ହେବ। ତେବେ ନୂଆ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇ ପାରୁ ନ ଥିବାରୁ ପୁରୁଣା ବସ୍ଷ୍ଟାଣ୍ଡରେ ଟ୍ରାଫିକ ପୋଷ୍ଟ ହଟି ପାରୁ ନ ଥିଲା। ନୂଆ ଟ୍ରାଫିକ ଲାଇଟ ପୋଷ୍ଟ ଲାଗି ପାରୁ ନ ଥିଲା। ନୂଆ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ପରେ ଟ୍ରାଫିକ ପୋଷ୍ଟର ନବକଳେବର ପାଇଁ ବାଟ ଫିଟିଯାଇଛି ବୋଲି ଚର୍ଚ୍ଚା ହେଉଛି।

## ଖଣ୍ଡପଡ଼ାରେ ନିଯୁକ୍ତି ଭିତ୍ତିକ କର୍ମଶାଳା

ଖଣ୍ଡପଡ଼ା,୨୨।୧୨(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ନିଯୁକ୍ତିଭିତ୍ତିକ ଯୋଜନା ଓ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟଙ୍କ ଦ୍ୱାରା ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ ଯୋଜନାରେ ଓର୍‌ମାସ୍ ପକ୍ଷରୁ ବ୍ଲକ ଜୀବିକା ମିଶନ ଆନୁକୂଲ୍ୟରେ ଏହି ଶିବିର ଆୟୋଜନ କରାଯାଇଥିଲା। ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ ପଞ୍ଚାୟତରୁ ମୋଟ ୧୬୮ ଜଣ ଯୁବକ ଯୁବତୀ ପଞ୍ଜିକରଣ କରିଥିଲେ। ସେଥିମଧ୍ୟରୁ ୫ଟି ପ୍ରକଳ୍ପ ନିୟୋଜନ ସଂସ୍ଥା ପକ୍ଷରୁ ୭୬ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଖଣ୍ଡପଡ଼ା ବିଡିଓ ଅରୁଣୀମା ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଓର୍‌ମାସ୍ ଜିଲା ସଂଯୋଜକ ଅବିନାଶ ଜେନା, ବ୍ଲକ ଜୀବିକା ମିଶନ ପ୍ରକଳ୍ପ ପରିଚାରିକା ରଞ୍ଜିତା ରାଣୀ ପଟ୍ଟନାୟକ, ପ୍ରଗତି ସହାୟକ ମୀନକେତନ ବେହେରା, ଜୀବିକା ମିଶନ ସଂଯୋଜିକା ଅଳକା ସ୍ୱାଇଁ ଓ ଝରଣା ମହାନ୍ତିଙ୍କ ସମେତ ବ୍ଲକର କର୍ମଚାରୀ, ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ସହଯୋଗ କରିଥିଲେ।

## ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ

ଓଡଗାଁ/ନୂଆଗାଁ ୨୨।୧୨ (ସ୍ୱ.ପ୍ର./ଡି.ଏନ.ଏ.)

ବୁଧବାର ବିଧାୟକ ତଥା ମନ୍ତ୍ରୀ ଅରୁଣ ସାହୁ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଓଡ଼ଗାଁ ବ୍ଲକରେ ୬ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହା ସହ ୪୧ ଲକ୍ଷ ୬୨ ହଜାର ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ବିଶ୍ରାମଗାର ଲୋକାର୍ପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ତହସିଲଦାର ବିଜୟିତା ସାମନ୍ତସିଂହାର, ଏନଏସି ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ର, ବିଡିଓ ସ୍ୱାତୀଲେଖା ଦାସ ଉପସ୍ଥିତ ଥିଲେ। ସେହିପରି ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ଦ୍ୱାରା ନୂଆଗାଁଠାରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ସହ ତହସିଲ କାର୍ଯ୍ୟାଳୟଠାରେ ମୋ ସରକାର ଗୃହର ଲୋକାର୍ପଣ ହୋଇଛି। ଏହି କାର୍ଯ୍ୟକ୍ରମରେ ନୂଆଗାଁ ତହସିଲଦାର ପ୍ରଳୟାନନ୍ଦ ଶତପଥୀ, ଏମ୍‌ପିଙ୍କ ପ୍ରତିନିଧି ବିଜୟ କୁମାର ଶାସମଲ, ନୂଆଗାଁ ବ୍ଲକ ଚେୟାରମ୍ୟାନ ଅନ୍ତର୍ଯ୍ୟାମୀ ସ୍ୱାଇଁ, ଉପାଧ୍ୟକ୍ଷ ପୁଷ୍ପାଞ୍ଜଳି ସାହୁ ଉପସ୍ଥିତ ଥିଲେ।

# ବସୁନ୍ଧରା ଯୋଜନାରେ ପଟ୍ଟା ପାଇଁ ଦାବିପତ୍ର



ଖଣ୍ଡପଡ଼ା ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଲୋକମାନେ।

ଖଣ୍ଡପଡ଼ା,୨୨।୧୨(ସ୍ୱ.ପ୍ର.)

ବସୁନ୍ଧରା ଯୋଜନାରେ ଭୂମିହୀନ ପରିବାର ବର୍ଗଙ୍କୁ ଚିହ୍ନଟ କରି ସରକାର ଜାଗାର ପଟ୍ଟା ପ୍ରଦାନ କରିବାର ବିଧି ବ୍ୟବସ୍ଥା ରହିଛି। ମାତ୍ର ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ଏ ସମ୍ପର୍କୀତ ଆବେଦନପତ୍ରଗୁଡିକ ବହୁ ବର୍ଷ ଧରି ପଡି ରହିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଓ ତହସିଲ କର୍ତ୍ତୃପକ୍ଷ ଧ୍ୟାନ ନ ଦେଇ ନୀରବଦ୍ରଷ୍ଟା ସାଜିଛନ୍ତି। ପ୍ରଶାନିକ ଉଦାସୀନତା ଯୋଗୁ ଖଣ୍ଡପଡ଼ା ସହରର ୧୩ଟି ୱାର୍ଡରେ ବସବାସ କରୁଥିବା ଶତାଧିକ ଭୂମିହୀନ ପରିବାରଙ୍କୁ ଏବେ ବି ଏହି ଯୋଜନାରେ ସାମିଲ କରାଯାଇନାହିଁ। ଫଳରେ ଜାଗାର ପଟ୍ଟା ପାଇ ନ ଥିବା ଭୂମିହୀନ ପରିବାରବର୍ଗଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପଟ୍ଟା ପାଇବାରୁ ବଞ୍ଚିତ ଶତାଧିକ ଆବେଦନକାରୀ ବୁଧବାର ପୂର୍ବତନ କାଉନସିଲର ସରୋଜ କୁମାର ପ୍ରଧାନଙ୍କ ନେତୃତ୍ୱରେ ଖଣ୍ଡପଡ଼ା ତହସିଲଦାର ପାର୍ଥସାରଥୀ ହାସଁଦାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ଆବେଦନକାରୀମାନଙ୍କୁ ପଟ୍ଟା ପ୍ରଦାନ କରା ନ ଗଲେ ଖଣ୍ଡପଡ଼ା ତହସିଲ ଓ ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

# ଅଟଳ ଟିଙ୍କରିଂ ଲ୍ୟାବ୍ ଉଦ୍‌ଘାଟିତ

ନୟାଗଡ଼ ଅଫିସ,୨୨।୧୨

## ଜାତୀୟ ଗଣିତ ଦିବସ ପାଳିତ

ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅଟଳ ଟିଙ୍କରିଂ ଲ୍ୟାବ୍ ଓ ଗଣିତ ଦିବସ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ବୁଧବାର ଅଟଳ ଟିଙ୍କରିଂ ପ୍ରୟୋଗଶାଳାକୁ ଉଦ୍‌ଘାଟନ କରି ସମୟର ସଦୁପଯୋଗ କରିଲେ ଛାତ୍ରୀଛାତ୍ରଙ୍କ ଜୀବନ ଶୃଙ୍ଖଳିତ ହୁଏ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ଜିଲା ପ୍ରମୁଖ ହରେକୃଷ୍ଣ ମୁଦୁଲି, ସଙ୍କୁଳ ପ୍ରମୁଖ ଦିଲ୍ଲୀପ କୁମାର ମିଶ୍ର, ପରିଚାଳନା ସମିତିର ସମ୍ପାଦକ ଶାନ୍ତନୁ କୁମାର ସ୍ୱାଇଁ, ସଭାନେତ୍ରୀ ନମିତା କୁମାରୀ ନାୟକ, ସଦସ୍ୟା ସସ୍ମିତା ନାୟକ, ବିଦ୍ୟାମନ୍ଦିର ପ୍ରମୁଖ ଗୋପୀନାଥ ସାହୁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ସେହିଭଳି ବିଶିଷ୍ଟ ଗଣିତଜ୍ଞ ଶ୍ରୀନିବାସ ରାମାନୁଜଙ୍କ ଜନ୍ମଦିବସରେ ଜାତୀୟଗଣିତ ଦିବସ ପାଳନ କରାଯାଇଥିଲା। ରାମାନୁଜ ଉଦ୍ଭାବନ କରିଥିବା ବିଭିନ୍ନ ଗାଣିତିକ ସୂତ୍ରକୁ ଦୈନନ୍ଦିନ ଜୀବନରେ କିପରି ବ୍ୟବହାର କରାଯାଇ ପାରିବ ବିଦ୍ୟାଳୟର ଆଚାର୍ଯ୍ୟ ଅକ୍ରୁର ସ୍ୱାଇଁ ଟିପ୍ପଣି ଦେଇଥିଲେ। ଗଣିତ ପତ୍ରବାଚନ, ପ୍ରୟୋଗ ଓ ପ୍ରକଳ୍ପ ପ୍ରଦର୍ଶନୀ ଆଦି ପ୍ରତିଯୋଗିତାରେ ୩୦୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଅମ୍ବିକା ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ସାମାଜିକ କର୍ମୀଙ୍କୁ କଳିଙ୍ଗ ଗୌରବ ସମ୍ମାନ




ସାମାଜିକ କର୍ମୀ ଟିଟନ ସାହୁଙ୍କୁ କଳିଙ୍ଗ ଗୌରବ ସମ୍ମାନ ପ୍ରଦାନ କରାଯାଉଛି।

ଖଣ୍ଡପଡ଼ା,୨୨।୧୨(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମର ସାମାଜିକ କର୍ମୀ ଟିଟନ ସାହୁଙ୍କୁ ଚଳିତବର୍ଷ ପାଇଁ କଳିଙ୍ଗ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱର କଳିଙ୍ଗ ଶିକ୍ଷା ଓ ସାମାଜିକ ଜନ ମଙ୍ଗଳ ଟ୍ରଷ୍ଟର ଷଷ୍ଠ ବାର୍ଷିକ ଉତ୍ସବରେ ସାହୁଙ୍କୁ ଅତିଥିମାନେ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ରୂପେ ରାଜ୍ୟସଭା ସଦସ୍ୟ ମୁନ୍ନା ଖାଁ, ବିଶିଷ୍ଟ ସାମାଜିକ କର୍ମୀ ତୁଳସୀ ମୁଣ୍ଡା, ଧାବିକା ଦୁତୀ ଚାନ୍ଦ, ବରିଷ୍ଠ ଖବରଦାତା ସୁଜ୍ଞାନ ଚୌଧୁରୀ, ନାଟ୍ୟକାର ତଥା ଅଧାପକ ଚିନ୍ମୟ ଦାଶଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ସାହୁଙ୍କୁ ଚଳିତ ବର୍ଷ ଜାତୀୟ ମାନବାଧିକାର ଦିବସ ପାଳନ ଅବସରରେ ଶ୍ରେଷ୍ଠ ସାମାଜିକ ସମ୍ମାନ ପ୍ରଦାନ କରାଯାଇଥିଲା।

# ବିଶ୍ୱସ୍ତରୀୟ ଟାଇକୋଣ୍ଡ ଭର୍ଚୁଆଲ ପ୍ରତିଯୋଗିତା

ନୟାଗଡ଼ ଅଫିସ,୨୨।୧୨

## ନୟାଗଡ଼ରୁ ୨୩ ପ୍ରତିଯୋଗୀଙ୍କ ଅଂଶ ଗ୍ରହଣ

ପ୍ରଥମ ବିଶ୍ୱସ୍ତରୀୟ ଟାଇକୋଣ୍ଡ ଭର୍ଚୁଆଲ ଆନ୍ତର୍ଜାତୀୟ ପ୍ରତିଯୋଗିତା ୨୦୨୧ ବୁଧବାର ଉଦ୍‌ଘାଟିତ ହୋଇଛି। ଏହା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶା ଟାଇକୋଣ୍ଡ ସଂଘ, ପୁରୀ, ଭାରତ ଓ ଥାଇଲାଣ୍ଡସ୍ଥିତ ହିରୋଜ୍ ଟାଇକୋଣ୍ଡ ସଙ୍ଗଠନ ପକ୍ଷରୁ ମିଳିତ ଭାବେ ଆରମ୍ଭ ହୋଇଛି। ପୁମସେଇ (ପ୍ରୟୋଗ) ଓ ଗୋଡ ଦ୍ୱାରା ପ୍ରହାର ନାମକ ଦୁଇ ପ୍ରତିଯୋଗିତା ଏଠାରେ ଅନୁଷ୍ଠିତ ହେଉଛି। ଏଥିରେ ବିଶ୍ୱର ଆମେରିକା,ଗ୍ରୀସ୍, ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, କାଜାକିସ୍ଥାନ, ସ୍ଲୋଭାକିଆ, ବାହାରିନ, ଥାଇଲାଣ୍ଡ, ସିଙ୍ଗାପୁର, ହଂକଂ, ମାଲେସିଆ, ଫିଲିପାଇନ୍ସ, ଇଣ୍ଡୋନେସିଆ ଏବଂ ଭାରତ ପ୍ରମୁଖ ୧୪ ଟି ଦେଶର ପ୍ରାୟ ୯୯୬ ଜଣ ପ୍ରତିଯୋଗୀ ଭାଗ ନେଇଛନ୍ତି। ଏହି ପ୍ରତିଯୋଗିତାକୁ ବିଶ୍ୱର କୋରିଆ, ଥାଇଲାଣ୍ଡ, ଇଣ୍ଡୋନେସିଆ, ମାଲେସିଆ, ମଙ୍ଗୋଲିଆ, ହଂକଂ, ସିଙ୍ଗାପୁର ଏବଂ ଭାରତ ସମେତ ୯ଟି ଦେଶର ଟାଇକୋଣ୍ଡ ଆନ୍ତର୍ଜାତୀୟ ରେଫରୀମାନେ ପରିଚାଳନା କରୁଛନ୍ତି। ଏଥିରେ ନୟାଗଡ଼ ନୂଆ ରାଜବାଟି ସ୍ଥିତ ନୟାଗଡ଼ ମାର୍ଶାଲ ଆର୍ଟ ଆକାଡେମୀର ବାଳିକା ବିଭାଗରେ ସ୍ମୃତି ସୁରଭି ମହାପାତ୍ର, ଶ୍ୱେତ ଶିବାନୀ ରାଉତ, ପ୍ରୀତିଉଷା ରାୟଗୁରୁ, ରୁଦ୍ରାକ୍ଷିଂ ଆଚାର୍ଯ୍ୟ, ଏବଂ ବାଳକ ବିଭାଗରେ ହିତେଶ ବେହେରା,ସାଇ ଶାଶ୍ୱତ ମହାନ୍ତି, ଶକ୍ତିସ୍ୱରୂପ ମିଶ୍ର, ଅଚ୍ୟୁତାନନ୍ଦ ରାଉତ, ପ୍ରତୀକ ପ୍ରିୟଦର୍ଶୀ ପ୍ରମୁଖ ୨୩ ଜଣ ଛାତ୍ରୀଛାତ୍ର ପୁମସେଇ ବିଭାଗରେ ଭାଗ ନେଉଛନ୍ତି। ନୟାଗଡ଼ ଟିମ୍‌ର କୋଚ୍ ଭାବେ ମାଷ୍ଟର ଭବାନୀ ଶଙ୍କର ରାୟଗୁରୁ ଏବଂ ଟିମ୍ ମ୍ୟାନେଜର ମାଷ୍ଟର ଶିବାନନ୍ଦ ରାୟଗୁରୁ ଅଂଶଗ୍ରହଣ କରିଛନ୍ତି ବୋଲି ନୟାଗଡ଼ ଟାଇକୋଣ୍ଡ ସ୍ପୋର୍ଟସ ଆସୋସିଏଶନର ସାଧାରଣ ସମ୍ପାଦକ ଭବାନୀ ଶଙ୍କର ରାୟଗୁରୁ ଜଣାଇଛନ୍ତି।

## ଦକ୍ଷତା ବୃଦ୍ଧି ତାଲିମର ବିନିଯୋଗ ଉପରେ ଗୁରୁତ୍ୱ

ଓଡ଼ଗାଁ,୨୨।୧୨(ସ୍ୱ.ପ୍ର.)

ସ୍ଥାନୀୟ ରଘୁନାଥ ସମବାୟ ମହାବିଦ୍ୟାଳୟର ୩ ଅଧାପକ ବାଙ୍ଗାଲୋରସ୍ଥିତ ଭାରତୀୟ ବିଜ୍ଞାନ ସଂସ୍ଥାନରେ ଦକ୍ଷତା ବୃଦ୍ଧି ସମ୍ପର୍କିତ ତାଲିମ ଗ୍ରହଣ କରି ଫେରିଛନ୍ତି। ସେମାନେ ହେଲେ ଉଦ୍ଭିଦବିଜ୍ଞାନ ଅଧାପକ ପବିତ୍ର କୁମାର ସାହୁ,ପଦାର୍ଥ ବିଜ୍ଞାନ ଅଧାପକ ସୁଦୀପ୍ତ କୁମାର ଦଳେଇ ଓ ପ୍ରାଣୀ ବିଜ୍ଞାନ ଅଧାପକ ପ୍ରଶାନ୍ତ କୁମାର ପଣ୍ଡା। ତାଲିମ ଗ୍ରହଣ କରି ଫେରିବା ପରେ ମଙ୍ଗଳବାର ସେହି ଅଧ୍ୟାପକମାନେ କଲେଜରେ ନିଜ ପ୍ରଶିକ୍ଷଣ ଦକ୍ଷତା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ସେମାନେ ଗ୍ରହଣ କରିଥିବା ତାଲିମ ୫-ଟି ରୂପାନ୍ତରକରଣ କାର୍ଯ୍ୟକ୍ରମରେ ବିନିଯୋଗ କରାଯାଇପାରିବ ବୋଲି କହିଥିଲେ। ବିଜ୍ଞାନଗାର ସହାୟକ ହରିଶ୍ଚନ୍ଦ୍ର ବିଶୋୟୀ ବୈଷୟିକ ଯନ୍ତ୍ରପାତି ସହିତ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ମହମ୍ମଦ ଓମାର ମଲିକ, ଡ.ସୁକାନ୍ତ କୁମାର ସାହୁ, ଶୁଭସ୍ମିତା ନନ୍ଦ, ସନ୍ଦିପ କୁମାର ନନ୍ଦ, ଆଲୋକ ମହାପାତ୍ର ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିଲେ। କଲେଜ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ରଙ୍କ ତରଫରୁ ସମ୍ପୃକ୍ତ ଅଧ୍ୟାପକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆଜିଠୁ ରୌପ୍ୟ ଜୟନ୍ତୀ ଉତ୍ସବ



ରୌପ୍ୟ ଜୟନ୍ତୀ ବୈଠକରେ କମିଟି କର୍ମକର୍ତ୍ତା।

ଖଣ୍ଡପଡ଼ା,୨୨।୧୨(ସ୍ୱ.ପ୍ର.)

## ଶାନ୍ତିପ୍ରିୟା ଉଚ୍ଚ ବିଦ୍ୟାଳୟ

ଖଣ୍ଡପଡ଼ା ବ୍ଲକ ମର୍ଦ୍ଦରାଜପୁର ଶାନ୍ତିପ୍ରିୟା ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବ ଗୁରୁବାର(୨୩ ତାରିଖ)ଠାରୁ ଆରମ୍ଭ ହେବ। ଏହା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ପରିଚାଳନା କମିଟି ସଭାପତି ବିଭୂତି ଭୂଷଣ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବ କିପରି ଶାନ୍ତି ଶୃଙ୍ଖଳରେ ଶେଷ ହେବ ସେ ନେଇ ଆଲୋଚନା କରାଯାଇଥିଲା। ପୁରାତନ ଛାତ୍ରୀଛାତ୍ରମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା ବୋଲି ପ୍ରଧାନଶିକ୍ଷକ ତଥା ଜୁବୁଲି କମିଟିର ଆବାହକ ଅଯୋଧ୍ୟାନାଥ ନାୟକ ସୂଚନା ଦେଇଛନ୍ତି।

# ମାଘମେଳା ପଡ଼ିଆରେ ଜବତ ଗୋରୁ ଗାଡ଼ି

ଖଣ୍ଡପଡ଼ା,୨୨।୧୨(ସ୍ୱ.ପ୍ର.)

## ସ୍ଥାନାନ୍ତର ପାଇଁ ପୂଜକ ସମାଜ ପକ୍ଷରୁ ଦାବି

ଗତ ୧୮ ମାସ ହେବ ଖଣ୍ଡପଡ଼ା ଥାନା ଅଧୀନ ଶିଖରପୁର ଅଞ୍ଚଳରୁ ଜବତ ୭ ଗୋରୁଗାଡ଼ିକୁ କଣ୍ଟିଲୋ ଫାଣ୍ଡି ସମ୍ମୁଖ ମାଘମେଳା ପଡ଼ିଆରେ ରଖାଯାଇଛି। କଣ୍ଟିଲୋ ନୀଳମାଧବ ପୀଠକୁ ବିଭିନ୍ନ ଯାନବାହନରେ ଆସୁଥିବା ପର୍ଯ୍ୟଟକମାନେ ସେମାନଙ୍କ ଗାଡ଼ି ପାର୍କିଂ ପାଇଁ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ସେହି ଜବତ ଗାଡିଗୁଡିକ ସ୍ଥାନାନ୍ତର କରିବା ପାଇଁ ନୀଳମାଧବ ପୂଜକ ସମାଜ ପକ୍ଷରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରାଯାଇଛି।

ସୂଚନା ଯୋଗ୍ୟ, ୨୦୨୦ ଜୁଲାଇ ୨୫ରେ ୮୮ଟି ଗୋରୁଙ୍କୁ ୭ଟି କଣ୍ଟେନରରେ ଚାଲାଣ କରାଯାଉଥିବା ବେଳେ ଖଣ୍ଡପଡ଼ା ଥାନା ପୋଲିସ ଜବତ କରିଥିଲା। ସେହି ଗାଡ଼ିଗୁଡ଼ିକୁ କଣ୍ଟିଲୋ ଫାଣ୍ଡି ସମ୍ମୁଖ ନୀଳମାଧବ ଜୀଉଙ୍କ ମାଘମେଳା ପଡ଼ିଆରେ ରଖାଯାଇଛି। ବହୁଦିନ ହେଲା ଏହି ଜବତ ଗାଡ଼ି ଯୋଗୁ ମାଘମେଳା ପଡ଼ିଆ ସଙ୍କୁଚିତ ହେବା ଫଳରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକମାନଙ୍କ ଗାଡିପାର୍କିଂରେ ସମସ୍ୟା ଉପୁଜୁଛି। ପ୍ରତିବର୍ଷ ପରି ଆଗାମୀ ଫେବୃୟାରୀରେ ଶ୍ରୀନୀଳମାଧବଙ୍କ ପ୍ରସିଦ୍ଧ ଭୌମ ଏକାଦଶୀ ମେଳା ବା ମାଘମେଳା ଅନୁଷ୍ଠିତ ହେବ। ମେଳା ପଡ଼ିଆରେ ଉକ୍ତ ଗାଡ଼ିଗୁଡିକ ରହିଥିବାରୁ ମେଳାକୁ ଆସୁଥିବା ବ୍ୟବସାୟୀଙ୍କ ପାଇଁ ସମସ୍ୟା ସୃଷ୍ଟି ହେବ ବୋଲି ଅଭିଯୋଗ ହୋଇଛି। ସେହି ଗାଡ଼ିଗୁଡିକ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ସୋମବାର ନୀଳମାଧବ ପୂଜକ ସମାଜ ପକ୍ଷରୁ ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଥିବା ପୂଜକ ସମାଜର ସଭାପତି ନିହାର ରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ଏଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାର ପାର୍ଥସାରଥୀ ହାଁସଦା ନୟାଗଡ଼ ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇଛନ୍ତି।




ମାଘମେଳା ପଡ଼ିଆରେ ରଖାଯାଇଥିବା କଣ୍ଟେନର।

## ବ୍ୟାୟାମଶାଳା ଉଦ୍‌ଘାଟିତ

ନୟାଗଡ଼ ଅଫିସ,୨୨।୧୨

ନୟାଗଡ଼ ପୁରୁଣା ସହରର ଦକ୍ଷଣକାଳୀ ମନ୍ଦିର ନିକଟରେ ଥିବା ମିନି ଷ୍ଟାଡିୟମରେ ୧୫ଲକ୍ଷ ୯୦ ହଜାର ବ୍ୟୟରେ ଏକ ବ୍ୟାୟାମଶାଳା ନିର୍ମାଣ ହୋଇଥିଲା। ଏହି ବ୍ୟାୟାମଶାଳା ବୁଧବାର ଉଦ୍‌ଘାଟନ ହୋଇଛି। ସେହିପରି ଟାଉନ ହଲ ନିକଟରେ ଜିଲା ପାଠାଗାର ଶିଳାନ୍ୟାସ କରାଯାଇଛି। ଉଭୟ କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଯୋଗଦେଇଥିଲେ। ଜିଲାପାଳ ପୋମା ଟୁଡୁ, ନୟାଗଡ଼ ପୌର ପରିଷଦର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।